# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୧/୨୦୨୨ (୧୮ ପୃଷ୍ଠା) | Bhubaneswar, Friday, November 11/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 345 | ମୂଲ୍ୟ ₹୭/-





**କୋହଲିଙ୍କ କୀର୍ତ୍ତିମାନ**

ବିରାଟ କୋହଲି ପ୍ରଥମ ଖେଳାଳି ଭାବେ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ୪ ହଜାର ରନ ପୂରଣ କରିଛନ୍ତି। ୧୮

୧୪ **ବଲିଉଡରେ ୧୫ ବର୍ଷ**

ବଲିଉଡ୍‌ର ପସନ୍ଦଯୋଗ୍ୟ ନାୟିକା ଦୀପିକା ଏବଂ ନାୟକ ରଣବୀରଙ୍କ ବଲିଉଡ୍ ଯାତ୍ରାକୁ ୧୫ ବର୍ଷ ପୂର୍ଣ୍ଣ ହୋଇଛି।













**ଆଜିର ସମ୍ପାଦକୀୟ**

**ବିଶ୍ୱରେ ଶକ୍ତିର ସ୍ଥିତି**




ମହାପ୍ରଭୁଙ୍କୁ ଦର୍ଶନ କରିବା ପୂର୍ବରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନିକଟରେ ଅଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସେବାୟତ।

# ମାନବ କଲ୍ୟାଣ ପାଇଁ ପ୍ରାର୍ଥନା କଲେ ରାଷ୍ଟ୍ରପତି

- **ଅରୁଣ ସ୍ତମ୍ଭ ଛୁଇଁଲେ, ତଳେ ମୁଣ୍ଡିଆ ମାରିଲେ**
- **୨ କି.ମି. ଚାଲି ସିଂହଦ୍ୱାର ପର୍ଯ୍ୟନ୍ତ ଗଲେ**

ପୁରୀ ଅଫିସ, ୧୦।୧୧

ଦେଶର ସର୍ବୋଚ୍ଚ ରାଷ୍ଟ୍ରପତି ପଦରେ ଆସୀନ ହେବା ପରେ ପ୍ରଥମ ଥର ପାଇଁ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଗୁରୁବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ରାଷ୍ଟ୍ରପତି ମୁର୍ମୁ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ଦାରୁଦିଅଁଙ୍କ ଆଶିଷ ଭିକ୍ଷା କରିବା ସହ ମାନବଜାତିର କଲ୍ୟାଣ ଏବଂ ଦେଶର ଅଭିବୃଦ୍ଧି ତଥା ବିକାଶ ପାଇଁ ପ୍ରାର୍ଥନା କରିଛନ୍ତି।

ଗୁରୁବାର ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ଏଥିସହ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ରାଷ୍ଟ୍ରପତି ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୁରୀ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୩୫ ମିନିଟ୍‌ରେ ପୁରୀ ତାଳବଣିଆ ହେଲିପ୍ୟାଡରେ ଅବତରଣ କରିଥିଲେ। ତାଙ୍କୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଠାରୁ ସେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ତେବେ ବଳଗଣ୍ଡି ଛକ ନିକଟ ସାଲବେଗ ପୀଠ ନିକଟରେ ହଠାତ୍ ରାଷ୍ଟ୍ରପତି ପ୍ରୋଟୋକଲ ଭାଙ୍ଗି ତାଙ୍କ କାର୍‌କେଡ୍‌ରୁ ଓହ୍ଲାଇ ବଡ଼ଦାଣ୍ଡରେ ପ୍ରାୟ ୨ କିଲୋମିଟର ଚାଲି ଚାଲି ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲେ। ଏହି ସମୟରେ ସେ ବଡ଼ଦାଣ୍ଡରେ ଦୁଇହାତ ଟେକି ନୀଳଚକ୍ରକୁ ମୁଣ୍ଡିଆ ମାରିବା ସହ ରାସ୍ତା ଦୁଇପାର୍ଶ୍ୱରେ ଅପେକ୍ଷାରତ ଜନସାଧାରଣ ଓ ପର୍ଯ୍ୟଟକଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ। ☞ପୃଷ୍ଠା-୪

# ଇଂଲଣ୍ଡ-ପାକିସ୍ତାନ ଫାଇନାଲ

## ଟି୨୦ ବିଶ୍ୱକପ୍

ଆଡିଲେଡ, ୧୦।୧୧

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡ ୧୦ ଉଇକେଟରେ ଭାରତକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନ କରିଥିବାବେଳେ ଇଂଲଣ୍ଡ କୌଣସି ଉଇକେଟ ନ ହରାଇ ୧୬ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଫାଇନାଲ ରବିବାର ମେଲବୋର୍ନରେ ଅନୁଷ୍ଠିତ ହେବ। ଟାଇଟଲ ପାଇଁ ଲଢ଼େଇ କରିବେ ଇଂଲଣ୍ଡ ଓ ପାକିସ୍ତାନ। ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ପାକିସ୍ତାନ ଫାଇନାଲରେ ପ୍ରବେଶ କରିଥିଲା। ଇଂଲଣ୍ଡ ୩ୟ ଥର ପାଇଁ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ୨୦୧୦ରେ ଟାଇଟଲ ହାସଲ କରିଥିବା ଏହି ଦଳ ୨୦୧୬ରେ ରନରଅପ୍ ହୋଇଥିଲା। ୨୦୨୧ ଗତ ସଂସ୍କରଣରେ ସେମିଫାଇନାଲରୁ ବିଦାୟ ନେଇଥିବାବେଳେ ଏଥର ଅନ୍ତିମ ମୁକାବିଲାରେ ପହଞ୍ଚିଛି। ଇଂଲଣ୍ଡ ପରି ପାକିସ୍ତାନ ମଧ୍ୟ ତୃତୀୟ ଥର ପାଇଁ ☞ପୃଷ୍ଠା-୪

# ଘୋଷଣା କରି ପ୍ରତାରଣା

## ପରିବା ମଞ୍ଜି କିଟ୍ସ ପାଇବାରୁ ବହୁ ଚାଷୀ ବଞ୍ଚିତ

**ବାତ୍ୟା ଓ ବନ୍ୟା ଦ୍ୱାରା ବ୍ୟାପକ ଭାବେ ପ୍ରଭାବିତ ହେଉଛନ୍ତି ପରିବା ଚାଷୀ। ସେମାନଙ୍କୁ ପନିପରିବା ମଞ୍ଜି କିଟ୍ସ, ପ୍ଲାଷ୍ଟିକ କ୍ରେଟ୍ସ, ଫଳ ଚାରା ଇତ୍ୟାଦି ସହାୟତା ଦିଆଯିବାକୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଉଛି। କିନ୍ତୁ ତାହା କେବଳ ପ୍ରତାରଣା ବୋଲି ଉପକୂଳବର୍ତ୍ତୀ ଜିଲାର ପରିବା ଚାଷୀମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି। ଏପରି କି ଆବଣ୍ଟିତ ବିପୁଳ ପରିମାଣର ଅର୍ଥକୁ ମିଳିମିଶି ଲୁଟ କରାଯାଉଥିବା ଚାଷୀମାନେ କହିଛନ୍ତି।**

## ଆବଣ୍ଟିତ ଅର୍ଥ ହରିଲୁଟ ଅଭିଯୋଗ

ହର୍ଷବର୍ଦ୍ଧନ ବେହେରା, ମାନସ ବିଶ୍ୱାଳ, ପ୍ରମୋଦ ନାୟକ, ଜଗନ୍ନାଥ ଧଳ, ଅସମାପିକା ସାହୁ

ଯାଜପୁର/ବାଲେଶ୍ୱର/ଜଗତ୍‌ସିଂହପୁର/କେନ୍ଦ୍ରାପଡ଼ା/ଭୁବନେଶ୍ୱର, ୧୦।୧୧

ଗତ ୩ ବର୍ଷ ମଧ୍ୟରେ ମହାମାରୀ କରୋନା ସମେତ ସାମୁଦ୍ରିକ ଝଡ଼ ହୁଦ୍‌ହୁଦ୍, ତିତ୍‌ଲି, ଫନି, ଅମ୍ଫନ, ଜୱାଦ ଯାଜପୁର ସମେତ ଉପକୂଳ ଜିଲାଗୁଡ଼ିକର ଚାଷୀଙ୍କୁ ତଳିତଳାନ୍ତ କରିଦେଇଛି। ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୧-୨୨ ଓ ୨୦୨୨-୨୩ ବର୍ଷ ପାଇଁ ପ୍ରଭାବିତ ୧୨ ଜିଲାର ୭ ଲକ୍ଷ ଚାଷୀଙ୍କୁ ୬୭ କୋଟି ୧୮ ଲକ୍ଷ ଟଙ୍କାର ସହାୟତା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଜିଲା ଓ ବ୍ଲକସ୍ତରରେ ଉଦ୍ୟାନ କୃଷି ବିଭାଗ ଅଧିକାରୀମାନେ ଚଞ୍ଚକତା କରି ମଞ୍ଜୁର ସାମଗ୍ରୀ ବାବଦ ଅର୍ଥ ହରିଲୁଟ୍ କରିଥିବା ଅଭିଯୋଗ ହୋଇଛି। ପୂର୍ବ ବାତ୍ୟାଗୁଡ଼ିକ ସମୟରେ ସରକାର ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସହ ପନିପରିବା ମଞ୍ଜି କିଟ୍ସ (ମିନି କିଟ୍ସ) ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲାର ଅଧିକାଂଶ ପରିବା ଚାଷୀ ଏଭଳି ମିନି କିଟ୍ସ କେବେ ଦେଖି ନ ଥିବା କହିଛନ୍ତି।

କରୋନା ସମୟରେ ୨୦୨୦ ଜୁଲାଇରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସାରା ଓଡ଼ିଶା ପାଇଁ ୩୪୦୦.୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ କିଚେନ ଗାର୍ଡେନ ପାଇଁ ମିନି କିଟ୍ସ ଓ ଛତୁ ଚାଷ ଲାଗି ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଭାବେ ଆର୍ଥିକ ସହାୟତା ଘୋଷଣା କରାଯାଇଥିଲା। ବାସ୍ତବରେ ଅଧିକାଂଶ ବାତ୍ୟା ପ୍ରଭାବିତ ଚାଷୀ ଏଭଳି ମିନି କିଟ୍ସ ପାଇ ନ ଥିବା କହୁଛନ୍ତି। ଜୱାଦ ବାତ୍ୟାରେ ପ୍ରଭାବିତ ଯାଜପୁର ଜିଲାର ଚାଷୀଙ୍କ ପାଇଁ ୩୭,୮୬୪ ପନିପରିବା ମିନି କିଟ୍ସ ବଣ୍ଟନ କରିବାକୁ ଗତ ଫେବୃୟାରୀରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୨୭ ଲକ୍ଷ ୨୬ ହଜାର ୨୦୮ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା। ସେହିପରି ଜିଲାର ୮,୭୨୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାଙ୍କ ପାଇଁ ୪୩,୬୨୦ ପ୍ଲାଷ୍ଟିକ କ୍ରେଟ୍ସ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜରେ ୮୨,୨୪୦ଟି ବିଭିନ୍ନ ଫଳ ଚାରା ଏବଂ ୧୭୪୪.୮ ହେକ୍ଟର ଜମିରେ ହାଇବ୍ରିଡ ପନିପରିବା ଚାଷ କରିବାକୁ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ଖର୍ଚ୍ଚ ବାବଦରେ ଆବଶ୍ୟକ ଅର୍ଥ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ(ଡିଡିଏଚ୍) ଏବଂ ସହକାରୀ ନିର୍ଦ୍ଦେଶକ(ଏଡିଏଚ୍)ଙ୍କୁ ପ୍ରଦାନ କରାଯାଇଛି। ଏହି ଅଧିକାରୀମାନେ ଓଏସ୍‌ଏସ୍‌ସି (ଓଡ଼ିଶା ଷ୍ଟେଟ୍ ସିଡ୍ସ କର୍ପୋରେଶନ)କୁ ଆବଶ୍ୟକ ଅର୍ଥ ଦେଇ ମିନି କିଟ୍ସ କିଣିବାକୁ ନିର୍ଦ୍ଦେଶ ହୋଇଥିଲା। ବ୍ଲକ ସ୍ତରରେ ଉଦ୍ୟାନ କୃଷି ଅଧିକାରୀ (ଏଚ୍‌ଓ) ଏବଂ ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ (ଏଏଚ୍‌ଓ)ଙ୍କ ଦ୍ୱାରା ଚିହ୍ନଟ ହିତାଧିକାରୀଙ୍କ ତାଲିକାକୁ ଡିଡିଏଚ୍ ଏବଂ ଏଡିଏଚ୍ ମଞ୍ଜୁର କରି ବଣ୍ଟନ କରିବାକୁ କୁହାଯାଇଥିଲା। ମିନି କିଟ୍ସରେ ବାଇଗଣ, ଟମାଟୋ, ଲଙ୍କା, ବିନ୍, ମୂଳା, ଶାଗ, ଭେଣ୍ଡି, ଫୁଲକୋବି, ବନ୍ଧାକୋବି, କାକୁଡ଼ି, କଖାରୁ, ଲାଉ ଇତ୍ୟାଦି ମଞ୍ଜି ରହିଥାଏ। ଆମ୍ବ, ପଣସ, ଅମୃତଭଣ୍ଡା ଇତ୍ୟାଦି ଫଳ ଚାରା ମଧ୍ୟ ରହିଛି। ହେଲେ ଅଧିକାଂଶ ଚାଷୀ ଏହି ସହାୟତାରୁ ବଞ୍ଚିତ ହୋଇଛନ୍ତି।

ମହାମାରୀ କରୋନାଜନିତ ଅଚଳାବସ୍ଥା ସମୟରେ ଆର୍ଥିକ ଅବସ୍ଥାର ସୁଧାର ନିମନ୍ତେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ତରଫରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଉପକୂଳବର୍ତ୍ତୀ ଜିଲାର ଚାଷୀମାନଙ୍କ ପାଇଁ ସହାୟତା ବ୍ୟବସ୍ଥା ହୋଇଥିଲା। ତଦନୁଯାୟୀ ବିନା ମୂଲ୍ୟରେ ୫ ଲକ୍ଷ ହିତାଧିକାରୀଙ୍କ ପାଇଁ ୬ କୋଟି ୫୮ ଲକ୍ଷ ଟଙ୍କାର ପନିପରିବା ମଞ୍ଜି କିଟ୍, ୧ ଲକ୍ଷ ହିତାଧିକାରୀଙ୍କୁ ୧ କୋଟି ୭୫ ଲକ୍ଷ ଟଙ୍କାର ୫ ଗୋଟି ଲେଖାଏ ☞ପୃଷ୍ଠା-୪






# ଆଧାର ତଥ୍ୟ ୧୦ ବର୍ଷରେ ଥରେ ଅପ୍‌ଡେଟ୍ କରିବା ବାଧ୍ୟ

ନୂଆଦିଲ୍ଲୀ, ୧୦।୧୧

କେନ୍ଦ୍ର ସରକାର ଆଧାର ନିୟମାବଳୀରେ ସଂଶୋଧନ କରି ପ୍ରତି ୧୦ ବର୍ଷରେ ଥରେ ନାଗରିକମାନେ ସେମାନଙ୍କ ଆଧାର ତଥ୍ୟ ଅପ୍‌ଡେଟ୍ (ସଂଶୋଧନ) କରିବାକୁ ବାଧ୍ୟତାମୂଳକ କରିଛନ୍ତି। ଆଧାର ପଞ୍ଜୀକରଣ ତାରିଖଠାରୁ ୧୦ ବର୍ଷ ସମ୍ପୂର୍ଣ୍ଣ ହେବା ପରେ କାର୍ଡଧାରୀ ଆଧାରର ସମର୍ଥକ ଦସ୍ତାବିଜ୍‌ଗୁଡ଼ିକୁ ଅପ୍‌ଡେଟ୍ କରିବେ। ଏଥିପାଇଁ ଚିହ୍ନଟ ପ୍ରମାଣ (ପିଓଆଇ) ଏବଂ ଠିକଣା ପ୍ରମାଣ (ପିଓଏ) ଦସ୍ତାବିଜ୍ ଦାଖଲ କରିବାକୁ ହେବ। ଗତମାସରେ ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ନାଗରିକମାନଙ୍କୁ ଏଥିପାଇଁ ଅନୁରୋଧ କରିଥିଲେ। ତେବେ ସେତେବେଳେ ଆଧାର ଅପ୍‌ଡେଟ୍ ବାଧ୍ୟତାମୂଳକ ବୋଲି କୁହାଯାଇ ନ ଥିଲା। ଏବେ ତାହା ବାଧ୍ୟତାମୂଳକ ବୋଲି ସରକାର କହିଛନ୍ତି। ଆଧାର(ପଞ୍ଜୀକରଣ ଓ ଅପ୍‌ଡେଟ୍)(୧୦ମ ସଂଶୋଧନ) ନିୟମାବଳୀ, ୨୦୨୨ ନଭେମ୍ବର ୯ରୁ ଲାଗୁ ହୋଇଛି। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ଆଧାର ଅପ୍‌ଡେଟ୍ କରାଯାଇପାରିବ।

ଅନ୍‌ଲାଇନରେ ଠିକଣା ସଂଶୋଧନ କରିବାକୁ ହେଲେ ଆଧାର ସେଲ୍ଫ-ସର୍ଭିସ ଅପ୍‌ଡେଟ୍ ପୋର୍ଟାଲକୁ ଯାଇ 'ପ୍ରୋସିଡ୍ ଟୁ ଅପ୍‌ଡେଟ୍ ଆଡ୍ରେସ୍' ଅପ୍‌ଶନରେ କ୍ଲିକ୍ କରିବାକୁ ହେବ। ଆଧାର ନମ୍ବର, ପଞ୍ଜୀକୃତ ମୋବାଇଲ ନମ୍ବର ଏବଂ ଓଟିପି ଦେଇ ଲଗ୍ ଇନ୍ କରିବାକୁ ହେବ। ବୈଧ ଠିକଣା ପ୍ରମାଣ ପାଇଁ 'ପ୍ରୋସିଡ୍ ଟୁ ଅପ୍‌ଡେଟ୍ ଆଡ୍ରେସ୍'ରେ କ୍ଲିକ୍ କରି ୧୨ ଡିଜିଟ୍ ଆଧାର ନମ୍ବର ଏଣ୍ଟର କରିବେ ଓ 'ସେଣ୍ଡ୍ ଓଟିପି'ରେ କ୍ଲିକ୍ କରିବେ। ଆଧାର ଆକାଉଣ୍ଟରେ ଓଟିପି ଏଣ୍ଟର କରି ଲଗ୍‌ଇନ୍ କରିବେ। ଏହା ପରେ ଅପ୍‌ଡେଟ୍ ଆଡ୍ରେସ୍ ଭାୟା ଆଡ୍ରେସ୍ ପ୍ରୁଫ୍ ଅପ୍ସନକୁ ଯାଇ ନୂଆ ଠିକଣା ଏଣ୍ଟର କରିବେ। ଠିକଣା ପ୍ରମାଣ ଭାବେ ଦାଖଲ ହେବାକୁ ଥିବା କାଗଜାତର ପ୍ରକାର ସିଲେକ୍ଟ କରିବେ ଏବଂ ଏହାର ସ୍କାନ୍ ହୋଇଥିବା କପି ଅପ୍‌ଲୋଡ୍ କରିବେ। ଆଧାର ଅପ୍‌ଡେଟ୍ ଅନୁରୋଧ ଗ୍ରହଣ କରାଯିବ ଏବଂ ୧୪ ଡିଜିଟ୍ ଅପ୍‌ଡେଟ୍ ଅନୁରୋଧ ନମ୍ବର (ୟୁଆର୍‌ଏନ୍) ସୃଷ୍ଟି ହେବ।

ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସହ ଫୋନ୍‌ରେ କଥା ହୋଇଛି। ୟୁକ୍ରେନ୍‌କୁ ବହୁମୁଖୀ ପ୍ରତିରକ୍ଷା ସହଯୋଗ ଏବଂ ଚଳିତ ଶୀତଋତୁରେ ଅନ୍ୟ ସହାୟତା ପ୍ରଦାନ ସମ୍ପର୍କରେ ଆମେ ଆଲୋଚନା କରିଛୁ। ଶସ୍ୟ ଚୁକ୍ତି ବଳବତ୍ତର ରଖିବା ସପକ୍ଷରେ ଏବଂ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମଗୁଡ଼ିକର ଅବ୍ୟବହିତ ପୂର୍ବରୁ ସହମତ ଆଭିମୁଖ୍ୟ ଉପରେ ମଧ ବାର୍ତ୍ତାଳାପ ହୋଇଛି।

-ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି

## ସଂକ୍ଷେପରେ

### ଗ୍ୟାରେଜରେ ନିଆଁ: ୮ ଭାରତୀୟ ମୃତ

**ମାଲେ,୧୦।୧୧:** ମାଲଦ୍ୱୀପ ରାଜଧାନୀ ମାଲେସ୍ଥିତ ଏକ ଗ୍ୟାରେଜରେ ଗୁରୁବାର ଭୋର ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୦ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଙ୍କ ମଧ୍ୟରେ ୧୦ ଭାରତୀୟ ଥିବା ଜଣାପଡ଼ିଛି। ମାଭେୟୋ ମସ୍‌ଜିଦ୍ ନିକଟସ୍ଥ ଏମ୍. ନିରୁଫେହି ଅଞ୍ଚଳରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଅନ୍ୟ ୨ ଶ୍ରମିକଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଚାଲିଛି ବୋଲି ସେଠାକାର ଭାରତୀୟ ଉଚ୍ଚାୟୁକ୍ତ ଅଫିସରେ କାର୍ଯ୍ୟରତ ୱେଲ୍‌ଫେୟାର ଅଫିସର ରାମଧୀର ସିଂ ଟୁଇଟରରେ ସୂଚନା ଦେଇଛନ୍ତି। ସହାୟତା ପାଇଁ ଉଚ୍ଚାୟୁକ୍ତ ଅଫିସ ପକ୍ଷରୁ ହେଲ୍ପଲାଇନ୍ ନମ୍ବର +୯୬୦୭୩୬୧୪୫୨ ଏବଂ +୯୬୦୭୭୯୦୭୦୧ ଖୋଲାଯାଇଛି। ମାଲଦ୍ୱୀପ ବହିର୍ବ୍ୟାପାର ମନ୍ତ୍ରୀ ଅବଦୁଲ୍ଲା ଶାହିଦ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଉକ୍ତ ଗ୍ୟାରେଜରେ ଭାରତ, ଶ୍ରୀଲଙ୍କା ଓ ବାଂଲାଦେଶର ୩୮ ନାଗରିକ କାମ କରୁଥିଲେ। ଅନ୍ୟ ୨୮ ଜଣଙ୍କୁ ଉଦ୍ଧାର କରାଯାଇଥିବା ମାଲଦ୍ୱୀପ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ କହିଛନ୍ତି।

### ବାଣ କାରଖାନାରେ ବିସ୍ଫୋରଣ: ୫ ମୃତ

**ମଦୁରାଇ,୧୦।୧୧:** ତାମିଲନାଡୁର ମଦୁରାଇ ଜିଲା ଅନ୍ତର୍ଗତ ଅଲଗୁସିଲାରଠାରେ ଥିବା ଏକ ବାଣ କାରଖାନାରେ ଗୁରୁବାର ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଶ୍ରମିକମାନେ ବାଣ ଭିଡୁଥିବାବେଳେ ଅପରାହ୍ନ ୧ଟା ୩୦ ମିନିଟ୍ ସମୟରେ ବିସ୍ଫୋରଣ ହୋଇଥିଲା। ଆହତମାନଙ୍କୁ ମଦୁରାଇର ରାଜାଜୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଆଣ୍ଡାମାନର ପୂର୍ବତନ ମୁଖ୍ୟ ସଚିବ ଗିରଫ

**ଗଣବଳାତ୍କାର ମାମଲା**

**ନୂଆଦିଲ୍ଲୀ,୧୦।୧୧:** ଏକ ବଳାତ୍କାର ମାମଲାରେ ଅଭିଯୁକ୍ତ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୂର୍ବତନ ମୁଖ୍ୟ ଶାସନ ସଚିବ ଜିତେନ୍ଦ୍ର



ନାରାୟଣଙ୍କୁ ଗିରଫ କରାଯାଇଛି। ତାଙ୍କୁ ଜେରା ପାଇଁ ପୋର୍ଟବ୍ଲେୟାର ଡକାଯାଇଥିଲା। ସମନ ପରେ ସେ ତଦନ୍ତରେ ସାମିଲ ହୋଇଥିଲେ। ଗୁରୁବାର ତାଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଥିଲା। ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜିତେନ୍ଦ୍ରଙ୍କୁ ଗତ ମାସରେ ଗୃହ ମନ୍ତ୍ରଣାଳୟରୁ ନିଲମ୍ବନ କରାଯାଇଥିଲା। ରାଜ୍ୟ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ମାମଲାର ତଦନ୍ତ କରୁଛି।

### ଜ୍ଞାନବାପି ମାମଲା ଶୁଣାଣି ପାଇଁ ଖଣ୍ଡପୀଠ ଗଠନ ଆଜି

**ନୂଆଦିଲ୍ଲୀ,୧୦।୧୧(ପି.ଟି.):** ଜ୍ଞାନବାପି-କାଶୀ ବିଶ୍ୱନାଥ ମାମଲାର ଶୁଣାଣି ନିମନ୍ତେ ଶୁକ୍ରବାର ଖଣ୍ଡପୀଠ ଗଠନ କରିବାକୁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ମସ୍‌ଜିଦ ପରିସରରୁ ମିଳିଥିବା ଶିବଲିଙ୍ଗର ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ହିନ୍ଦୁ ପକ୍ଷ ଅନୁରୋଧ କରିଥିଲା। ଗତ ମେ' ୧୭ରେ ସୁପ୍ରିମକୋର୍ଟ ଶିବଲିଙ୍ଗର ସୁରକ୍ଷା ପାଇଁ ଦେଇଥିବା ନିର୍ଦ୍ଦେଶ ନଭେମ୍ବର ୧୨ରେ ଶେଷ ହେଉଥିବାବେଳେ ଏହାକୁ ଅଧିକ ଦିନ ବଢ଼ାଇବା ଲାଗି ହିନ୍ଦୁ ପକ୍ଷଙ୍କ ତରଫରୁ ଆଇନଜୀବୀ ବିଷ୍ଣୁଶଙ୍କର ଜୈନ ଆବେଦନ କରିଥିଲେ। ଏଥିପାଇଁ ଶୁକ୍ରବାର ଅପରାହ୍ନ ୩ଟାରେ ଏକ ଖଣ୍ଡପୀଠ ଗଠନ କରାଯିବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

### ଡେରା ଅନୁଗାମୀଙ୍କୁ ଗୁଳିକରି ହତ୍ୟା

**ଚଣ୍ଡିଗଡ଼,୧୦।୧୧(ପି.ଟି.):** ୨୦୧୫ ଅପବିତ୍ରକରଣ ମାମଲାରେ ଅଭିଯୁକ୍ତ ଡେରା ସଚାସୌଦାର ଜଣେ ଅନୁଗାମୀଙ୍କୁ ପଞ୍ଜାବର ଫରିଦକୋଟ୍ ଜିଲାରେ ଗୁଳିକରି ହତ୍ୟା କରାଯାଇଛି। ୫ ଜଣ ଦୁର୍ବୃତ୍ତ ବାଇକରେ ଆସି ପର୍ଦୀପ ସିଂଙ୍କୁ ତାଙ୍କ ଡେରି ଦୋକାନରେ ହତ୍ୟା କରିଥିଲେ। ଆକ୍ରମଣରେ ତାଙ୍କ ସୁରକ୍ଷା କର୍ମୀ ଓ ଅନ୍ୟ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଆକ୍ରମଣ ଘଟଣାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ୨୦୧୫ ଜୁନ୍‌ରେ ବୁର୍ଜ ଜବାହର ସିଂ ୱାଲା ଗ୍ରାମରେ ଗୁରୁ ଗ୍ରନ୍ଥ ସାହିବ୍‌ର ପୃଷ୍ଠା ଚିରି ଅନ୍ୟତ୍ର ଫିଙ୍ଗିବା ଘଟଣାରେ ପର୍ଦୀପ ଗିରଫ ହୋଇ ଜେଲ ଯାଇଥିଲେ। ନିକଟରେ ସେ ଜାମିନରେ ବାହାରିଥିଲେ।

## ଆଫଗାନ୍ ମହିଳାଙ୍କୁ ଜିମ୍ ମନା



ବର୍ଷାଧିକ କାଳ କ୍ଷମତାରେ ରହିବା ପରେ ଆଫଗାନ୍ ମହିଳାଙ୍କ ଅଧିକାର ଓ ସ୍ୱାଧୀନତାକୁ ପୁନର୍ବାର ସଙ୍କୁଚିତ କରିଛି ତାଲିବାନ୍। ଗତବର୍ଷ ଅଗଷ୍ଟ ୧୫ରେ ଆଫଗାନିସ୍ତାନରେ କ୍ଷମତା ଦଖଲ କରିଥିବା ତାଲିବାନ୍‌ଝିଅମାନଙ୍କ ଶାସକ ମିଡିଲ୍ ସ୍କୁଲ ଓ ହାଇସ୍କୁଲ ଯିବା ଉପରେ କଟକଣା ଜାରି କରିଥିଲେ। ଏଥିସହ କର୍ମଜୀବୀ ମହିଳାଙ୍କ ପାଇଁ ଆପାଦମସ୍ତକ ହିଜାବ ପରିଧାନକୁ ବାଧ୍ୟତାମୂଳକ କରିଥିଲେ। ଗୁଣ ଓ ଦୋଷ ମନ୍ତ୍ରଣାଳୟର ମୁଖପାତ୍ର ମହମ୍ମଦ ଆକେଫ ମୋହାଜେର କହିଛନ୍ତି, ମହିଳାମାନେ ଜିମ୍ ଓ ଆମ୍ୟୁଜ୍‌ମେଣ୍ଟ ପାର୍କକୁ ଯାଇପାରିବେ ନାହିଁ। ଲିଙ୍ଗଗତ ଭିନ୍ନତାକୁ ନେଇ ବିଗତ ୧୫ ମାସ ଧରି ରହିଥିବା ନିର୍ଦ୍ଦେଶନାମାଗୁଡ଼ିକୁ ଲୋକେ ଅଣଦେଖା କରୁଥିବାରୁ ସଦ୍ୟ କଟକଣା ଲଗାଯାଇଛି। ଅନେକ କ୍ଷେତ୍ରରେ ମହିଳାମାନେ ହିଜାବ ପିନ୍ଧୁନାହାନ୍ତି କି ମୁହଁ ଢାଙ୍କୁନାହାନ୍ତି। ଅଧିକାଂଶ ପାର୍କରେ ଉଭୟ ମହିଳା ଓ ପୁରୁଷଙ୍କୁ ଏକାଠି ଦେଖିବାକୁ ମିଳୁଛି। ତେଣୁ ଆମେ ମହିଳାଙ୍କ ପାଇଁ ଜିମ୍ ଓ ପାର୍କଗୁଡ଼ିକୁ ବନ୍ଦ କରିବାକୁ ବାଧ୍ୟ ହୋଇଛୁ। ଅଫିସ ଓ ଅନ୍ୟ କାର୍ଯ୍ୟସ୍ଥଳଗୁଡ଼ିକରେ ମହିଳାମାନଙ୍କ ଉପରେ ତାଲିବାନ୍ ଟିମ୍ କଡ଼ା ନଜର ରଖିବ। ପ୍ରକାଶ ଯେ, ତାଲିବାନ୍‌ର କାବୁଲ ଦଖଲ ପରଠୁ ଦେଶର ଅନେକ ଲକ୍ଷ ଲୋକ କ୍ଷୁଧା ଓ ଦାରିଦ୍ର୍ୟ ଭିତରକୁ ଠେଲିହୋଇଗଲେଣି। ଏହାର ମୁକାବିଲା ପାଇଁ ବିଦେଶୀ ସହାୟତା ମଧ କମିବାରେ ଲାଗିଛି। ଏପରି ସମୟରେ ଆଫଗାନିସ୍ତାନର ଅର୍ଥନୀତିକୁ ସଜାଡ଼ିବା ପରିବର୍ତ୍ତେ ଫତ୍‌ୱା ଜାରି କରି ନିଜ ଅତି ରକ୍ଷଣଶୀଳ ବିଚାରଧାରାକୁ ମହିଳାଙ୍କ ଉପରେ ଲଦିଦେଉଛି, ଯାହାକୁ ମାନବାଧିକାର ସଙ୍ଗଠନଗୁଡ଼ିକ ନିନ୍ଦା କରିଛନ୍ତି। ଆଫଗାନ୍ ମହିଳାମାନେ ମଧ ଏହି କଟକଣା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ପ୍ରସାଧନ ସାମଗ୍ରୀ ବିକିବେ ଦୀପିକା



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଚଳଚ୍ଚିତ୍ର ଜଗତରେ ସଫଳତା ହାସଲ ପରେ ପ୍ରସାଧନ ସାମଗ୍ରୀ ବ୍ୟବସାୟକୁ ଓହ୍ଲାଇଛନ୍ତି। ସେ ଗୁରୁବାର ଏଇଟି ଇଷ୍ଟ୍ ନାମରେ ନିଜ ସେଲ୍ଫ କେୟାର ବ୍ରାଣ୍ଡ୍ ସମ୍ପର୍କରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମ୍‌ରେ ସୂଚନା ଦେଇଛନ୍ତି। ଆସନ୍ତା ସପ୍ତାହରେ ଦୀପିକା ଏହି ସ୍କିନ୍ କେୟାର ସାମଗ୍ରୀ ବ୍ୟବସାୟ ଆରମ୍ଭ କରିବେ। ଭାରତୀୟ ଉପାଦନଗୁଡ଼ିକୁ ନେଇ ପ୍ରସ୍ତୁତ ଏହି ସାମଗ୍ରୀର ପ୍ରମୋ ଭାଇରାଲ ହେବାରେ ଲାଗିଛି। ବିଶ୍ୱର ଯେଉଁ ସ୍ଥାନରେ ଥିଲେ ମଧ ସେ ସେଲ୍ଫ କେୟାରକୁ ଗୁରୁତ୍ୱ ଦେଇଥାନ୍ତି। ଏହି କ୍ଷେତ୍ରରେ ଗତ ୨ ବର୍ଷ ହେଲା ସେ କାର୍ଯ୍ୟ କରୁଥିଲେ ବୋଲି ଦୀପିକା କହିଛନ୍ତି।

# ଖେରସନ୍‌ରୁ ରୁଷିଆର ପଛଘୁଞ୍ଚା

**▸▸ ପଳାୟନ ବ୍ୟତୀତ ରୁଷୀୟ ସୈନ୍ୟଙ୍କ ଅନ୍ୟ ବିକଳ୍ପ ନ ଥିଲା**

**▸▸ ସହର ସାରା ଲ୍ୟାଣ୍ଡମାଇନ୍ ବିଛାଇଛି ପୁଟିନ୍‌ଙ୍କ ସେନା: କିଭ୍**

**ମସ୍କୋ/କିଭ୍,୧୦।୧୧**



ଖେରସନ୍ ସୀମାନ୍ତରେ ଜଣେ ୟୁକ୍ରେନୀୟ ସୈନ୍ୟ ୨ଏସ୍୭ ପିଓନ୍ ଗନ୍ ଚଳାଇବା ପୂର୍ବରୁ ଏକ ଶେଲ୍ ଉପରେ ମେସେଜ୍ ଲେଖୁଛନ୍ତି।

ଖେରସନ୍ ଅଞ୍ଚଳରେ ୟୁକ୍ରେନୀୟ ସୈନ୍ୟଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନ ଭୟରେ ସ୍ଥାନୀୟ ଲୋକଙ୍କୁ ତୁରନ୍ତ ଅନ୍ୟତ୍ର ପଳାୟନ ପାଇଁ ପରାମର୍ଶ ଦେଇଥିଲା ରୁଷିଆ। ଏବେ ଖେରସନ୍‌ରୁ ମସ୍କୋ ନିଜ ସୈନ୍ୟ ପ୍ରତ୍ୟାହାର କରିଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋହିଗୁ ସୂଚନା ଦେଇଛନ୍ତି। ୟୁକ୍ରେନୀୟ ସେନା ଅଧିକାରୀମାନେ ରୁଷିଆର ସୈନ୍ୟ ପ୍ରତ୍ୟାହାର ସମ୍ପର୍କରେ ଗୁରୁବାର ସ୍ପଷ୍ଟ କରିଛନ୍ତି। ସମ୍ଭାବ୍ୟ ପରାଜୟ ଭୟରେ ରୁଷିଆ ଏପରି ପଦକ୍ଷେପ ନେଇଥିବା କିଭ୍ ପକ୍ଷରୁ କୁହାଯାଇଛି। ତେବେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସାମରିକ ବଳ କୌଣସି ମୁହୂର୍ତ୍ତରେ ଫେରି ଦକ୍ଷିଣାଞ୍ଚଳର ଏହି ସହରକୁ ପୁନଃ ଦଖଲ କରିବା ଆଶଙ୍କା ଥିବାରୁ କିଭ୍ ବିଜୟ ଘୋଷଣା କରିନାହିଁ।

ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବନ୍ଦର ସହର ଖେରସନ୍‌ରୁ କିଛି ସପ୍ତାହ ମଧ୍ୟରେ ଅନେକ ଲକ୍ଷ ଲୋକ ପଳାୟନ କରିଥିବାବେଳେ ସେଠାରେ ବର୍ତ୍ତମାନ କ'ଣ ଚାଲିଛି ତାହା ସ୍ପଷ୍ଟ ହୋଇ ନାହିଁ। ଆମେରିକାର ସାମରିକ ଅଧିକାରୀମାନଙ୍କ ସମେତ ପାଶ୍ଚାତ୍ୟର କେତେଜଣ ପର୍ଯ୍ୟବେକ୍ଷକଙ୍କ ମତରେ କ୍ରେମ୍‌ଲିନ୍ ୨୦,୦୦୦-୩୦,୦୦୦ ସୈନ୍ୟ ଫେରାଇନେବାକୁ ବାଧ୍ୟହୋଇଛି, ଯଦିଓ ସମ୍ପୂର୍ଣ୍ଣ ପ୍ରତ୍ୟାହାର ସକାଶେ ଆଉ କିଛି ସମୟ ଲାଗିପାରେ। ରୁଷିଆର ପଛଘୁଞ୍ଚାକୁ ନେଇ କୌଶଳପୂର୍ଣ୍ଣ ବ୍ୟବହାର କରିବାକୁ କିଛି ସପ୍ତାହ ହେଲା ୟୁକ୍ରେନର ସାମରିକ ଅଧିକାରୀମାନେ ସତର୍କ କରାଇଆସିଛନ୍ତି। ୟୁକ୍ରେନ୍ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ ପାଇଁ ମସ୍କୋ ଷଡ଼ଯନ୍ତ୍ର ରଚୁଥିବା ଏବଂ ଏହାକୁ ସଫଳ କରିବା ଲାଗି ରୁଷୀୟ ସୈନ୍ୟ ସାଦା ପୋଷାକରେ ରହିଥିବା କିଭ୍ ଆଶଙ୍କା କରୁଥିଲା। କିନ୍ତୁ ଗୁରୁବାର ୟୁକ୍ରେନ୍ ସଶସ୍ତ୍ର ବଳର କମାଣ୍ଡର-ଇନ୍-ଚିଫ୍ ଭଲେରି ଜାଲୁଝନି କହିଛନ୍ତି, କିଭ୍‌ର ସେନା ଶତ୍ରୁ ପକ୍ଷର ମିଲିଟାରି କମାଣ୍ଡର ସାମରିକ ପରିବହନ ଓ ଯୋଗାଣ ବ୍ୟବସ୍ଥାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବାରୁ ସେମାନଙ୍କ ପାଖରେ ପଳାୟନ କରିବା ବ୍ୟତୀତ ଆଉ କିଛି ବିକଳ୍ପ ନ ଥିଲା। ତଥାପି ୟୁକ୍ରେନ୍ ସେନା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୈନ୍ୟ ପ୍ରତ୍ୟାହାର ସମ୍ପର୍କିତ ସୂଚନାକୁ ନିଶ୍ଚିତ କିମ୍ବା ଖଣ୍ଡନ କରିପାରୁ ନାହିଁ। ସୈନ୍ୟ ପ୍ରତ୍ୟାହାର ଘୋଷଣା ସତ୍ତ୍ୱେ ନିପର ନଦୀର ଅପରପାର୍ଶ୍ୱରେ ରୁଷିଆ ସୈନ୍ୟଙ୍କ ଏକ ୟୁନିଟ୍ ଉପସ୍ଥିତ ରହିଛି। ଅନ୍ୟପକ୍ଷେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପରାମର୍ଶଦାତା ମିଖାଇଲୋ ପୋଡୋଲ୍ୟାକ୍ କହିଛନ୍ତି, ରୁଷୀୟ ସୈନ୍ୟ ଖେରସନ୍ ସହର ସାରା ଲ୍ୟାଣ୍ଡମାଇନ୍ ବିଛାଇ ଚାଲିଯାଇଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ହେଉଛି ଏହି ପୋର୍ଟ ସିଟିକୁ 'ମୃତ୍ୟୁର ଉପତ୍ୟକା'ରେ ପରିଣତ କରିବା।

> ଯୁକ୍ରେନ୍‌ରେ ରୁଷିଆ ପ୍ରବଳ ଚାପରେ ରହିଛି। ଖେରସନ୍‌ରୁ ମସ୍କୋର ସୈନ୍ୟ ପ୍ରତ୍ୟାହାର କିଭ୍ ପାଇଁ ଆଉ ଏକ ବିଜୟର ସଙ୍କେତ।
>
> **-ଜେନ୍ସ ଷ୍ଟୋଲଟେନ୍‌ବର୍ଗ, ନାଟୋ ସେକ୍ରେଟାରି ଜେନେରାଲ**

ପ୍ରକାଶ ଯେ, ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଆକ୍ରମଣ ପରେ ମସ୍କୋ ତତ୍କାଳ ଏହି ପ୍ରାଦେଶିକ ରାଜଧାନୀକୁ ଦଖଲ କରିଥିଲା। ଗତ ସେପ୍ଟେମ୍ବରରେ ଏହି ଭୂଖଣ୍ଡକୁ ବେଆଇନ ଭାବେ ରୁଷିଆ ସହ ମିଶ୍ରଣ କରିଥିଲା। ଯଦି ମସ୍କୋ ସତରେ ସୈନ୍ୟ ପ୍ରତ୍ୟାହାର ପାଇଁ ବାଧ୍ୟହୋଇଛି ତେବେ ରୁଷିଆ ପାଇଁ ଏହା ସବୁଠୁ ବଡ଼ ଝଟ୍‌କା। ୨୦୧୪ ପରଠୁ ମସ୍କୋର ବେଆଇନ ଦଖଲରେ ଥିବା କ୍ରିମିଆ ସମେତ ଅନ୍ୟ ଅଞ୍ଚଳଗୁଡ଼ିକୁ ୟୁକ୍ରେନ୍ ଫେରାଇ ଆଣିବା ପାଇଁ ଆଗକୁ ଉଦ୍ୟମ କରିପାରେ।

## ଜି୨୦କୁ ଯିବେ ନାହିଁ ପୁଟିନ୍



**ଜାକର୍ତ୍ତା,୧୦।୧୧:** ଆସନ୍ତା ସପ୍ତାହରେ ଇଣ୍ଡୋନେସିଆରେ ହେବାକୁ ଥିବା ଜି୨୦ ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସାମିଲ ହେବେ ନାହିଁ। ନଭେମ୍ବର ୧୫ ଓ ୧୬ରେ ବାଲିରେ ହେବାକୁ ଥିବା ୨୦ ରାଷ୍ଟ୍ରଗୋଷ୍ଠୀ ବୈଠକରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ବିଶ୍ୱନେତା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଗତ ଫେବୃୟାରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଏହା ହେଉଛି ଜି୨୦ର ପ୍ରଥମ ବୈଠକ, ଯେଉଁଠି ପୁଟିନ୍ ତାଙ୍କ ଆମେରିକୀୟ ପ୍ରତିପକ୍ଷ ବାଇଡେନ୍‌ଙ୍କ ସହ ମୁହାଁମୁହିଁ ହୋଇଥାଆନ୍ତେ। ସମ୍ଭବତଃ ଏହାକୁ ଏଡ଼ାଇବା ପାଇଁ ପୁଟିନ୍ ଏଥିରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ଜି୨୦ରେ ପୁଟିନ୍ ସାମିଲ ହେଲେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏଥିରେ ଯୋଗଦେବେ ନାହିଁ ବୋଲି ନିକଟରେ ସ୍ପଷ୍ଟ କରିଥିଲେ।

## ଗୌତମ ନଭଲଖାଙ୍କ ଗୃହବନ୍ଦୀ ଆବେଦନକୁ ଅନୁମତି



**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲା ସହ ସମ୍ପୃକ୍ତି ଅଭିଯୋଗରେ ଜେଲ୍‌ରେ ଥିବା ସାମାଜିକ କର୍ମୀ ଗୌତମ ନଭଲଖାଙ୍କ ଗୃହବନ୍ଦୀ ଆବେଦନକୁ ଗୁରୁବାର ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ତାଙ୍କ ମେଡିକାଲ ରିପୋର୍ଟକୁ ଖାରଜ କରିବାର କୌଣସି କାରଣ ନ ଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି ବୋଲଇ ସର୍ବୋଚ୍ଚ ଅଦାଲତ କହିଛନ୍ତି। ୭୦ ବର୍ଷୀୟ ନଭଲଖାଙ୍କୁ ମାସେ ପାଇଁ ମୁମ୍ବାଇରେ ଗୃହବନ୍ଦୀ ରଖିବା ନିର୍ଦ୍ଦେଶ ୪୮ ଘଣ୍ଟା ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ହୃଷୀକେଶ ରାୟଙ୍କ ଖଣ୍ଡପୀଠ କହିଛନ୍ତି। ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ଏପର୍ଯ୍ୟନ୍ତ ଚାର୍ଜଫ୍ରେମ ହୋଇ ନ ଥିବାରୁ ଶୁଣାଣି ନିକଟ ଭବିଷ୍ୟତରେ ଶେଷ ହେବା ଭଳି ଜଣାପଡୁନାହିଁ। ସେଥିପାଇଁ ନଭଲଖାଙ୍କୁ ମାସେ ଗୃହବନ୍ଦୀ ରଖାଯିବା ଲାଗି ଅନୁମତି ଦିଆଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ଏବାବଦରେ ଖର୍ଚ୍ଚ ହେବାକୁ ଥିବା ୨.୪ ଲକ୍ଷ ଟଙ୍କା ଜମା କରିବା ଲାଗି ଖଣ୍ଡପୀଠ ନଭଲଖାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୃହବନ୍ଦୀ ସମୟରେ ସେ କମ୍ପ୍ୟୁଟର ଓ ଇଣ୍ଟରନେଟ ବ୍ୟବହାର କରିପାରିବେ ନାହିଁ। ଇଣ୍ଟରନେଟ ନ ଥିବା ମୋବାଇଲ ଫୋନ୍ ତାଙ୍କୁ ଦିନକୁ ଥରେ ୧୦ ମିନିଟ ପାଇଁ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଯୋଗାଇଦେବେ। ସେ ମୁମ୍ବାଇ ଛାଡ଼ି ଯାଇପାରିବେ ନାହିଁ କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସର୍ତ୍ତ ରଖିଛନ୍ତି।



ଆମେରିକାର ଫ୍ଲୋରିଡାରେ ନିକୋଲ୍ ଝଡ଼ ତାଣ୍ଡବ ରଚିଛି। ବାତ୍ୟା ଦୁର୍ବଳ ହେବା ପରେ ଲଡଡରଡେଲ୍‌ସ୍ଥିତ ଆଙ୍ଗ୍ଲିନ୍‌ର ଫିଶିଂ ପିୟରର ଦୃଶ୍ୟ।

## ଦୈନିକ ୩୦ ମିନିଟ୍ ଜାତୀୟ ସ୍ୱାର୍ଥ ବିଷୟବସ୍ତୁ ପ୍ରସାରଣ କରିବେ ଟିଭି ଚ୍ୟାନେଲ

**ନୂଆଦିଲ୍ଲୀ,୧୦।୧୧**

ଏଣିକି ଟିଭି ଚ୍ୟାନେଲଗୁଡ଼ିକ ଦୈନିକ ୩୦ ମିନିଟ ଜାତୀୟ ତଥା ଜନସ୍ୱାର୍ଥ କୈନ୍ଦ୍ରିକ କାର୍ଯ୍ୟକ୍ରମ ପ୍ରସାରଣ କରିବାକୁ ବାଧ୍ୟ। ଏଥିପାଇଁ କେନ୍ଦ୍ର ସରକାର ଟିଭି ଚ୍ୟାନେଲଗୁଡ଼ିକ ପାଇଁ ଥିବା ଅନୁପାଳନ ଗାଇଡ୍‌ଲାଇନରେ ସଂଶୋଧନ କରିଛନ୍ତି। ସଂଶୋଧିତ ଗାଇଡ୍‌ଲାଇନ ଅନୁଯାୟୀ ଟିଭି ଚ୍ୟାନେଲଗୁଡ଼ିକ ଶିକ୍ଷା ଓ ସାକ୍ଷରତା ପ୍ରସାର, କୃଷି, ଗ୍ରାମାଞ୍ଚଳ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି, ମହିଳା କଲ୍ୟାଣ, ସମାଜର ଅବହେଳିତ ଶ୍ରେଣୀଙ୍କ କଲ୍ୟାଣ, ପରିବେଶ ସୁରକ୍ଷା ଓ ସାଂସ୍କୃତିକ ଐତିହ୍ୟ ଓ ଜାତୀୟ ସଂହତି ଉପରେ ପ୍ରତିଦିନ ୩୦ ମିନିଟ୍ କାର୍ଯ୍ୟକ୍ରମ ପ୍ରସାରଣ କରିବେ। ଟିଭି ଚ୍ୟାନେଲଗୁଡ଼ିକ ପାଇଁ ୨୦୦୫ରେ ପ୍ରଥମେ ଗାଇଡ୍‌ଲାଇନ ଆସିଥିବାବେଳେ ୨୦୧୧ରେ ସେଥିରେ ସଂଶୋଧନ କରାଯାଇଥିଲା। ଏହାର ୧୧ ବର୍ଷ ପରେ ପୁନର୍ବାର ଗାଇଡ୍‌ଲାଇନ ସଂଶୋଧନ କରାଯାଇ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

## ଗର୍ଭସ୍ଥ ଶିଶୁଙ୍କୁ ପ୍ରଭାବିତ କରେ ବାୟୁ ପ୍ରଦୂଷଣ

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ଦିଲ୍ଲୀ- ଜାତୀୟ ରାଜଧାନୀ ଅଞ୍ଚଳ(ଏନ୍‌ସିଆର୍)ରେ ବାୟୁ ଗୁଣବତ୍ତା ଅଧିକରୁ ଅଧିକ ଖରାପ ହେବାରେ ଲାଗିଛି। ପ୍ରଦୂଷିତ ବାୟୁ ଗର୍ଭାବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଫଳରେ ସମୟ ପୂର୍ବରୁ ସନ୍ତାନ ପ୍ରସବ, କମ୍ ଓଜନର ଶିଶୁ ଜନ୍ମ, ମୃତ ସନ୍ତାନ ଜନ୍ମ କିମ୍ବା ପିଲାଙ୍କଠାରେ ଜନ୍ମରୁ ଅସ୍ୱାଭାବିକ ଲକ୍ଷଣ ଆଦି ସମ୍ଭାବନା ରହିଥାଏ। ସେଥିପାଇଁ ରାଜଧାନୀ ଅଞ୍ଚଳରେ ଗର୍ଭଧାରଣ କରିଥିବା ମହିଳାମାନେ ଯଥାସମ୍ଭବ ଘରେ ରହିବା ଲାଗି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଦୂଷିତ ବାୟୁ ଗର୍ଭବତୀ ମହିଳାଙ୍କ ସମେତ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ୫ ବର୍ଷରୁ କମ୍ ଶିଶୁଙ୍କ ପାଇଁ ବିପଜ୍ଜନକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସତର୍କ କରାଯାଇଛି।

ଭାରତର ବର୍ଜ୍ୟବସ୍ତୁ ପୁନଃଚକ୍ରଣ କାରଖାନା ନିକଟରେ ବ୍ୟାପକ ପରିମାଣରେ ମିଥେନ୍ ଆସ୍ତରଣ ଦେଖାଯାଉଥିବା ନିକଟରେ ଏକ ହାଇ-ରିଜୋଲ୍ୟୁଶନ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି। ଏହି ଗ୍ୟାସ୍ ହୃଦ୍‌ରୋଗ ସହ ଫୁସ୍‌ଫୁସ୍ ସମସ୍ୟା, ଚର୍ମରୋଗ ସୃଷ୍ଟି କରିଥାଏ। ଶ୍ୱାସକ୍ରିୟାରେ କ୍ଷତିକାରକ ସାମଗ୍ରୀ ନେବା ଦ୍ୱାରା ଦୀର୍ଘ ତଥା ବିପଜ୍ଜନକ ରୋଗ ସୃଷ୍ଟି ଲାଗି ଅନୁକୂଳ



ସ୍ଥିତି ସୃଷ୍ଟି କରିଥାଏ ବୋଲି ହାଇଦ୍ରାବାଦ ଯଶୋଦା ହସ୍ପିଟାଲର ବିଶେଷଜ୍ଞ ଡାକ୍ତର ବିଶ୍ୱେଶ୍ୱରନ ବାଲ୍‌ସୁବ୍ରମଣ୍ୟନ୍ କହିଛନ୍ତି। ଗର୍ଭବତୀ ମହିଳା ବାହାରକୁ ଯିବାକୁ ହେଲେ ଏନ୍-୯୫ ମାସ୍କ ପିନ୍ଧିବା ଲାଗି ସେ ସୁପାରିସ କରିଛନ୍ତି।

ବାୟୁ ପ୍ରଦୂଷଣ ଏକ ନୀରବ ଘାତକ। ଦିଲ୍ଲୀ-ଏନ୍‌ସିଆର୍ ବାୟୁରେ ବିଷାକ୍ତ ପଦାର୍ଥ ସ୍ତର ବଢୁଥିବାରୁ ଗର୍ଭବତୀଙ୍କ ପାଇଁ ବିପଦ ବୃଦ୍ଧି ପାଇଛି। ଏହାଦ୍ୱାରା ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ରୋଗ ସୃଷ୍ଟି ହୋଇଥାଏ। ଏପରିକି ଗର୍ଭସ୍ଥ ଶିଶୁ ମଧ ଏଥିରୁ ମୁକ୍ତ ନୁହନ୍ତି ବୋଲି ଗବେଷଣାରୁ ସ୍ପଷ୍ଟ ହୋଇଛି। ଏହା ଗର୍ଭାଶୟକୁ ପ୍ରଭାବିତ କରିବା ସହ ଶିଶୁ ବିକାଶରେ ବାଧା ସୃଷ୍ଟି କରିଥାଏ। ବିଷାକ୍ତ ବାୟୁ ଯୋଗୁ ଗର୍ଭନଷ୍ଟ ହୋଇପାରେ ବୋଲି ଉଜାଲା ସିଗ୍‌ନସ୍ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ଓବ୍‌ଷ୍ଟେଟ୍ରିକ୍ସ ଗାଇନାକୋଲୋଜି ବିଭାଗ ମୁଖ୍ୟ ଡ. ଆଲ୍କା ବଜାଜ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୯୦,୩୧,୪୦୨ | ୬୬,୧୦,୮୦୭ | ୬୧,୮୭,୧୬,୨୬୦ |
| ଭାରତ | ୪,୪୬,୬୩,୯୬୮ | ୫,୩୦,୫୧୪ | ୪,୪୧,୨୦,୨୬୬ |
| ଓଡ଼ିଶା | ୧୩,୩୬,୩୦୪ | ୯୨୦୪(+୫୩) | ୧୩,୨୬,୯୧୫ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଚାକିରି ସରକାରୀ, ଦେବେ ଘରୋଇ

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)**

ଓଡ଼ିଶାରେ ସରକାରୀ ଚାକିରି ପାଇଁ ହେଉଥିବା ପରୀକ୍ଷା ଯେ ଠିକା ସଂସ୍ଥା ମାଧ୍ୟମରେ କରାଯାଉଥିବା ବିଷୟରେ ବୋଧହୁଏ ରାଜ୍ୟର ଅନେକ ଲୋକଙ୍କ ଜ୍ଞାତସାରରେ ନ ଥିବ। ସେଭଳି ଏକ ଘଟଣା ଦୃଷ୍ଟିକୁ ଆସିଛି। ଏଥିରେ କେତେ ପ୍ରକାର ଅନୀୟମିତତା ହେଉଥିବ ତାହା ଅନୁମାନ ଯୋଗ୍ୟ। ଓଡ଼ିଶା ଜେଲ ବିଭାଗ ପକ୍ଷରୁ ବିଭିନ୍ନ କାରାଗାରରେ ୪୦୩ ୱାର୍ଡର ନିଯୁକ୍ତି ପାଇଁ ଠିକା ସଂସ୍ଥା ଚୟନ କରିବା ଲାଗି ନିକଟରେ ଶେଷ ହୋଇଥିବା ପ୍ରକ୍ରିୟା ଏହାର ଏକ ଉଦାହରଣ।

ସୂଚନାଯୋଗ୍ୟ, ରାଜ୍ୟରେ ଥିବା ବିଭିନ୍ନ କାରାଗାରଗୁଡ଼ିକରେ ୪୦୩ ୱାର୍ଡର ନିଯୁକ୍ତି ପ୍ରକ୍ରିୟା ଲାଗି ଠିକା ସଂସ୍ଥା ଚୟନ କରିବାକୁ ପ୍ରିଜନ ଡାଇରେକ୍ଟରେଟ୍ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁଯାୟୀ ଆବେଦନ କରିବାକୁ ଚାହୁଁଥିବା ଠିକା ସଂସ୍ଥାଗୁଡିକ ପାଇଁ ଗତ ୩୦ ଜୁଲାଇ ୨୦୨୨ ମଧ୍ୟରେ ଟେଣ୍ଡର ଦାଖଲର ସମୟସୀମା ଥିଲା। ହେଲେ ଟେଣ୍ଡର ପାଇଥିବା ସଂସ୍ଥା କେତେକ ଦସ୍ତାବିଜ ଦେଇ ଏହି କାର୍ଯ୍ୟ ହାତେଇଥିବା ଅଭିଯୋଗ ହେଉଛି। ଟେଣ୍ଡରରେ ଭାଗ ନେଇଥିବା ଅନ୍ୟ ଏକ ଠିକା ସଂସ୍ଥା ଇ-ମେଲ୍ ମାଧ୍ୟମରେ ଅଭିଯୋଗ କରିଥିବା ବିଷୟ ଧରିତ୍ରୀର ହସ୍ତଗତ ହୋଇଛି। ଯଦି ଠିକା ସଂସ୍ଥା ଦ୍ୱାରା ସରକାରୀ ପଦବୀର ନିଯୁକ୍ତି କରାଯାଉଛି ତେବେ ଏଥିରେ କେତେ ସ୍ୱଚ୍ଛତା ରହୁଥିବ ତାହାକୁ ନେଇ ମଧ୍ୟ ଅନେକାଂଶରେ ପ୍ରଶ୍ନ ଉଠିବା ଆରମ୍ଭ ହେଲାଣି। ଏପରି ସ୍ଥଳେ ଏହି ନିଯୁକ୍ତି ପ୍ରକ୍ରିୟା ଲାଗି ଟେଣ୍ଡର ହାତେଇଥିବା ଠିକା ସଂସ୍ଥାକୁ ନେଇ ମଧ୍ୟ ଏବେ ଅଭିଯୋଗ ଆସି ପହଞ୍ଚିଲାଣି। ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ମଗାଯାଇଥିବା ତଥ୍ୟରୁ ଏହାର ଅନେକ ସତ୍ୟତା ଥିବା ଜଣାପଡିଛି।

ଉଲ୍ଲେଖଯୋଗ୍ୟ ଯେ, ଏହି ୱାର୍ଡର ପରୀକ୍ଷା ପାଇଁ ଏକ ବୋର୍ଡ ଗଠନ କରାଯାଇଥିଲା। ଏଥିରେ ଅତିରିକ୍ତ ଡିଜି ପ୍ରିଜନସ୍ ଦୀପ୍ତେଶ ପଟ୍ଟନାୟକ ଅଧ୍ୟକ୍ଷ ଅଛନ୍ତି। ଏମାନଙ୍କ ବ୍ୟତୀତ ସୀତାରାମ ପଟେଲ(ଓଏଏସ୍ ଅଫିସର୍) ଆଡିସନାଲ ଆଇଜି ଅଫ୍ ପ୍ରିଜନସ୍, ଅଶୋକ କୁମାର ବେଉରା(ଓଏସ୍‌ଏସ୍) ଡେପୁଟି ସେକ୍ରେଟାରୀ(ଗୃହ) ଜେଲ, କେ.ସି. ପଟ୍ଟନାୟକ ଏନ୍‌ଆଇସି ପ୍ରତିନିଧି, ଅଶୋକ କୁମାର ବାରିକ(ଓସିଏସି), ଶୁଭକାନ୍ତ ମିଶ୍ର ଡିଆଇଜି ଅଫ୍ ପ୍ରିଜନ(ମୁଖ୍ୟାଳୟ), ତପନ କୁମାର ପାତ୍ର ଓଏଫ୍‌ଏସ୍, ଅନୀଲ କୁମାର ସାହୁ (ଡେପୁଟି ଡାଇରେକ୍ଟର ଏମ୍‌ଜି(ଏପି ଆଣ୍ଡ ସିଏସ୍), ଚିତ୍ତରଞ୍ଜନ ନାଏକ(ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର), ସନ୍ତୋଷ କୁମାର ପ୍ରଧାନ(ଆଇ/ସି ସେକ୍ସନ ଅଫିସର ଏହି କମିଟିରେ ଆମନ୍ତ୍ରିତ ସଦସ୍ୟ ଅଛନ୍ତି। ଏହି ବୋର୍ଡ ଦ୍ୱାରା ପରୀକ୍ଷା ଲାଗି କରାଯାଇଥିବା ଟେଣ୍ଡର ପ୍ରକ୍ରିୟା ଚୟନର ମାପଦଣ୍ଡର ନିୟାମକ ପ୍ରସ୍ତୁତ ହୋଇଥାଏ। ହେଲେ ଏହି ବୋର୍ଡରେ କନ୍‌ସଲଟାଣ୍ଟ ଥିବା ସମସ୍ତ ଆଇଟି ଅଧିକାରୀଙ୍କ ଏହିପରି ପରୀକ୍ଷା କରାଇବାରେ ପୂର୍ବଦକ୍ଷତା ଅଛି କି ନାହିଁ ତାହା ବର୍ତ୍ତମାନ ସବୁଠାରୁ ବଡ ପ୍ରଶ୍ନ।

ସୂଚନାଯୋଗ୍ୟ, ଏହି ୱାର୍ଡର ପରୀକ୍ଷା ପାଇଁ ଏସ୍‌ଆଇ(ସବ୍ ଇନସପେକ୍ଟର) ପୋଲିସ ରିକ୍ରୁଟମେଣ୍ଟ ଟେଣ୍ଡରର ଏଲିଜିବିଲିଟି କ୍ରାଇଟେରିଆକୁ ସମ୍ପୂର୍ଣ୍ଣ ନକଲ କରାଯାଇ ଟେଣ୍ଡର ଛପାଯାଇଛି। ଏହା ଆର୍‌ଟିଆଇ ଉତ୍ତରରୁ ସ୍ପଷ୍ଟ ଜଣାପଡୁଛି। ଯଦି ୱାର୍ଡର ନିଯୁକ୍ତି ଲାଗି ସମାନ ମାନଦଣ୍ଡ ରଖାଯାଇଥିଲା ତେବେ ବୋର୍ଡ ଗଠନ କରି ସେଥିରେ ଏତେ ଲୋକ/ମେମ୍ବର ନେବାର କାରଣ କ'ଣ ରହିଛି ତାହା ସ୍ପଷ୍ଟ ହେଉନାହିଁ ବୋଲି ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଏତଦ୍ ବ୍ୟତୀତ ୧ କୋଟିରୁ ଦେଢ କୋଟି ଟଙ୍କା ଠିକା ପାଇଁ ଆବେଦନ କରିଥିବା ସଂସ୍ଥାମାନଙ୍କର ୧୦ କୋଟିର ଟର୍ଣ୍ଣଓଭର ଦେଖାଇବାକୁ କୁହାଯାଇଯାଇଛି।


SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)

Ref. No. Date : 25.07.2019

To Whomsoever It May Concern

This is to certify that Silicon Techlab Pvt. Ltd has successfully executed the pre and post processing work of the OMR based Offline Post Graduate Entrance Test (PGET) conducted across eight (8) cities in India for Nine Hundred Ninety (990) applicants for admission to three (3) PG courses viz MPT (Master Of Prosthetics & Orthotics), MOT (Master Of Occupational Therapy) and MPO (Master Of Physiotherapy) for Swami Vivekananda National Institute of Rehabilitation And Research (SVNIRTAR) on 23rd Jun' 19. This includes printing and supply of OMR sheets with barcode, scanning of OMR answer sheets and preparation of results. The firm has performed the jobs to our utmost satisfaction within the time frame and observing strict confidentiality.

List of cities where the OMR based exam was conducted this year are :

- Bhopal
- Bhubaneswar
- Chennai
- Guwahati
- Kolkata
- Mumbai
- New Delhi
- Secunderabad

We wish Silicon Techlab good luck for future.

Yours faithfully,
(Dr. S.P. Das)
DIRECTOR
& CHAIRMAN PGET-2019

OLATPUR
P.O-BAIROI
DIST- CUTTACK
PIN – 754 010

Tel : 0671 – 2805552, 2805856
Fax : 2805862
E-Mail : nirtar@ori.nic.in
Website : http://www.nirtar.nic.in


Gmail

Sanjeev Sathe <sanjeev@weshinetech.biz>

Pre- Bid Queries/ Modification requests for your Odisha Prisons Tender for CBRE 2022

Sanjeev Sathe <sanjeev@weshinetech.biz> Fri, Nov 4, 2022 at 8:50 AM
To: prisons.od@nic.in

Dear Sir,
In subsequence to our above email and our Participation in the subject matter tender, we would like to make the following observations.
1. We have not been given a valid reason why our bid was not considered for this tender.
2. It has also been observed that the said work has been awarded to M/s STL who do not have the requisite experiences per the eligibility criteria as asked for in the tender document.
3. We request you to conduct a detailed inquiry on this award of work orders submitted by M/s STL in response to this tender and kindly let us know the details of how they have been made to qualify for this tender.

Thanking you,
Yours faithfully
Sanjeev Sathe
VP - Sales
sanjeev@weshinetech.biz
www.weshinetech.biz
+918329778557

[Quoted text hidden]

ଇ-ମେଲ୍ ଯୋଗେ ୱି ସାଇନ ଟେକ୍(ପ୍ରା) ଲିଃ ସଂସ୍ଥା ପକ୍ଷରୁ କରାଯାଇଥିବା ଅଭିଯୋଗ।

ଏହାଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଠିକା ସଂସ୍ଥାକୁ ଲାଭ ଦେବାର ଉଦ୍ଦେଶ୍ୟ ଥିବା ଭଳି ମନେ ହେଉଛି। କାରଣ ଏହା ସିଭିସି(ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ) ଗାଇଡଲାଇନର ଉଲ୍ଲଂଘନ ହେଉଛି।

ଏହି ଟେଣ୍ଡର ପ୍ରକ୍ରିୟାରେ ୬ଟି ସର୍ବଭାରତୀୟ ସଂସ୍ଥା ଯଥା ଆପ୍‌ଟେକ ଲିମିଟେଡ୍, ସିଲିକନ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ୍, ବ୍ରଡ୍‌କାଷ୍ଟ ଇଞ୍ଜିନିୟରିଂ କନ୍‌ସଲଟାଣ୍ଟ ଇଣ୍ଡିଆ ଲିଃ, ଡାଇଭରସିଫାଏଡ୍ ବିଜ୍‌ନେସ୍ ସଲ୍ୟୁସନ ପ୍ରାଇଭେଟ ଲିଃ, ୱି ସାଇନ ଟେକ୍ ପ୍ରାଇଭେଟ ଲିଃ, ଏଜୁ ଟେଷ୍ଟ ସଲ୍ୟୁସନ ଭାଗ ନେଇଥିଲେ। ହେଲେ ଏଗୁଡିକ ମଧ୍ୟରୁ କେବଳ ବ୍ରଡ୍‌କାଷ୍ଟ ଇଞ୍ଜିନିୟରିଂ କନ୍‌ସଲଟାଣ୍ଟସ୍(ଆଇ) ଲିଃ ହେଉଛି ଏକମାତ୍ର ରାଷ୍ଟ୍ରାୟତ୍ତ ସଂସ୍ଥା ।

ତେବେ ଏ ବାବଦରେ ଆହୁରି ତଥ୍ୟ ଖୋଜିବାପରେ ଜାଣିବାକୁ ମିଳିଛି, ଟେଣ୍ଡରରେ ଭାଗ ନେଇଥିବା ସଂସ୍ଥା ମଧ୍ୟରୁ ୱି ସାଇନ ଟେକ୍(ପ୍ରା) ଲିଃ ସଂସ୍ଥା ଟେଣ୍ଡରରେ ଅନିୟମିତତା ହୋଇଥିବା ନେଇ ଗତ ୪ ନଭେମ୍ବରରେ ଜେଲ ବିଭାଗକୁ ଏକ ଇ-ମେଲ୍ ଜରିଆରେ ଅଭିଯୋଗ ପତ୍ର ପଠାଇଛି। ଉକ୍ତ ଇ-ମେଲ୍‌ରେ ଉଲ୍ଲେଖ ରହିଛି ଯେ ୱାର୍ଡର ନିଯୁକ୍ତି ଲାଗି ଠିକା ସଂସ୍ଥା ଚୟନ ପାଇଁ କରାଯାଇଥିବା ଟେଣ୍ଡରରେ ସିଲିକନ ଟେକ୍ ଲାବ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର କୌଣସି ମଧ୍ୟ ଯୋଗ୍ୟତା ନାହିଁ। ଯେଉଁ କାଗଜ ଦେଇ ଏହି ସଂସ୍ଥା କାର୍ଯ୍ୟ ହାତେଇଛି, ତାହା ପଛରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ହାତ ରହିଥିବା ଉକ୍ତ ସଂସ୍ଥା ଅଭିଯୋଗ କରିଛି। ଏହିସବୁ ମଧ୍ୟରେ ସିଲିକନ ଟେକ୍ ଲାବ୍ ପୂର୍ଣ୍ଣମାତ୍ରାରେ ସବୁ ଟେଷ୍ଟିଂ ସେଣ୍ଟରକୁ ପରୀକ୍ଷା ତାରିଖ ଦେବା ଲାଗି ଆବେଦନ କରିଥିବା କଥା ଦୃଷ୍ଟିକୁ ଆସିଛି। ସିଲିକନ ଟେକ୍ ଲାବ୍ ଦାଖଲ କରିଥିବା ସମସ୍ତ ଦସ୍ତାବିଜ ସେହି କମ୍ପାନୀର ଡାଇରେକ୍ଟରଙ୍କ ଅନ୍ୟ ଏକ ସଂସ୍ଥାର ହୋଇଥିବ ବୋଲି ସନ୍ଦେହ କରାଯାଉଛି। ତେବେ ଏନେଇ ସିଲିକନ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର ଏମ୍‌ଡି ସୁରେଶ ଚନ୍ଦ୍ର ନାଏକଙ୍କୁ ଟେଲିଫୋନ୍ ଯୋଗେ ପଚାରିବାରୁ ସେ କହିଛନ୍ତି, ଟେଣ୍ଡରରେ ଯଦି ତାଙ୍କ ସଂସ୍ଥା କିଛି ଭୁଲ୍ କାଗଜପତ୍ର ଦେଇଛି ତେବେ ସେନେଇ ଚୟନ କମିଟି ଉତ୍ତର ରଖିପାରିବେ। ତାଙ୍କ ସଂସ୍ଥା ଯାହା କହିବ ସେକଥା କେବଳ ଚୟନ କମିଟି ଆଗରେ ହିଁ କହିବେ। ଏମିତି ବହୁ ଟେଣ୍ଡର ତାଙ୍କ ସଂସ୍ଥା ପକାଉଛି। ତେଣୁ ଏହି ୱାର୍ଡର ନିଯୁକ୍ତି ସମ୍ପର୍କିତ ଟେଣ୍ଡର ବିଷୟରେ କର୍ମଚାରୀ ଜାଣିଥିବେ, ସେ ଜାଣିନାହାନ୍ତି ବୋଲି କହିଛନ୍ତି। ତେବେ ଏ ସମ୍ପର୍କରେ ଦିପ୍ତେଶ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବର୍ତ୍ତମାନ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଥିବାରୁ ଅଫିସ୍ ବନ୍ଦ ହୋଇଗଲା। ଏନେ ଯାହା ତଥ୍ୟ ଦରକାର ଶୁକ୍ରବାର ତାଙ୍କୁ ଟେଲିଫୋନ କଲେ ଜଣେ ଡିଆଇଜି ର୍‍ୟାଙ୍କର ଅଧିକାରୀ ଭେଟି ସବୁ ତଥ୍ୟ ରଖିବେ।






# ଦମ୍ପତିଙ୍କୁ ଅଖାଦ୍ୟ ଖୁଆଇବା ଉଦ୍ୟମ

**ଗୁଣିଗାରେଡି ସନ୍ଦେହ**

**ପୁରୁଷୋତ୍ତମପୁର, ୧୦।୧୧ (ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବେଢ ଜିନୂଆପଲ୍ଲୀ ଗ୍ରାମରେ ବୁଧବାର ରାତିରେ ଗୁଣି ଗାରେଡି ସନ୍ଦେହର ଜଣଙ୍କ ଘରେ ପଶି କେତେଜଣ ଲୋକ ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ଦାନ୍ତଭାଙ୍ଗି ଅଖାଦ୍ୟ ଖୁଆଇବାକୁ ଉଦ୍ୟମ କରିଥିଲେ। ମାତ୍ର ସେମାନଙ୍କ କବଳରୁ ସ୍ୱାମୀ ସ୍ତ୍ରୀ ଖସିଆସି ପୁରୁଷୋତ୍ତମପୁର ପୋଲିସରେ ଅଭିଯୋଗ କରିଥିଲେ। ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ରାତାରାତି ଘଟଣା ସ୍ଥଳକୁ ଯାଇ ଲୋକଙ୍କୁ ବୁଝାଶୁଝା କରିବା ସହ ଆକ୍ରମଣକାରୀଙ୍କୁ ଥାନାକୁ ଆଣିଥିଲେ। ଗୁରବାର ସକାଳୁ ପୁଣି ପୋଲିସ ଘଟଣାସ୍ଥଳକୁ ଯାଇ ଜନସାଧାରଣଙ୍କୁ ସଚେତନ କରି ଥାନାକୁ ଡକାଇ ବୁଝାଶୁଝା କରି ଏଭଳି ଅନ୍ଧବିଶ୍ୱାସରୁ ଦୂରେଇ ରହିବା ଲାଗି ପରାମର୍ଶ ଦେଇଥିଲେ। ଆଇଆଇସି ଛୋଟରାୟ କହିଛନ୍ତି, ନଂ ୬୭୪/୨୨ରେ ମାମଲା ରୁଜୁ ହୋଇଛି। ରାଜୁ ଦାସ ନାମକ ବ୍ୟକ୍ତି ଅଭିଯୋଗ କରିଛନ୍ତି, ସେ ଓ ତାଙ୍କ ସ୍ତ୍ରୀ ବନିତା ଗ୍ରାମ କୋଠିଶାଳ ଠାକୁରାଣୀଙ୍କ ପୂଜା କରନ୍ତି। ଏହି ଠାକୁରାଣୀଙ୍କ କୁମ୍ଭଯାତ୍ରା ଚାଲିଥିବା ବେଳେ ସେହି ଗ୍ରାମର ବଜାରି ଦାସଙ୍କ ସ୍ତ୍ରୀ ମମତାଙ୍କୁ ଠାକୁରାଣୀ ଲାଗିଥିଲେ। ମୁଁ ଓ ମୋ ସ୍ତ୍ରୀ ଗୁଣିଗାରେଡି କରିଥିବା ସନ୍ଦେହକରି ବଜାରି, ତାଙ୍କ ଭାଇ ହଜାରି ଓ ମୁନା ଦାସ ସଂଘବଦ୍ଧ ଭାବେ ଆମ ଘରେ ପଶି ଆମକୁ ଆକ୍ରମଣ କରିଥିଲେ। ଏହା ସହ ଆମ ଦାନ୍ତଭାଙ୍ଗି ଅଖାଦ୍ୟ ଖୁଆଇବାକୁ ଉଦ୍ୟମ କରିଥିଲେ। ଏହି ଅଭିଯୋଗରେ ୩ଭାଇଙ୍କୁ ଅଟକ ରଖାଯାଇ ଗ୍ରାମରେ ଶାନ୍ତି ବଜାୟ ରଖିବାକୁ ସରପଞ୍ଚ, ଭଦ୍ରଲୋକଙ୍କୁ ନେଇ ଆଲୋଚନା କରାଯାଇଥିବା ବେଳେ ଏହାର ତଦନ୍ତ ଲାଗି ଏସ୍‌ଆଇ ଆଦିତ୍ୟ ନାରାୟଣ ପାତ୍ରଙ୍କୁ କୁହାଯାଇଥିବା ଆଇଆଇସି ଛୋଟରାୟ କହିଛନ୍ତି। ମାତ୍ର ଏଥିନେଇ ଆକ୍ରମଣକାରୀମାନେ କହିଛନ୍ତି, ରାଜୁ ନିଶା ସେବନ କରୁଥିବାରୁ ତାଙ୍କୁ ତାଗିଦ କରିବାରୁ ସେ ଏଭଳି ମିଥ୍ୟା ଅଭିଯୋଗ କରିଥିବା କହିଛନ୍ତି।

# ସମୁଦ୍ର କୂଳରୁ ପୁଣି ମୃତ ଡଲ୍‌ଫିନ ଠାବ



**ପାରାଦୀପ, ୧୦।୧୧ (ସ୍ୱ.ପ୍ର.)**

ପାରାଦୀପ ସମୁଦ୍ର କୂଳରୁ ଗୁରୁବାର ପୁଣି ଏକ ମୃତ ଡଲ୍‌ଫିନ ମାଛ ମିଳିଛି। କୁଜଙ୍ଗ ବନାଞ୍ଚଳ ବିଭାଗ ପକ୍ଷରୁ ତାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ରେଞ୍ଜ ଅଫିସର ରଞ୍ଜନ ମିଶ୍ର କହିଛନ୍ତି। ଏହାର ଲମ୍ବ ୩ ଫୁଟ ୫ ଇଞ୍ଚ ହେବ ବୋଲି କୁହାଯାଇଛି। ନଭେମ୍ବର ୭ ଓ ୮ ତାରିଖରେ ଲଗାତାର ଦୁଇଟି ମୃତ ଡଲ୍‌ଫିନ ଠାବ କରାଯାଇଥିଲା। ଏସବୁ ଡଲ୍‌ଫିନ୍ ବଟଲନୋଜ ପ୍ରଜାତିର ବୋଲି ବନବିଭାଗ ସୂଚନା ଦେଇଛି। ଏ ସମ୍ପର୍କରେ ମିଶ୍ରଙ୍କୁ ପଚାରିଲେ, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି।

# କଂସ ହେବେ ହୃଷୀକେଶ

**ବରଗଡ଼ ଅଫିସ୍, ୧୦।୧୧**

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

ବରଗଡ଼ ଧନୁଯାତ୍ରା ମହୋତ୍ସବ କଳାକାର ଚୟନ ପ୍ରକ୍ରିୟାର ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ରାତି ପ୍ରାୟ ୧୧ଟାରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଫଳାଫଳ ଘୋଷଣା କରିଛନ୍ତି। ହୃଷୀକେଶ ଭୋଇ କଂସ ଚରିତ୍ର ପାଇଁ ମନୋନିତ ହୋଇଛନ୍ତି। ସେ ଏହାପୂର୍ବରୁ ୯ଥର ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରିଥିଲେ। ମାତ୍ର ଧର୍ମଶାଳା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରି ସେ ବିବାଦୀୟ ହୋଇ ପଡ଼ିଥିଲେ ଏବଂ ପରବର୍ତ୍ତୀ ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିଥିଲେ। ସେହିପରି ଉଗ୍ରସେନ ଭୂମିକାରେ ଅଭିନୟ କରିଆସୁଥିବା ଆର୍ତ୍ତତ୍ରାଣ ମହାପାତ୍ରଙ୍କୁ ପୁଣି ଥରେ ସୁଯୋଗ ମିଳିଛି। ନାରଦ ଏବଂ ଅକ୍ରୁର ଭୂମିକାରେ ଜଗନ୍ନାଥ ସାହୁ ମନୋନିତ ହୋଇଛନ୍ତି। ସେ ଉଭୟ ଚରିତ୍ର ମଧ୍ୟରୁ ଯେଉଁ ଚରିତ୍ରକୁ ବାଛିବେ, ସେଥିପାଇଁ ତାଙ୍କୁ ସୁଯୋଗ ଦିଆଯିବ ବୋଲି ଫଳାଫଳ ଘୋଷଣାବେଳେ ଅତିରିକ୍ତ ଜିଲାପାଳ ଟପ୍ପୋ କହିଛନ୍ତି। ସେହିପରି ବସୁଦେବ ଚରିତ୍ର ପାଇଁ ମନୋଜ କୁମାର ସାହୁ ମନୋନିତ ହୋଇଥିବାବେଳେ ଦେବକୀ ଚରିତ୍ରରେ କନକ ତପସ୍ୱିନୀ ଚୌଧୁରୀ, ମୁଷ୍ଟିକ ଚରିତ୍ରରେ ସୂର୍ଯ୍ୟ ପ୍ରକାଶ କର୍ଣ୍ଣ, ଚାଣୁର ଚରିତ୍ରରେ ମୁନେଶ ଚାନ୍ଦ ଆଚାର୍ଯ୍ୟ, ସେନାପତି ଚରିତ୍ରରେ ଦୟାନନ୍ଦ ମାଝି, ସାର୍ତ୍ତକୀ ଚରିତ୍ରରେ ସେବାନନ୍ଦ ନାଏକ, ମହାମନ୍ତ୍ରୀ ଚରିତ୍ରରେ ଗୋଲାପ ଚନ୍ଦ୍ର ଦାଶ ମନୋନିତ ହୋଇଛନ୍ତି ।


ହୃଷୀକେଶ ଭୋଇ

# ମାଣ୍ଡିଆକୁ ଶ୍ରେଷ୍ଠ ଆହାର କର: ମୁଖ୍ୟମନ୍ତ୍ରୀ

- ପ୍ରତିବର୍ଷ ନଭେମ୍ବର ୧୦ରେ ମାଣ୍ଡିଆ ଦିବସ
- ସବୁ ଜିଲାରେ କାର୍ଯ୍ୟକାରୀ ହେବ ମାଣ୍ଡିଆ ମିଶନ

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)**

ଗୁରୁବାର ହେଉଛି ସମୃଦ୍ଧିର ଦେବୀ ମା' ଲକ୍ଷ୍ମୀଙ୍କ ପୂଜାଦିନ। ପୁଷ୍ଟି ସହ ସମୃଦ୍ଧି ଯୋଡ଼ିହୋଇ ରହିଛି। ରାଜ୍ୟ ସରକାର ଗୁରୁବାର ମାଣ୍ଡିଆ ଦିବସ ଭାବେ ପାଳନ କରିଛନ୍ତି। ପ୍ରତିବର୍ଷ ନଭେମ୍ବର ୧୦ ତାରିଖକୁ ରାଜ୍ୟ ସରକାର ମାଣ୍ଡିଆ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି କରିଛନ୍ତି। ମାଣ୍ଡିଆ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ମାଣ୍ଡିଆ ହେଉଛି ପୁଷ୍ଟିର ଭଣ୍ଡାର। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହା ପୁଷ୍ଟି ଯୋଗାଉଛି। ଆମ ରାଜ୍ୟରେ ଛୋଟ ଚାଷୀ, ଗରିବ ଆଦିବାସୀ ଚାଷୀ ମାଣ୍ଡିଆ ଚାଷ କରିଥାନ୍ତି। ସେମାନଙ୍କ ଅବସ୍ଥାରେ ଉନ୍ନତି ଏବଂ ଲୋକଙ୍କୁ ପୁଷ୍ଟି ଯୋଗାଣ-ଏ ଦୁଇଟି ବିଷୟକୁ ଧ୍ୟାନ ଦେଇ ସରକାର ମିଲେଟ ମିଶନ କାର୍ଯ୍ୟକାରୀ କରିଛନ୍ତି। ଏଥିରେ ପାଞ୍ଚ ବର୍ଷରେ ୨୮୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଓଡ଼ିଶାର ମିଲେଟ ମିଶନ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛି। ଜାତିସଂଘ ମଧ୍ୟ ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଛି। ଅନ୍ୟ ରାଜ୍ୟମାନଙ୍କ ପାଇଁ ଆଦର୍ଶ ହୋଇଛି। ରାଜ୍ୟର ସବୁ ଜିଲାରେ ମିଲେଟ ମିଶନ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୧୮ ଜିଲାରେ ମିଲେଟ ମିଶନ କାର୍ଯ୍ୟକାରୀ ହେଉଛି। ଏବେ ଏହି ମିଶନରେ ୨ ଲକ୍ଷ ଚାଷୀ, ୮୨ ଏଫ୍‌ପିଓ ଓ ୧୨୦୦ ମିଶନ ଶକ୍ତି ଗୋଷ୍ଠୀ ସାମିଲ ହୋଇଛନ୍ତି। ଆଗକୁ ଆହୁରି ଚାଷୀ ଓ ମିଶନ ଶକ୍ତି ଗୋଷ୍ଠୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ମାଣ୍ଡିଆକୁ ଶ୍ରେଷ୍ଠ ଆହାର ଭାବରେ ଲୋକପ୍ରିୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।


ନବୀନ ପଟ୍ଟନାୟକ

# ସମ୍ବର୍ଦ୍ଧିତ ହେବେ ୫୦ ହଜାର ପିଲା, ୧୫୦୦ ଶିକ୍ଷକ

**ଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର**

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)**

ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ, ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ମଧ୍ୟରେ ସକାରାତ୍ମକ ପ୍ରତିଯୋଗିତା ମନୋଭାବ ଆଣିବା ପାଇଁ ଚଳିତ ଶିକ୍ଷାବର୍ଷରୁ 'ଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର' ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ବ୍ଲକ୍ ଓ ଜିଲାସ୍ତରୀୟ ପ୍ରତିଯୋଗିତାରୁ ଆରମ୍ଭକରି ରାଜ୍ୟସ୍ତରୀୟ ପୁରସ୍କାର ମହୋତ୍ସବ ଆୟୋଜନ ହେବ। ଉକ୍ତ ପ୍ରତିଯୋଗିତା ମହୋତ୍ସବ ଜରିଆରେ ରାଜ୍ୟର ପ୍ରାୟ ୫୦ ହଜାର ଛାତ୍ରୀଛାତ୍ର, ୧୫୦୦ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ତଥା ଶିକ୍ଷା ପରିଚାଳନାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହନ ଏବଂ ସମ୍ବର୍ଦ୍ଧନା ଦିଆଯିବ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୧୯୪୧ ବିଦ୍ୟାର୍ଥୀ ଏବଂ ୧୫୫୯ ଶିକ୍ଷୟିତ୍ରୀ/ଶିକ୍ଷକ ଅଂଶଗ୍ରହଣ କରିବେ। ସେହିପରି ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବସିଥିବା ଏହି ବୈଠକରେ 'ସୁରଭି' କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି।

# ଆଜି ତାଳଚେର, ପାଲଲହଡ଼ାରେ ବନ୍ଦ ପାଳନ

**ଓକିଲ ସଂଘର ଧାରଣା ୧୪ ଦିନରେ**

**ତାଳଚେର, ୧୦।୧୧ (ନି.ପ୍ର.)**

ପୂର୍ବ ନିଷ୍ପତ୍ତି ମୁତାବକ ଅନୁଗୋଳ ଜିଲା ତାଳଚେର ଓକିଲ ସଂଘ ପକ୍ଷରୁ ୧୧ ତାରିଖରେ ୧୨ ଘଣ୍ଟିଆ ତାଳଚେର ଓ ପାଲଲହଡ଼ା ବନ୍ଦ ଆନ୍ଦୋଳନ କରାଯିବ। ଗୁରୁବାର ଓକିଲ ସଂଘ ସଭାପତି ସନ୍ତୋଷ କୁମାର ସାହୁ ଏହି ସୂଚନା ଦେଇଛନ୍ତି। ସାହୁ କହିଛନ୍ତି, ଗତ ୨୬ ତାରିଖରେ ତାଳଚେର ସିଏଏସ୍‌ଆଇ ଓକିଲମାନଙ୍କ ନାମରେ କରିଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଓ ସମ୍ପୃକ୍ତ ସିଏଏସ୍‌ଆଇଙ୍କୁ ନିଲମ୍ବିତ କରାଯିବା ସହ ଅନ୍ୟ କର୍ମଚାରୀଙ୍କ ବଦଳି ଦାବି କରି ସଂଘ ପକ୍ଷରୁ ୧୪ ଦିନ ହେଲା କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲିଛି। ଓକିଲ ସଂଘର ଦାବିଗୁଡ଼ିକ ପ୍ରତି ବିଚାର କରିବାକୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଜିଲା ପ୍ରଶାସନକୁ ସମୟ ଦିଆଯାଇଥିଲା। ହେଲେ କିଛି ପଦକ୍ଷେପ ନିଆ ନ ଯିବାରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ୧୧ ତାରିଖ ସକାଳ ୬ ଘଟିକାଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ତାଳଚେର ଓ ପାଲଲହଡ଼ାରେ ବନ୍ଦ ପାଳନ କରାଯିବାକୁ ସ୍ଥିର କରାଯାଇଛି। ଏହି ବନ୍ଦ ପାଳନ ବେଳେ ଏମ୍‌ସିଏଲ୍‌ର ସମସ୍ତ କୋଇଲା ଖଣି, ଟ୍ରକ୍ ଓ ରେଳ ଯୋଗେ କୋଇଲା ପରିବହନ, ସମସ୍ତ ଯାତ୍ରୀବାହୀ ଗାଡି, ଦୋକାନ ବଜାର, ସ୍କୁଲ୍ କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସମସ୍ତ ବ୍ୟାଙ୍କ ବନ୍ଦ କରାଯିବ। ଏହି ବନ୍ଦକୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମାଜିକ ଅନୁଷ୍ଠାନ ନୈତିକ ସମର୍ଥନ ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି।







**ଆଜିର ମନ୍ତବ୍ୟ**

"ସୀମାନ୍ତରେ ଶାନ୍ତି ବଜାୟ ନ ରହିବା ପର୍ଯ୍ୟନ୍ତ ଏବଂ ସ୍ଥିତାବସ୍ଥାରେ ପରିବର୍ତ୍ତନ ଲାଗି ଏକପାଖିଆ ଉଦ୍ୟମ ବନ୍ଦ ନ ହେବା ଯାଏ, ଚାଇନା ସହ ଭାରତର ସମ୍ପର୍କ ସ୍ୱାଭାବିକ ହୋଇପାରିବ ନାହିଁ।

– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଟିକି
ପରିବାରବର୍ଗ


ଶିବ ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକମ୍ ଠକା**
**କାମ କରୁଛି ବଙ୍କା ବଙ୍କା।**

ସାଧାରଣତଃ ଠକ ପ୍ରକୃତିର ବ୍ୟକ୍ତି କାମ କରିବାକୁ ପଛଘୁଞ୍ଚା ଦେଉଥିବା ବେଳେ କାମ ନ କରିବା ନେଇ ବିଭିନ୍ନ ପ୍ରକାର ବାହାନା ଦେଖାଇଥାନ୍ତି। ଏପରି ବ୍ୟକ୍ତିଙ୍କ ଦ୍ୱାରା କୌଣସି କାମ ଠିକ୍ ଢଙ୍ଗରେ ହୋଇପାରୁନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠକଙ୍କ ଗୁରୁ,**
**ଉପରେ ଚିକ୍କଣ ଭିତରେ ମାରୁ।**

ଦୁନିଆରେ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜକୁ ସାଧୁ ବା ସଚ୍ଚୋଟ ବ୍ୟକ୍ତି ଭାବେ ଚିତ୍ରଣ କରୁଥିବା ବେଳେ ନିଜ ଭିତରେ ଠକିବାର ସମସ୍ତ ବୁଦ୍ଧି ଠୁଳ କରି ରଖୁଥିବାର ଦେଖିବାକୁ ମିଳିଥାଏ। ଏପରି ଠକ ବ୍ୟକ୍ତିଙ୍କୁ ଆମ ସମାଜରେ ନିନ୍ଦା ଅପବାଦ ମିଳୁଥିବା ବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଧଳାବାଘ ଛୁଆ ହିମାଂଶୁର ଦ୍ୱିତୀୟ ଅପରେଶନ

ବାରଙ୍ଗ,୧୦।୧୧(ଡି.ଏନ୍.ଏ.)

ନନ୍ଦନକାନନରେ ଗୁରୁବାର ଧଳାବାଘ ଛୁଆ ହିମାଂଶୁର ଅସ୍ତ୍ରୋପଚାର ହୋଇଛି। ଦ୍ୱିତୀୟଥର ପାଇଁ ତା'ର ହାରନିଆ ଯୋଗୁ ନନ୍ଦନକାନନର ଡାକ୍ତରମାନେ ଅପରେଶନ କରିଛନ୍ତି। ମା' ରୂପା ଛୁଆ ଜନ୍ମଦେବା ପରେ ଛୁଆକୁ ଗ୍ରହଣ କରି ନ ଥିଲା। ଫଳରେ ମା'ଠାରୁ ଅଲଗା କରାଯାଇ ହିମାଂଶୁକୁ ଲାଳନପାଳନ କେନ୍ଦ୍ରର ୧୮ନଂ. ସେଲରେ ରଖାଯାଇଥିଲା। ଏବେ ୮ମାସରେ ପଦାର୍ପଣ କରି କ୍ଷୀର ଛାଡି ମାଂସ ଖାଇବା ଆରମ୍ଭ କରିଛି ହିମାଂଶୁ। ଗତ ୩ମାସ ତଳେ ହିମାଂଶୁର ହାରନିଆ ଅପରେଶନ ହୋଇଥିବାବେଳେ ପୁନର୍ବାର ଏହା ବଢିଯାଇଥିବାରୁ ଦ୍ୱିତୀୟଥର ପାଇଁ ଅପରେଶନ କରାଯାଇଛି।

**classifieds** Everyday 0674-2580101, 2549302



**SALE**

200 Guntha fertile lands besides Palla Anda Road, Mahatpalla Mouza Tehsil-Khorda for Sale. Contact- 9437100491. D-1945

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-73996

Bhubaneswar Gharabari land near 100ft. road investment plan, immediate registration, possession, electricity. Contact: 9124289585. D-1960

**Gharabari plot sale. Jhintisasan, Balakati, 8700 sqft., road side. 6372755567.** D-1912

BDA approved Duplex project at Retang Medical, Station, Near CV Raman University, Tamando, Bhubaneswar @44,00,000/-,. 7008459987. D-74143

**Duplex sale at Bhubaneswar @45 lakhs only- 9777433701, 9439206202.** D-74144

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

**6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134.** D-1925

4BHK Duplex near Nandankanan Square. Land-1300, construction-1800, Price-85lakhs. 8984071303. D-1950

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 9658891108, 8114994259. D-1916

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି । 7848882166.** D-74142



2BHK furnished flat, 7Floor B2 Bishnupriya Apartment, Jayadev Bihar. Mob: 9658546082. D-1963



Newly open Spa positively health benefit with expert. Contact: 7749976301. D-73894

Newly open health benefits SPA Diwali Offer @999/- Jaidevbihar, 9439676695. D-73656

**Relax, Refresh your body, Mind at Saikrupa Spa with best therapies. 8984068077.** D-1863

Full body massage in homely atmosphere. All Therapy, Mob.- 8114881641. D-73414

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73995



Get professional Hair, Nail, Beauty Training Classes at affordable fees. Contact- 9692671608. D-1957

**LOST**

I, Sri Haramohan Patnaik, S/o- Late Radha Mohan Patnaik, resident of at plot No.-120, 1st. Floor, Sahid Nagar, BBSR-07. I have lost my Folder file containing original land documents of plot No.-160/2942, Khata No.-928/ 45, Mouza-Jharpada, on dated 27.09.2022 between 3pm to 5pm. Land documents details: Sale deed, ROR, Pauti. If anybody found please contact me on 7008137228, 7008186398. D-1965

I, Ram Chandra Shaw, R/o. Vill/Po. Sankara, Dist. Sundargarh declare that I have deposited Rs.13635/- as security deposit against consumer No.812001110219 at the Office of Executive Engineer, Sundargarh Electrical Division, WESCO Utility on 3.8.2016. I have obtained a money receipt. That receipt was lost somewhere and my several attempts I could not traced out the same. D-1967

**ପାଠକଙ୍କ ପାଇଁ ସୂଚନା।**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ଘୋଷଣା କରି...

କଲମୀ ଆମ୍ବ ଚାରା, ୧ ଲକ୍ଷ ହିତାଧିକାରୀଙ୍କୁ ୨ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ଲେଖାଏ ମିଶ୍ରିତ ଫଳ ଚାରା, ୧୨ ହଜାର ହିତାଧିକାରୀଙ୍କୁ ୧୫ କୋଟି ୨୧ ଲକ୍ଷ ଟଙ୍କାର ଲତା ଜାତୀୟ ଫସଲ ଚାଷ ସହାୟତା, ୩ ହଜାର ହିତାଧିକାରୀଙ୍କୁ ୧ କୋଟି ୮୧ ଲକ୍ଷ ଟଙ୍କା ବ୍ୟୟରେ ଫୁଲ ଚାଷ ପାଇଁ ସହାୟତା, ୬୦ ହଜାର ହିତାଧିକାରୀଙ୍କୁ ଛତୁ ଚାଷ ନିମନ୍ତେ ୬ କୋଟି ୬ ଲକ୍ଷ ଟଙ୍କା ସହାୟତା, ୧ ଲକ୍ଷ ହିତାଧିକାରୀଙ୍କୁ ୧୬ କୋଟି ୩୬ ଲକ୍ଷ ଟଙ୍କାର ପ୍ଲାଷ୍ଟିକ କ୍ରେଟ, ୪ ହଜାର ହିତାଧିକାରୀଙ୍କୁ ୧୬ କୋଟି ଟଙ୍କା ବ୍ୟୟରେ ପାନ ବରଜ ପାଇଁ ସହାୟତା ଏବଂ ୫ ଲକ୍ଷ ହିତାଧିକାରୀଙ୍କୁ ୩୭ କୋଟି ୫୦ ଲକ୍ଷ ଟଙ୍କାର ସଙ୍କର ପନିପରିବା ମଞ୍ଜି କ୍ରୟ ପାଇଁ ସହାୟତା ବ୍ୟବସ୍ଥା ହୋଇଥିଲା। ୨୦୨୦ ଅକ୍ଟୋବରରେ ବିଧାନସଭା ଅଧିବେଶନ ସମୟରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଅଣତାରକା ପ୍ରଶ୍ନ ନମ୍ବର ୧୦୪୬ର ଉତ୍ତରରେ ତତ୍କାଳୀନ କୃଷିମନ୍ତ୍ରୀ ଅରୁଣ ସାହୁ ଏହା ଦର୍ଶାଇଥିଲେ। କିନ୍ତୁ ଉପରୋକ୍ତ ସହାୟତା ସ୍ୱପ୍ନ ହୋଇଥିବା ଚାଷୀମାନେ କହୁଛନ୍ତି। ତେଣୁ ଏହି ବିପୁଳ ଟଙ୍କା କୁଆଡ଼େ ଗଲା ତାହା ତଦନ୍ତସାପେକ୍ଷ ବୋଲି ସେମାନେ କହୁଛନ୍ତି।

ରସୁଲପୁର ବ୍ଲକ ଭଗୀରଥପୁରର ଚାଷୀ ଜଳଧର ଦାସ କୁହନ୍ତି, କୌଣସି ସରକାରୀ ସହାୟତା ମିଳିନାହିଁ। ସରକାରୀ ମଞ୍ଜି ପ୍ୟାକେଟ କିମ୍ବା ସାର, ଔଷଧ ସେ କେବେ ଦେଖିନାହାନ୍ତି। ଚାଷୀ ରବୀନ୍ଦ୍ର ବେହେରାଙ୍କ କହିବା ଅନୁସାରେ ଏବେ ଝାଉଁଳା ରୋଗରେ ବାଇଗଣ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୨୦ ହଜାର ଟଙ୍କା ବିନିଯୋଗ କରି ଚାଷ କରିଥିଲୁ। ଏହି କ୍ଷତି କିଏ ଭରଣା କରିବ। ସରକାର କୌଣସି ମଞ୍ଜି ପ୍ୟାକେଟ ଦେଇନାହାନ୍ତି। ଚାଷୀ ଜଗବନ୍ଧୁ ବେହେରା କୁହନ୍ତି, ଦୁଇଥର ବନ୍ୟା ହେଲାଣି, ସରକାର କିଛି ସହାୟତା ଦେଉନାହାନ୍ତି। ରୋଗପୋକରେ ଗଛ ସବୁ ମରିଯାଉଛି। ରସୁଲପୁର ବ୍ଲକ ଟିକରପଡ଼ା ଗ୍ରାମର ଚାଷୀ ସୂର୍ଯ୍ୟମଣି ସାହୁ କୁହନ୍ତି, ସରକାର ଘୋଷଣା କରିଥାନ୍ତି, ହେଲେ ହାତଗଣତି କେତେଜଣ ଚାଷୀ ତାହା ପାଇଥାନ୍ତି। ସେ କୌଣସି ବିହନ କିଟ୍ସ କିମ୍ବା ଅନ୍ୟ କୌଣସି ସହାୟତା ପାଇନାହାନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା କହିଛନ୍ତି, ବ୍ଲକସ୍ତରରେ ଅତିରିକ୍ତ ଉଦ୍ୟାନ ଅଧିକାରୀଙ୍କ ଜରିଆରେ ପ୍ରଭାବିତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଘୋଷିତ କୃଷି ସାମଗ୍ରୀ ବଣ୍ଟନ ହୋଇଛି। ଏଥିରେ କୌଣସି ଅନିୟମିତତା ହୋଇନାହିଁ।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନିଜାମପୁର ପଞ୍ଚାୟତ ଦୁମ୍ବିଦା ଗ୍ରାମର ଚାଷୀ ସନ୍ତୋଷ କୁମାର ମହାଲ କହନ୍ତି, ବାଲେଶ୍ୱର ସହରକୁ ନିଜାମପୁର, ଗଣ୍ଡର୍ଦ୍ଦା, କଲ୍ୟାଣପୁର, ମନ୍ଦାରପୁର ପଞ୍ଚାୟତରୁ ପ୍ରାୟ ସର୍ବାଧିକ ପନିପରିବା ଯାଇଥାଏ। ସନ୍ତୋଷ ପ୍ରତିବର୍ଷ ୧ଏକରରୁ ଅଧିକ ଚାଷଜମିରେ କୋବି, କାକୁଡ଼ି, ଲଙ୍କା ଓ ବିଲାତି ଆଦି ଚାଷ କରିଥାନ୍ତି। ଉକ୍ତ ଗ୍ରାମର ପ୍ରାୟ ୮୦% ଲୋକ ପନିପରିବା ଚାଷ କରି ପରିବାର ଭରଣପୋଷଣ କରିଥାନ୍ତି। ପ୍ରାୟ ପ୍ରତିବର୍ଷ ବନ୍ୟା, ବାତ୍ୟାରେ ଏହି ଅଞ୍ଚଳ ପ୍ରଭାବିତ ହୋଇଥାଏ। ସେ କୌଣସି ସରକାରୀ ସହାୟତା ପାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗଣ୍ଡର୍ଦ୍ଦା ପଞ୍ଚାୟତ ଶଙ୍କରପୁର ଗ୍ରାମର ଚାଷୀ ଚନ୍ଦ୍ରଶେଖର ମହାନ୍ତି କହନ୍ତି, ୩ ଏକର ଚାଷଜମିରେ ଆମ ପରିବାର ପ୍ରତିବର୍ଷ ବିଭିନ୍ନ ପନିପରିବା ଚାଷ କରିଥାଉ। ବନ୍ୟା ଓ ବାତ୍ୟା ଆସିଲେ ପ୍ରାୟ ମୁଖ୍ୟତଃ ଚାରା ନଷ୍ଟ ହୋଇଯାଇଥାଏ। ଗତ ବନ୍ୟା ପରେ ଉଦ୍ୟାନ କୃଷି ବିଭାଗର ୨ କର୍ମଚାରୀ ସର୍ଭେ ପାଇଁ ଆସିଥିଲେ। ପଚାରିଲେ, ସମସ୍ତ କଥା ଲେଖିନେଇଗଲେ, ଚାଷ ନଷ୍ଟ ହୋଇଥିବାର ଫଟୋ ମଧ୍ୟ ଉଠାଇଥିଲେ, ମାତ୍ର କୌଣସି ପ୍ରକାର ସହାୟତା ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ମନ୍ଦାରପୁର ପଞ୍ଚାୟତ କାଠସଙ୍ଗଡ଼ା ଗ୍ରାମର ଦୟାନିଧି ଗିରି କହନ୍ତି, ବନ୍ୟା ଓ ବାତ୍ୟା ସମୟରେ ପ୍ରାୟ ଚାଷ ନଷ୍ଟ ହେବା ପରେ ପୁଣି ଥରେ ଚାଷ କରିବାରେ ବହୁ ଅର୍ଥ ଖର୍ଚ୍ଚ ହୋଇଥାଏ। ମୁଖ୍ୟତଃ କୋବି, ପୋଟଳ, ଶାଗ, ବାଇଗଣ ଗଛଗୁଡ଼ିକ ବନ୍ୟା ଓ ବାତ୍ୟାରେ ଅଧିକ କ୍ଷୟକ୍ଷତି ହୋଇଥାଏ। ଗତ ୨୦ବର୍ଷ ମଧ୍ୟରେ କେବେ ବି ସରକାରୀ ସହାୟତା ମିଳିନାହିଁ। ବାଲେଶ୍ୱର ଜିଲା ଉଦ୍ୟାନ କୃଷି ଅଧିକାରୀ ତପନ କୁମାର ମହାନ୍ତି କହିଛନ୍ତି, ୧୨ ବ୍ଲକରେ ପ୍ରାୟ ୨୪ ହଜାର ଚାଷୀ ରହିଛନ୍ତି। ଚଳିତବର୍ଷ ଏମ୍‌ଆଇଡିଏସ୍ ଯୋଜନାରେ ୨୫୦ ହେକ୍ଟର ଚାଷଜମି ଓ ଷ୍ଟେଟ୍‌ପ୍ଲାନ୍‌ରେ ୧୫୦ ହେକ୍ଟର ଚାଷଜମି ବାବଦରେ ଚାଷୀଙ୍କୁ ସହାୟତା ମିଳିବ। ଆସିଷ୍ଟାନ୍ସ ହାଇବ୍ରିଡ୍ ଭେଜିଟେବୁଲ୍ କଣ୍ଟିଜେନ୍ସି ଅଣ୍ଡର ଜାୱା ଯୋଜନାରେ ୦.୨ ହେକ୍ଟର (୫୦ ଡିସିମିଲ) ଚାଷ ପାଇଁ ମଞ୍ଜି ଏବଂ ଚାଷ ନିମନ୍ତେ ୪ହଜାର ଟଙ୍କା ଲେଖାଏ ଚାଷୀଙ୍କୁ ପ୍ରତିବର୍ଷ ସହାୟତା କରାଯାଉଥିବା ମହାନ୍ତି ପ୍ରକାଶ କରିଛନ୍ତି।

ଜଗତ୍‌ସିଂହପୁର ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା ଭାବେ ଜଣାଶୁଣା। ଫନି, ଜୱାଦ ଆଦି ବାତ୍ୟା ଏବଂ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦିଆଯାଉଥିବା ମଞ୍ଜି କିଟ୍ସ ଓ ଆର୍ଥିକ ସହାୟତା ଚାଷୀଙ୍କ ପାଖରେ ନ ପହଞ୍ଚିବା ଅସନ୍ତୋଷର କାରଣ ହୋଇଛି। ଏ ସମ୍ପର୍କରେ ରଘୁନାଥପୁର ବ୍ଲକ ନେଉଳିଆ ଗ୍ରାମର ଦେବେନ୍ଦ୍ର ମହାନ୍ତିଙ୍କ କହିବା କଥା ହେଲା, ତାଙ୍କ ସହ ଗ୍ରାମର ଅଧିକାଂଶ ଲୋକ ପରିବା ଚାଷ କରନ୍ତି। ବାତ୍ୟା, ବନ୍ୟା, ପ୍ରବଳ ବର୍ଷା ପ୍ରଭାବରେ ଅନେକ ସମୟରେ ଫସଲ ନଷ୍ଟ ହୋଇଯାଉଛି। ଉଦ୍ୟାନ କୃଷି ବିଭାଗ ପକ୍ଷରୁ କିଛି ମାସ ପୂର୍ବରୁ ଦିଆଯାଇଥିବା ମଞ୍ଜି କିଟ୍ସ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ। ଯେଉଁମାନେ ନେଇଛନ୍ତି ସେମାନେ ନିମ୍ନମାନର ମଞ୍ଜି ଯୋଗୁ ନିରାଶ ହୋଇଥିବା ମହାନ୍ତି କହିଛନ୍ତି। ରଘୁନାଥପୁର ବ୍ଲକ ଜିରା ଗ୍ରାମର ବସନ୍ତ ସ୍ୱାଇଁ କୁହନ୍ତି, ସରକାରୀ ସହାୟତା ପ୍ରଭାବଶାଳୀ ଲୋକେ ପାଉଛନ୍ତି। ଆର୍‌ଆଇ ଓ ଅନ୍ୟ ସରକାରୀ କର୍ମଚାରୀ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କ ନିକଟରେ ପହଞ୍ଚୁ ନାହାନ୍ତି କି କ୍ଷୟକ୍ଷତି ଆକଳନ କରୁନାହାନ୍ତି। ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ବାତ୍ୟା ଫନି ଓ ଜୱାଦ ପ୍ରଭାବରେ ଜିଲାର ପ୍ରଭୂତ କ୍ଷତି ହୋଇଥିଲା। ସାମୁଦ୍ରିକ ଝଡ଼ ପ୍ରଭାବରେ ଅନେକ ପାନ ଓ ପରିବା ଚାଷୀଙ୍କୁ ସରକାରୀ ସହାୟତା ମିଳିପାରିଲା ନାହିଁ। ରିଲିଫ କୋଡ୍ ଅନୁଯାୟୀ ଜରୁରୀ ସହାୟତା ମିଳିବାରେ ବିଳମ୍ବ ହେବା କଥା ନୁହେଁ। କିନ୍ତୁ ସରକାର ଏଥିପ୍ରତି ଧ୍ୟାନ ନ ଦେବା ଦୁର୍ଭାଗ୍ୟଜନକ। ଏ ସମ୍ପର୍କରେ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ପ୍ରଦୀପ ବଳ କୁହନ୍ତି, ବାତ୍ୟା ଜୱାଦ ପରେ ଫୁଲକୋବି, ବନ୍ଧା କୋବି, ବିଲାତି ବାଇଗଣ ଓ ଲଙ୍କା ଆଦି ୨୦ ହଜାର ମଞ୍ଜି କିଟ୍ସ ଆସିଥିଲା। ତାହା ପିଆର୍‌ଆଇ ସଭ୍ୟ ଓ ବିଭାଗୀୟ ଏଏଚ୍‌ଓ, ଏଚ୍‌ଡବ୍ଲ୍ୟୁଓ ଆଦିଙ୍କ ମାଧ୍ୟମରେ ବଣ୍ଟନ କରାଯାଇଛି। କ୍ଷୟକ୍ଷତି ଅନୁସାରେ କିଟ୍ ଆସୁ ନ ଥିବାରୁ ଅନେକ ଲୋକ ବଞ୍ଚିତ ହେବା ସ୍ୱାଭାବିକ ବୋଲି ସେ କହିଛନ୍ତି।

୨୦୨୧ ଡିସେମ୍ବର ପ୍ରଥମ ସପ୍ତାହରେ ବାତ୍ୟା ଜୱାଦ ୧୦ ଉପକୂଳ ଜିଲାରେ ପ୍ରଭାବ ପକାଇଥିଲା। ଏଥିରେ ଚାଷୀଙ୍କ ଖରିଫ ଫସଲ ସହ ପନିପରିବା ନଷ୍ଟ ହୋଇଥିଲା। ଚାଷୀଙ୍କ କ୍ଷତିଭରଣା ପାଇଁ ଡିସେମ୍ବର ୨୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦୭ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଫସଲ କ୍ଷତି ସହିଥିବା ଲୋକଙ୍କୁ ହେକ୍ଟର ପିଛା ୬,୮୦୦ ଟଙ୍କା ଓ ଜଳସେଚିତ ଚାଷ ଜମି କ୍ଷତି ପାଇଁ ୧୩,୫୦୦ ଟଙ୍କା ଘୋଷଣା କରିଥିଲେ। ଏଥିସହିତ ୫୦ ହଜାର ମିନି କିଟ୍ସର ଡାଲି ବିହନ ଓ ୪ ଲକ୍ଷ ପନିପରିବା ମଞ୍ଜି କିଟ ସହିତ ୧ ଲକ୍ଷ ଚାଷୀଙ୍କୁ ୧୦ଟି ଫଳ ଚାରା ବଣ୍ଟନ ପାଇଁ ବ୍ୟବସ୍ଥା ହୋଇଥିଲା। ଇତିମଧ୍ୟରେ ଏହି ଘୋଷଣାକୁ ୧୦ ମାସ ବିତିଛି। କେନ୍ଦ୍ରାପଡ଼ା ଜିଲାରେ ଚାଷୀମାନଙ୍କ କ୍ଷତି ସର୍ଭେ ହୋଇଥିଲେ ମଧ୍ୟ ଅଦ୍ୟାବଧି କ୍ଷତିପୂରଣ ମିଳି ନ ଥିବା ସେମାନେ କହିଛନ୍ତି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଆଇତିପୁରର ଚାଷୀ ପିନାକୀ ସାମନ୍ତରାୟ କହିଛନ୍ତି, ଗତବର୍ଷ ଏହି ସମୟରେ ପ୍ରାୟ ୫ ଏକର କୋବି, ୨ ଏକର ଲଙ୍କା ଓ ପନିପରିବା ଲୁଣାନଦୀ ପଠା ଅଞ୍ଚଳରେ ଥିବା କ୍ଷେତରେ ଚାଷ କରିଥିଲେ। ଅମଳ ସମୟରେ ଜୱାଦ ବାତ୍ୟା ପନିପରିବା ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲା। ଏହି ଚାଷ ପାଇଁ ବ୍ୟାଙ୍କଋଣ ଏବଂ ହାତ ଉଧାରି ବାବଦରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଛି। ପ୍ରଶାସନର ସର୍ଭେ ସତ୍ତ୍ୱେ କୌଣସି ସରକାରୀ ସହଯୋଗ କିମ୍ବା କ୍ଷତିପୂରଣ ମିଳିନାହିଁ ବୋଲି ପିନାକୀ କହିଛନ୍ତି। ସେହିପରି ସମାନ ଅଭିଯୋଗ କରିଛନ୍ତି ମହାକାଳପଡ଼ା ବ୍ଲକ ଛପାଲି ଗ୍ରାମର ଚାଷୀ ହରେକୃଷ୍ଣ ପାତ୍ର। ଏନେଇ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦେବଦାସ ଦତ୍ତ କହିଛନ୍ତି, ଏକମାସ ପୂର୍ବେ କେନ୍ଦ୍ରାପଡା ଉଦ୍ୟାନ କୃଷି କାର୍ଯ୍ୟାଳୟରେ ଯୋଗଦେଇଛି। କିନ୍ତୁ ଚାଷୀଙ୍କୁ ପନିପରିବା କିଟ୍ ସମ୍ପୂର୍ଣ୍ଣ ବଣ୍ଟା ଯାଇଥିବା ସୂଚନା ରହିଛି।

ଏ ସମ୍ପର୍କରେ ଉଦ୍ୟାନ କୃଷି ଯୁଗ୍ମ ନିର୍ଦ୍ଦେଶକ ସୁକାନ୍ତ କୁମାର ସୁବୁଦ୍ଧି କହିଛନ୍ତି, ବାତ୍ୟା ପାଇଁ ପୂର୍ବରୁ ଯେଉଁ ସହାୟତା ନିମନ୍ତେ ଘୋଷଣା ହୋଇଥିଲା, ତା'ର ବଜେଟ ଏବେ ସରିଯାଇଥିବ। ଏବେ ଆଉ କିଛି କରିହେବ ନାହିଁ। ତେବେ ଚାଷୀମାନେ ବର୍ତ୍ତମାନ ବିଭାଗ ପକ୍ଷରୁ ଦିଆଯାଉଥିବା ଅନ୍ୟାନ୍ୟ ସୁବିଧାର ସୁଯୋଗ ନେବା ଉଚିତ।

## ଇଂଲଣ୍ଡ-ପାକିସ୍ତାନ...

ଫାଇନାଲ ଖେଳିବାକୁ ଯାଉଛି। ଏହି ଦଳ ୨୦୦୭ରେ ରନରଅପ୍ ହୋଇଥିବାବେଳେ ୨୦୦୯ରେ ଚାମ୍ପିୟନ ହୋଇ ଟ୍ରଫି ହାସଲ କରିଥିଲା। ୨୦୧୦, ୨୦୧୨ ଓ ୨୦୨୧ରେ ଦଳ ସେମିଫାଇନାଲରୁ ବିଦାୟ ନେଇଥିଲେ ହେଁ ଏଥର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଭାରତର ଫାଇନାଲ ଖେଳିବା ଆଶା କିନ୍ତୁ ଅଧୁରା ରହି ଯାଇଛି। ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣ ୨୦୦୭ରେ ଚାମ୍ପିୟନ ହୋଇଥିବା ଭାରତ ୨୦୧୪ରେ ଫାଇନାଲ ଖେଳି ପରାଜିତ ହୋଇଥିଲା। ୨୦୧୬ ପରି ଏଥର ମଧ୍ୟ ଟିମ୍ ଇଣ୍ଡିଆ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି।

## ମାନବ କଲ୍ୟାଣ ପାଇଁ...

ମରୀଚିକୋଟ ଛକଠାରେ ରାସ୍ତା ପାର୍ଶ୍ୱରେ ଅପେକ୍ଷାରତ ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରି ଫଟୋ ମଧ୍ୟ ଉଠାଇଥିଲେ। ଏପରିକି କେତେଜଣ ପିଲାଙ୍କ ସହିତ କରମର୍ଦ୍ଦନ କରିବା ସହ ଭଲ ପାଠ ପଢ଼ିବାକୁ ଉପଦେଶ ଦେଇଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ହାତ ହଲାଇ ଜୟ ଜଗନ୍ନାଥ ଧ୍ୱନି ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ରାଷ୍ଟ୍ରପତି ଚାଲି ଚାଲି ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, ଛତିଶା ନିଯୋଗ ନାୟକ, କୌଳିକ ପଣ୍ଡା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସ୍ୱାଗତ ଜଣାଇ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ସିଂହଦ୍ୱାରଠାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଦୁଇହାତ ଟେକି ଆଶିଷ ଭିକ୍ଷା କରିବା ସହ ତଳେ ମୁଣ୍ଡ ଲଗାଇ ପ୍ରଣିପାତ କରିଥିଲେ। ପରେ ଅରୁଣ ସ୍ତମ୍ଭକୁ ଛୁଇଁ ମୁଣ୍ଡିଆ ମାରିଥିଲେ। ନିକଟସ୍ଥ ପଦପ୍ରକ୍ଷାଳନ ସ୍ଥାନକୁ ଯାଇ ଗୋଡ଼ ଓ ହାତ ଧୋଇ ଶୁଦ୍ଧପୂତ ଭାବେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ରାଷ୍ଟ୍ରପତି ଶ୍ରୀମନ୍ଦିର ଗର୍ଭଗୃହରେ ଦାରୁବିଗ୍ରହଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଠାକୁରଙ୍କୁ ତୁଳସୀ ଓ ଫୁଲମାଳ ପ୍ରଦାନ କରିଥିଲେ। ପରେ ବେଢ଼ା ପରିସରସ୍ଥ ମା' ବିମଳା, ମା' ମହାଲକ୍ଷ୍ମୀ ଏବଂ ଅନ୍ୟ ପାର୍ଶ୍ୱ ଦେବଦେବୀ ମନ୍ଦିର ବୁଲି ଦର୍ଶନ କରିଥିଲେ। କୌଳିକ ପଣ୍ଡାଙ୍କ ଯାତ୍ରୀ ପୁସ୍ତିକାରେ ଓଡ଼ିଆରେ ଦସ୍ତଖତ କରିଥିଲେ। ରାଷ୍ଟ୍ରପତିଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଚୂଡ଼ାରେ ବାନା ବନ୍ଧାଯାଇଥିଲା। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଗଣେଶୀ ଲାଲ୍, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ପ୍ରମୁଖ ଉପସ୍ଥିତ ଥିଲେ। ଦର୍ଶନ ସାରି ଫେରିବା ପରେ ସିଂହଦ୍ୱାର ସମ୍ମୁଖରେ ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତ ନିଯୋଗ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମାଳ ମହାର୍ଦ୍ଦ, ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ହୃଦ ପଦକ ପ୍ରଭୃତି ପ୍ରଦାନ କରାଯାଇଥିଲା। ପରେ ରାଷ୍ଟ୍ରପତି ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସେ ପୁରୀ ରାଜଭବନକୁ ପ୍ରତ୍ୟାବର୍ତ୍ତନ କରି ମହାପ୍ରସାଦ ସେବନ କରିଥିଲେ। ଗଜପତି ମହାରାଜା, ମହାରାଣୀଙ୍କ ସମେତ ତାଙ୍କ ଝିଅ ଓ ଜ୍ୱାଇଁଙ୍କ ସହିତ ତଳେ ବସି କଦଳୀପତ୍ରରେ ମହାପ୍ରସାଦ ସେବନ କରିଥିଲେ। ସୁଆର ମହାସୁଆର ନିଯୋଗ ପକ୍ଷରୁ ୩ ପ୍ରକାର ପିଠା ଓ ୪ ପ୍ରକାର ଅନ୍ନ, ୧୪ ପ୍ରକାର ବ୍ୟଞ୍ଜନ ପରଷା ଯାଇଥିଲା। ପରେ ରାଷ୍ଟ୍ରପତିଙ୍କୁ ବିଭିନ୍ନ ବ୍ୟକ୍ତିବିଶେଷ ଭେଟିଥିଲେ। ପୂର୍ବାହ୍ନ ୧୦ଟା ୩୦ରୁ ରାଷ୍ଟ୍ରପତି ଶ୍ରୀମନ୍ଦିରରେ ଦର୍ଶନ ସାରି ଫେରିବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଥିଲା। ରାଷ୍ଟ୍ରପତି ଅପରାହ୍ନ ୩ଟା ୧୭ରେ ରାଜଭବନରୁ ବାହାରି ତାଳବଣିଆ ହେଲିପ୍ୟାଡ୍‌କୁ ଯାଇ ହେଲିକପ୍ଟର ଯୋଗେ ୩ଟା ୪୦ରେ ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଗସ୍ତକୁ ଦୃଷ୍ଟିରେ ରଖି ସହରରେ ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବନ୍ଧୁଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ପରିପ୍ରେକ୍ଷୀରେ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। କିନ୍ତୁ କୃତିକା ନକ୍ଷତ୍ରର ସାମୟିକ ଭାବରେ ଗୃହ, ଭୂମି, ଗାଡି, ମୋଟର ସମ୍ପର୍କୀୟ ସମସ୍ୟା ଲାଗିରହିବ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପଡୋଶୀଙ୍କ ସହାୟତାରେ ଘରର ଅସଜଡା କାମକୁ ସଜାଡିନେବେ।

**ବୃଷ** – ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁ କିମ୍ବା ବାନ୍ଧବୀଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟିକରିବ। ମୃଗଶିରା ନକ୍ଷତ୍ରର କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ।

**ମିଥୁନ** – ସାଧାରଣ ଘଟଣାକୁ କେନ୍ଦ୍ରକରି ପାରିବାରିକ ଅଶାନ୍ତି ସକାଶରୁ ମନ ଭଲ ରହିବ ନାହିଁ। ପରିସ୍ଥିତିବିଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଆରଦ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତ ସୁଫଳ ପାଇବେ।

**କର୍କଟ** – ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ହେତୁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** – କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। ପୂର୍ବାଫାଲଗୁନୀ ନକ୍ଷତ୍ର ଶୁଭ ଖବର ସଙ୍ଗକୁ ଅର୍ଥଲାଭରୁ ମନ ଖୁସି ରହିବ। ଈର୍ଷାପରାୟଣ ନିକଟସ୍ଥ ବ୍ୟକ୍ତିବିଶେଷ ପରୋକ୍ଷ ସମାଲୋଚନା କରିପାରନ୍ତି। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା** – ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମର ସମୀକ୍ଷା କରି ବ୍ୟସ୍ତ ହେବେ। ଚିତ୍ରା ନକ୍ଷତ୍ରର ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ। ହିତୈଷୀଙ୍କ ସାହାଯ୍ୟରୁ ପାରିବାରିକ ସମସ୍ୟା ସମାଧାନ କରିପାରିବେ।

**ତୁଳା** – ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଆଲୋଚନା କ୍ଷେତ୍ରରେ ନିଜ ଜିଦ୍‌ରେ ଅଟଳ ରହି ସମାଲୋଚିତ ହୋଇପାରନ୍ତି। ଜମିଜମା ସମ୍ପର୍କୀୟ ବିବାଦୀୟ ପରିସ୍ଥିତି କିମ୍ବା କଚେରୀ ମାମଲା ସକାଶେ ଚିନ୍ତା ବଢିଯିବ। ସାମ୍ବାଦିକତା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** – ଉପରିସ୍ଥଙ୍କ ଆଦେଶାନୁ ପ୍ରାପ୍ତ ହୋଇ ଆଜି ସକାଳୁ ଦୂରଯାତ୍ରା କରିବାକୁ ପଡିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇ ପଡିବ। ଅନୁରାଧା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ଉଚ୍ଚ ବର୍ଗଙ୍କ ସହାୟତା ପାଇବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗିରହିବ। ପୂର୍ବଷାଢା ନକ୍ଷତ୍ର ଯାନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି।

**ମକର** – ସାମାନ୍ୟ ବ୍ୟତିକ୍ରମ ଓ ପ୍ରତିବନ୍ଧକ ଲାଗିରହିଲେ ମଧ୍ୟ କୌଣସି କାମ ସ୍ଥଗିତ ରହିବ ନାହିଁ। ଧନିଷ୍ଠା ନକ୍ଷତ୍ରର ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟିହେବ। ଅବହେଳା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**କୁମ୍ଭ** – କର୍ମକ୍ଷେତ୍ରରେ ସମସ୍ୟା ବିଜଡିତ ହେବା କାରଣରୁ ମାନସିକ ସ୍ଥିରତା କ୍ଷୁଣ୍ଣ ହୋଇପାରେ। ଶତଭିଷା ନକ୍ଷତ୍ର ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି । ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ମୀନ** – ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ କ୍ଷତିରେ ପଡ଼ିବେ। ରେବତୀ ନକ୍ଷତ୍ର ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟିହେବ।

ଆଜି ନଭେମ୍ବର ୧୨ ତାରିଖ, ମାର୍ଗଶୀର କୃଷ୍ଣ ଚତୁର୍ଥୀଶନିବାର, ରାଷ୍ଟ୍ରୀୟ ପ୍ରସାରଣ ଦିବସ, ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ, ଘ.୦୭/୨୫, ଗତେ, ଘ.୦୮/୪୩, ମଧ୍ୟେ, ଘ.୧୧/୫୨, ଗତେ, ଘ.୧୨/୫୪, ମଧ୍ୟେ, ଶୁଦ୍ଧ ଶୁଭବେଳା ସକାଳ.ଘ.୦୮/୪୩, ଗତେ, ଘ.୧୦/୦୭, ମଧ୍ୟେ, ରାହୁକାଳ।।



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରୁଛନ୍ତି।



ପୁରୀ ଶ୍ରୀମନ୍ଦିର ଦର୍ଶନ ଅବସରରେ ଅରୁଣ ସ୍ତମ୍ଭ ଛୁଇଁ ମହାପ୍ରଭୁଙ୍କୁ ପ୍ରଣାମ ଜଣାଉଛନ୍ତି ରାଷ୍ଟ୍ରପତି।



ପୁରୀ ରାଜଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଜପତି ମହାରାଜ ଦିବ୍ୟସିଂହ ଦେବ, ମହାରାଣୀ ଲୀଳାବତୀ ପାଟମହାଦେଈ ଏବଂ ଝିଅ ଇତିଶ୍ରୀଙ୍କ ସହ ମହାପ୍ରସାଦ ସେବନ କରୁଛନ୍ତି।



ବଡ଼ଦାଣ୍ଡରୁ ମହାବାହୁଙ୍କୁ ମୁଣ୍ଡିଆ ମାରି ଆଶିଷ ଭିକ୍ଷା କରୁଛନ୍ତି।



ବଡ଼ଦାଣ୍ଡରେ ଯିବା ସମୟରେ ରାଷ୍ଟ୍ରପତି ଛୋଟ ଛୋଟ ପିଲାଙ୍କ ସହ ହାତ ମିଳାଇ ଭାବ ବିନିମୟ କରୁଛନ୍ତି।



ପୁରୀ ତାଳବଣିଆ ହେଲିପ୍ୟାଡ୍‌ଠାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ।



ଶ୍ରୀମନ୍ଦିର ପରିଦର୍ଶନ ଅବସରରେ ଦର୍ଶକ ପୁସ୍ତିକାରେ ରାଷ୍ଟ୍ରପତିଙ୍କ ସନ୍ଦେଶ ଓ ସ୍ୱାକ୍ଷର।

# ବରପୁତ୍ରଙ୍କୁ ପୁଷ୍ପାର୍ଘ୍ୟ ଦେଇ ସମ୍ମାନ ଜଣାଇଲେ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ବରପୁତ୍ର ତଥା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନପୂର୍ବକ ବିନମ୍ର ସମ୍ମାନ ଜଣାଇଛନ୍ତି। ଗୁରୁବାର ଅପରାହ୍ଣରେ ରାଷ୍ଟ୍ରପତି ପୁରୀରୁ ଆସି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ଲୋକନୃତ୍ୟ, ପାରମ୍ପରିକ ବାଦ୍ୟ ସାଙ୍ଗକୁ ଶଙ୍ଖ ଧ୍ୱନିରେ ପରିବେଶ ମୁଖରିତ ହୋଇଉଠିଥିଲା।

ରାଷ୍ଟ୍ରପତି ପ୍ରଥମେ ରାଜ୍ୟ ସଂଗ୍ରହାଳୟ ଛକଠାରେ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏହାପରେ ରାଜଭବନ ଛକରେ ଉତ୍କଳଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଛକଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାୱାର ହାଉସ୍ ଛକଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, କଳିଙ୍ଗ ହସ୍‌ପିଟାଲ ଛକଠାରେ ସ୍ୱଭାବକବି ଗଙ୍ଗାଧର ମେହେର ଓ ଶହୀଦ ଲକ୍ଷ୍ମଣ ନାଏକ, ମୈତ୍ରୀବିହାରଠାରେ ଭଗବାନ୍ ବିର୍ସା ମୁଣ୍ଡା ଏବଂ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ରାଷ୍ଟ୍ରପତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରେ ଜନଜାତିଙ୍କ ପୂଜ୍ୟଦେବତା ମାରାଗଂ ବୁରୁଙ୍କୁ ପ୍ରାର୍ଥନାପୂର୍ବକ ପ୍ରଣିପାତ କରିଥିଲେ।

ପ୍ରତିମୂର୍ତ୍ତି ସ୍ଥଳଗୁଡ଼ିକରେ ରାଷ୍ଟ୍ରପତିଙ୍କ ସହିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଧ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କେତେକ ସ୍ଥାନରେ ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇ ଲୋକନୃତ୍ୟ ଓ ଜନଜାତି ନୃତ୍ୟ ପରିବେଷିତ ହୋଇଥିଲା। ସବୁଠାରେ ହର୍ଷଧ୍ୱନି, ହୁଳହୁଳି ସହିତ ମହାମହିମ ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥିଲା।



ଭୁବନେଶ୍ୱରସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ରାଷ୍ଟ୍ରପତି।

# ନିଜ ମାଟିର ମହକରେ ରହିଛି ସ୍ୱତନ୍ତ୍ରତା: ରାଷ୍ଟ୍ରପତି

## ନାଗରିକ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶ ମୋତେ ଅନୁପ୍ରାଣିତ କରିଛି। ଯେଉଁଠି ଥିଲେ ମଧ ନିଜ ମାଟିର ମହକରେ ସ୍ୱତନ୍ତ୍ରତା ରହିଛି। ତଥାପି ନିଜ ଅଞ୍ଚଳର ଦିଗଦିଗନ୍ତର ସୌନ୍ଦର୍ଯ୍ୟ ନିଆରା। ଓଡ଼ିଶା ଆସି ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଗୁରୁବାର ସନ୍ଧ୍ୟାରେ ରାଜଭବନ ପରିସରରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ବିକ୍ରମ କେଶରୀ ଆରୁଖ, ହାଇକୋର୍ଟ ମୁଖ ବିଚାରପତି ଏସ୍. ମୁରଲୀଧରଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଭାରତବର୍ଷର ଭୂଗୋଳ ଓ ଇତିହାସରେ ଓଡ଼ିଶା ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଚିଲିକା ପରି ହ୍ରଦ, ଶିମିଳିପାଳ ପରି ଜୈବବିବିଧତା ଓ ଭିତରକନିକା ପରି ଜାତୀୟ ଉଦ୍ୟାନ ଆମ ପାଖରେ ରହିଛି। ଓଡ଼ିଶାର ଗୌରବମୟ ଇତିହାସ ଓ ସଂସ୍କୃତି ଭାରତକୁ ମହାନ୍ କରିଛି। ଭାରତବର୍ଷର ନୌବାଣିଜ୍ୟରେ ଓଡ଼ିଶାର ଦାନ ଅପୂରଣୀୟ। ଓଡ଼ିଶା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଦେଶୀୟ ରାଜ୍ୟ ମିଶ୍ରଣରେ ଓଡ଼ିଶାର ଅବଦାନ ସର୍ବାଗ୍ରେ। ଉତ୍କଳକେଶରୀ ହରେକୃଷ୍ଣ ମହତାବଙ୍କ ଭୂମିକା ଯୋଗୁ ଓଡ଼ିଶାରେ ଦେଶୀୟ ରାଜ୍ୟ ମିଶ୍ରଣ ସମ୍ଭବପର ହୋଇପାରିଥିଲା। ଓଡ଼ିଶାରୁ ଭାରତର ପ୍ରଗତି ଆରମ୍ଭ ହେଉ ବୋଲି ରାଷ୍ଟ୍ରପତି କହିଛନ୍ତି। ବିକାଶର ସୁଫଳ ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବା ଦରକାର। ବିଶେଷକରି ସମାଜର ଶେଷ ଧାଡ଼ିରେ ଠିଆ ହୋଇଥିବା ଲୋକ ପାଖରେ ଯୋଜନା ପହଞ୍ଚି ପାରିଲେ ହିଁ ବିକାଶ ଲକ୍ଷ୍ୟ ପୂରଣ ହୋଇପାରିବ। ରାଜ୍ୟଗୁଡ଼ିକର ବିକାଶରେ ଦେଶର ବିକାଶ। ତେଣୁ ଏହି ବିକାଶ ପ୍ରକ୍ରିୟା ଓଡ଼ିଶାରୁ ଆରମ୍ଭ ହେଉ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ହେବା ପରେ ନିଜ ମାଟିକୁ ଏହା ମୋର ପ୍ରଥମ ଆଗମନ ବୋଲି କହିଥିଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ମୋତେ ଅଭିଭୂତ କରିଛି। ପୁରୀରେ ଏଏସ୍‌ଆଇର ସର୍କଲ ଅଫିସ ଖୋଲା ଯାଇଥିବାରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ରାଷ୍ଟ୍ରପତି ଧନ୍ୟବାଦ ଜଣାଇଛନ୍ତି।

ରାଜ୍ୟବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାମହିମଙ୍କ ସଫଳତା ଭିତରେ ପ୍ରତ୍ୟେକ ଓଡ଼ିଆ ନିଜ ସଫଳତା ଦେଖୁଛନ୍ତି। ପ୍ରଥମଥର ପାଇଁ ଓଡ଼ିଶାରୁ ଜଣେ ମହିଳା ଦେଶର ପ୍ରଥମ ନାଗରିକ ହୋଇଛନ୍ତି। ରାଇରଙ୍ଗପୁରରୁ ରାଇସିନା ହିଲ୍ସକୁ ତାଙ୍କ ଯାତ୍ରା ପାଇଁ ପ୍ରତ୍ୟେକ ଓଡ଼ିଆ ଆଜି ଗର୍ବିତ। ଜୀବନରେ ବଡ଼ ସ୍ୱପ୍ନ ପାଇଁ ରାଷ୍ଟ୍ରପତି ପ୍ରେରଣା ଦେଉଛନ୍ତି। ଓଡ଼ିଶା ଆଜି ଆପଣଙ୍କ ପାଇଁ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ରାଜଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଷ୍ଟ୍ରପତିଙ୍କୁ ସମ୍ମାନିତ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୧ ନଭେମ୍ବର, ୨୦୨୨

ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ-ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ-ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ। –ଶ୍ରୀଅରବିନ୍ଦ



# ବିଶ୍ୱରେ ଶକ୍ତିର ସ୍ଥିତି




ଭାନେସା ନାକାଟେ
ଉଗାଣ୍ଡାନ୍ କ୍ଲାଇମେଟ୍ ଜଷ୍ଟିସ୍ ଆକ୍ଟିଭିଷ୍ଟ

ରାଚେଲ କିଟେ
ପୂର୍ବତନ ୟୁଏନ୍ କ୍ଲାଇମେଟ୍ ଏନ୍‌ଭୟ

ସାରା ବିଶ୍ୱରେ ସାଧାରଣ ଜନତା ଏବେ ଦୁଇଟି ବୃହତ୍ ଓ ବ୍ୟାପକ ସମସ୍ୟାର ପରିଣତି ଭୋଗ କରୁଛନ୍ତି। ଗୋଟିଏ ପଟେ ସେମାନଙ୍କ ଜୀବନ ଜୀବିକା ଓ ବାସସ୍ଥାନ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବା ସହ ଅତ୍ୟାବଶ୍ୟକ ସେବା ଓ ଦ୍ରବ୍ୟର ଅତ୍ୟଧିକ ମୂଲ୍ୟ ବୃଦ୍ଧିଘଟୁଛି। ଅନ୍ୟ ପକ୍ଷରେ ଉତ୍ତପ୍ତ ଜଳବାୟୁର ପରିଣାମ ସେମାନଙ୍କୁ ପ୍ରଭାବିତ କରୁଛି। ଆଫ୍ରିକାର ପୂର୍ବାଞ୍ଚଳରେ ୨୨ ମିଲିୟନ (୨ କୋଟି ୨୦ ଲକ୍ଷ)ଲୋକ ଏବେ ଭୋକିଲା । ଲଗାତର ୪ଟି ବର୍ଷଋତୁରେ ବର୍ଷା ଅଭାବରୁ ଉପୁଜିଛି ଏଭଳି ସ୍ଥିତି । ବିଶ୍ୱରେ ଖାଦ୍ୟଶସ୍ୟ ମୂଲ୍ୟ ବୃଦ୍ଧିପାଉଛି ଓ ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଇନ୍ଧନ ମୂଲ୍ୟରେ ଅହେତୁକ ବୃଦ୍ଧି ସ୍ଥିତିକୁ ଆହୁରି ଖରାପ କରିଦେଇଛି। ଏହା ଆଫ୍ରିକୀୟ ସମୁଦାୟ ଓ ବ୍ୟବସାୟକୁ ପତନର ଦ୍ୱାରାଦେଶକୁ ଠେଲିଦେଉଛି। ୟୁରୋପରେ ଗ୍ୟାସ୍ ମୂଲ୍ୟବୃଦ୍ଧି ଶକ୍ତି ଦର ବୃଦ୍ଧିର କାରଣ ହୋଇଛି। ବହୁ ବର୍ଷ ହେଲା ଜୀବାଶ୍ମ ଇନ୍ଧନ ଶିଳ୍ପ ଯୁକ୍ତି ବାଢିଆସିଛି ଯେ, ଏହାର ଉତ୍ପାଦଗୁଡ଼ିକ ଶସ୍ତା ଶକ୍ତି ଓ ଆର୍ଥିକ ବିକାଶକୁ ପ୍ରଥମ ପଥ ଦେଖାଇଛି। ହେଲେ ଏହି ଦାବି ବାରମ୍ବାର ଭୁଲ୍ ପ୍ରମାଣିତ ହୋଇଛି। ଜୀବାଶ୍ମ ଇନ୍ଧନ ବିକାଶ ଦଶନ୍ଧିଗୁଡ଼ିକ ସାହାରା ମରୁଭୂମିର ଦକ୍ଷିଣରେ ଥିବା ଆଫ୍ରିକା ମହାଦେଶର ଅଞ୍ଚଳଗୁଡ଼ିକରେ ଶକ୍ତି ପାଇବାରୁ ବଞ୍ଚିତ ୬୦୦ ମିଲିୟନ (ଯାହା ବୃଦ୍ଧିପାଇଚାଲିଛି) ଲୋକଙ୍କୁ ସେବା ଯୋଗାଇ ପାରିନାହିଁ।

ବିଶ୍ୱରେ ହାଇଡ୍ରୋକାର୍ବନ ମାର୍କେଟରେ ଅସ୍ଥିରତା ଯୋଗୁ ଇନ୍ଧନଶକ୍ତି ଉପରେ ନିର୍ଭରଶୀଳ ସମୁଦାୟଗୁଡ଼ିକ ଅଧିକ ପ୍ରଭାବିତ ହୁଅନ୍ତି। ଚଳିତ ବର୍ଷ ଇଂଲଣ୍ଡରେ ଗ୍ୟାସ୍ ଦର ବଢିବାରୁ ପରିବାରର ଶକ୍ତି ବିଲ୍‌ରେ ୮୦% ବୃଦ୍ଧି ଘଟାଇଛି। ଆଗାମୀ ମାସଗୁଡ଼ିକରେ ଅନେକ ନିମ୍ନ ଆୟବର୍ଗର ଦେଶ ଏହାଦ୍ୱାରା ପ୍ରଭାବିତ ହେବେ। ସବୁଠୁ ଖରାପ ହେଉଛି, ଚଳିତ ବର୍ଷ ଅନେକ ଯନ୍ତ୍ରଣା ଅନୁଭବ କରିସାରିଲୁଣି। ଯଦି ଶକ୍ତି ପାଇଁ ଆମେ ଜୀବାଶ୍ମ ଇନ୍ଧନ ଉପଯୋଗ କରିଚାଲୁ ତେବେ ଆମକୁ ଆଗକୁ ଏକ ଭୟଙ୍କର ଯନ୍ତ୍ରଣା ଅପେକ୍ଷା କରିଛି ବୋଲି କୁହାଯାଇପାରେ ;ଯାହା ତୁଳନାରେ ଏକବାର ଯନ୍ତ୍ରଣା କିଛି ନୁହେଁ। ଚଳିତବର୍ଷ ପ୍ରାରମ୍ଭରେ ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ( ଆଇପିସିସି) ସତର୍କ କରିଦେଇଛି ଯେ, ପ୍ରଳୟଙ୍କରୀ ଉତ୍ତପ୍ତ ପରିବେଶ ଦୂର କରିବାକୁ ହେଲେ ଆମକୁ ନୂତନ ଜୀବାଶ୍ମ ଇନ୍ଧନ ଭିତ୍ତିଭୂମି ଗଠନରୁ କ୍ଷାନ୍ତ ହେବାକୁ ପଡ଼ିବ। ଆମେ ବ୍ୟବହାର କରିଆସୁଥିବା ଜୀବାଶ୍ମ ଇନ୍ଧନକୁ ଶୀଘ୍ର ପର୍ଯ୍ୟାୟକ୍ରମେ ଶେଷ କରିବାକୁ ହେବ। ଏହିପରି ୨୦୨୧ରେ ଇଣ୍ଟର୍‌ନ୍ୟାଶନାଲ ଏନର୍ଜି ଏଜେନ୍ସି (ଆଇଇଏ)ର ମୁଖ୍ୟ ଘୋଷଣା କରିଥିଲେ ଯେ, ଯଦି ଜଳବାୟୁ ସଙ୍କଟ ଉପରେ ସରକାରଗୁଡ଼ିକ ଗମ୍ଭୀର ଭାବେ ଚିନ୍ତା କରନ୍ତି, ତେବେ ଚଳିତ ବର୍ଷରୁ ଏପରିକି ଏବେଠାରୁ ନିଶ୍ଚିତ ଭାବେ ତୈଳ, ଗ୍ୟାସ୍ ଏବଂ କୋଇଲା ଉପରେ ନୂତନ ନିବେଶ ହେବ ନାହିଁ।



ଏବକାର ବୈଶ୍ୱିକ ସଙ୍କଟ ବର୍ତ୍ତମାନର ଶକ୍ତି ବ୍ୟବସ୍ଥା ବା ପ୍ରକ୍ରିୟାଦ୍ୱାରାସମାଧାନହୋଇପାରିବବୋଲିଭାବିବାପାଗଳାମି। ଜୀବାଶ୍ମ ଇନ୍ଧନ ଭିତ୍ତିଭୂମିରେ ଅଧିକ ନିବେଶ ଓ ଜଡ଼ିତ ହେବା ଫଳରେ ପରିବାରଗୁଡ଼ିକ ପାଇଁ ତାହା ଅଧିକ ଯନ୍ତ୍ରଣାଦାୟକ ହେବ,ପରିବାରଗୁଡ଼ିକ ପାଇଁ ଅନିଶ୍ଚିତତା ଆଣିବ। ଏହାସହ ଅନେକ ଶହ କୋଟି ଲୋକଙ୍କ ପାଇଁ ବାସ ଅନୁପଯୁକ୍ତ ଜଳବାୟୁ ସ୍ଥିତି ସୃଷ୍ଟି କରିବ, ଯାହା ଏବେ ଆମେ ସାମ୍ନା କରୁଛୁ। ଓଇସିଡି ଏବଂ ଆଇଇଏ ରିପୋର୍ଟ ଦର୍ଶାଇଛି ଯେ, ବିଭିନ୍ନ ଦେଶରେ ସରକାର ଜୀବାଶ୍ମ ଇନ୍ଧନ ପାଇଁ ଦେଉଥିବା ସବ୍‌ସିଡି ୨୦୨୧ରେ ଦୁଇଗୁଣ ହୋଇ ୬୯୭ ବିଲିୟନ ଡଲାରରେ ପହଞ୍ଚିଥିଲା।

ସମସ୍ତଙ୍କ ପାଇଁ ଆମେ ଯଦି ସହନୀୟ, ସ୍ୱଚ୍ଛ ଓ ଶସ୍ତା ଶକ୍ତି ଚାହୁଁ ତେବେ ଶୀଘ୍ର ପ୍ରଭାବଶାଳୀ ସମାଧାନ ବାଟ ଅପଣାଇବାକୁ ପଡ଼ିବ। ଆମକୁ ଅକ୍ଷୟଶକ୍ତି କ୍ଷମତା ଏବଂ ସମନ୍ୱିତ ପାୱାର ଗ୍ରୀଡ୍ ସଂଖ୍ୟା ବୃଦ୍ଧି କରିବାକୁ ହେବ। ଗ୍ୟାସ୍‌ରୁ ଉତ୍ପାଦିତ ବିଦ୍ୟୁତ୍ ତୁଳନାରେ ଏବେ ପବନ ଓ ସୂର୍ଯ୍ୟାଲୋକରୁ ଉତ୍ପାଦିତ ବିଦ୍ୟୁତ୍ ଶସ୍ତା ହୋଇଛି। ତେବେ ଇଂଲଣ୍ଡରେ ଶାସନକୁ ଆସିଥିବା ସରକାରଗୁଡ଼ିକ ଏକ ଅକ୍ଷୟଶକ୍ତି କ୍ଷମତା ସୃଷ୍ଟି କରିବାକୁ ବିଫଳ ହୋଇଛନ୍ତି। ଘର ମାଲିକମାନେ ନିଜ ଚେଷ୍ଟାରେ ସୋଲାର୍ ପ୍ୟାନେଲ୍ ବସାଉଛନ୍ତି। କାରଣ ସେମାନେ ଜାଣନ୍ତି ଯେ, ଏଥିରେ ନିବେଶ କଲେ ଶକ୍ତି ସମ୍ପର୍କିତ ବିଲ୍ କମ୍ ହୋଇପାରିବ ଓ ସେହି ବାଟରେ ନିବେଶ ଅର୍ଥ ବି ଫେରସ୍ତ ମିଳିଯିବ। ଆଫ୍ରିକାର ଗ୍ରାମୀଣ ଅଞ୍ଚଳରେ ଅଧିକରୁ ଅଧିକ ଲୋକଙ୍କ ପାଖରେ ଶକ୍ତି ପହଞ୍ଚାଇବାରେ ଅକ୍ଷୟଶକ୍ତିଗୁଡ଼ିକ ହେବ ସବୁଠୁ ଶସ୍ତା ଓ ଦ୍ୱରିତ ମାଧ୍ୟମ । କାରଣ ସେଗୁଡ଼ିକୁ ଶକ୍ତି ଉପଯୋଗର ନିକଟରେ ସ୍ଥାପିତ କରାଯାଇପାରିବ।

ଶକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବା ଦରକାର। ଏକ୍ଷେତ୍ରରେ ବିକଶିତ ଦେଶଗୁଡ଼ିକ ନିଜ କାର୍ଯ୍ୟପନ୍ଥା ଆପଣାଇପାରିବେ। କିନ୍ତୁ ସେମାନେ ଲାଟିନ୍‌ଆମେରିକା, ଏସିଆ ଓ ଆଫ୍ରିକାର ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଲାଗି ଅଧିକ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ଦରକାର। ଅନ୍ତର୍ଜାତୀୟ ଅକ୍ଷୟ ଶକ୍ତି ସଂସ୍ଥା ଆକଳନ କରିଛି ଯେ, ସଭିଙ୍କ ଲାଗି ସବୁଜ ଶକ୍ତି ଯୋଗାଣକୁ ନିଶ୍ଚିତ କରିବାକୁ ଆଫ୍ରିକା ପାଇଁ ବାର୍ଷିକ ୭୦ ବିଲିୟନ ଆମେରିକୀୟ ଡଲାର ଆବଶ୍ୟକ ହେବ। ଏହାବାଦ୍ ବିଶ୍ୱରେ ପ୍ରମୁଖ ଆର୍ଥିକ ସଙ୍କଟର କାରଣ ପାଲଟିଥିବା ଚାଇନା ଉପରେ ଅନେକ ଦେଶର ନିର୍ଭରଶୀଳତା କମ୍ କରିବା ନିମନ୍ତେ ସୌର ଶକ୍ତି ଯୋଗାଣରେ ଅତ୍ୟଧିକ ନିବେଶ କରିବାକୁ ହେବ।

ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ କପ୍ ୨୬ ସମ୍ମିଳନୀରେ ଜଳବାୟୁ ସଙ୍କଟକୁ ପ୍ରତିହତ କରିବାରେ ସ୍ଥିରୀକୃତ ଅର୍ଥ ଯୋଗାଡ଼ ଓ ଯୋଗାଣର ଅଭାବ ବିଷୟ ଥିଲା ମୁଖ୍ୟ ଆଲୋଚନାର ପ୍ରସଙ୍ଗ। ୨୦୨୦ ସୁଦ୍ଧା ପ୍ରତିବର୍ଷ ବିକାଶଶୀଳ ଦେଶଗୁଡ଼ିକୁ ୧୦୦ ବିଲିୟନ ଆମେରିକୀୟ ଡଲାର ଯୋଗାଇଦେବାକୁ ଧନୀଦେଶଗୁଡ଼ିକ ୨୦୦୯ରେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଏଯାବତ୍ ପୂରଣ ହୋଇନାହିଁ। ବିକଶିତ ଦେଶଗୁଡ଼ିକରୁ ସରକାରୀ ଓ ଘରୋଇ କ୍ଷେତ୍ରରୁ ଅତ୍ୟଧିକ ଅର୍ଥ ଯୋଗାଡ଼ କରି ବିକାଶଶୀଳ ଓ ଗରିବ ଦେଶଗୁଡ଼ିକୁ ଯୋଗାଇ ନ ଦେଲେ ଏକ ଉତ୍ତମ ଶକ୍ତି ବ୍ୟବସ୍ଥାରେ ବୈଶ୍ୱିକ ପରିବର୍ତ୍ତନ ହୋଇପାରିବ ନାହିଁ। ନିବେଶରୁ ସମସ୍ତେ ଲାଭ ପାଇବାକୁ ଥିବାରୁ ଉତ୍ତର ଆମେରିକା, ୟୁରୋପ ଓ ଅଷ୍ଟ୍ରେଲିଆ ଦେଶ ସମୂହ , ବିକାଶ କ୍ଷେତ୍ରରେ ଜଡ଼ିତ ବ୍ୟାଙ୍କ ଏବଂ ଘରୋଇ ଅନୁଷ୍ଠାନଗୁଡ଼ିକ କପ୍୨୭ ସମ୍ମିଳନୀରେ ଏହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ଉଚିତ।

ବିଶ୍ୱରେ ଶକ୍ତି, ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବାର ମୂଲ୍ୟବୃଦ୍ଧି ଜନିତ ସଙ୍କଟ ସବୁଠି ଲୋକଙ୍କୁ ପ୍ରଭାବିତ କରୁଛି। ଇଂଲଣ୍ଡ ଓ ଉଗାଣ୍ଡାର ଉତ୍ତରାଞ୍ଚଳରୁ ଆରମ୍ଭ କରି ଫ୍ଲୋରିଡା ଓ ପାକିସ୍ତାନ ଯାଏ, ଅସହ୍ୟ ଗ୍ରୀଷ୍ମ ଓ ପ୍ରଳୟଙ୍କରୀ ବନ୍ୟାର ନକାରାତ୍ମକ ସ୍ଥିତିକୁ ସମ୍ମୁଖୀନ ହେଉଛି। ଏହି ସମୟରେ ସହନୀୟ ତଥା ସବୁଜ ଶକ୍ତିରେ ଅଧିକ ନିବେଶ ସେମାନଙ୍କ ପାଇଁ ଲାଭଦାୟକ ହେବ। ଏବକାର ଜୀବାଶ୍ମ ଇନ୍ଧନରୁ ଶକ୍ତି ଉତ୍ପାଦନ ପ୍ରକ୍ରିୟା, ବିଶ୍ୱରେ ଦେଖାଯାଉଥିବା ନିଷ୍କ୍ରିୟ ଗଣତାନ୍ତ୍ରିକ ବ୍ୟବସ୍ଥା, ବୃଦ୍ଧିପାଉଥିବା ଅସମାନତା, ସାମାଜିକ ଅସ୍ଥିରତା ଏବଂ ଅନ୍ୟସବୁ ଗମ୍ଭୀର ଢାଞ୍ଚାଗତ ଓ ବ୍ୟବସ୍ଥାଗତ ସମସ୍ୟାକୁ ଆମେ ଦୂର ନ କଲେ ସ୍ଥିତି ଆହୁରି ଗମ୍ଭୀର ହେବା ସମ୍ଭାବନା ରହିଛି। ଏବେ ଯଦି ଆମେ ଠିକ୍ ନିଷ୍ପତ୍ତି ନେବା ତା' ହେଲେ ଆମେ ଏକ ଅଧିକ ସ୍ଥାୟୀ, ସମାନତାସମ୍ପନ୍ନ ଏବଂ ସମୃଦ୍ଧ ଭବିଷ୍ୟତ ପାଇଁ ସହନୀୟ ପରିବେଶ ଓ ଶକ୍ତି ବ୍ୟବସ୍ଥା ସୃଷ୍ଟି କରିପାରିବା।

# ପ୍ରଦୂଷଣ ଭୟାବହତା



ଶେଖ ଫରିଦ୍‌ଉଦ୍ଦିନ

ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳରେ କିଛିଦିନ ତଳେ ସଂପ୍ରତି ପ୍ରଦୂଷଣର ମାତ୍ରା ଚିନ୍ତାଜନକ ସ୍ଥିତିରେ ପହଞ୍ଚିବା ପରେ ଏହାର ପ୍ରତିକାର ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଯାଇଥିଲା। ଏବେ ଶୀତକାଳୀନ କୁହୁଡ଼ି ସହ ପ୍ରଦୂଷଣ ଏକ ପ୍ରକାର ସାଙ୍ଘାତିକ ପରିବେଶ ସୃଷ୍ଟି କରିଛି। ଦିଲ୍ଲୀ, ପଞ୍ଜାବ, ହରିୟାଣା ତିନୋଟି ରାଜ୍ୟ ଏହି ପ୍ରଦୂଷଣର ସାଂଘାତିକ ଭାବେ ଶିକାର ହେଉଛନ୍ତି। ଉପରୋକ୍ତ ରାଜ୍ୟ ସରକାରମାନେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନ ଥିବାରୁ ଓ ଏହା ଲୋକଙ୍କ ଜୀବନ ଧାରଣର ଅଧିକାରକୁ ଉଲ୍ଲଂଘନ କରୁଥିବାରୁ କମିଶନ ନିଜ ଆଡ଼ୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟବସ୍ଥା, ସଂସ୍ଥାମାନେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ତତ୍ପରତାର ସହ କାର୍ଯ୍ୟକରି ଲୋକଙ୍କୁ ବଡ଼ଧରଣର ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଓ ତତ୍କାଳ ପଦକ୍ଷେପ ନିଅନ୍ତୁ। କେବଳ ଏହି ବର୍ଷ ନୁହେଁ ପ୍ରତିବର୍ଷ ଘନ କୁହୁଡି ଓ ବିଷାକ୍ତ ବାୟୁ ଲୋକମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ପାଲଟିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ତତ୍କାଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକମାନଙ୍କୁ ସ୍ୱଚ୍ଛ ବାତାବରଣର ଅଧିକାର ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚିତ କରିଛନ୍ତି। ସରକାର ଲୋକଙ୍କଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁଶନ୍ କଣ୍ଟ୍ରୋଲ ବୋର୍ଡର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ୧୦ବର୍ଷର ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ କରାଯିବା ପରେ ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିକଟରେ ପ୍ରକାଶ ପାଇଛି ଲାନ୍‌ସେଟ କମିଶନ ଅଫ୍ ହେଲ୍‌ଥ ଆଣ୍ଡ ପଲ୍ୟୁଶନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୧୯ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୯.୪ ମିଲିୟନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତରେ ଏହି ସଂଖ୍ୟାର ଅଂଶ ହେଉଛି ୨.୭୪ ମିଲିୟନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶି ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱରେ ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିୟନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ପ୍ରତିଶତ ଅର୍ଥାତ୍ ୨.୪ ମିଲିୟନ୍।

ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ, ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧ୍ୟମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡିପିର ୦.୩୨ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ, ଏହି ବର୍ଗର ଦେଶମାନଙ୍କରେ ହୋଇଥାଏ। ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁ ଏହା ମଧ୍ୟ ଲୋକମାନଙ୍କର ବ୍ୟୟଭାରକୁ ଯଥେଷ୍ଟ ବଢ଼ାଇ ଦିଏ, ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥାଏ। ଏହା ଯଦି ହାର୍ଟ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କକୁ ପ୍ରଭାବିତ କରେ, ତାହାହେଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧ/ସଂଜ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାର ସମ୍ଭାବନା ବଢ଼ି ଯାଏ। ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟାବହ ପରିଣତିକୁ ଦର୍ଶାଯାଇଛି। ତେଣୁ ଆର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ପ୍ରଦୂଷଣ ପ୍ରତିରୋଧ କରିବା ବର୍ତ୍ତମାନ ସମୟରେ କେବଳ ଅତ୍ୟାବଶ୍ୟକ ନୁହେଁ, ଅପରିହାର୍ଯ୍ୟ ଏବଂ ଜାତୀୟ କାର୍ଯ୍ୟକ୍ରମରେ ଏହା କିପରି ପ୍ରାଥମିକତା ପାଇବା ଉଚିତ ତା'ର ସଙ୍କେତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି ରିପୋର୍ଟରୁ ମିଳେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପରଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ।

**ମଧୁପୁର, କୁଆଁପାଳ, କଟକ,**
**ମୋ : ୯୪୩୭୦୦୪୮୮୮**

## ଏଇ ଭାରତରେ

'ସାଝେ ସ୍ୱପ୍ନ'-ନାଁଟି ଶୁଣିବାକୁ ଯେମିତି କାମ ବି ସେମିତି। ଏହା ହେଉଛି ସେହି ଏନ୍‌ଜିଓ, ଯାହା ହିମାଚଳପ୍ରଦେଶ ଗ୍ରାମୀଣ ମହିଳାମାନଙ୍କ ନିଯୁକ୍ତି ସ୍ୱପ୍ନ ପୂରଣ କରିବାରେ ଲାଗିଛି। ଏହାର ପ୍ରତିଷ୍ଠାତା ସୁରଭି ଯାଦବ। ସୁରଭି ଉକ୍ତ ଏନ୍‌ଜିଓ ମାଧ୍ୟମରେ ମହିଳାମାନଙ୍କୁ ମାର୍କେଟ ଜବ୍ ଯୋଗାଇ ଦେଉଛନ୍ତି। ସେ ଦିଲ୍ଲୀ ଆଇଆଇଟିରୁ ଶିକ୍ଷା ଶେଷ କରିବା ପରେ ମହିଳାମାନଙ୍କ ମଧ୍ୟରେ ନିଯୁକ୍ତିର ନୈରାଶ୍ୟଜନକ ସ୍ଥିତି ଦେଖି ଉକ୍ତ କାର୍ଯ୍ୟ ଆରମ୍ଭ କରିଥିଲେ। କୋଭିଡ୍ ମହାମାରୀ ସମୟରେ ଲୋକମାନଙ୍କୁ ସାହାଯ୍ୟ କରିବା ବେଳେ ମହିଳାମାନଙ୍କ ଶିକ୍ଷାର ଆବଶ୍ୟକତା ରହିଥିବା ଅନୁଭବ କରିଥିଲେ। ସେମାନଙ୍କ ନିକଟରେ ଇଣ୍ଟରନେଟ୍ ସବୁଧା ବି ନ ଥିଲା, ଯେଉଁଥିପାଇଁ ସେ ୨୦୨୦ରେ ପ୍ରଥମେ ୫ ଜଣ ଝିଅଙ୍କୁ ପଢ଼ାଇବା ଆରମ୍ଭ କରିବା ପରେ 'ସାଝେ ସ୍ୱପ୍ନ' ସଂସ୍ଥା ଗଢ଼ିଥିଲେ। ଏବେ ଝିଅମାନଙ୍କୁ କୁହାଯାଉଛି 'ସ୍ୱପ୍ନୱାଲି' ବା ଡ୍ରିମର୍ସ ଏବଂ ସେମାନେ ଯେଉଁଠି ପଢୁଛନ୍ତି ତାହାକୁ କୁହାଯାଉଛି 'ସ୍ୱପ୍ନ ସେଣ୍ଟର'(ଡ୍ରିମ୍ ସେଣ୍ଟର)। ହିମାଚଳପ୍ରଦେଶ ବ୍ୟତୀତ ଦେଶର ବିଭିନ୍ନ ରାଜ୍ୟରେ ଏଭଳି ସେଣ୍ଟର ଖୋଲିବାକୁ ସୁରଭି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ନଭେମ୍ବର ୧୯୯୭**

- ଉତ୍ତର ଇରାକରେ ଦୁଇ କୁର୍ଦ୍ଦିସ ବିଦ୍ରୋହୀଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ଘଟି ଶତାଧିକ ବ୍ୟକ୍ତି ନିହତ।
- ଦୀର୍ଘ ସମୟ ଧରି ରହିଆସିଥିବା ସୀମା ବିବାଦର ଅବସାନ ଘଟାଇ ଚୀନ ଓ ରୁଷିଆ ମଧ୍ୟରେ ବୁଝାମଣା ଚୁକ୍ତି ସ୍ୱାକ୍ଷରିତ।
- ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ନେତୃତ୍ୱରେ ପରିଚାଳିତ ଓଡ଼ିଶା ସୋସାଲିଷ୍ଟ ପାର୍ଟି ଆନୁଷ୍ଠାନିକ ଭାବେ ହେଗଡେଙ୍କ ଲୋକଶକ୍ତି ଦଳରେ ସାମିଲ।

# ଆଶା ଆଶଙ୍କାର ରୂପ ନେଲାଣି



ବୈକୁଣ୍ଠନାଥ ମିଶ୍ର

ଆଶା ଓ ଆଶଙ୍କା- ଦୁହେଁ ଭବିଷ୍ୟତର ମାର୍ଗଦର୍ଶିକା ହୋଇଥିଲେ ମଧ୍ୟ ଆଶା ଅସ୍ତିବାଚକ ହୋଇଥିଲା ବେଳେ ଆଶଙ୍କା ନାସ୍ତିତ୍ୱର ପ୍ରତୀକ। ଆଶା ଅତୀତର ସ୍ତମ୍ଭ ଉପରେ ଦଣ୍ଡାୟମାନ ହୋଇ ବର୍ତ୍ତମାନକୁ ଗତିଶୀଳ କରି ଭବିଷ୍ୟତକୁ ଆବାହନ କରେ। କିନ୍ତୁ ଆଶଙ୍କା ପ୍ରତିକ୍ଷଣ ତା'ର ଉପସ୍ଥିତି ଜାହିର କରୁଥାଏ ଓ ଯେକୌଣସି ମୁହୂର୍ତ୍ତରେ ଆତ୍ମପ୍ରକଟ କରି ଆଶାର ବିପରୀତ ଫଳ ପ୍ରଦାନ କରେ। ଭାରତୀୟମାନେ କେତେ ଆଶା ନେଇ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରକୁ ପ୍ରତିଷ୍ଠିତ କରି ସୁଶାସନକୁ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। କିନ୍ତୁ ଶାସନଭାର ଗ୍ରହଣ କରିବାର ଆଠବର୍ଷ ପରେ କ୍ରମେ ସେ ଆଶାଗୁଡ଼ିକ ଆଶଙ୍କାର ରୂପ ନେବାକୁ ଲାଗିଲାଣି। ଏପରି କି ଗ୍ରାମାଞ୍ଚଳର ସ୍ୱଳ୍ପ ଶିକ୍ଷିତ ଜନତା ଏହାକୁ ଏକ ଭାଷଣ ସର୍ବସ୍ୱ ସରକାର ବୋଲି ମନେକଲେଣି। ଓଡ଼ିଶାବାସୀ ତାଙ୍କ ସାମ୍ନାରେ ଦୁଇଜଣ ଦଳପତିଙ୍କୁ ଦେଖୁଛନ୍ତି। ସ୍ୱଚ୍ଛ ଭାରତ, ଡିଜିଟାଲ ଇଣ୍ଡିଆ, କ୍ୟାଶଲେସ୍ ଟ୍ରାଞ୍ଜାକ୍‌ଶନ, ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟ ଅଫ୍ ଇଣ୍ଡିଆ ଭଳି ସ୍ଲୋଗାନରେ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁ, ଉତ୍କଟ ଫସଲହାନି ସାମ୍ନା କରୁଥିବା କୃଷକ, ଦାଦନ ଖଟୁଥିବା ଶ୍ରମିକ, ବେରୋଜଗାରିକୁ ସାମ୍ନା କରୁଥିବା ଯୁବକ, ଜଳର ସନ୍ଧାନରେ ପ୍ରତ୍ୟହ କଳସ ଧରି ଚାରି କିଲୋମିଟର ବାଟ ଚାଲୁଥିବା ଗ୍ରାମୀଣ ନାରୀ କିମ୍ବା ମଦ୍ୟପ ସ୍ୱାମୀର ନିର୍ଯାତନା ସହୁଥିବା ସ୍ତ୍ରୀଟିର କ'ଣ ଦୁଃଖ ଘୁଞ୍ଚିବ ? ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି, ନିତ୍ୟବ୍ୟବହାର୍ଯ୍ୟ ଖାଉଟି ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଗରିବଙ୍କ ମେରୁଦଣ୍ଡ ଭାଙ୍ଗିଦେଲାଣି। ବିମୁଦ୍ରୀକରଣ ସମୟରେ ମୋଦିଜୀଙ୍କ ଭାଷଣ 'ଧନୀର ନିଦ ହଜିଯିବ ଓ ଗରିବ ସୁଖନିଦ୍ରା ଯିବ' ବାସ୍ତବରେ ବିପରୀତ ହୋଇଛି। ଧନୀ ଅଧିକ ଧନୀ ହୋଇଛି ଓ ଗରିବ ଅଧିକ ଗରିବ ହୋଇଛି। ସବୁଠାରୁ ବେଶି ନିର୍ଯାତିତ ମଧ୍ୟବର୍ଗର ଦୁଃଖ ଅବର୍ଣ୍ଣନୀୟ। ବିମୁଦ୍ରୀକରଣର ବିଫଳତାକୁ ଲକ୍ଷ୍ୟକରି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଆପତ୍ତି ଉଠାଇଛନ୍ତି ଓ ଏହାର ତର୍ଜମା ପାଇଁ ପ୍ରୟାସ କରୁଛନ୍ତି। ସେ କେନ୍ଦ୍ର ସରକାର ହେଉ ଅବା ପ୍ରାଦେଶିକ ସରକାର ହୁଅନ୍ତୁ ଜନତାର ବାସ୍ତବ ଦୁଃଖର କରାଳ ଚିତ୍ର ସେମାନଙ୍କର ଦୃଷ୍ଟିଗୋଚର ହେଉନାହିଁ। ନେତାଙ୍କୁ ଆବେଷ୍ଟନୀ ମଧ୍ୟରେ ରଖିଥିବା ସମ୍ଭ୍ରାନ୍ତମାନଙ୍କର ଚାଟୁକାରୀଙ୍କୁ ଭେଦ କରି ଜନତାର ଦୁଃଖ ଶୁଣିବା ଓ ତା'ର ଦ୍ୱରିତ ପ୍ରତିକାର କରିବା ନେତାଙ୍କ ପକ୍ଷେ କ'ଣ ଏତେ ସହଜ!

ଦେଶର ସମୁଦାୟ ସମ୍ପତ୍ତିର ନବେଭାଗର ମାଲିକ ହେଉଛନ୍ତି ମାତ୍ର ଦଶଭାଗ ଲୋକ ଓ ଦଶଭାଗ ସମ୍ପତ୍ତି ଅଛି ୯୦ଭାଗ ଲୋକଙ୍କ ହାତରେ। ଧନୀର ଧନବୃଦ୍ଧି ଜାତୀୟ ଆର୍ଥିକ ଅଭିବୃଦ୍ଧିକୁ ସୂଚିତ କରୁଥାଇ ପାରେ; ମାତ୍ର ଏହା ଆର୍ଥିକ ବିକାଶର ସୂଚକ ନୁହେଁ। ଆମ ଦେଶରେ ଦୈନିକ ୫୦ଟଙ୍କା ଖର୍ଚ୍ଚ କରିପାରୁ ନ ଥିବା ପରିବାରର ସଂଖ୍ୟା ସମୁଦାୟ ପରିବାର ସଂଖ୍ୟାର ୨୧.୯ ପ୍ରତିଶତ। ଭାରତରେ ପ୍ରତିବର୍ଷ ପ୍ରାୟ ୨୫ଲକ୍ଷ ଲୋକ ଅନାହାର ମୃତ୍ୟୁର ଶିକାର ହେଉଛନ୍ତି। ବର୍ତ୍ତମାନ ଭାରତର ସ୍ଥିତି ପଡ଼ୋଶୀ ଦେଶ ତୁଳନାରେ ନୈରାଶ୍ୟଜନକ। ବୈଶ୍ୱିକ ସୁଖୀ ଦେଶ ତାଲିକାରେ ଭାରତର ସ୍ଥାନ ୧୩୩। ଅର୍ଥାତ୍ ୧୩୨ଟି ଦେଶ ଭାରତଠାରୁ ଅଧିକ ସୁଖୀ। ପାକିସ୍ତାନ, ବାଂଲାଦେଶ, ଭୁଟାନ, ମ୍ୟାନ୍‌ମାର, ନେପାଳ ପ୍ରଭୃତି ଦେଶ ଭାରତଠାରୁ ଅଧିକ ସୁଖୀ। କ୍ଷୁଧା ପୀଡ଼ିତ ଦେଶ ହିସାବରେ ଭାରତ ମଧ୍ୟ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ଅଛି। ଏକଦା ସୁଖଶାନ୍ତିର ଦେଶଭାବେ ବିଶ୍ୱରେ ଖ୍ୟାତି ଅର୍ଜିଥିବା ଭାରତର ଆଜି କି ଦୁରବସ୍ଥା!



ସୁଖ ଶାନ୍ତିର ଦେଶ ଭାରତବର୍ଷର ପୂର୍ବ ଗରିମା ଆଉ ନାହିଁ। ସର୍ବତ୍ର ଏକ ଅନିର୍ବଚନୀୟ ନୈରାଶ୍ୟ, ହତାଶା, ଦୁଃଖର କରାଳଚିତ୍ର ପରିଦୃଷ୍ଟ। ଏଥିପାଇଁ ବିଭିନ୍ନ ସମୟରେ ଶାସନ ଗାଦି ଅଳଙ୍କୃତ କରୁଥିବା ଶାସକ ବର୍ଗକୁ ହିଁ ଦାୟୀ କରାଯାଇ ପାରେ। ସରକାର ଦେଶବାସୀଙ୍କ ସମ୍ମୁଖରେ ବିକାଶର ଯେଉଁ ଚିତ୍ର ପ୍ରଦର୍ଶନ କରୁଛନ୍ତି ତାହା ସନ୍ଦେହାଚ୍ଛନ୍ନ। 'ନ୍ୟୁ ୱାର୍ଲଡ୍ ୱେଲ୍‌ଥ'ର ୨୦୧୭ ରିପୋର୍ଟ ଅନୁସାରେ ଭାରତ ବିଶ୍ୱର ଷଷ୍ଠ ଧନୀଶାଳୀ ଦେଶ। ଭାରତର ମୋଟ ସମ୍ପତ୍ତିର ମୂଲ୍ୟ ୮.୨୩ ଲକ୍ଷକୋଟି ଡଲାର। ଆମେରିକା ୬୪.୫୮ଲକ୍ଷ ଡଲାର ସହ ପ୍ରଥମ ସ୍ଥାନ ଅକ୍ତିଆର କରିଛି। ଆମେରିକାକୁ ବାଦ୍ ଦେଲେ ଭାରତ ଉପରକୁ କ୍ରମାନ୍ୱୟରେ ଥିଲେ ଜର୍ମାନୀ, ଇଂଲଣ୍ଡ, ଜାପାନ, ଚାଇନା । ଏହା ସରକାରୀ ସମ୍ପତ୍ତିକୁ ବାଦ୍ ଦେଇ କେବଳ ବ୍ୟକ୍ତିଗତ ବା ବେସରକାରୀ ସମ୍ପତ୍ତିର ହିସାବ। ଆଶ୍ଚର୍ଯ୍ୟର କଥା ୨୦୨୨ ଆର୍ଥିକବର୍ଷ ଶେଷ ସୁଦ୍ଧା ଭାରତର ସମ୍ପତ୍ତିର ମୂଲ୍ୟ ବୃଦ୍ଧି ପାଇ ଭାରତକୁ ତୃତୀୟ ସ୍ଥାନରେ ଅବସ୍ଥାପିତ କରିଛି। ଭାରତ ଉପରକୁ ଅଛନ୍ତି ଚାଇନା ଓ ଆମେରିକା। ବର୍ତ୍ତମାନ ଚିନ୍ତା କରିବାର କଥା ଭାରତର ସାମୂହିକ ଦାରିଦ୍ର୍ୟ, ବେରୋଜଗାରି, କ୍ଷୁଧାର ତାଣ୍ଡବ ସତ୍ତ୍ୱେ ଭାରତର ସମ୍ପତ୍ତି ଅକଳନୀୟ ଭାବେ ବୃଦ୍ଧି ପାଇଛି। ଧନୀର ଧନ ଯେଉଁ ପରିମାଣରେ ବୃଦ୍ଧି ପାଇଛି, ଗରିବ ମଧ୍ୟ ସମପରିମାଣରେ ଅଧିକ ଗରିବ ହୋଇଛି।

ମଧୁବାବୁଙ୍କ ଭାଷାରେ 'ଗୋଦର ଗୋଡ଼ରେ ମାଉଁସ ଲାଗିଲେ ଦେହର କି ଶୁଭଗଣି ?' ସମଗ୍ର ଶରୀର ଶୀର୍ଣ୍ଣ ଓ କ୍ଷୀଣତାରେ ଆକ୍ରାନ୍ତ ହୋଇ କେବଳ ଗୋଟିଏ ଗୋଡ ବାତଜ୍ୱରଜନିତ ମାଂସବୃଦ୍ଧିରେ ଶରୀର ସୁନ୍ଦରତା ହରାଇ ଯେପରି ପୀଡ଼ିତକୁ କେବଳ କଷ୍ଟଦିଏ ଠିକ୍ ସେହିପରି କିଛି ବ୍ୟକ୍ତିଙ୍କ ଧନବୃଦ୍ଧି ଦେଶର ସାଧାରଣ ଜନତାଙ୍କ ପ୍ରତି ଏକ ଦାରୁଣ ଉପହାସ ସଦୃଶ। ଭାରତକୁ ଯଥାର୍ଥରେ କୁହାଯାଇଛି ଏକ ଧନଶାଳୀ ରାଷ୍ଟ୍ର ଯେଉଁଠି ସଂଖ୍ୟାଧିକ ଗରିବ ବାସ କରନ୍ତି। ଇନ୍ଦିରାଙ୍କର 'ଗରିବ ହଟାଓ' ଯୋଜନାଠାରୁ ଆରମ୍ଭ କରି ଦେଶର ମାଳ ମାଳ ଯୋଜନା ପ୍ରସ୍ତୁତ ହେଉଥିଲେ ମଧ୍ୟ ଗରିବର ଭାଗ୍ୟ ଘୋର ତିମିରାଚ୍ଛନ୍ନ। ଆଶା ଆଶଙ୍କାର ରୂପ ନେଇ ସାରିଲାଣି। ଜ୍ଞାନୀ, ବୁଦ୍ଧିଜୀବୀ ଆଶଙ୍କା କଲେଣି ଯେ ଭାରତବର୍ଷ ଗରିବ ଦେଶର ଏକ ନୂଆ ପରିଚୟ ନେଇ ବିଶ୍ୱରେ ଉଭା ହେବାକୁ ଆଉ ବେଶିଦିନ ଡେରିନାହିଁ। ସ୍ୱାଧୀନୋତ୍ତର ଭାରତବର୍ଷରେ ବିକାଶର ଯେଉଁ ଆଲୋକରଶ୍ମି ଦେଶବାସୀଙ୍କ ମନରେ ଜାଗିଉଠିଥିଲା, ତାହା କ୍ରମେ ଫିକା ପଡ଼ିଲାଣି।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ଏଡ୍‌ସ ନିୟନ୍ତ୍ରଣ କର୍ମଚାରୀଙ୍କୁ ଅଣଦେଖା

ମହାଶୟ,

ଦୀର୍ଘ ୨୦ବର୍ଷ କେବଳ ଏଡ୍‌ସ ନିୟନ୍ତ୍ରଣ ନୁହେଁ ବରଂ ରାଜ୍ୟର କୋଭିଡ ନିୟନ୍ତ୍ରଣ, ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ସଫଳତା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଥିବା ଏଡ୍‌ସ ନିୟନ୍ତ୍ରଣ କର୍ମଚାରୀମାନେ ଚୁକ୍ତିଭିତ୍ତିକ ନିୟମିତକରଣ ହେବାରୁ ବଞ୍ଚିତ ହୋଇଛନ୍ତି। ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ୧୯୯୮ରୁ ରାଜ୍ୟରେ ଆରମ୍ଭ ହୋଇଛି। କର୍ମଚାରୀମାନଙ୍କ ନିଷ୍ଠା ଏବଂ ତ୍ୟାଗ ଦ୍ୱାରା ଏହି କାର୍ଯ୍ୟକ୍ରମର ସଫଳତା ମିଳିଛି ଓ ଏହା ରାଜ୍ୟ ପାଇଁ ସୁନାମ ଆଣିଛି। ଅତି ସ୍ୱଳ୍ପ ବେତନରେ ଏହି କର୍ମଚାରୀମାନେ ମୂଲ୍ୟବାନ ସମୟ କାର୍ଯ୍ୟକ୍ରମ ପାଇଁ ଉତ୍ସର୍ଗ କରିଛନ୍ତି। କିନ୍ତୁ ନିଜର ଅନିଶ୍ଚିତ ଭବିଷ୍ୟତ ନେଇ ଏମାନେ ଚାପଗ୍ରସ୍ତ। ଏପରିକି ଦୀର୍ଘଦିନର ସେବା ପ୍ରଦାନ ପରେ କରୋନା ମୁକାବିଲାରେ କାର୍ଯ୍ୟକରି କେତେକ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ ମଧ୍ୟ ସେମାନଙ୍କୁ କୌଣସି ପ୍ରକାର ସହାୟତା ମିଳିଲା ନାହିଁ। ଏମାନଙ୍କୁ କରୋନା ପ୍ରୋତ୍ସାହନ ରାଶି ମଧ୍ୟ ମିଳିଲା ନାହିଁ। ନିକଟରେ ସରକାରଙ୍କ ଦ୍ୱାରା ଘୋଷିତ ଚୁକ୍ତିଭିତ୍ତିକ ନିୟମିତକରଣ ଯୋଜନାରେ ଏମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ୨୦୧୪ରେ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ଏମାନଙ୍କର ନିୟମିତକରଣ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଏନ.ଓ.ସି ମାଗିଥିଲେ। ଏଣୁ ସରକାର ଏମାନଙ୍କ ଚାକିରିକୁ ନିୟମିତ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ।

**–ସତୀଶ ବିଶ୍ୱାଳ, ସଭାପତି, ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ କର୍ମଚାରୀ କଲ୍ୟାଣ ସଂଘ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବାତାୟନ ପଥେ ଉଡ଼ିଥିଲା ଚାରୁ ପଣତ
ଦେଖି ତାହା
ପରମ ପୁଲକେ ଏ ପରାଣ ହେଲା ଆନତ
ସେ କି ମାୟା !

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 4 | | | 9 | 8 |
| | 5 | | | | 1 | | | |
| 6 | | | | | | | | 2 |
| | | 3 | | | | 6 | | 7 |
| | 7 | | | | | | 8 | |
| | | 9 | 5 | | | 1 | | |
| 3 | 9 | | | 7 | | | | |
| | | | 1 | 8 | 6 | | | |
| | | | | | 2 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 7 | 2 | 6 | 1 | 8 | 9 | 3 |
| 2 | 1 | 9 | 7 | 3 | 8 | 5 | 4 | 6 |
| 8 | 6 | 3 | 5 | 4 | 9 | 7 | 2 | 1 |
| 4 | 5 | 8 | 3 | 2 | 6 | 9 | 1 | 7 |
| 6 | 9 | 1 | 4 | 8 | 7 | 2 | 3 | 5 |
| 3 | 7 | 2 | 9 | 1 | 5 | 6 | 8 | 4 |
| 1 | 2 | 5 | 8 | 7 | 4 | 3 | 6 | 9 |
| 9 | 8 | 4 | 6 | 5 | 3 | 1 | 7 | 2 |
| 7 | 3 | 6 | 1 | 9 | 2 | 4 | 5 | 8 |

ଗତକାଲିର ଉତ୍ତର

**ନିରପେକ୍ଷ ହେବ ପରୀକ୍ଷା**

ଭୁବନେଶ୍ୱର,୧୦।୧୧(ବ୍ୟୁରୋ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ବୋର୍ଡ ଦ୍ୱାରା ପରିଚାଳିତ ପରୀକ୍ଷାଗୁଡ଼ିକ ଅବାଧ ଓ ନିରପେକ୍ଷ ହେବ। ଏଥିପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ ହୋଇଛି। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ସମୀକ୍ଷା ବୈଠକ ବସିଥିଲା। ପରୀକ୍ଷାଗୁଡ଼ିକୁ ନିରପେକ୍ଷ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶା ସମଗ୍ର ଶିକ୍ଷା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ମାଧ୍ୟମିକ ବୋର୍ଡ ଅଧ୍ୟକ୍ଷ ରାମାସିସ ହାଜିରା, ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଖଗେନ୍ଦ୍ର କୁମାର ପାଢ଼ୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୭୦୭ ବିଜୁ ଆଦର୍ଶ କଲୋନି ଲୋକାର୍ପିତ

■ **ଟାଟା ଷ୍ଟିଲ୍ ଫାଉଣ୍ଡେଶନ, ଜାଗା ମିଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**

■ **୨୦୨୩ ଡିସେମ୍ବର ସୁଦ୍ଧା ରାଜ୍ୟର ସବୁ ବସ୍ତି ହେବ ଆଦର୍ଶ କଲୋନି**

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ସହରର ବସ୍ତିବାସିନ୍ଦାମାନଙ୍କ ପାଇଁ ସୁଦିନ ଆସିଛି। ଯେଉଁମାନେ ଆମ ସହରକୁ ଗଢ଼ନ୍ତି, ଦିନରାତି ସହରର ବିକାଶ ପାଇଁ କାମ କରନ୍ତି ଓ ସେବା କରନ୍ତି ସେମାନଙ୍କ ପାଇଁ ଭଲ ଦିନ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୫ଟି ମହାନଗର ନିଗମର ବସ୍ତିବାସିନ୍ଦାମାନଙ୍କ ପାଇଁ ଭୂମି ଅଧିକାର କାର୍ଯ୍ୟକ୍ରମ ଆରମ୍ଭ କରି ଏହା କହିଛନ୍ତି। ସ୍ଥାନୀୟ ଏକ ଘରୋଇ କଲେଜର କନ୍‌ଭେନସନ୍ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ବସ୍ତି ଉନ୍ନୟନ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ୫ଟି ମହାନଗର ନିଗମରେ ବସ୍ତିବାସିନ୍ଦାମାନଙ୍କୁ ଭୂମି ଅଧିକାର ଦେବା ପାଇଁ ଡ୍ରୋନ୍ ସର୍ବେକ୍ଷଣ ଆରମ୍ଭ ହୋଇଛି। ଏଥିପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ବୈଷୟିକ ସହାୟତା ଯୋଗାଇଦେବ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଓ ଜାଗା ମିଶନ ମଧ୍ୟରେ ଏହି କାର୍ଯ୍ୟକ୍ରମ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ୩୩ଟି ସହରାଞ୍ଚଳର ୭୦୭ଟି ବିଜୁ ଆଦର୍ଶ କଲୋନିକୁ ଲୋକାର୍ପିତ କରାଗଲା। ହିଞ୍ଜିଳିକାଟୁ ଓ ଦିଗପହଣ୍ଡି ବର୍ତ୍ତମାନଠାରୁ ସମ୍ପୂର୍ଣ୍ଣ ବସ୍ତିମୁକ୍ତ ସହର ହେବାର ନୂଆ ପରିଚୟ ପାଇଲା। ଏହା ବ୍ୟକ୍ତିଗତ ଭାବେ ତାଙ୍କ ପାଇଁ ବହୁତ ଖୁସିର ବିଷୟ। ଜମି ଅଧିକାର ସହିତ ବସ୍ତି ଅଞ୍ଚଳକୁ ମୌଳିକ ସୁବିଧା ଯୋଗାଇ ଦିଆଯାଇ ବିଜୁ ଆଦର୍ଶ କଲୋନି ଗଠନ କରାଯାଉଛି। ୨୦୨୩ ଡିସେମ୍ବର ସୁଦ୍ଧା ରାଜ୍ୟର ସବୁ ବସ୍ତି ଆଦର୍ଶ କଲୋନିରେ ପରିଣତ ହେବ ଏବଂ ସାରା ରାଜ୍ୟ ବସ୍ତିମୁକ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଜାଗା ମିଶନ କାର୍ଯ୍ୟକ୍ରମ ସାରା ବିଶ୍ୱରେ ସୁନାମ ପାଇଛି। ଜାଗା ମିଶନରେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ୧୦୫ଟି ସହରର ବସ୍ତି ଅଞ୍ଚଳର ୧ ଲକ୍ଷ ୭୦ ହଜାର ପରିବାରକୁ ଜମି ଅଧିକାର ଦିଆଯାଇଛି। ଡିସେମ୍ବର ୨୦୨୩ ସୁଦ୍ଧା ରାଜ୍ୟର ଅଢେଇ ଲକ୍ଷ ବସ୍ତି ପରିବାରକୁ ଭୂମି ଅଧିକାର ଦିଆଯିବ। ୨୦୧୭ରୁ ଆରମ୍ଭ ହୋଇଥିବା ଜାଗା ମିଶନକୁ ଏକ ଆଧ୍ୟାତ୍ମିକ ଯାତ୍ରା ଭାବେ ଯଥେଷ୍ଟ ସଫଳତା ଆଣିପାରିଛି। ବସ୍ତିର ବିକାଶରେ ବସ୍ତି ଉନ୍ନୟନ ସଂଘଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ଏହି ସଂଘଗୁଡିକୁ ଆମେ ସରକାରଙ୍କ ଚତୁର୍ଥ ସଂଘ ଭାବେ ମାନ୍ୟତା ଦେଇଛୁ। ସେମାନଙ୍କ ବିକାଶ ଓ ଶାସନତନ୍ତ୍ର ବ୍ୟବସ୍ଥାରେ ଭାଗୀଦାର ହେବାର ସୁଯୋଗ ଦେଇଛୁ। ବସ୍ତି ଉନ୍ନୟନ ସଂଘଗୁଡିକ ହିଁ ବିଜୁ ଆଦର୍ଶ କଲୋନିର ପରିଚାଳନା କରିବେ। ବସ୍ତି ସମୂହର ଭିତ୍ତିଭୂମି ବିକାଶ ପାଇଁ ପୌରସଂସ୍ଥା ବଜେଟରେ ୨୫ ପ୍ରତିଶତ ଏହି ସଂଘଗୁଡିକୁ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଗରିବ ଲୋକଙ୍କୁ ସାମାଜିକ ଓ ଆର୍ଥିକ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଚୁପ ହୋଇ ବସିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ରାଜ୍ୟର ସହରଗୁଡିକର, ବିଶେଷକରି, ବସ୍ତି ଅଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚପ୍ରଶଂସା କରିଛନ୍ତି।

# ବନ କର୍ମଚାରୀଙ୍କ ମାଡ଼ରେ ଡ୍ରାଇଭର ଲହୁଲୁହାଣ

ନୂଆଗାଁ,୧୦।୧୧(ଡି.ଏନ.ଏ.)

ନୟାଗଡ଼ ବନଖଣ୍ଡ ମହିପୁର ବନ କର୍ମଚାରୀଙ୍କ ମାଡ଼ରେ ଜଣେ ଡ୍ରାଇଭର ଲହୁଲୁହାଣ ହୋଇଛନ୍ତି। ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ସିଙ୍ଗାରପଲି ପଞ୍ଚାୟତ ଶୁଣ୍ଡିଖୋଲା ନୂଆସାହିର ଅମୂଲ୍ୟ ବେହେରା ଓ ତାଙ୍କ ସ୍ତ୍ରୀ ମିତା ବେହେରାଙ୍କ ସମେତ ଗ୍ରାମବାସୀ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ଅମୂଲ୍ୟଙ୍କ ଦେହସାରା ମାଡ଼ ଚିହ୍ନ ରହିଛି। ଏହି ଘଟଣା ପରେ ସେ ଗୁରୁତର ହୋଇ ପଡିଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଶୁଣ୍ଡିଖୋଲା ଗ୍ରାମର ଅମୂଲ୍ୟ ବେହେରା ଜଣେ ଗାଡ଼ି ଚାଳକ। ମଙ୍ଗଳବାର ରାତି ପ୍ରାୟ ୧୨ଟା ସମୟରେ ସେ ଗାଡ଼ି ଭଡ଼ା ସାରି ଘରକୁ ଫେରୁଥିଲେ। ଏହି ସମୟରେ ପେଟେଇଚଣ୍ଡୀ ଠାକୁରାଣୀଙ୍କ ପୀଠ ନିକଟରେ ଏକ ବୋଲେରୋରେ ଥିବା କେତେଜଣ ବ୍ୟକ୍ତି ତାଙ୍କ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେ ସ୍ଥାନ ସମ୍ପୂର୍ଣ୍ଣ ନିଛାଟିଆ ଥିଲା। ପୂର୍ବରୁ ସେହି ସ୍ଥାନରେ ଏକାଧିକ ଥର ଡକାୟତ ହୋଇଥିବା ଜାଣି ଅମୂଲ୍ୟ ଗାଡ଼ି ନ ରଖି ପଳାଇ ଆସିଥିଲେ। ହେଲେ ବୋଲେରୋରେ ଥିବା ବ୍ୟକ୍ତିମାନେ ତାଙ୍କୁ ପିଛା କରିଥିଲେ। ଏ କଥା ଜାଣିବା ପରେ ଅମୂଲ୍ୟ ନିଜ ଗାଡ଼ିର ବେଗ ବଢାଇ ନିଜ ଘର ପାଖକୁ ଚାଲି ଆସିଥିଲେ। ହେଲେ



ବନ କର୍ମଚାରୀଙ୍କ ମାଡ଼ରେ ଆହତ ଅମୂଲ୍ୟ।

ବୋଲେରୋରେ ଥିବା ବ୍ୟକ୍ତିମାନେ ସେଠାରେ ପହଞ୍ଚି ଯିବାରୁ ଅମୂଲ୍ୟ ଭୟରେ ଗାଡ଼ି ଛାଡି ପଳାଇ ଯିବାକୁ ଚେଷ୍ଟା କରିଥିଲେ। ହେଲେ ବୋଲେରୋରେ ଥିବା ଖାକିପୋଷାକ ପିନ୍ଧିଥିବା ବ୍ୟକ୍ତିମାନେ ତାଙ୍କ ଉପରକୁ ଲାଠି ଫୋପାଡ଼ିବାରୁ ସେ ସେଠାରେ ପଡିଯାଇଥିଲେ। ଏହାର ସୁଯୋଗ ନେଇ ସେହି ବ୍ୟକ୍ତିମାନେ ତାଙ୍କୁ କାବୁ କରି ଗ୍ରାମ ବାହାକୁ ନେଇ ନିଘୃଣ ପିଟିଥିଲେ। ଏହି ସମୟରେ ଗ୍ରାମର ରୀନା ଗୁରୁ ନାମକ ଜଣେ ମହିଳା ସେଠାରେ ଥିବା ନଳକୂପ ନିକଟରେ ଗାଧୋଉଥିଲେ। ସେ ଏହି ଘଟଣା ଦେଖି ଅମୂଲ୍ୟଙ୍କ ସ୍ତ୍ରୀ ମିତାଙ୍କୁ ଖବର ଦେଇଥିଲେ। ମିତା ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିମାନେ ସେଠାରୁ ପଳାଇ ଯାଇଥିଲେ। ପରେ ଅମୂଲ୍ୟଙ୍କୁ ପିଟିଥିବା ବ୍ୟକ୍ତିମାନେ ମହିପୁର ବନ କର୍ମଚାରୀ ବୋଲି ସୂଚନା ମିଳିଥିଲା। ଏ ସଂକ୍ରାନ୍ତରେ ମହିପୁର ଫରେଷ୍ଟ ଗାର୍ଡ ଶ୍ରଦ୍ଧାଞ୍ଜଳୀ ସାହୁଙ୍କୁ ପଚାରିବାରୁ ଆମେ ବାଡେଇନୁ, ବାଡ଼ି ଫୋପାଡିବାରୁ ତାଙ୍କ ଦେହରେ ବାଜିଥିଲା। ସେ ତଳେ ପଡିଯାଇଥିଲେ ବୋଲି କହିଛନ୍ତି। ଫରେଷ୍ଟର ସୂର୍ଯ୍ୟ ମହାରଣା ଏହି ଘଟଣାକୁ ପ୍ରଥମେ ଫାଙ୍କି ଦେବାକୁ ଚେଷ୍ଟା କରିଥିଲେ। ତାଙ୍କ କହିବା କଥା ଆମେ କେବଳ ଅମୂଲ୍ୟଙ୍କୁ ଧରିବା ପାଇଁ ଗୋଡ଼ାଇ ଥିଲୁ। ତା'ପରେ ସେ ଗାଡ଼ି ଛାଡି ପଳାଇଥିଲେ। ଗାଡ଼ି ଖାନତଲାସି କରିଥିଲୁ। ହେଲେ କିଛି ପାଇ ନ ଥିଲୁ। ଅନ୍ୟପକ୍ଷେ ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କୁ ଘଟଣା ବାବଦରେ ପଚାରିବାରୁ କର୍ମଚାରୀଙ୍କ ସପକ୍ଷରେ ଯୁକ୍ତି ବାଢିବା ସହ ଆମ ଟିମ୍‌କୁ ଦେଖି ସେ ଗାଡ଼ି ଅଟକାଇ ନ ଥିଲେ। ଫଳରେ କର୍ମଚାରୀମାନେ ରାଗରେ ପିଟି ଥାଇ ପାରନ୍ତି। ପରେ ତାଙ୍କୁ ଭେଟି ଚିକିତ୍ସା ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ପ୍ରତିଦିନ ଜଙ୍ଗଲରୁ କାଠ ଲୁଟ୍ ଚାଲିଛି। ଜଣେ ହେଲେ କାଠ ମାଫିଆକୁ ଧରି ପାରୁ ନ ଥିବା ବନ ବିଭାଗ କର୍ମଚାରୀ ଜଣେ ନିର୍ଦ୍ଦୋଷ ଡ୍ରାଇଭରଙ୍କୁ ସନ୍ଦେହରେ ମାଡ଼ ମାରି ଲହୁଲୁହାଣ କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆଜିଠୁ ୩ ଦିନିଆ ଆଇସୋକନ୍

## ଭାରତୀୟ କର୍ଣ୍ଣ ବିଜ୍ଞାନ ସଂଘର ୩୦ତମ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୧୦।୧୧

ଭାରତୀୟ କର୍ଣ୍ଣ ବିଜ୍ଞାନ ସଂଘ (ଇଣ୍ଡିଆନ୍ ସୋସାଇଟି ଅଫ୍ ଓଟୋଲୋଜି-ଆଇସୋକନ୍)ର ୩୦ତମ ଜାତୀୟ ସମ୍ମିଳନୀ ଆଇସୋକନ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଏପରିକି ଉକ୍ତ ସମ୍ମିଳନୀ ନଭେମ୍ବର ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (କିମ୍ସ) ସହଯୋଗରେ ପ୍ରଥମ ଥର ଲାଗି ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ନବକିଶୋର ଦାସ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଲୋକ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ସମ୍ମିଳନୀ ଆୟୋଜନ କମିଟିର ଯୁଗ୍ମ ଅଧ୍ୟକ୍ଷ ତଥା କିମ୍ସର ବରିଷ୍ଠ ଚିକିତ୍ସକ ମୁଖ୍ୟ ପ୍ରଫେସର ଡା. କବିକାନ୍ତ ସାମନ୍ତରାୟ ସୂଚନା ଦେଇଛନ୍ତି। ସେହିଭଳି ଉକ୍ତ ସମ୍ମିଳନୀରେ ଦେଶ ବିଦେଶରୁ ୧୦୦୦ରୁ ଉର୍ଦ୍ଧ୍ୱ କର୍ଣ୍ଣ ଅସ୍ତ୍ରୋପଚାର ବିଶେଷଜ୍ଞ (ଓଟୋଲୋଜିଷ୍ଟ) ଯୋଗଦେବେ ବୋଲି ସାମନ୍ତରାୟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ରିଟେନ୍, ବ୍ରାଜିଲ୍ ଓ ଅନ୍ୟାନ୍ୟ ୟୁରୋପୀୟ ଦେଶର କର୍ଣ୍ଣ ବିଶେଷଜ୍ଞଙ୍କ ଅସ୍ତ୍ରୋପଚାରର ସିଧା ପ୍ରସାରଣ କରାଯିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଉକ୍ତ ସମ୍ମିଳନୀରେ କର୍ଣ୍ଣ ରୋଗ ଚିକିତ୍ସା କ୍ଷେତ୍ରରେ ଅଗ୍ରଗତି ବିଶେଷକରି ଶିଶୁ କର୍ଣ୍ଣ ରୋଗ, ଶିଶୁମାନଙ୍କ ଶ୍ରବଣ ଶକ୍ତି ହ୍ରାସର ଚିକିତ୍ସା ଉପରେ ମଧ୍ୟ ବିସ୍ତୃତ ଆଲୋଚନାର କାର୍ଯ୍ୟକ୍ରମ ରହିଛି ବୋଲି ସାମନ୍ତରାୟ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ତଥା କିମ୍ସ କର୍ଣ୍ଣ, ନାସା ଓ ଗଳା ବିଭାଗର ପ୍ରଫେସର ଡା. ଖଗେଶ୍ୱର ରାଉତ, ସମ୍ମିଳନୀ ଆୟୋଜନ କମିଟି ଅଧ୍ୟକ୍ଷ ଡା.ଏସ୍.ଏନ୍.ପଣ୍ଡା, ଡା.ରାଜଲକ୍ଷ୍ମୀ ପାଣିଗ୍ରାହୀ, ଡା.ଏମ୍. ଇଲାମ୍ବର୍ତ୍ତି, ଡା.ଆପ୍ପା ରାଓ, ଡା.ରବି ରାମଲିଙ୍ଗମ ଏବଂ ଡା.ଦୀପକ ଡାଲମିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରତରଭାକୁ ପରୀକ୍ଷାମୂଳକ ଭାବେ ରେଳ ଚାଲିଲା




ଝାରତରଭା ଷ୍ଟେଶନରେ ପହଞ୍ଚିଥିବା ଟ୍ରେନ୍।

ସୋନପୁର/ତରଭା,୧୦।୧୧(ନି.ପ୍ର./ଡି.ଏନ.ଏ.)

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଅନ୍ତର୍ଗତ ବିଚ୍ଛୁପାଲିରୁ ଝାରତରଭା ଷ୍ଟେଶନ ମଧ୍ୟରେ ୧୦ କିଲୋମିଟର ନୂଆ ରେଳ ଲାଇନର ଗୁରୁବାର ସିଆର୍‌ଏସ୍ ଯାଞ୍ଚ ହୋଇଛି। ଦକ୍ଷିଣ ପୂର୍ବ ସର୍କଲର ରେଳ ନିରାପତ୍ତା ଆୟୁକ୍ତ(ସିଆର୍‌ଏସ୍) ଏ.ଏମ୍.ଚୌଧୁରୀ ଅପରାହ୍ନରେ ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ବିଚ୍ଛୁପାଲି-ଝାରତରଭା ଲାଇନର ଯାଞ୍ଚ କରିଛନ୍ତି। ରେଳ ନିରାପତ୍ତା ଆୟୁକ୍ତ ବରିଷ୍ଠ ଅଧିକାରୀଙ୍କ ସହିତ ବିଚ୍ଛୁପାଲିରୁ ଏକ ଟ୍ରଲିରେ ଆସି ଝାରତରଭା ପର୍ଯ୍ୟନ୍ତ ନୂଆ ରେଳ ଲାଇନର ନିରାପତ୍ତା ଯାଞ୍ଚ କରିଥିଲେ। ପରେ ଚୌଧୁରୀ ସୁବର୍ଣ୍ଣପୁର ଜିଲା ଝାରତରଭା ଷ୍ଟେଶନ ପରିଦର୍ଶନ କରିଥିଲେ। ଉକ୍ତ ଷ୍ଟେଶନରେ ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ହେବାକୁ ଥିବା ବିଭିନ୍ନ ସୁବିଧା ଏବଂ ଏଠାରେ ନିର୍ମାଣାଧୀନ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ସିଆର୍‌ଏସ୍ ଚୌଧୁରୀ ପୁଣି ଏକ ରେଳରେ ବସି ଉକ୍ତ ଦୁଇ ଷ୍ଟେଶନ ମଧ୍ୟରେ ଘଣ୍ଟାପ୍ରତି ୧୧୦ କିଲୋମିଟର ସ୍ପିଡ୍ ଟ୍ରାଏଲ କରିଥିଲେ। ପରୀକ୍ଷାମୂଳକ ଭାବେ ରେଳ ଚାଲିବା ଓ ରେଳ ଲାଇନର ନିରାପତ୍ତା ଯାଞ୍ଚ ସମୟରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ, ସିଏଓ ଅମର ପ୍ରସାଦ ଦ୍ୱିବେଦୀ, ଚିଫ୍ ଇଞ୍ଜିନିୟର ଇଲେକ୍ଟ୍ରିକାଲ ଏ.କେ.ସାମଲ, ସିନିୟର ଡିଏମ କୋଅର୍ଡିନେସନ ଟି.ଡି.ସାହୁ, ସିଗନାଲ, ଇଲେକ୍ଟ୍ରିକାଲ ଓ ବ୍ରିଜ୍ କନଷ୍ଟ୍ରକ୍ସନ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନରେ ଝାରତରଭା ବଲାଙ୍ଗୀର ପଟୁ ତୃତୀୟ ଷ୍ଟେଶନ ହେବ। ପୂର୍ବରୁ ବଲାଙ୍ଗୀରରୁ ବିଚ୍ଛୁପାଲି ମଧ୍ୟରେ ୧୫.୮ କିଲୋମିଟର ରେଳ ଲାଇନ କାର୍ଯ୍ୟକ୍ଷମ ହୋଇ ସାରିଛି। ଏବେ ବିଚ୍ଛୁପାଲି ଝାରତରଭା ମଧ୍ୟରେ କାମ ସମ୍ପୂର୍ଣ୍ଣ ହୋଇଛି। ସିଆର୍‌ଏସ୍ ଯାଞ୍ଚ ପରେ କମିଶନିଂ ହେବ। ୨୦୧୯ ଜାନୁୟାରୀ ୧୫ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବଲାଙ୍ଗୀରରୁ ବିଚ୍ଛୁପାଲି ଷ୍ଟେଶନ ପର୍ଯ୍ୟନ୍ତ ରେଳସେବା ଶୁଭାରମ୍ଭ ହୋଇଥିଲା। ବିଚ୍ଛୁପାଲି ପରେ ଝାରତରଭା ଷ୍ଟେଶନ। ଝାରତରଭା ସୁବର୍ଣ୍ଣପୁର ଜିଲାର ଦ୍ୱିତୀୟ ରେଳ ଷ୍ଟେଶନ ହେବ। ସେଫ୍ଟି କମିଶନର ଏ.ଏମ.ଚୌଧୁରୀଙ୍କ ଗସ୍ତ ପରେ ବଲାଙ୍ଗୀର-ଝାରତରଭା ୨୫.୮ କିଲୋମିଟର ରେଳ ଚାଲିବା ସମ୍ଭାବନା ସୃଷ୍ଟି ହୋଇଛି।

ସେହିପରି ଝାରତରଭାରୁ ସୋନପୁର ପର୍ଯ୍ୟନ୍ତ ଧିମେଇ ଯାଉଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ଶୀଘ୍ର ସୋନପୁର ପର୍ଯ୍ୟନ୍ତ ରେଳ ଗଡିବ ବୋଲି ଆଶା ସଞ୍ଚାର ହୋଇଛି। ପୂର୍ବରୁ ସୁବର୍ଣ୍ଣପୁର ଜିଲାର ସମ୍ବଲପୁର-ଟିଟିଲାଗଡ ସେକ୍ସନ ଅନ୍ତର୍ଗତ ଡୁଙ୍ଗୁରିପାଲିରେ ଏକମାତ୍ର ରେଳ ଷ୍ଟେଶନ ରହିଛି।


**UNION BANK EMPLOYEES COOPERATIVE CREDIT SOCIETY (ODISHA) LTD.**
UBECCSOL
[Regd. No.38/1997 RCS]

This is for information of all members that the 26th Annual General Body Meeting of the Society will be held on 11th Dec. 2022 (Sunday) at 10 A.M. at Institution of Engineers, Pt. Jawaharlal Nehru Marg, Unit IV, Bhubaneswar.

Balaram Mahanta, Secretary — Saroj Kumar Nayak, President

**ଏ, ଡି, ଇ ଏବଂ ଏଫ୍ ବର୍ଗର ଷ୍ଟେଶନଗୁଡ଼ିକଠାରେ ଜିଏମ୍ୟୁ ଓ ଏସ୍ଏମ୍ୟୁର କ୍ୟାଟରିଂ ଲାଗି ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ସିଏଟିଜି-କେଜିପି-୨୨-୦୧/୦୨ ତାରିଖ: ୦୯।୧୧।୨୦୨୨

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ **https://www.ireps.gov.in/**websiteରେ ଅଧିସୂଚିତ ଏ, ଡି, ଇ ଏବଂ ଏଫ୍ ବର୍ଗର ଷ୍ଟେଶନଗୁଡ଼ିକଠାରେ କ୍ୟାଟରିଂ ୟୁନିଟ୍ (ଜିଏମ୍ୟୁ ଓ ଏସ୍ଏମ୍ୟୁ) । **(୧) ବର୍ଗ:** କ୍ୟାଟରିଂ । **କାଟାଲଗ୍ ନଂ.:** ସିଏଟିଜି-କେଜିପି-୨୨-୦୧ । **ନିଲାମ ତାରିଖ:** ୨୧।୧୧।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତିର ତାରିଖ ଓ ସମୟ:** ୨୧।୧୧।୨୦୨୨, ୧୪.୩୦ ଘଟିକା । **(୨) ବର୍ଗ:** କ୍ୟାଟରିଂ । **କାଟାଲଗ୍ ନଂ.:** ସିଏଟିଜି-କେଜିପି-୨୨-୦୨ । **ନିଲାମ ତାରିଖ:** ୨୨।୧୧।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୧.୩୦ ଘଟିକା । **ନିଲାମ ସମାପ୍ତିର ତାରିଖ ଓ ସମୟ:** ୨୨।୧୧।୨୦୨୨, ୧୬.୦୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ସ୍ଥାନ: ଖଡ଼ଗପୁର — **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**
ତାରିଖ: ୦୯।୧୧।୨୦୨୨

ଦକ୍ଷିଣ ପୂର୍ବ ରେଳପଥ — ଆମେ ହର୍ଷର ସହ ସେବା କରୁ (PR-776)

**କଲ୍ୟାଣ ମଣ୍ଡପ ନିଲାମ ନୋଟିସ**

ପତ୍ର ସଂଖ୍ୟା: ୧୦୭୧୪ — ତା: ୯।୧୧।୨୦୨୨

No. C-1542: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ କଲ୍ୟାଣ ମଣ୍ଡପ ନିମନ୍ତେ ଚଳିତ ବର୍ଷ ୨୦୨୨-୨୦୨୩ ଏକ ବର୍ଷ ପାଇଁ ଆସନ୍ତା ତା୧୦।୧୧।୨୦୨୨ ପୂର୍ବାହ୍ନ ଘ.୧୦.୩୦ମି.ରୁ ତା୧୯।୧୧।୨୦୨୨ ଅପରାହ୍ନ ଘ୪.୩୦ମି. ସୁଦ୍ଧା ଟେଣ୍ଡର ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା୨୨।୧୧।୨୦୨୨ଦିନ ପୂର୍ବାହ୍ନ ଘ୧୧.୩୦ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଖୋଲାଯିବ। ନିଲାମ ନୋଟିସ୍‌ର ସବିଶେଷ ତଥ୍ୟ ୱେବ୍‌ସାଇଟ **(www.smcsambalpurm.nic.in)**ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ।

ଟେଣ୍ଡର ପେପର ଉପଲବ୍ଧ ସମୟ: ତା୧୦।୧୧।୨୦୨୨ରିଖଠାରୁ ତା୧୯।୧୧।୨୦୨୨ରିଖ ଅପରାହ୍ନ ଘ୫.୩୦ମି. ପର୍ଯ୍ୟନ୍ତ।

ଟେଣ୍ଡର ଫର୍ମ ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ ସମୟ: ତା୨୧।୧୧।୨୦୨୨ ଅପରାହ୍ନ ଘ୪.୩୦ମି. ପର୍ଯ୍ୟନ୍ତ।

ଟେଣ୍ଡର ଖୋଲାଯିବା ସମୟ: ତା୨୨।୧୧।୨୦୨୨ରିଖ ପୂର୍ବାହ୍ନ ଘ୧୧.୩୦ମି.।

ସ୍ୱା./- ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0067/2223

**ଏସ୍ଏଲଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୩୦-୨୨ ତାରିଖ: ୦୯।୧୧।୨୦୨୨

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ **https://www.ireps.gov.in/**websiteରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍ଏଲଆର୍ ଏବଂ ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ । **ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୩୦-୨୨ । **ନିଲାମ ତାରିଖ:** ୨୪।୧୧।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତିର ତାରିଖ ଓ ସମୟ:** ୨୪।୧୧।୨୦୨୨, ୧୩.୪୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ସ୍ଥାନ: ଖଡ଼ଗପୁର — **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**
ତାରିଖ: ୦୯।୧୧।୨୦୨୨

ଦକ୍ଷିଣ ପୂର୍ବ ରେଳପଥ — ଆମେ ହର୍ଷର ସହ ସେବା କରୁ (PR-778)

**OFFICE OF THE DIVISIONAL FOREST OFFICER**
**KHARIAR DIVISION, KHARIAR**
No.MM-268: Email:-dfo.khariar@odisha.gov.in
**Government of Odisha "e" Procurement Notice**
**Bid Identification No. DFO-KHR-01-06/2022-23**

1. Name of works :- Construction of Forester & Forest Guard Quarters 6 (Six number of works)
2. Approximate estimated cost :- 13.92 lakh to 17.32 lakh.
3. Period of Completion :- 4 (Four) Calendar months.
4. Date & Time of availability of bid documents in the portal :- Dt.09.11.2022 to 18.11.2022
5. Last date/Time of receipt of bid in the portal :- Dt.18.11.2022 up to 5.00 PM.
6. Date of Opening of bid :- Dt.19.11.2022 at 11.00 AM
7. Name & address of the Office Inviting Bid :- O/o. the Divisional Forest Officer, Khariar Forest Division, Khariar

Further details can be seen from e-procurement portal : **http://www.tendersodisha.gov.in.**

Sd./- Divisional Forest Officer, Kharíar Division, Khariar
OIPR-08029/11/0003/2223

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**
**୧୭ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା: ୨୦୨୨-୨୩ରେ ଭାଗ ନେବା ସମ୍ବନ୍ଧରେ ସୂଚନା**

No. PP-42: ବିଗତ ବର୍ଷ ଭଳି ଚଳିତ ବର୍ଷ ଭୁବନେଶ୍ୱର ଜନତା ମଇଦାନରେ ତା୧୦।୦୧।୨୦୨୩ଠାରୁ ତା୨୮।୦୧।୨୦୨୩ ପର୍ଯ୍ୟନ୍ତ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଆୟୋଜନ କରାଯାଉଛି। ଏହି ମେଳାରେ ହସ୍ତତନ୍ତ ଉତ୍ପାଦିତ ବସ୍ତ୍ରର ବିକ୍ରୟ ନିମନ୍ତେ ରାଜ୍ୟର ବୁଣାକାର ଉଦ୍ୟୋଗୀ/ଜାତୀୟ ଅଥବା ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର/ଡିଜାଇନର/ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ହସ୍ତତନ୍ତ ଉତ୍ପାଦର ବିକ୍ରୟ ନିମନ୍ତେ ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଛି। ଏହି ବର୍ଗର ଇଚ୍ଛୁକ ପ୍ରାର୍ଥୀମାନେ ତା୩୦।୧୧।୨୦୨୨ ସୁଦ୍ଧା ନିମ୍ନଲିଖିତ ଫର୍ମରେ ତାଙ୍କ ଅଞ୍ଚଳର ଥିବା ବିଭାଗୀୟ ବୟନ ମଣ୍ଡଳ ଅଧିକାରୀଙ୍କୁ ଆବେଦନ କରିବାକୁ ଅନୁରୋଧ। ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ନିମନ୍ତେ ଷ୍ଟଲ୍ ସଂରକ୍ଷଣର ବ୍ୟବସ୍ଥା ରହିଛି। ଏହା ମଧ୍ୟ **www.textiles.odisha.gov.in, www.sadhacodisha.org, www.boyanika.com** websiteରେ ଉପଲବ୍ଧ।

ସ୍ୱା./- ଉପନିର୍ଦ୍ଦେଶକ, ବୟନଶିଳ୍ପ

**୧୭ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା: ୨୦୨୨-୨୩ରେ ଭାଗନେବା ପାଇଁ ଆବେଦନ ଫର୍ମ**

୧. ପ୍ରାର୍ଥୀ/ସଂସ୍ଥା/ସ୍ୱୟଂ ସହାୟକ ଗୋଷ୍ଠୀର ନାମ:
୨. ସ୍ୱୟଂ ସହାୟକ ଗୋଷ୍ଠୀ/ସଂସ୍ଥା ରେଜିଷ୍ଟ୍ରେସନ ନମ୍ବର/ତାରିଖ:
୩. ପ୍ରାର୍ଥୀଙ୍କ କ୍ଷେତ୍ରରେ:
   କ) ବୁଣାକାର ପରିଚୟ ପତ୍ର ନମ୍ବର (ଆବଶ୍ୟକ ସ୍ଥଳେ):
   ଖ) ବୟସ ଓ ଯୋଗ୍ୟତା:
   ଗ) ହସ୍ତତନ୍ତ ବୟନ/ବିକ୍ରୟ/ଡିଜାଇନିଂ କ୍ଷେତ୍ରରେ ଅଭିଜ୍ଞତା (ବର୍ଷରେ):
   ଘ) ପାଇଥିବା ଜାତୀୟ/ରାଜ୍ୟ ପୁରସ୍କାରର ବିବରଣୀ:
୪. ବାର୍ଷିକ କରୁଥିବା ବ୍ୟବସାୟର ମୂଲ୍ୟ:

(କ୍ରମିକ ସଂଖ୍ୟା: ୨,୩ରେ ଦିଆଯାଇଥିବା ତଥ୍ୟ ସହିତ ପ୍ରମାଣପତ୍ର ଓ କ୍ରମିକ ସଂଖ୍ୟା: ୪ ନିମନ୍ତେ ନିଜସ୍ୱ ଶପଥ ପାଠ ଦାଖଲ କରିବାକୁ ଅନୁରୋଧ)।

OIPR-31003/11/0010/2223

**ODISHA PUBLIC SERVICE COMMISSION**
**CUTTACK**
No. D -
No. 10262/PSC — Dt.10.11.2022

**PRESS NOTE**

1. The Assistant Section Officer (Written examination) was conducted on 27.08.2022 pursuant to advertisement No. 26 of 2021-22. The written examination was conducted in three sittings consisting of three papers i.e. Paper - I (General Awareness), Paper-II (Test of Reasoning, Mental Ability & Mathematics), Paper - III (Language Paper). 1,48,888 Nos. of candidates appeared in the written examination as against 796 advertised vacancies.
2. The list of candidates, who qualified in the written examination, was notified in the website of the Commission vide Notification No. 10208/PSC, Dtd.07.11.2022. Total 1104 candidates qualified in the written examination which is approximately 1.5 times of the advertised vacancy. The Commission, while preparing the provisional list of candidates for document verification and skill test, followed the provision stipulated under Para - 6(C) of the advertisement i.e. "The Commission shall be competent to fix up the qualifying marks in any or all the subjects of the examination". Accordingly, the minimum qualifying marks has been fixed for different category of candidates for each paper.
3. The answer keys were validated by an Expert Committee with due regard to the objections/suggestions given by the candidates immediately after the examination on the basis of which the final evaluation was made. The wrong and ambiguous answers are pro-rated as per the policy of the Commission.
4. The allegations by certain candidates in the mainstream and social media that candidates who were absent have been selected are baseless and false.
5. As per existing policy of OPSC, the Commission releases the answer keys, cut of marks and individual candidate's marks in the Commission website after publication of the final result which will be followed in case of A.S.O. recruitment. This is also the accepted norm of all PSCs and UPSC.
6. In the website of the Commission and press note released by the Commission from time to time, it has been clearly stated that OPSC follows a fair and transparent policy in selection of candidates. This is being followed in letter and spirit in all examination including A.S.O. recruitment. Merit is the only criteria for selection. The Commission strongly condemns any attempt to malign its fairness and merit-based selection criteria.

By Order of the Commission
Sd./- Secretary
OIPR-12002/11/0197/2223

**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING VANIVIHAR CHOUK, JANPATH, BHOINAGAR, BHUBANESWAR - 751022
Tel: 91 -0674-2542983, 2542802, 2545526, Fax- 2542102, e-mail - ohpc.co@gmail.com
CIN : U40101OR1995SGC003963
No. OHPC: OHPC:TECH:C&P: 10/2022-23/ 7797 — Dated 04.11.2022

**NOTICE INVITING TENDER No. 11/2022-23**

**No.CAD-2697:**Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers /Manufacturer's channel partners only having valid GST Registration Certificate & IT PAN, for supply of the following:

| Description of Services | Cost of Tender Paper (Non-refundable in Rs.) | EMD |
|---|---|---|
| For Design, Manufacturing, Supply including Supervision of Installation, Testing & Commissioning of 01 No. of 11/132 Kv, 60 MVA Generator Transformer For Hirakud Hydro Electric Project, Burla | 11,800/- (10,000+GST@18%) | Bid Security Declaration Form duly signed by the bidder in lieu of EMD. |

**For details of the tender documents, terms and conditions please visit / refer our website www.ohpcltd.com from Dt. 14.11.2022.**

C & P Head
OIPR-04012/11/0027/2223

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, BOUDH**
E-mail ID: rwssboudh@gmail.com
**NATIONAL COMPETITIVE BIDDING THROUGH e-Procurement**
**Tender Identification No. 07/S.E. RWSS, Boudh of 2022-23**

No. O-1223: The Superintending Engineer, RWS&S Division, Boudh on behalf of the Government of Odisha invites Percentage Rate Bids in Single Cover (p, contact) from the eligible class of experienced registered contractors through e-Tendering system for the piped water supply works as detailed in DTCN. The bid should be submitted online in the website **www.tendersorissa.gov.in** separately for the work.

| | | |
|---|---|---|
| 1 | Nature of work | Piped Water supply work and Building works |
| 2 | Estimated Cost | 11.66 lakhs to 36.30 lakhs |
| 3 | No. of works | 03 Nos |
| 4 | Tender Cost | 6000.00 |
| 5 | Class of Contractor | "C" & "B" |
| 6 | Availability of Bid document in the website | Dt.15.11.2022, 11 hours to 23.11.2022 17 hours |
| 7 | Date of seeking clarification | During the office hours of 15.11.2022 to 21.11.2022 |
| 8 | Date of Opening Bid | Dt.24.11.2022 at 11.00 hours |

Further details can be seen in the bidding documents which is available in the e-procurement portal **https//www.tendersorissa.gov.in** subsequent corrigendum if requied shall be appeared in the website. Authority reserves the right to reject any or all tenders without assigning any reason thereof.

Sd./- Superintending Engineer, RWS&S Division, Boudh
OIPR-25039/11/0003/2223

**ODISHA HYDRO POWER CORPORATION LTD.**
OHPC
(A Gold Rated State PSU)
O/O SR. GENERAL MANAGER, Rengali Hydro Electric Project, P.O: RENGALI DAM SITE, PIN: 759105, DIST: ANGUL (ODISHA) TEL: 06760-277214, FAX: 06760 -277324,e-mail:sgmel500@gmail.com
No.RHEP/C & P/PUR-III-162/ 7829 — Date:09.11.2022

**NOTICE INVITING TENDER NO. RHEP-60/2022-23**

**No.CAD-2699:**Sealed tenders are invited in single part basis for the following Purchase as mentioned below in sealed envelopes from reputed manufacturer/ Authorized Dealer,/ channel. Partner.

| Sl. No. | Description of Material | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & Time of opening of Techno Commercial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of 12 Nos. 32" Smart HD LED Television Sets for Erector's Hostel ,RHEP, Rengali with buyback of 6 Nos. of old Television Sets | Rs.2,360/- (Rs.2000/-+ GST @ 18%) | In lieu of EMD, Bid Security declaration form to be submitted | From dtd. 11.11.2022 to dtd. 21.11.2022 upto 03.30 PM | Dtd.21.11.22 upto 04.00 PM | Dt.21.11.22 at 04.30 PM |

For details and further correspondence/corrigendum, please visit our website www.ohpcltd.com
OIPR-04022/11/0083/2223 — Sd./- C & P Head, RHEP, Rengali

**OFFICE OF THE CHIEF ENGINEER & BASIN MANAGER, INDRAVATI & KOLAB BASIN**
**BARINIPUT(JEYPORE), DIST:-KORAPUT, PIN-764006**
e-mail ld-cebmikb@gmail.com
No:CEBMEB: 2447, Dated: 09.11.2022

**Cancellation of Tender invited vide e-Procurement Notice No. 01/2022-23**

**No.A-712:**The on-line tender invited on EPC mode vide e-Procurement Notice No. 01/2022-23 for the work "Construction of Turi-Guntat Barrage Project near village Chatahandi across river Turi and 'village Deula across River Guntat in the district of Nabarangpur, construction of Link Channel, Hydro-Mechanical Works, Power Connectivity Works, Road Connectivity, Watchman-cum-Operator Shed including design and estimation of all components, Land Acquisition, Operation and Maintenance of the Barrage Project for a period of five years or five flood reasons whichever is later after successful commissioning of the project in the State of Odisha" (Bid Identification No. CEBM-IKB-01/2022-23) is hereby cancelled due to some unavoidable circumstances.

Sd./- Chief Engineer & Basin Manager, Indravati & Kolab Basin, Bariniput
OIPR-32456/11/0003/2223

सत्यमेव जयते

# भारत का राजपत्र
# The Gazette of India

सी.जी.-डी.एल.-अ.-21092022-238979
CG-DL-E-21092022-238979

असाधारण
EXTRAORDINARY

भाग II - खण्ड 3 - उप-खण्ड (ii)
PART II - Section - 3 - Sub-section (ii)

प्राधिकार से प्रकाशित
PUBLISHED BY AUTHORITY

सं. 4193| नई दिल्ली, मंगलवार, सितम्बर 20, 2022/भाद्र 29, 1944
No. 4193| NEW DELHI, TUESDAY, SEPTEMBER 20, 2022/BHADRA 29, 1944

# MINISTRY OF ROAD TRANSPORT AND HIGHWAYS

## NOTIFICATION

New Delhi, the 20th September, 2022

**S.O. 4377(E).**— Whereas by the notification of the Government of India in the Ministry of Road Transport and Highways, S.O. 4662(E) published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for construction widening and strengthening to two lane with paved shoulders from km 296.500 to 336.500 (Mundamarai to Ratnapur Section) in the district of GANJAM in the state of ODISHA.

And whereas the substance of the said notification has been published in "THE SAMAJ" and "THE DHARITRI" both dated 25.01.2022 and 26.01.2022; under sub-section (3) of section 3A of the said Act;

And whereas No objections have been received with in the statutory period of the aforesaid notification.

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

## SCHEDULE

Brief description of the land to be acquired, with or without structure, falling within the NH59 in the stretch of land from km 296.500 to 336.500 (Mundamarai to Ratnapur Section) in the district of GANJAM in the State of ODISHA.

| State: Odisha | | District: GANJAM | | | |
|---|---|---|---|---|---|
| S. No. | Survey Number | Type of Land | Nature of Land | Area Hectare | Name of the Land Owner/Interested Person Part Survey No. |
| 1 | 2 | 3 | 4 | 5 | 6 |
| Taluk: ASIKA | | | | | |
| Village: Kalasandhapur | | | | | |
| 1 | 1229 | Government | BILA DO PHASALI | 0.032 | GOVERNMENT OF ODISHA (ABADA JOGYA ANABADI) |
| 2 | 1230 | Private | BILA | 0.168 | SRI PUDUGASWAR MAHADEV BIJA NARASINGH PALLI SEBAYAT, ARJUN MUNI, S/O- RAMA MUNI |
| 3 | 1234 | Private | BILA | 0.005 | SASI BEHERA, W/O- GANGADHAR BEHERA |
| 4 | 1235 | Private | BILA | 0.013 | KESARI BISWAL, W/O- UDAYANATH BISWAL, SUSANT KUMAR BISWAL, SUKANT KUMAR BISWAL, AMAR KUMAR BISWAL, JUMAR KUMAR BISWAL, S/O- UDAYANATH BISWAL |
| 5 | 1236 | Private | BILA | 0.016 | GOURANG BISWAL, S/O- MAGATI BISWAL |
| 6 | 1238 | Private | BILA | 0.008 | BIBHISAN BISWAL, S/O- HARI BISWAL |
| 7 | 1243 | Private | BILA | 0.03 | MAHARAGI JENA, W/O- SANI JENA |
| 8 | 1244 | Private | BILA | 0.008 | AMI SWAIN, W/O- TRINATH SWAIN |
| 9 | 1245 | Private | BILA | 0.064 | GANAPATI SWAIN, S/O- LAXMAN SWAIN, TANU SWAIN, W/O, GANAPATI SWAIN |
| 10 | 1246 | Private | BILA | 0.024 | SIBARAM BEHERA, S/O- GOBIND BEHERA |
| 11 | 1255 | Private | BILA | 0.055 | UDAYANATH BISWAL, S/O- NARASINGH BISWAL |
| 12 | 1256 | Private | BILA | 0.024 | PARSURAM SWAIN, S/O- NATABAR SWAIN |
| 13 | 1257 | Private | BILA | 0.026 | SIBANANDA SWAIN, S/O BISWANATH SWAIN |
| 14 | 1260 | Private | BILA | 0.058 | BHAGIRATHI SWAIN, HARIBANDHU SWAIN, GANGA PANI SWAIN, S/O- BAISHNAB SWAIN |
| 15 | 1264 | Private | BILA | 0.091 | GOBIND SWAIN, S/O- ARJUNA SWAIN |
| 16 | 1265 | Private | BILA | 0.078 | BIJAYA GOUDA S/O- RAMA GOUDA |
| 17 | 1279 | Private | BILA | 0.058 | KAMA BISWAL, W/O- ANAMCHANDRA BISWAL , SANTI BISWAL, W/O- JAGANNATHA BISWAL |
| 18 | 1280 | Private | BILA | 0.024 | GANAPATI BISWAL, S/O- BHOBANI BISWAL |
| 19 | 1281 | Private | BILA | 0.038 | KOUTIKI GOUDA, W/O- MICHA GOUDA |
| 20 | 1284 | Private | BILA | 0.019 | JURI MOHANTY, S/O- MULI MOHANTY |
| 21 | 1285 | Private | BILA | 0.017 | HADIBANDHU SWAIN, S/O KSHATRA SWAIN, SRIMATI SWAIN, W/O KSHATRA SWAIN |
| 22 | 1286 | Private | BILA | 0.015 | BIBHUTI BHUSANA BEBARTA, S/O GOUR CHANDRA BEBARTA |
| 23 | 1287 | Private | BILA | 0.024 | PARSURAM SWAIN, S/O- SUBUDHI SWAIN |
| 24 | 1288 | Private | BILA | 0.102 | SANKUTALA SASMAL, W/O ARJUN SASMAL |
| 25 | 1293 | Private | BILA | 0.039 | ARCHANARANI SWAIN W/O ASHOK KUMAR SWAIN , ARUPARANI LENKA, W/O - RABINDRA LENKA |
| 26 | 1294 | Private | BILA | 0.03 | KANCHANA GOUDA, W/O- ESWAR GOUDA |
| 27 | 1321 | Private | BILA | 0.004 | BIPLABI KUMAR NAHAK, S/O- KASI BISWANATH NAHAK |
| 28 | 1322 | Private | BILA | 0.02 | BANCHANIDHI GOUDA, S/O MICHA GOUDA |
| 29 | 1323 | Private | BILA | 0.112 | SATRUGHAN JENA S/O KANDHA JENA, KOUTIKI JENA W/O KANDHA JENA |
| 30 | 1324 | Private | B ILA | 0.011 | SANJUKTA ACHARYA, W/O- RAJENDRA PRASAD, ACHARYA |
| 31 | 1326 | Government | GOCHARA | 0.03 | GOVERNMENT OF ODISHA (RAKHIT) |
| 32 | 1342 | Government | BILA DO PHASALI | 0.015 | GOVERNMENT OF ODISHA |
| 33 | 1343 | Private | BILA DO PHASALI | 0.0197 | RAJENDRA PRASAD ACHARYA, S/O -HARI BANDHU ACHARYA |
| 34 | 1344 | Private | BILA | 0.086 | SRI PUDUGESWARA MAHADEV MARFAT TRUSTY TARFA SEBAYAT, MADHAB MUNI, S/O- BADA MAGATA MUNI, GANAPATI MUNI, DINABANDHU MUNI, UDAYANATH MUNI, RAGHUNATH MUNI, S/O- SANA MAGATA MUNI SRINIBAS DAS, DIBAKAR DAS, DAMODAR DAS, KISHOR CHANDRA DAS, S/O - MAHESWAR DAS |
| 35 | 1354 | Government | BILA DO PHASALI | 0.043 | GOVERNMENT OF ODISHA (AJA) |
| 36 | 1355 | Private | BILA | 0.083 | SANJUKTA ACHARYA, W/O- RAJENDRA PRASAD ACHARYA |
| 37 | 1356 | Private | BILA | 0.026 | CHANDURYNI GOUDA, S/O- BHIMA GOUDA, BHASKAR GOUDA, RAJENDRA GOUDA, RABINDRA GOUDA, MANOJ GOUDA ,ASKO GOUDA, S/O- BHABANI GOUDA, KOUTIKI GOUDA W/O BHABANI GOUDA |
| 38 | 1357 | Private | BILA | 0.011 | MAHALAXMI SWAIN, W/O HARI BANDHU SWAIN |
| 39 | 1358 | Private | BILA | 0.011 | BHAGIRATHI SWAIN, HARI BANDHU SWAIN, GANGAPANI SWAIN, S/O- BAISHIMA SWAIN, SITA SWAIN, W/O- BAISHIMA SWAIN |
| 40 | 1359 | Private | BILA | 0.011 | RAGHUNATH SWAIN, S/O- CHOUDHUY SWAIN |
| 41 | 1360 | Private | BILA | 0.016 | UDHAB NAHAK, S/O- NETRA , V PUDUGESWAR PALLI KAMARAJU BHANJA S/O SUKURU BHANJA |
| 42 | 1361 | Private | BILA | 0.019 | KRUSHNA CHANDRA GOUDA, S/O- UDAYANATH GOUDA |
| 43 | 1362 | Private | BILA | 0.019 | DINABANDHU NAHAK, HARI HARA NAHAK, BASANT KUMAR NAHAK , S/O- BINAYAK NAHAK, TARA NAHAK W/O- BINAYAK NAHAK |
| 44 | 1363 | Private | BILA | 0.039 | KAIBALYA NAHAK, S/O- NATABAR NAHAK |
| 45 | 1366 | Private | BILA | 0.024 | TAHAPAI BEHERA, W/O- BIRA BEHARA, BIRA BEHERA S/O- JAYA BEHERA |
| 46 | 1367 | Private | BILA | 0.032 | RAMA CHANDRA BISWAL , S/O- BINAYAK BISWAL |
| 47 | 1369 | Private | BILA | 0.004 | BHASKAR GOUDA, S/O-BHABANI GOUDA |
| 48 | 1373 | Private | BILA | 0.012 | MAHADEV NAIK, S/O- RAGHU NAIK |
| 49 | 1375 | Private | BILA | 0.038 | MANOJ KUMAR MUNI, S/O UDAYANATH MUNI |
| 50 | 1376 | Private | GHARABARI | 0.005 | SABITA MUNI W/O MANOJ KUMAR MUNI |
| 51 | 1378 | Private | BILA | 0.022 | GEETANJALI BISWAL W/O KAILASH CHANDRA BISWAL |
| 52 | 1380 | Private | BILA | 0.059 | PRADEEP KUMAR PANDA, S/O- ABHIMANYU PANDA |
| 53 | 1386 | Private | GHARABARI | 0.003 | JITENDRA KUMAR SWAIN, S/O- MAGATI SWAIN |
| 54 | 1387 | Private | BILA DO PHASALI 1 | 0.027 | JITENDRA KUMAR SWAIN S/O MAGATI SWAIN |
| 55 | 1388 | Private | BILA | 0.03 | SUSAMA SRIMAN RAY, W/O- SITARAM SAMANTRAY |
| 56 | 1389 | Private | BILA | 0.028 | MEENAKHI SIYA W/O DHANAMALI SIYA |
| 57 | 1390 | Private | BILA DO PHASALI 1 | 0.015 | DANDA PANI GOUDA S/O -BIRA GOUDA |
| 58 | 1392 | Private | BILA | 0.022 | ISWAR PATRA, GANGA PANI PATRA, S/O- NATABAR PATRA |
| 59 | 1393 | Private | BILA | 0.02 | ANTRAYAMI PANIGRAHY, RAJANIKANT PANIGRAHY, ASHOK PANIGRAHY, S/O- DAMODOR PANIGRAHY |
| 60 | 1435 | Private | BILA | 0.045 | ABANTI PANDA, W/O- GOPAL KRUSHNA PANDA |
| 61 | 1436 | Private | BILA | 0.052 | GEETANJALI BISWAL, W/O KAILASH CHANDRA BISWAL, KAILSH CHANDRA BISWAL, S/O- RAMACHANDRA BISWAL |
| 62 | 1437 | Private | BILA | 0.039 | SIMANCHALA SETHI, S/O- RANKA SETHI |
| 63 | 1438 | Private | BILA | 0.023 | TRINATH BEHERA S/O ANANDA BEHERA, SURJAYA BEHERA, CHANDRA BEHERA, INDRA BEHERA, S/O- ABHIMANYU BEHERA, SAILABALA BEHERA, W/O ABHIMANYU BEHERA, BAPANI BEHERA, S/O- KRUSHNA BEHERA |
| 64 | 1439 | Private | BILA | 0.035 | PRADYUMAN NAHAK, S/O- KRUSHNA NAHAK |
| 65 | 1440 | Private | BILA | 0.022 | ARSUL NAHAK, BHASKAR NAHAK, S/O- ARJUN NAHAK |
| 66 | 1441 | Private | BILA | 0.059 | BHIBISAN BISWAL, S/O. HARI BISWAL |
| 67 | 1442 | Private | BILA | 0.044 | ARAKHIT MOHANTY, S/O- SIBA MOHANTY |
| 68 | 1443 | Private | BILA | 0.022 | KOKILA NAHAK, W/O- MAGATA NAHAK, TRINATH NAHAK, S/O- BHIMA NAHAK , JOGAMAYE NAHAK, S/O- MAGATA NAHAK, HARI ARJUNA PARIDA, S/O- BRUNDABAN PARIDA, J. JHARA GOUDA, W/O- GANAPATI GOUDA |
| Taluk: Dharakote | | | | | |
| Village: Bodarasing | | | | | |
| 1 | 249 | Private | BILA | 0.055 | BIDYADHAR NAHAK, LOKANATH NAHAK, RAMESH NAHAK S/O- KAIBALYA NAHAK, BHABANI NAHAK, LINGRAJ NAHAK, S/O- CHAITAN NAHAK, MAKARA NAHAK, RAGHU NAHAK, NATABAR NAHAK, S/O-KHETRA NAHAK, TANU NAHAK, W/O- KAIBALYA NAHAK |
| 2 | 253 | Government | BILA DO PHASALI 1 | 0.051 | GOVERNMENT OF ODISHA (AJA) |
| Village: Ghasibilli | | | | | |
| 3 | 111 | Private | BILA | 0.008 | BIJAYA SETHY, PRAFUL SETHY, S/O- KALIA SETHY, HARI SETHY, KRUSHNA SETHY, S/O- MAGATA SETHY, JOGI SETHY, S/O- GANGA SETHY, KUNI SETHY, W/O- LADU SETHY |
| 4 | 112 | Private | BILA | 0.009 | BIJAYA SETHY, PRAFUL SETHY, S/O-KALIA SETHY, HARI SETHY, KRUSHNA SETHY, S/O- MAGATA SETHY |
| 5 | 113 | Private | BILA | 0.154 | BIJAYA SETHY, PRAFUL SETHY, S/O-KALIA SETHY, HADIA SETHY, PARSU SETHY, S/O- NAKUL SETHY, RAGHU SETHY, BHAIGA SETHY, S/O- BALA SETHY, |
| 6 | 114 | Private | BILA | 0.003 | C. SITAMA PATRO, W/O- C. GURUNATH PATRO |
| 7 | 121 | Private | BILA | 0.002 | NARSU RANGAYA, S/O- NARSU KANDHA PATRO |
| 8 | 122 | Private | BILA DO PHASALI 1 | 0.002 | M. UDAYANATH PATRO, S/O- M. DANDASI PATRO |
| 9 | 124 | Private | BILA DO PHASALI 1 | 0.023 | B. DINABANDHU PATRO, B. UMA CHARAN PATRO, B KRUSHNA MURTY PATRA, B. PANCHANAN PATRO S/O- B. DANDASI PATRO |
| 10 | 125 | Private | BILA | 0.015 | G. SRIRAMALU PATRO, S/O- G.MALA PATRO, UJIAMA PATRO , W/O – G. SRIRAMALU PATRA, G. KALIA PATRO, G. BHIMA PATRO, S/O – G. SRIRAMALU PATRA |
| 11 | 126 | Private | BILA | 0.066 | JURINATH GOUDA, SASI GOUDA, S/O – KSHATRA GOUDA |
| 12 | 127 | Private | BILA | 0.023 | A SRIRAMALU PATRO, S/O- A KHARI PATRO |
| 13 | 130 | Government | CANAL ADI | 0.022 | GOVERNMENT OF ODISHA (IRRIGATION DEPARTMENT) |
| 14 | 131 | Private | BILA | 0.026 | B. DINABANDHU PATRO, B. UMA CHARAN PATRO, B KRUSHNA MURTY PATRO, B. PANCHANAN PATRO S/O- DARDASI PATRO |
| 15 | 132 | Private | BILA | 0.01 | TRINATH SAHU, S/O – SANYASI SAHU, TUMA SAHU W/O – PRAFUL KUMAR SAHU, PRAFUL |
| | | | | | KUMAR SAHU, S/O- TRINATH SAHU |
| 16 | 133 | Private | BILA | 0.014 | DANDAPANI SAHU, S/O- CHOUDHURY SAHU |
| 17 | 134 | Private | BILA | 0.009 | B. BANKA PATRO, W/O- B. KRUSHNA MURTY PATRO |
| 18 | 135 | Private | BILA | 0.018 | DIBYASINGH KAR S/O – KSHATRABASI KAR |
| 19 | 136 | Private | BILA | 0.028 | S. AMALU PATRO W/O- BAIRAGI PATRO |
| 20 | 137 | Private | RAYATI | 0.042 | B. BANKA PATRO, W/O- B. KRUSHNA MURTY PATRO |
| 21 | 138 | Private | BILA | 0.03 | B. BANKA PATRO, W/O- B. KRUSHNA MURTY PATRO |
| 22 | 139 | Private | BILA | 0.008 | B. BANKA PATRO, W/O- B. KRUSHNA MURTY PATRO |
| 23 | 142 | Private | BILA | 0.05 | B. DINABANDHU PATRO, B. KRUSHNA MURTY PATRO, B. PANCHANAN PATRO S/O- B. DANDASI PATRO |
| 24 | 143 | Private | BILA | 0.061 | G. DANDASI PATRO, S/O – G. KRISHNAMA PATRO, G. CHANYA PATRO, S/O - G. AGADHU PATRO |
| 25 | 144 | Private | BILA DO PHASALI 1 | 0.14 | M. UDAYANATH PATRO, S/O– M. DANDASI PATRO |
| 26 | 145 | Government | ROAD | 0.005 | GOVERNMENT OF ODISHA (SARBA SADHARANA) |
| 27 | 146 | Government | BILA DO PHASALI 1 | 0.008 | GOVERNMENT OF ODISHA (IRRIGATION DEPARTMENT) |
| 28 | 147 | Private | BILA DO PHASALI 1 | 0.001 | KRUSHNA NAHAK, S/O- LAXMAN NAHAK |
| 29 | 20 | Private | BILA | 0.036 | SASI SETHI, W/O- MOCHIA SETHI |
| 30 | 21 | Private | GHARABARI | 0.003 | A. PUNIAMA REDDY, W/O – A. PANCHU REDDY |
| 31 | 31 | Private | BILA | 0.007 | HADU PRADHAN, S/O- HARI PRADHAN |
| 32 | 32 | Private | BILA | 0.019 | "SRI. SUBARNESWAR MAHADEV, BIJA PANKAL BADI MARFAT PARSURAM MOHANTY, MOHAN MOHANTY MAHADEB MOHANTY, KRUSHNA CHARAN MOHANTY, HARI MOHANTY ,S/O – NARAN MOHANTY" |
| 33 | 34 | Private | BILA | 0.026 | SIBASANKAR NAHAK, S/O- MAKARA NAHAK |
| 34 | 35 | Private | BILA | 0.026 | MALUNI NAHAK, W/O – MAKARA NAHAK |
| 35 | 36 | Private | BILA | 0.108 | MAKARA NAHAK, S/O – KESHATRI NAHAK |
| 36 | 37 | Private | BILA | 0.025 | RAMESH NAHAK, S/O- KAIBALYA NAHAK |
| 37 | 39 | Private | BILA | 0.057 | SASI SETHI, W/O- CHARIA SETHI |
| 38 | 40 | Private | BILA | 0.009 | SRI KHAMBASWARI THAKURANI BIJA K.S. PATNA ASKA. SABAYAT MANOJ KUMAR MUNI, MANINDRA KUMAR MUNI S/O – BOURI MUNI |
| 39 | 41 | Private | BILA | 0.048 | K. GANAPATI REDDY, S/O – MAGUNI REDDY |
| 40 | 42 | Private | BILA | 0.002 | GANAPATI NAHAK, PANU NAHAK, KHALI NAHAK DURAJA NAHAK, S/O – HADU NAHAK |
| 41 | 604 | Private | BILA | 0.275 | C. GURUNATH PATRO, S/O – C. RAMADU PATRO |
| 42 | 606 | Private | BILA | 0.088 | G. SRIRAMALU PATRA, S/O – MALA PATRA G. UDIAMA PATRA W/O – SRIRAMALU PATRA. G. KALIA PATRO G. BHIMA PATRA S/O – G. SRIRAMALU PATRO |
| 43 | 607 | Private | RAYATI | 0.071 | C. DANDASI PATRO, S/O – C. DASU PATRO |
| 44 | 608 | Private | RAYATI | 0.055 | ARAKHIT BEHERA, S/O – BHOBANI BEHERA |
| 45 | 623 | Private | RAYATI | 0.296 | N. DANDA REDDY, N. KRISHNA REDDY S/O – N MATHAI REDDY |
| 46 | 624 | Private | RAYATI | 0.05 | DUKHISYAM PRADHAN, S/O – LADU PRADHAN |
| 47 | 625 | Private | BDP-1 | 0.148 | N AMAI AMA, W/O – N GOBIND |
| 48 | 64 | Private | RAYATI | 0.012 | GANAPATI NAHAK, PANU NAHAK, KHALI NAHAK, DURAJ NAHAK S/O – HADU NAHAK |
| 49 | 65 | Private | BDP-2 | 0.006 | RAMESH NAHAK, S/O – KAIBALYA NAHAK |
| 50 | 66 | Private | BDP-2 | 0.003 | MAKARA NAHAK, W/O – KSHETRA NAHAK |
| 51 | 67 | Private | BDP-2 | 0.001 | BIDYA NAHAK, S/O – LOKANATH NAHAK |
| 52 | 69 | Private | BDP-1 | 0.105 | MURULI SWAIN, S/O- RAGHU SWAIN |
| 53 | 70 | Government | ADI | 0.028 | GOVERNMENT OF ODISHA (IRRIGATION DEPARTMENT) |
| 54 | 71 | Government | ADI | 0.027 | GOVERNMENT OF ODISHA (IRRIGATION DEPARTMENT) |
| 55 | 72 | Government | PANI NALA | 0.01 | GOVERNMENT OF ODISHA (IRRIGATION DEPARTMENT) |
| 56 | 97 | Government | CANAL | 0.008 | GOVERNMENT OF ODISHA (IRRIGATION DEPARTMENT) |
| Village: Kaithada Ramachandrapur | | | | | |
| 57 | 1012 | Private | BILA JOLA SACHITA DO PHASALI | 0.001 | SAHIB KAR, AMULYA KAR, S/O- SIMANCHAL KAR |
| 58 | 1014 | Private | BILA JOLA SACHITA DO PHASALI | 0.001 | RADHAMOHAN PADHI, S/O- ANAM PADHI |
| 59 | 1015 | Private | BILA JOLA SACHITA DO PHASALI | 0.012 | JUDHISTIR GOUDA, S/O- KIRTAN GOUDA |
| 60 | 1025 | Private | BILA JOLA SACHITA DO PHASALI | 0.003 | P SADABANI REDDY,W/O-P HARI REDDY, MAHANTARA REDDY S/O- ADIGA REDDY |
| 61 | 1026 | Private | BILA JOLA SACHITA DO PHASALI | 0.002 | P SADHABANI REDDY, W/O- P HARI REDDY |
| 62 | 1027 | Private | BILA JOLA SACHITA DO PHASALI | 0.005 | RAM GOUDA, S/O- BHIMA GOUDA |
| 63 | 1028 | Private | BILA JOLA SACHITA DO PHASALI | 0.002 | G RAGHUNATH PATRO, S/O- BHARAT PATRO |
| 64 | 1029 | Private | BILA JOLA SACHITA DO PHASALI | 0.003 | G RAGHUNATH PATRO, S/O-G BHARAT PATRO |
| 65 | 1030 | Private | BILA JOLA SACHITA DO PHASALI | 0.005 | G RAGHUNATH PATRO, S/O- G BHARAT PATRO |
| 66 | 1207 | Private | GHARABARI | 0.005 | SURENDRA MAHAPATRA, S/O- SOMANATH MAHAPATRA, MAYABATI MAHAPATRA, W/O- SOMANATH MAHAPATRA, BANCHANIDHI MAHAPATRA, BHAGABAN MAHAPATRA, S/O- BIRA MAHAPATRA |
| 67 | 1208 | Private | PATITA | 0.003 | KUMARI KAR W/O- GOPINATH KAR |
| 68 | 1209 | Private | GHARABARI | 0.003 | UDAYANATH PADHI, RAJENDRA PADHI, SURENDRA PADHI, JUDHISTIR PADHI S/O- ADIKAND PADHI, GOLI PADHI W/O- ADIKAND PADHI, PANCHANAN PADHI, S/O- RAGHUNATH PADHI |
| 69 | 1213 | Private | JALASAYA-4 | 0.007 | SUDARSAN PADHI, S/O- BACHHA PADHI, PANCHANAN PADHI, S/O- RAGHUNATH PADHI |

# ଟ୍ରକ୍ ମାଲିକଙ୍କୁ ୨୦ ହଜାର ଲେଖାଏଁ ଜରିମାନା

## ଖଣିରୁ ଅଧିକ ଓଜନ ଖଣିଜ ପରିବହନ ଘଟଣା

ଯୋଡ଼ା,୧୦।୧୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳସ୍ଥିତ ଏକ ଖଣିରୁ ଅଧିକ ଓଜନ ଖଣିଜ ପରିବହନ ଘଟଣାରେ ସମ୍ପୃକ୍ତ ଟ୍ରକ୍ ମାଲିକମାନଙ୍କୁ ଖଣି ବିଭାଗ ୨୦ ହଜାର ଲେଖାଏଁ ଜରିମାନା କରିଛି। ଜରିମାନା ଦେଇ ମାଲିକମାନେ ଟ୍ରକ୍ ନେଇଥିବା ଜଣାପଡ଼ିଛି। ଘଟଣାରେ ବିଭାଗର ତରବରିଆ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଚଳିତ ମାସ ୨ରେ ଭଦ୍ରାସାହି ଓଏମ୍‌ଡିସି ଖଣିରୁ କଣ୍ଟା ଓଜନଠାରୁ ଅଧିକ ଓଜନର ଲୁହାପଥର ପରିବହନ ହେଉଥିବା ୧୨ଟି ଟ୍ରକକୁ ଖଣି ବିଭାଗ ଅଟକ ରଖିଥିଲା। ଘଟଣାର ଯାଞ୍ଚ କରି ସମ୍ପୃକ୍ତ ଖଣିକୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରିଥିଲା। ମାତ୍ର ୮ଦିନର ତଦନ୍ତ ପରେ ବିଭାଗ ପକ୍ଷରୁ ଉକ୍ତ ୧୨ଟି ଟ୍ରକ୍‌ଗୁଡ଼ିକରୁ ଟ୍ରକ୍ ପିଛା ୨୦ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଜରିମାନା ଆଦାୟ ପରେ ସମସ୍ତ ଟ୍ରକ୍ ଛାଡ଼ି ଦିଆଯାଇଛି। କାରଣ ଦର୍ଶାଅ ନୋଟିସ୍ ଉତ୍ତରରେ ଓଜନ ଏବଂ ମାପ ବିଭାଗ ପକ୍ଷରୁ ଖଣିରେ ଥିବା ଓଜନ କଣ୍ଟାଟି ଠିକ୍ ଓ ନିର୍ଭୁଲ ଥିବା ଦର୍ଶାଇ ଦିଆଯାଇଛି। କାରଣ ଦର୍ଶାଅ ନୋଟିସ୍‌ର ସନ୍ତୋଷଜନକ ଉତ୍ତର ମିଳି ନ ଥିବା ବେଳେ ତରବରିଆ ଭାବେ ଖଣି ବିଭାଗ ପକ୍ଷରୁ ଟ୍ରକ୍‌ଗୁଡ଼ିକୁ ଜରିମାନା କରାଯାଇଛି ବୋଲି ଟ୍ରକ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ କହିଛନ୍ତି ଯେ, ଏହା ଟ୍ରକ୍ ମାଲିକଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। କଣ୍ଟାର ତ୍ରୁଟି ସମ୍ପର୍କରେ ଖଣି ବିଭାଗ କିପରି ଅବଗତ ନ ଥିଲା ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି।

# ଏଏସ୍‌ଓ ପରୀକ୍ଷାରେ ତ୍ରୁଟି ଅଭିଯୋଗରେ ଧାରଣା

## ସ୍ପଷ୍ଟୀକରଣ ରଖିଲେ ଓପିଏସ୍‌ସି କର୍ତ୍ତୃପକ୍ଷ

କଟକ ଅଫିସ,୧୦।୧୧

ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷାରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ କରି ଗୁରୁବାର କଟକସ୍ଥିତ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ପରୀକ୍ଷାର୍ଥୀ ଧାରଣାରେ ବସିଥିଲେ। ପରୀକ୍ଷା ପରେ କଟ୍ ଅଫ୍ ମାର୍କ, ମାର୍କ ଶିଟ୍ ଆସିବାରେ ବିଳମ୍ବ, ପରୀକ୍ଷା ହଲ୍‌ରେ ଖାତା ଖୋଲି ନ ଥିବା ପରୀକ୍ଷାର୍ଥୀ ପାସ୍ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ପରୀକ୍ଷାର୍ଥୀମାନେ ହାତରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ପୋଲିସ ଧାରଣାରତ ପରୀକ୍ଷାର୍ଥୀଙ୍କୁ ବୁଝାଶୁଝା କରିଥିଲା। ମାତ୍ର ଓପିଏସ୍‌ସି ଅଧ୍ୟକ୍ଷ ସେମାନଙ୍କ ସହ ସିଧାସଳଖ ଆଲୋଚନା କରିବାକୁ ପରୀକ୍ଷାର୍ଥୀମାନେ ଦାବି କରିଥିଲେ। ତେବେ ଦାବି ଅନୁସାରେ ଆଲୋଚନା ପରେ ସେମାନେ ଧାରଣାରୁ ଓହରିଥିଲେ।




ଏ ନେଇ ଓପିଏସ୍‌ସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେକ୍ରେଟାରି ପ୍ରମୋଦ କୁମାର ମିଶ୍ର ଗୁରୁବାର ପ୍ରେସ୍ ବିବୃତିରେ ସ୍ପଷ୍ଟୀକରଣ ରଖିବା ସହ ସମସ୍ତ ଅଭିଯୋଗ ଭିତ୍ତିହୀନ ଓ ମିଥ୍ୟା ବୋଲି କହିଛନ୍ତି। ଓପିଏସ୍‌ସିଙ୍କ ପ୍ରଚଳିତ ନୀତି ଅନୁସାରେ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ହିଁ ସମସ୍ତ ଉତ୍ତର ଖାତା, କଟ୍‌ଅଫ୍ ମାର୍କ ଓ ବ୍ୟକ୍ତିଗତ ପ୍ରାର୍ଥୀଙ୍କ ମାର୍କ ଆଦି କମିଶନଙ୍କ ୱେବ୍‌ସାଇଟରେ ଉପଲବ୍ଧ ହେବ। ଏହି ନିୟମ ମଧ୍ୟ ସମସ୍ତ ପ୍ରଶାସନିକ ସେବା ପରୀକ୍ଷା ଓ ୟୁପିଏସ୍‌ସି ପରୀକ୍ଷାରେ ଅବଲମ୍ବନ କରାଯାଇଥାଏ। କମିଶନଙ୍କ ଦ୍ୱାରା ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ନିରପେକ୍ଷ ଓ ପାରଦର୍ଶିତାର ସହ ହୋଇଥାଏ। ଏଏସ୍‌ଓ ପରୀକ୍ଷାରେ ମଧ୍ୟ ସେହି ନୀତି ପାଳନ କରାଯାଇଛି।

# ବାଇକ୍ ଆରୋହୀଙ୍କୁ ଦେଢ଼ କି.ମି. ଘୋଷାଡ଼ି ନେଲା ଟ୍ରକ୍

## ଦୁଇ ଗାଡ଼ି ଜବତ, ଚାଳକ ଗିରଫ

କେନ୍ଦୁଝର, ୧୦।୧୧(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥ ରାଇସୁଆଁ ଡାହାଣପାର୍ଶ୍ୱ ଜିଟି ପେଟ୍ରୋଲ ପମ୍ପ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଜଣେ ବାଇକ୍ ଆରୋହୀଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ଦେଢ଼ କି.ମି. ଘୋଷାଡ଼ି ନେଇଥିଲା। ଘଟଣାରେ ବାଇକ୍‌ଆରୋହୀ ମହାଦେଇଯୋଡ଼ା ପଞ୍ଚାୟତ ଟିକରପଡ଼ା ରଥମରାସାହିର କୃଷ୍ଣ ମୁଣ୍ଡା(୫୮)ଙ୍କ ମୃତ୍ୟୁ ଘଟିଛି। ପୋଲିସ ଟ୍ରକ୍ ଚାଳକଙ୍କୁ ଗିରଫ କରି ତଦନ୍ତ କରୁଛି।

ପୋଲିସ ସୂଚନା ମୁତାବକ, କୃଷ୍ଣ ଏକ ଟିଭିଏସ୍ ବାଇକ୍ ନଂ. ଓଡି-୦୯-ଇ-୦୭୫୯ରେ ଡିଜେଲ ଆଣିବାକୁ ଯାଉଥିଲେ। ଜିଟି ପେଟ୍ରୋଲ ପମ୍ପ ନିକଟରେ ପଛପଟୁ ଆସୁଥିବା ଏକ ଟ୍ରକ୍ (ନଂ. ଓଡି-୦୯-ସି-୫୦୩୩) ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯାଇ ଟ୍ରକ୍ ସମ୍ମୁଖ ଭାଗରେ ଲାଖିଯାଇଥିଲେ। ଟ୍ରକ୍ ଡ୍ରାଇଭର ଗାଡ଼ି ନ ଅଟକାଇ ବାଇକ ସହିତ ତାଙ୍କୁ ପାଖାପାଖି ଦେଢ଼ କିଲୋମିଟର ଘୋଷାଡ଼ି ନେଇଥିଲେ। ସଦର ଥାନା ନିକଟରେ ଗାଡ଼ି ଅଟକାଇଥିବା ବେଳେ ସେତେବେଳକୁ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା। ସଦର ଥାନା ପୋଲିସ ପହଞ୍ଚି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ମୃତଦେହ ଜବତ କରିଥିଲା। ମୃତଦେହ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ମାମଲା (ନଂ.୪୪୦/୨୨) ରୁଜୁ କରି ବିହାର ଅଞ୍ଚଳର ୧୪ ଚକିଆ ଟ୍ରକ ଚାଳକ ମହେନ୍ଦ୍ର ଯାଦବ(୭୫)ଙ୍କୁ କୋର୍ଟଚାଲାଣ କରିଛି।

| | | | | | |
|---|---|---|---|---|---|
| 70 | 194 | Private | BILA JOLA SACHITA DO PHASALI | 0.005 | NARSU REDDY, S/O- HARI REDDY |
| 71 | 258 | Private | BILA JOLA SACHITA DO PHASALI | 0.015 | BANCHANIDHI SWAIN, KASINATH SWAIN, S/O- JURIA SWAIN |
| 72 | 259 | Private | BILA JOLA SACHITA DO PHASALI | 0.034 | KAIBALYA NAYAK, S/O- CHOUDHURY NAYAK, GANGANDHAR NAYAK, S/O - TRINATH NAYAK, JAYANTI NAIK,S/O-ARAKHITA NAIK, PRAMILA NAIK, W/O-ARAKHITA NAIK, ABHIMANYU NAIK, S/O- ARJUN NAIK, BANAMALI GOUDA, S/O – BIRA GOUDA |
| 73 | 260 | Private | BILA JOLA SACHITA DO PHASALI | 0.008 | KAIBALYA NAYAK, S/O- CHOUDHURY NAYAK, GANGANDHAR NAYAK, S/O - TRINATH NAYAK, JAYANTI NAIK,S/O-ARAKHITA NAIK, PRAMILA NAIK, W/O-ARAKHITA NAIK, ABHIMANYU NAIK, S/O- ARJUN NAIK, BANAMALI GOUDA, S/O – BIRA GOUDA |
| 74 | 264 | Private | BILA JOLA SACHITA DO PHASALI | 0.001 | UDAYANATH PADHY, RAJENDRA PADHY, SURENDRA PADHY, JUDHISTIR PADHY S/O- ADIKANDA PADHY, GOLI PADHI, W/O- ADIKANDA PADHY |
| 75 | 265 | Private | BILA JOLA SACHITA DO PHASALI | 0.002 | UDAYANATH PADHY, RAJENDRA PADHI, SURENDRA PADHY, JUDHISTIR PADHY S/O- ADIKANDA PADHY, GOLI PADHY, W/O- ADIKANDA PADHY |
| 76 | 268 | Private | BILA JOLA SACHITA DO PHASALI | 0.002 | UDAYANATH PADHY, RAJENDRA PADHY, SURENDRA PADHY, JUDHISTIR PADHY S/O- ADIKANDA PADHY, GOLI PADHI, W/O- ADIKANDA PADHY |
| 77 | 269 | Private | BILA JOLA SACHITA DO PHASALI | 0.003 | M. SULACHANA REDDY W/O- M. LINGARAJ REDDY |
| 78 | 271 | Private | BILA JOLA SACHITA DO PHASALI | 0.019 | ADIKAND PADHI S/O-ANAM PADHY |
| 79 | 272 | Private | BILA JOLA SACHITA DO PHASALI | 0.007 | ANANDA GOUDA, RAGHU GOUDA, JUDHISTIR GOUDA, S/O- DAS GOUDA, JAMBHU GOUDA, GHUGUDI GOUDA , HEMA GOUD, S/O-SOMANATH GOUDA |
| 80 | 273 | Private | BILA JOLA SACHITA DO PHASALI | 0.01 | ANANDA GOUDA, RAGHU GOUDA, JUDHISTIR GOUDA, S/O- DAS GOUDA, JAMBHU GOUDA, GHUGUDI GOUDA , HEMA GOUD, S/O-SOMANATH GOUDA |
| 81 | 274 | Private | BILA JOLA SACHITA DO PHASALI | 0.007 | TRINATH GOUDA, NATABAR GOUDA, S/O-PUNIA GOUDA |
| 82 | 275 | Private | BILA JOLA SACHITA DO PHASALI | 0.006 | UDAYANATH PADHI, RAJENDRA PADHI, SURENDRA PADHI, JUDHISTIR PADHI, S/O- ADIKANDA PADHY |
| 83 | 276 | Private | BILA JOLA SACHITA DO PHASALI | 0.008 | RAMA CHANDRA DAKUA, S/O- LAXMAN DAKUA, TRINATH DAKUA, BANCHINIDHI DAKUA, S/O-PUNIA DAKUA, SUBAS DAKUA, SANTOSH DAKUA, TUNU DAKUA, SARA DAKUA, S/O- BHARAT DAKUA |
| 84 | 278 | Private | BILA JOLA SACHITA DO PHASALI | 0.026 | SANGRAM KESARI PADHY, S/O- RUSINATH PADHY |
| 85 | 281 | Private | BILA JOLA SACHITA DO PHASALI | 0.016 | RUSINATH PADHY, S/O-BALI PADHY |
| 86 | 282 | Private | BILA JOLA SACHITA DO PHASALI | 0.039 | BABA CHANDRA MOHANTY, PRAMOD MOHANTY, S/O- TRILOCHAN MOHANTY, SAROJIN MOHANTY, W/O- TRILOCHAN MOHANTY |
| 87 | 307 | Private | BILA JOLA SACHITA DO PHASALI | 0.022 | PADMANABH KAR, S/O- BHABANI KAR |
| 88 | 308 | Private | BILA JOLA SACHITA DO PHASALI | 0.017 | K BISWANATH REDDY, S/O- K ADI REDDY |
| 89 | 310 | Private | BILA JOLA SACHITA DO PHASALI | 0.007 | RASHMITA PANDA, W/O- BAIDHAR PANDA |
| 90 | 316 | Private | BILA JOLA SACHITA DO PHASALI | 0.001 | GRAMKOTH TARTA FA – GANAPATI NAHAK, S/O- GANDU NAHAK |
| 91 | 317 | Private | BILA JOLA SACHITA DO PHASALI | 0.001 | SOMANATH MOHANTY, S/O- BHASIA MOHANTY |
| 92 | 318 | Private | BILA JOLA SACHITA DO PHASALI | 0.002 | SOMANATH MOHANTY, S/O- BHASIA MOHANTY |
| 93 | 319 | Private | BILA JOLA SACHITA DO PHASALI | 0.003 | PADMANABHA KAR, S/O – BHOBANI KAR |
| 94 | 323 | Private | JALASAYA-2 | 0.001 | GRAMKOTH TARTA – GANAPATI NAHAK S/O- GANDU NAHAK |
| 95 | 324 | Private | JALASAYA-3 | 0.011 | SAHIAB KAR, AMULYA KAR, S/O- SIMANCHAL KAR |
| 96 | 327/1501 | Private | BILA JOLA SACHITA DO PHASALI | 0.013 | NARSU GOUDA, S/O-KIRTAN GOUDA |
| 97 | 329 | Private | BAGAYATA 2 | 0.009 | BRAMHANAND KAR, S/O – ANANTA KAR |
| 98 | 330 | Private | BILA JOLA SACHITA DO PHASALI | 0.007 | BRUNDABAN KAR, S/O – ANANTA KAR |
| 99 | 764 | Private | BILA JOLA SACHITA DO PHASALI | 0.033 | HARI GOUDA, S/O- UDAYA GOUDA |
| 100 | 815 | Private | BILA JALA SECHITA DOPHASALI | 0.004 | MADHUSUDAN MOHANTY, S/O- JAGANNATH MOHANTY |
| 101 | 816 | Private | BILA JOLA SACHITA DO PHASALI | 0.002 | BHAGABAN PANDA, S/O- KRUSHNA PANDA |
| 102 | 817 | Private | BILA JOLA SACHITA DO PHASALI | 0.002 | BHAGABAN PANDA, S/O- KRUSHNA PANDA |
| 103 | 820 | Private | BILA JOLA SACHITA DO PHASALI | 0.001 | SAHIAB KAR, AMULYA KAR, S/O- SIMANCHAL KAR |
| 104 | 821 | Private | BILA JOLA SACHITA DO PHASALI | 0.005 | BRAMHA NANDA KAR, S/O- ANANTA KAR |
| 105 | 909 | Private | GHARABARI | 0.001 | M. SANDHY REDDY, W/O – M. BIJAYA KUMAR REDDY |
| 106 | 909/1500 | Private | GHARABARI | 0.001 | KANAK GOUDA, S/O – DEBARAJ GOUDA |
| 107 | 909/1503 | Private | GHARABARI | 0.001 | PADMANABH KAR, W/O- BHABANI KAR |
| 108 | 910 | Private | GHARABARI | 0.001 | JURINATH DAKUA, RAGHUNATH DAKUA, PRAFUL DAKUA, SUBAS DAKUA, MAHADAI DAKUA, CHANDURI DAKUA, SURJYA DAKUA, GAI DAKUA, PATA DAKUA, S/O – BOURI DAKUA |
| 109 | 911 | Private | GHARABARI | 0.001 | JURINATH DAKUA, RAGHUNATH DAKUA, PRAFUL DAKUA, SUBAS DAKUA, MAHADAI DAKUA, CHANDURI DAKUA, SURJYA DAKUA, GAI DAKUA, PATA DAKUA, S/O – BOURI DAKUA |
| 110 | 912 | Private | GHARABARI | 0.005 | JURINATH DAKUA, RAGHUNATH DAKUA, PRAFUL DAKUA, SUBAS DAKUA, MAHADAI DAKUA, CHANDURI DAKUA, SURJYA DAKUA, GAI DAKUA, PATA DAKUA, S/O – BOURI DAKUA |
| 111 | 913 | Government | PATITA | 0.002 | GOVERNMENT OF ODISHA (SARBA SADHRAN) |
| 112 | 914 | Government | PATITA | 0.001 | GOVERNMENT OF ODISHA (SARBA SADHRAN) |
| 113 | 915 | Government | PATITA | 0.001 | GOVERNMENT OF ODISHA (SARBA SADHRAN) |
| **Village: Kara Rajendrapur** | | | | | |
| 114 | 24 | Private | RAYATI | 0.004 | "MURALIDHAR MAHAPATRO, S/O – SRIDHAR MAHAPATRO, SRIDHAR MAHAPATRO, S/O – BHIMA MAHAPATRO" |
| 115 | 318 | Private | RAYATI | 0.025 | BISHNUPRASAD PANDA, S/O- RAM NATH PANDA |
| 116 | 37 | Private | GHARABARI | 0.019 | PEKAL ANIL KUMAR PATRO, S/O- KRUSHNA MURTY PATRO |
| 117 | 39 | Private | RAYATI | 0.048 | SARADHA MOHANTY, W/O – BINAYAK MOHANTY |
| 118 | 47 | Private | RAYATI | 0.05 | RAMNATH PANDA, S/O- HARIHAR PANDA |
| **Village: Kusuraba** | | | | | |
| 119 | 189 | Private | RAYATI | 0.004 | PRAFUL SAHU, S/O- KHALI SAHU |
| 120 | 190 | Government | ABADA JOGYA ANABADI | 0.011 | GOVERNMENT OF ODISHA (A.J.A) |
| 121 | 202 | Government | ABADA JOGYA ANABADI | 0.001 | GOVERNMENT OF ODISHA (A.J.A) |
| 122 | 203 | Private | RAYATI | 0.005 | MOCHIA GOUDA, S/O- LOCHAN GOUDA, PATA GOUDA, CHALA GOUDA, S/O- BOURI GOUDA |
| 123 | 204 | Private | BILA JOLA SACHITA DO PHASALI | 0.001 | KALU GOUDA, S/O- ARJUN GOUDA |
| 124 | 244 | Private | RAYATI | 0.002 | RUSINATH PADHY, S/O- BALARAM PADHY |
| 125 | 245 | Private | RAYATI | 0.015 | PANCHANAN ROUT, S/O- BINA ROUT |
| 126 | 247 | Private | RAYATI | 0.017 | TARANI MOHANTY, S/O- CHOUDHURY MOHANTY |
| 127 | 248 | Private | RAYATI | 0.007 | PANDAB GOUD, S/O- BHIM GOUD |
| 128 | 249 | Private | BILA | 0.005 | KHALIA GOUDA, S/O- KAIBALYA GOUDA |
| 129 | 266 | Private | RAYATI | 0.025 | BINA ROUT, S/O- RAM ROUT |
| 130 | 36 | Private | RAYATI | 0.015 | LADU KISHOR PADHY, S/O- HARA KRUSHNA PADHY |
| 131 | 37 | Private | RAYATI | 0.023 | JAYANTI DAS, W/O- SYAM SUNDAR DAS |
| 132 | 44 | Private | RAYATI | 0.043 | DANDASI MOHANTY, S/O LOCHAN MOHANTY |
| 133 | 695 | Government | DANDA | 0.004 | GOVERNMENT OF ODISHA (SARBASADHARANA) |
| 134 | 696 | Government | ABADA JOGYA ANABADI | 0.007 | GOVERNMENT OF ODISHA (AJA) |
| 135 | 697 | Private | RAYATI | 0.014 | BIJAYA KUMAR PATTNAYAK, S/O SATYABADI PATTNAIK |
| 136 | 7 | Government | RASTA | 0.003 | GOVERNMENT OF ODISHA (SARBA SADHRAN) |
| 137 | 700 | Private | RAYATI | 0.004 | NARAYAN GOUDA, S/O- KANDHA GOUDA |
| 138 | 701 | Private | RAYATI | 0.001 | NARAYAN PRADHAN, RAMA PRADHAN, KAMA PRADHAN, GOURI PRADHAN S/O KRUSHNA PRADHAN, PADI PRADHAN, W/O- KRUSHNA PRADHAN |
| 139 | 705 | Private | RAYATI | 0.021 | JURI DAKUA, S/O- BOURI DAKUA |
| 140 | 706 | Private | RAYATI | 0.018 | SATYABADI PRADHAN, S/O- BHARAT PRADHAN |
| 141 | 710 | Private | RAYATI | 0.032 | JAYANTI DAS, W/O- SYAM SUNDAR DAS |
| 142 | 711 | Private | RAYATI | 0.003 | SATYABADI PRADHAN, S/O- BHARAT PRADHAN |
| 143 | 712 | Private | RAYATI | 0.038 | DANDASI MOHANTY , S/O- LOCHAN MOHANTY |
| 144 | 713 | Private | RAYATI | 0.001 | BRUNDABAN PATTNAYIK, S/O DAMODAR PATTNAYIK |
| 145 | 714 | Government | RASTA | 0.008 | GOVERNMENT OF ODISHA (SARBA SADHRAN) |
| 146 | 716 | Private | RAYATI | 0.018 | DANDASI MOHANTY, S/O- LOCHANI MOHANTY |
| 147 | 717 | Private | RAYATI | 0.0011 | PADMANABH PATTNAYAK, MURALIDHAR PATTANAYAK, BIJAYA KUMAR PATTANAYAK, S/O SATYABADI PATTANAYAK |
| 148 | 718 | Private | RAYATI | 0.013 | PADMANABH PATTNAYAK , MURALIDHARA PATTNAYAK , BIJAYA KUMAR PATTNAYAK, S/O- SATYABADI PATTNAYAK |
| 149 | 719 | Government | ABADA JOGYA ANABADI | 0.002 | GOVERNMENT OF ODISHA (AJA) |
| 150 | 781 | Private | GHARABARI | 0.001 | BANCHA GOUD, S/O- BIRA GOUD |
| 151 | 783 | Private | RAYATI | 0.03 | DAM SAHU , SANYASI SAHU , DINABANDHU SAHU, S/O- BOURI SAHU |
| 152 | 784 | Private | RAYATI | 0.026 | RUSINATH PADHY, S/O- BALARAM PADHY |
| 153 | 790 | Private | RAYATI | 0.016 | UDAYANATH ROUT, S/O- BASU ROUT |
| 154 | 791 | Private | RAYATI | 0.022 | JUDHISTER GOUD, S/O- DAS GOUDA |
| 155 | 798 | Private | RAYATI | 0.04 | JURI DAKUA, S/O- BOURI DAKUA |
| 156 | 799 | Private | RAYATI | 0.02 | PRASAN KUMAR GOUD , DEBARAJ GOUD, S/O- UCHAB GOUD, MANDI GOUD, W/O- UCHAB GOUD |
| 157 | 8 | Government | RAKHIT | 0.01 | GOVERNMENT OF ODISHA (RAKHIT) |
| 158 | 800 | Private | RAYATI | 0.001 | HANU GOUDA, S/O- KANDHA GOUDA |
| 159 | 820 | Private | RAYATI | 0.001 | SATYABADI PRADHAN, S/O- BHARAT PRADHAN |
| 160 | 821 | Private | RAYATI | 0.028 | NARAYAN PRADHAN, RAMA PRADHAN , KAMA PRADHAN, GURI PRADHAN, S/O KRUSHNA PRADHAN, PADI PRADHAN, W/O- KRUSHNA PRADHAN |
| 161 | 822 | Private | RAYATI | 0.016 | PANCHANAN GOUD, S/O- RAGHU GOUD |
| 162 | 823 | Private | RAYATI | 0.022 | PANCHANAN ROUT, S/O- BINA ROUT |
| 163 | 824 | Private | RAYATI | 0.014 | BHAGABAN JENA, S/O- MADHAB JENA |
| 164 | 825 | Private | RAYATI | 0.013 | DANDAPANI JENA, S/O- GANDU JENA |
| 165 | 828 | Private | RAYATI | 0.013 | BHAGABAN JENA, S/O- MADHAB JENA |
| 166 | 829 | Government | PATITA | 0.005 | GOVERNMENT OF ODISHA (AJA) |
| **Village: Padia Damodarapalli** | | | | | |
| 167 | 34 | Private | RAYATI | 0.099 | K. SABITRI AMA REDDY, W/O- K. PANDAB REDDY |
| 168 | 35 | Private | RAYATI | 0.157 | N. SUNDRSMA REDDY, W/O- N. TRINATH REDDY |
| 169 | 36 | Government | AJA(NA) | 0.042 | GOVERNMENT OF ODISHA (AJA) |
| 170 | 37 | Government | AJA(NA) | 0.039 | GOVERNMENT OF ODISHA (AJA) |
| 171 | 38 | Private | RAYATI | 0.009 | MALATI BISWAL, S/O- TRINATH BISWAL |
| 172 | 44 | Private | RAYATI | 0.188 | DEBARAJ PATTNAYAK, D/O- ARTA PATTNAYAK |
| **Village: Sundarpalli** | | | | | |
| 173 | 800 | Private | RAYATI | 0.015 | GURUBARI SAHU, D/O- RAJAN SAHU |
| 174 | 801 | Private | RAYATI | 0.02 | SRIMATI SAHU, W/O- LADU KISHOR SAHU |
| 175 | 805 | Private | RAYATI | 0.027 | A. KASINATH PATRO, S/O- MAGATA PATRO |
| | | | **TOTAL** | **6.5528** | |

**[F. No. RO/BBSR/11011/59/ORS/2020-21/614/BMPR/2020/3D]**
**RAJESH GUPTA, Director**
**Sd./- Tahasildar-cum-CALA, Aska**

# ଅର୍ଚ୍ଚନାଙ୍କ ସମେତ ୪ ଅଭିଯୁକ୍ତଙ୍କ ଘରେ ଇଡି ଚଢ଼ାଉ

ଭୁବନେଶ୍ୱର,(ବ୍ୟୁରୋ)/ବାଙ୍କୀ (ସ୍ୱ.ପ୍ର)/ଜଳେଶ୍ୱର/କେସିଙ୍ଗା, ୧୦।୧୧(ଡି.ଏନ୍.ଏ)

ରାଜନେତା, ବ୍ୟବସାୟୀ, ଅଧିକାରୀଙ୍କ ସମେତ ବହୁ କ୍ଷମତାଶାଳୀ ବ୍ୟକ୍ତିଙ୍କୁ ହନିଟ୍ରାପ୍‌ର ମାୟାଜାଲରେ ଫସାଇ ବିପୁଳ ଅର୍ଥ ହଡ଼ପ ଅଭିଯୋଗରେ ଜେଲରେ ଅଛନ୍ତି ବ୍ଲାକ୍‌ମେଲର ମହିଳା ଅର୍ଚ୍ଚନା ନାଗ ଏବଂ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିଜ ଆଡୁ ମାମଲା ରୁଜୁ କରି ଅର୍ଚ୍ଚନାଙ୍କ ସମେତ ୪ ଅଭିଯୁକ୍ତଙ୍କ ବେଆଇନ ଅର୍ଥ କାରବାର ସଂକ୍ରାନ୍ତରେ ଖୋଳତାଡ଼ କରୁଛି। ଗୁରୁବାର ଇଡି ଅର୍ଚ୍ଚନା, ଜଗବନ୍ଧୁ, ସହଯୋଗୀ ଖଗେଶ୍ୱର ପାତ୍ର ଓ ପୀଡିତା ଶ୍ରଦ୍ଧାଞ୍ଜଳିଙ୍କ ଘର ସମେତ ୪ ଜିଲାର ୬ଟି ସ୍ଥାନରେ ଚଢ଼ାଉ କରିଛି। ଏହା ମଧ୍ୟରେ କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଅର୍ଚ୍ଚନାଙ୍କ ପୈତୃକ ଘର, ଭୁବନେଶ୍ୱର ସତ୍ୟବିହାରସ୍ଥିତ ଆଲିସାନ୍ ଘର ଓ ବାଲେଶ୍ୱର ଜଳେଶ୍ୱରର ବାଉଁଶବଣିସ୍ଥିତ ଶାଶୁ ଘର ବା ସ୍ୱାମୀ ଜଗବନ୍ଧୁଙ୍କ ଘର ରହିଛି। ସେହିପରି କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ପଞ୍ଚାୟତ ଗଙ୍ଗେଶ୍ୱର ଗ୍ରାମରେ ଥିବା ସହଯୋଗୀ ଖଗେଶ୍ୱରଙ୍କ ଘର, ସତ୍ୟବିହାରରେ ଅର୍ଚ୍ଚନାଙ୍କ ଆଲିସାନ୍ ଘରକୁ ଲାଗି ରହିଥିବା ତାଙ୍କର ଆଉ ଏକ ଘର, ହଂସପାଳରେ ଥିବା ପୁରୁଣା ଗାଡ଼ି ଶୋରୁମ୍, କଟକ ଜିଲା ବାଙ୍କୀସ୍ଥିତ ପୀଡିତା ଶ୍ରଦ୍ଧାଞ୍ଜଳିଙ୍କ ଘରେ ମଧ୍ୟ ଇଡି ପକ୍ଷରୁ ଯାଞ୍ଚ କରାଯାଇଛି। ସେମାନଙ୍କ ବେଆଇନ ଆର୍ଥିକ କାରବାର ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଅର୍ଚ୍ଚନାଙ୍କ ଶାଶୁ ଘରୁ ଏକ ସୁଟ୍‌କେସ୍‌ରୁ ନଗଦ ୪୮ ହଜାର ଟଙ୍କା ଇଡି ଟିମ୍ ଜବତ କରିଛି। ଅନ୍ୟପକ୍ଷରେ ଖଗେଶ୍ୱରଙ୍କ ପୁରୁଣା ଗାଡ଼ି ବ୍ୟବସାୟରେ ଅର୍ଚ୍ଚନା ବହୁ ଟଙ୍କା ନିବେଶ କରିଥିବା ସୂଚନା ମିଳିଥିବାରୁ ଏହି ଦିଗକୁ ନେଇ ଇଡି ତଦନ୍ତ କରୁଛି। ଏ ସଂକ୍ରାନ୍ତରେ ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ଅର୍ଚ୍ଚନା ଓ ଖଗେଶ୍ୱରଙ୍କ ନିକଟ ସମ୍ପର୍କୀୟଙ୍କୁ ଅଧିକାରୀମାନେ ପାଇ ନ ଥିଲେ। ହେଲେ ରାତିରେ ଗଙ୍ଗେଶ୍ୱରସ୍ଥିତ ଘରୁ ଖଗେଶ୍ୱରଙ୍କୁ ଇଡି ଟିମ୍ ଉଠାଇ ନେଇ କୌଣସି ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା ଚଳାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ହନିଟ୍ରାପରେ ଅଧିକାଂଶ ନଗଦ ଟଙ୍କା କାରବାର ହୋଇଥିବାରୁ ଆର୍ଥିକ ଉତ୍ସ ସମ୍ପର୍କରେ ଇଡି ଅନୁସନ୍ଧାନ କରୁଛି। ସେହିଭଳି ଅର୍ଚ୍ଚନାଙ୍କ କଳାଧନ୍ଦାରେ ସମ୍ପୃକ୍ତ ବହୁ ପ୍ରଭାବଶାଳୀ ନେତା, ପ୍ରଶାନିକ ଅଧିକାରୀ ଓ ବଡ଼ବଡ଼ିଆ ଲୋକ ଅର୍ଚ୍ଚନାଙ୍କୁ ସାହାଯ୍ୟ କରୁଥିଲେ। ତେଣୁ ସେମାନେ ମଧ୍ୟ ଇଡିର ଜେରା ହୋଇପାରନ୍ତି ବୋଲି କୁହାଯାଉଛି। ଏହି ଚଢ଼ାଉ ଓ ଯାଞ୍ଚବେଳେ ସିଆର୍‌ପିଏଫ୍ ଆବଶ୍ୟକ ସୁରକ୍ଷା ଯୋଗାଇଥିଲା।


ଅର୍ଚ୍ଚନା ନାଗ, ଜଗବନ୍ଧୁ ଚାନ୍ଦ ଓ ଖଗେଶ୍ୱର ପାତ୍ର।

**ଖଗେଶ୍ୱରଙ୍କୁ ଉଠାଇ ନେଇ ପଚରାଉଚରା**
- ୪ ଜିଲାର ୬ ସ୍ଥାନରେ ଏକକାଳୀନ ଚଢ଼ାଉ
- ପୀଡିତା ଶ୍ରଦ୍ଧାଞ୍ଜଳିଙ୍କ ଘରେ ବି ଯାଞ୍ଚ
- ନଗଦ ଟଙ୍କା କାରବାର ହୋଇଥିବା ସୂଚନା


କେସିଙ୍ଗାସ୍ଥିତ ଅର୍ଚ୍ଚନାଙ୍କ ପୈତୃକ ଘର।


ବାଙ୍କୀସ୍ଥିତ ଶ୍ରଦ୍ଧାଞ୍ଜଳିଙ୍କ ଘରେ ଇଡି ଟିମ୍‌ର ତଦନ୍ତ।

## କାଠଫାଳିଆ ଧରି ଖବରଦାତାଙ୍କୁ ଗୋଡ଼ାଇଲେ ଶ୍ରଦ୍ଧାଞ୍ଜଳିଙ୍କ ମା’

ସକାଳେ ବାଙ୍କୀ କଲେଜ ରୋଡ଼ସ୍ଥିତ ରାଣୀ ଶୁକଦେଈ ମହିଳା ବିଦ୍ୟାଳୟ ସମ୍ମୁଖରେ ଥିବା ଶ୍ରଦ୍ଧାଞ୍ଜଳିଙ୍କ ଘରେ ଇଡି ଟିମ୍ ଚଢ଼ାଉ ଓ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେଜଣ ଖବରଦାତା ଖବର ପ୍ରସାରଣ କରିବାକୁ ଯିବାବେଳେ ଶ୍ରଦ୍ଧାଞ୍ଜଳିଙ୍କ ମା’ ସେମାନଙ୍କୁ କାଠଫାଳିଆ ଧରି ଗୋଡ଼ାଇଥିଲେ। ଏପରିକି କିଛି ବାଟ ଗୋଡ଼ାଇବା ପରେ ଉକ୍ତ କାଠଫାଳିଆକୁ ଖବରଦାତାଙ୍କ ଉପରକୁ ଫୋପାଡ଼ିଥିଲେ ମଧ୍ୟ ତାହା ସେମାନଙ୍କ ଉପରେ ପଡ଼ି ନ ଥିଲା।

## ଖଗେଶ୍ୱରଙ୍କ ଗାଡ଼ିରୁ ମିଳିଲା ଛୁରି, ଖେଳନା ବନ୍ଧୁକ



ଭୁବନେଶ୍ୱର ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଆଲିସାନ୍ ଘରକୁ ଲାଗି ରହିଥିବା ସହଯୋଗୀ ଖଗେଶ୍ୱରଙ୍କ ଘରେ ଇଡି ଚଢ଼ାଉ ସମୟରେ ଅଧିକାରୀମାନେ ତାଙ୍କର ଏକ କାର୍‌କୁ ମଧ୍ୟ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଉକ୍ତ ଗାଡ଼ିରୁ ୨ଟି ଛୁରି ଓ ଏକ ଖେଳନା ବନ୍ଧୁକ ମିଳିଥିଲା। ଏସବୁ ମାଧ୍ୟମରେ ଖଗେଶ୍ୱର ବେଆଇନ ସମ୍ପତ୍ତି ହାତେଇଥିବା ଅନୁମାନ କରି ଇଡି ତଦନ୍ତ ଚଳାଇଛି।

## ପୁଣି ରାଜନୈତିକ ବୟାନବାଜି

ଅର୍ଚ୍ଚନାଙ୍କ ସହ ବହୁ ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବାରୁ ଏହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ତେବେ ଇଡି ଚଢ଼ାଉ କରିବା ପରେ ପୁଣି ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ଭାଜପାର ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ବିଜେଡି ନେତାଙ୍କୁ ଇଙ୍ଗିତ କରି କହିଛନ୍ତି, ଇଡିର ଦର୍ପଣରେ ଆଉ ଅଳ୍ପ ସମୟ ମଧ୍ୟରେ ସମସ୍ତଙ୍କ ମୁଖା ଖୋଲିବ। ରାଜ୍ୟବାସୀଙ୍କ ଆଗରେ ସେମାନେ କ’ଣ ଉତ୍ତର ରଖିବେ ସେନେଇ ପ୍ରସ୍ତୁତ ହୋଇ ରୁହନ୍ତି ବୋଲି ସେ କହିଛନ୍ତି। ଅପରପକ୍ଷରେ ଏହାକୁ ନେଇ ବିଜେଡି ମୁଖପାତ୍ର ଇପ୍‌ସିତା ସାହୁ କହିଛନ୍ତି, ଅର୍ଚ୍ଚନା ନାଗ ମାମଲାରେ ଭାଜପାର ମାଳ ମାଳ ନେତାଙ୍କ ସମ୍ପୃକ୍ତି ରହିଛି। ହେଲେ ନିଜ ନେତାଙ୍କ ବିଷୟରେ ଚିନ୍ତା ନ କରି ଭାଜପା ନିଜର ମନ୍ତବ୍ୟ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ। ତଦନ୍ତ ପରେ ସତ ସାମ୍ନାକୁ ଆସିବ। ଯେତେବେଳେ ଏହି ମାମଲାରେ ଭାଜପା ନେତା ସମ୍ପୃକ୍ତ ଅଛନ୍ତି ବୋଲି ଜଣାପଡ଼ିବ, ସେତେବେଳେ ସେମାନଙ୍କ ହୋସ୍ ଉଡ଼ିଯିବ ବୋଲି ସେ କହିଛନ୍ତି।


ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଆଲିଶାନ ବଙ୍ଗଳାରେ ଯାଞ୍ଚ କରାଯାଉଛି।

## ପୋଲିସ ହାଉସିଂ କର୍ପୋରେଶନ ଏମ୍‌ଡିଙ୍କୁ ଭର୍ଚୁଆଲ ହାଜର ନିର୍ଦ୍ଦେଶ

**ଜେଲ ସଂସ୍କାର ମାମଲା: ଜବାବ ଦାଖଲ କରିବେ ଜେଲ ଡିଜି**

କଟକ ଅଫିସ, ୧୦।୧୧: ଜେଲରେ କଏଦୀ ସଂଖ୍ୟା ହ୍ରାସ ତଥା ଜେଲ ସଂସ୍କାର ସଂକ୍ରାନ୍ତ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଜେଲରେ କଏଦୀ ସଂଖ୍ୟା ହ୍ରାସ ପାଇଁ ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଜେଲ ନିର୍ମାଣ ଚାଲିଛି। ଏହି ନିର୍ମାଣ କରୁଥିବା ପୋଲିସ ହାଉସିଂ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ପରବର୍ତ୍ତୀ ଶୁଣାଣିରେ ଭର୍ଚୁଆଲରେ ଉପସ୍ଥିତ ହୋଇ ସବିଶେଷ ତଥ୍ୟ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏ ବାବଦରେ ଜେଲ ବିଭାଗ ଡିଜି ମଧ୍ୟ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜାନୁୟାରୀ ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଯାଜପୁର, ଭଦ୍ରକ ସବ୍‌ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରହୁଥିବା ନେଇ କୃଷ୍ଣପ୍ରସାଦ ସାହୁଙ୍କ ପକ୍ଷରୁ ଏକ ପିଟିଶନ କରାଯାଇଥିଲା। ଆମିକସ୍‌କ୍ୟୁରି ଗୌତମ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

## କର୍କଟ ପୀଡ଼ିତାଙ୍କ ପାଇଁ କେଶ ଦାନ

**ଲୀନାଙ୍କ ମହାନତା**

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ବିଭିନ୍ନ ଢଙ୍ଗରେ କେଶ ସଜାଇବାକୁ ଯୁବତୀମାନେ ଅଧିକ ପସନ୍ଦ କରନ୍ତି। ତେବେ ସମ୍ବଲପୁରର ଲୀନା ନାୟକ ନିଜର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ନୁହେଁ, ବରଂ ଅନ୍ୟ କର୍କଟ ରୋଗୀଙ୍କ ମୁହଁରେ ହସ ଫୁଟାଇବା ପାଇଁ କେଶ ବଢ଼ାଇ ନିଆରା ପ୍ରୟାସ କରିଛନ୍ତି। କର୍କଟ ପୀଡିତା କେମୋ ଥେରାପି ନେବା ସମୟରେ ନିଜର କେଶ ହରାଇବସନ୍ତି, ଯାହାକି ସେମାନଙ୍କୁ ମାନସିକ ସ୍ତରରେ ଅଧିକ ଦୁର୍ବଳ କରିଦିଏ। ପୀଡିତାଙ୍କ ଏହି କଷ୍ଟ ଲାଘବ କରିବା ପାଇଁ ଲୀନା ସେମାନଙ୍କୁ ନିଜର କେଶ ଦାନ କରିବା ପାଇଁ ଚାହୁଁଥିଲେ। ତେଣୁ ସେ ଦୀର୍ଘଦିନରୁ ଯତ୍ନ ସହକାରେ ବଢ଼ାଇଥିବା ପ୍ରାୟ ୩୦ ସେଣ୍ଟିମିଟର ଘଞ୍ଚ ଲମ୍ବା କେଶକୁ ସେ ହାଇଦ୍ରାବାଦର ଏକ ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଦାନ କରିଛନ୍ତି। କେଶରେ କେରାଟିନ୍ ଟ୍ରିଟ୍‌ମେଣ୍ଟ ନେବା ସହ ଅନେକ ଘରୋଇ ଉପଚାର କରି ବଢ଼ାଇଥିଲେ, ଯାହାକୁ ସେ ନିଃସ୍ୱାର୍ଥପର ଭାବେ ଦାନ କରିଛନ୍ତି। ସେ କହିଛନ୍ତି, ମୋ ମୁଣ୍ଡରେ ପୁଣି କେଶ ଉଠିବ ଓ ସୌନ୍ଦର୍ଯ୍ୟ ଫେରି ଆସିବ। କିନ୍ତୁ କର୍କଟ ପୀଡିତାଙ୍କ କ୍ଷେତ୍ରରେ ଏହା ସମ୍ଭବ ନୁହେଁ। ତେଣୁ ଏପରି ନିଷ୍ପତ୍ତି ନେଇ ଖୁସି ପାଇଛନ୍ତି ଓ ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରଖିବେ ବୋଲି ସେ କହିଛନ୍ତି। ଅନ୍ୟ ଝିଅମାନେ ମଧ୍ୟ ଅନ୍ତତଃ ଥରେ ଲେଖାଏ କେଶ ଦାନକଲେ ଅନେକ କର୍କଟ ପୀଡିତା ମନରେ କିଛି ଖୁସି ଭରିଦେଇପାରିବେ ବୋଲି ସେ କହିଛନ୍ତି। ଲୀନାଙ୍କ ଏପରି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ସମ୍ବଲପୁରର ୩୬ ବର୍ଷୀୟା ଲୀନା ପେସାରେ ଜଣେ ସଫ୍ଟୱେର ଇଞ୍ଜିନିୟର। ସେ ବର୍ତ୍ତମାନ ହାଇଦ୍ରାବାଦରେ କାର୍ଯ୍ୟରତ।


କେଶ ଦାନ କରିଥିବା ଲୀନା ନାୟକ।

## ୧୩ରେ ଶିଶୁ ପ୍ରତିଭା ପ୍ରତିଯୋଗିତା

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ ୟୁନିଟ୍-୩ସ୍ଥିତ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ କାର୍ଯ୍ୟାଳୟଠାରେ ଆସନ୍ତା ୧୩ ତାରିଖରେ ଶିଶୁ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚିତ୍ରାଙ୍କନ, ଇଂଲିଶ ରାଇମ୍‌ସ, ଆଧୁନିକ ଓ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ଏଲ୍‌କେଜିରୁ ୭ମ ଶ୍ରେଣୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। କୃତୀ ଛାତ୍ରୀଛାତ୍ରଙ୍କୁ ଡିସେମ୍ବର ୪ରେ ପୁରସ୍କୃତ କରାଯିବ ବୋଲି ଫୋରମ୍ ସଭାନେତ୍ରୀ ଅନୁରାଧା ଦାଶ ସୂଚନା ଦେଇଛନ୍ତି।

## ହତ୍ୟା ଧମକ ଭୟରେ ଆତ୍ମହତ୍ୟା

**କାର୍ତ୍ତିକେଶ୍ୱର ଭସାଣିରେ ଗଣ୍ଡଗୋଳ**

ସାଲେପୁର, ୧୦।୧୧(ଡି.ଏନ୍.ଏ.)

କଟକ ଜିଲା ସାଲେପୁର ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। କାର୍ତ୍ତିକେଶ୍ୱର ଭସାଣି ଗଣ୍ଡଗୋଳକୁ କେନ୍ଦ୍ରକରି ୩ ଯୁବକ ଜଣେ ଯୁବକଙ୍କୁ ତାଙ୍କ ଘରେ ପଶି ମାରଧର କରିବା ସହ ହତ୍ୟା ଧମକ ଦେବାରୁ ସେ ଭୟଭୀତ ହୋଇ ଆତ୍ମହତ୍ୟା କରିଛନ୍ତି। ଏନେଇ ତାଙ୍କ ମା’ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ହେଲେ ସାଲେପୁର ଥାନା ଛାଣିପୁର ପଞ୍ଚାୟତ ଶଙ୍କରପୁର ଗ୍ରାମର ଅଜାଘରେ ରହୁଥିବା ବାରବାରି ଗ୍ରାମର ବାପିନା କାଣ୍ଡି(୨୦)।

ସୂଚନା ମୁତାବକ, ବୁଧବାର ରାତିରେ ଗ୍ରାମରେ କାର୍ତ୍ତିକେଶ୍ୱର ଭସାଣି ଚାଲିଥିଲା। ବାପିନା ଭସାଣି ଉତ୍ସବ ଦେଖିବାକୁ ଯାଇଥିଲେ। ଏହି ସମୟରେ କୌଣସି କାରଣରୁ ବାଲିଆ ଗ୍ରାମର ସୁଶାନ୍ତ ରାଉତରାୟ, ଶଙ୍କରପୁର ଗ୍ରାମର ଚାଇନା ସେଠୀ ଓ ମଇନା ସେଠୀ ବାପିନାଙ୍କୁ ମାରଧର କରିଥିଲେ। ବାପିନା ସେଠାରୁ ଘରକୁ ପଳାଇ ଆସିଥିଲେ। ହେଲେ ସେହି ଯୁବକମାନେ ରାତି ପ୍ରାୟ ୧୦ଟାରେ ନିଶାସକ୍ତ ଅବସ୍ଥାରେ ତାଙ୍କ ଘରେ ପହଞ୍ଚି ଗାଳିଗୁଲଜ କରିବା ସହ ପୁଣି ତାଙ୍କୁ ମାରଧର କରିଥିଲେ। ଏଥିରେ ଭୟଭୀତ ହୋଇ ବାପିନା ନିଜ ଘରେ ବେକରେ ଶାଢ଼ି ବାନ୍ଧି ଝୁଲି ପଡିଥିଲେ ବୋଲି ତାଙ୍କ ମା’ କୁନୁ କାଣ୍ଡି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପୁଅର ମୃତ୍ୟୁ ପାଇଁ ସମ୍ପୃକ୍ତ ୩ ଯୁବକ ଦାୟୀ ବୋଲି ସେ ପ୍ରକାଶ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ନଂ.୩୩୪/୨୨ରେ ଏକ ମାମଲା ରୁଜୁ ହୋଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲିପ୍ସାରାଣୀ


@ ଖୋକନ


@ ରଞ୍ଜନ


@ ଶ୍ରୀନିବାସ


@ ତପନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ପାଲା ଓ ଦାସକାଠିଆ ଉତ୍ସବରେ ଗୁରୁବାର କଳାକାରଙ୍କ ଦାସକାଠିଆ ପରିବେଷଣ।


୧୦୮ ଆମ୍ବୁଲାନ୍ସ ପରିଚାଳନା କରୁଥିବା ଜିକିତ୍ସା ହେଲ୍‌ଥ କେୟାର ପକ୍ଷରୁ ଗୁରୁବାର ଭୁବନେଶ୍ୱର ରେଡ୍‌କ୍ରସ ଭବନରେ ରକ୍ତଦାନ ଶିବିର।



ମୋହିତ ଫାଉଣ୍ଡେସନ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଉତ୍କଳ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଜନମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମରେ ଜଣେ କର୍କଟ ରୋଗୀଙ୍କୁ ଅର୍ଥ ଦାନ କରାଯାଉଛି।

## ସଂକ୍ଷେପରେ

### ନବନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧନା

ବାଲିଅନ୍ତା,୧୦।୧୧(ଡି.ଏନ୍.ଏ.): ଭୁବନେଶ୍ୱର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ଆର୍‌ସିଏମ୍‌ଏସ୍‌)ର ନୂତନ ସଭାପତି ରୂପେ ଷଷ୍ଠଥର ପାଇଁ ଧୀରେନ କର ବୁଧବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏନେଇ ଗୁରୁବାର ବାଲିଅନ୍ତାସ୍ଥିତ ସମବାୟ ସମିତି କାର୍ଯ୍ୟାଳୟରେ ଧୀରେନଙ୍କୁ ସମିତିର ୧୨ଜଣ ଡାଇରେକ୍ଟର ସମ୍ବର୍ଦ୍ଧିତ କରିଥିଲେ। ପରେ ବାଲିଅନ୍ତା ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତିର ୮ଜଣ ସମ୍ପାଦକ ସଭାପତିଙ୍କୁ ସମ୍ବର୍ଦ୍ଧନା ଦେବାସହ ଚାଷୀଙ୍କ ସମସ୍ୟା ଓ କାର୍ଯ୍ୟକ୍ଷେତ୍ରରେ ଉପୁଜିଥିବା ଅସୁବିଧା ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ। ସମବାୟ ବ୍ୟାଙ୍କର ଡାଇରେକ୍ଟରଙ୍କ ସହ ବସି ଏ ବିଷୟରେ ଆଲୋଚନା ମାଧମରେ ସମ୍ପାଦକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ଦିଗରେ ପ୍ରୟାସ କରାଯିବ ବୋଲି କହିଥିଲେ।

### ଫେବୃୟାରୀରେ ଶିକ୍ଷାକୁ ନେଇ ରିଆଲିଟି ଶୋ'

ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ) : ନବମ ଓ ଦଶମ ବୋର୍ଡ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରୀଙ୍କ ପାଇଁ ୱିଟିଫାଏ ପକ୍ଷରୁ ଶିକ୍ଷାଭିତ୍ତିକ ରିଆଲିଟି ଶୋ' ଅନୁଷ୍ଠିତ ହେବ। ଫେବୃୟାରୀରେ ହେବାକୁ ଥିବା ଏହି ଶୋ'ରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷାରେ ଆସୁଥିବା ଭଳି କିଛି ପ୍ରଶ୍ନ ପଚରାଯିବ। ଏଥିରେ ସବୁଠାରୁ ଭଲ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଏହି ଶୋ' ମାଧମରେ ସେମାନେ ନିଜକୁ ଓଡିଶାର କୋଣ ଅନୁକୋଣରେ ପରିଚିତ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ୫ହଜାର ପିଲାଙ୍କୁ ନେଇ ଏହି ଶୋ' ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପିଲାଙ୍କ ପାଇଁ ନିଃଶୁଳ୍କ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ସେମାନେ ଗୁଗଲ୍ ପ୍ଲେ ଷ୍ଟୋର୍‌ରୁ wittify aap ମାଧମରେ କିମ୍ବା www.wittify.inକୁ ଯାଇ ନାମ ପଞ୍ଜୀକରଣ କରିପାରିବେ। ଏହି ଶୋ' ଦ୍ୱାରା ପିଲାମାନେ ପାଠ ପଢିବା ପାଇଁ ଅଧିକ ଉତ୍ସାହିତ ହେବେ ଓ ସେମାନଙ୍କ ଆତ୍ମବିଶ୍ୱାସ ବଢିବ ବୋଲି ଏହାର ପ୍ରତିଷ୍ଠାତା ନିତାଇ ଚାନ୍ଦ କହିଛନ୍ତି।

### ଚମ୍ପାବତୀ ପାଇକରାୟଙ୍କ ସ୍ମୃତିସଭା

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ, କୃଷକ ନେତା ଗଙ୍ଗାଧର ପାଇକରାୟଙ୍କ ସ୍ତ୍ରୀ ଚମ୍ପାବତୀ ପାଇକରାୟଙ୍କ ୨୩ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଖାରବେଳ ଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କମ୍ୟୁନିଷ୍ଟ ନେତା ପ୍ରଫୁଲ୍ଲ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଚମ୍ପାବତୀ ମହିଳାଙ୍କୁ ସଂଗଠିତ କରିବା, ଆପଦ ବିପଦରେ ସାହାଯ୍ୟ କରିବା ଓ ସ୍ୱାଧୀନତା ସଂଗ୍ରାମରେ ସହଯୋଗ କରିବା, ଗ୍ରାମର ଉନ୍ନତିମୂଳକ କାର୍ଯ୍ୟରେ ଅନେକ ଅବଦାନ ଥିଲା ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏଥିରେ ଭାରତ ପାଣିଗ୍ରାହୀ, ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, ପ୍ରତାପ ସାମନ୍ତ, ହୃଷିକେଶ ମହାନ୍ତି, ଡ. ଶରତ ପାଇକରାୟ ପ୍ରମୁଖ ଭାଷଣ ଦେଇଥିବାବେଳେ ପ୍ରଶାନ୍ତ ମଲ୍ଲ ଧନ୍ୟବାଦ ଦେଇଥିଲେ।

# କୋଣାର୍କ କୀର୍ତ୍ତିରାଜିକୁ ନେଇ ୯ ସ୍ଥାନରେ ନୂଆ ଟ୍ରାଫିକ ପୋଷ୍ଟ

## ସୋଲାରରେ ବୁଲିବ ଫ୍ୟାନ, ମୋବାଇଲ ଚାର୍ଜ ସୁବିଧା

ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ବିଶେଷକରି ବିଏମ୍‌ସି ଏବଂ ସ୍ମାର୍ଟସିଟି ପକ୍ଷରୁ ରାଜଧାନୀ ଭୁବନେଶ୍ୱରକୁ ସଜେଇବା ପାଇଁ ଜୋର୍‌ଦାର ପ୍ରୟାସ କରାଯାଉଛି। ଏହି କ୍ରମରେ ଖୁବ୍‌ଶୀଘ୍ର ରାଜଧାନୀରେ ୯ଟି ନୂଆ ଟ୍ରାଫିକ୍ ପୋଷ୍ଟର ନିର୍ମାଣ ଆରମ୍ଭ ହେବାକୁ ଯାଉଛି। ଏହି ଟ୍ରାଫିକ୍ ପୋଷ୍ଟଗୁଡିକ ଅର୍କକ୍ଷେତ୍ର କୋଣାର୍କ କିର୍ତ୍ତୀରାଜିର ଗୌରବ ବହନ କରିବ। କୋଣାର୍କ ସଙ୍କେତ ସହ ଏଗୁଡିକୁ ନିର୍ମାଣ କରାଯିବ। ୫୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଗୁରୁବାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଶିଶୁଭବନ ଛକ, ଏଜି ଛକ, ଏୟାରପୋର୍ଟ ଛକ, କ୍ୟାପିଟାଲ ହସ୍ପିଟାଲ ଛକ, ରୂପାଲି ଛକ, ବେହେରା ସାହି ଛକ, ପୋଲିସ କମିଶନରେଟ୍ ଛକ, ରାମ ମନ୍ଦିର ଏବଂ ବାଣୀବିହାର ଛକରେ ନୂତନ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ହେବ। ଏଠାରେ ସିସିଟିଭି କ୍ୟାମେରା ସହିତ ସୋଲାର ସିଷ୍ଟମରେ ଫ୍ୟାନ୍ ବୁଲିବ, ମୋବାଇଲ ଚାର୍ଜ ଏବଂ ମାଇକ୍ରୋଫୋନ୍‌ର ବ୍ୟବସ୍ଥା ରହିବ। ଯଥାଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଏସବୁ ନିର୍ମାଣ ଶେଷ କରାଯିବ। ପୂର୍ବରୁ ଏହି ସ୍ଥାନଗୁଡିକରେ ଥିବା ଟ୍ରାଫିକ୍ ପୋଷ୍ଟଗୁଡିକୁ ଭଙ୍ଗାଯାଇ ନୂତନ ପୋଷ୍ଟ ନିର୍ମାଣ କରାଯିବ। ରାଜଧାନୀର ଏହି ପ୍ରମୁଖ ଛକଗୁଡିକରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଲୋକମାନେ ଯାତାୟାତ କରିଥାନ୍ତି। ସ୍ମାର୍ଟସିଟିର ଏଭଳି ପ୍ରୟାସ ସହରବାସୀଙ୍କ ସମେତ ବାହାରୁ ଆସୁଥିବା ଅତିଥି ଓ ଖେଳାଳିଙ୍କୁ କୋଣାର୍କର ଐତିହ୍ୟ ଗାଥା ଜଣାଇବ। ଏଥିସହ ଟ୍ରାଫିକ୍ ପୋଷ୍ଟରେ ସିସିଟିଭି କ୍ୟାମେରା ଲାଗିବା ଦ୍ୱାରା ନିୟମ ଖିଲାପକାରୀଙ୍କୁ ଚିହ୍ନଟ କରିବା ଆଦି ସହଜ ହେବ ବୋଲି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ସୂଚନା ଦିଆଯାଇଛି।

# କୁଳଦୀପ କୁମାରଙ୍କ 'ଜୀଇଁ ନ ଥିବା ଜୀବନ' ଲୋକାର୍ପିତ



ପୁରୁଣା ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ଗୁରୁବାର କବି କୁଳଦୀପ କୁମାରଙ୍କ ହିନ୍ଦୀ କବିତା ପୁସ୍ତକର ଓଡ଼ିଆ ଅନୁବାଦ 'ଜୀଇଁ ନ ଥିବା ଜୀବନ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୧୦।୧୧ (ଡି.ଏନ୍.ଏ.)

କବି କୁଳଦୀପ କୁମାରଙ୍କ ହିନ୍ଦୀ କବିତା ପୁସ୍ତକର ଓଡ଼ିଆ ଅନୁବାଦ 'ଜୀଇଁ ନ ଥିବା ଜୀବନ' ଗୁରୁବାର କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକ, ମୁଖ୍ୟବକ୍ତା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ମଙ୍ଗଳା ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଅନୁବାଦ କବିତା ବେଳେ ବେଳେ ମୂଳ କବିତାକୁ ଅତିକ୍ରମ କରିଯାଏ ଓ ସଂଯୋଜିତ ଶବ୍ଦଗୁଚ୍ଛକୁ ଆହୁରି ଆକର୍ଷଣୀୟ କରେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ପ୍ରଫେସର ଜଗଦିଶ୍ୱର ଚତୁର୍ବେଦ ଏହି କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ। ଅନୁବାଦ କେବଳ ଦୁଇଟି ଭାଷା ମଧ୍ୟରେ ସମ୍ପର୍କ ସ୍ଥାପନା କରେନି, ଏହା ଦୁଇଟି ସଂସ୍କୃତିର ସେତୁ। କବିତା ନ ଥିଲେ ଜୀବନ ଜୀବନ ନୁହେଁ ବୋଲି କବି କୁଳଦୀପ ମତବ୍ୟକ୍ତ କରିଥିଲେ। ଅନୁବାଦିକା ଡ. ପ୍ରବାସିନୀ ମହାକୁଡ଼ ଓ କବି କୁଳଦୀପ ଉନ୍ମୋଚିତ ସଂକଳନର ନିର୍ବାଚିତ କବିତା ଓ ଅନୁବାଦ କବିତା ପାଠ କରିଥିଲେ। ଲେଖକ ରାଜକିଶୋର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ମଙ୍ଗଳାଚରଣ ପରିବେଷଣ କରିଥିଲେ। ଭାଷାବିଜ୍ଞାନୀ ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ଆଶିଷ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଚୂଡ଼ଙ୍ଗଗଡ଼, ପ୍ରାଚୀନଦୀ ସହ ବାରଙ୍ଗର ଇତିହାସ ଜଡ଼ିତ

## ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଯାପିତ

ବାରଙ୍ଗ,୧୦।୧୧(ଡି.ଏନ୍.ଏ.)

ବାରଙ୍ଗ ଅଞ୍ଚଳର ପ୍ରସିଦ୍ଧ ପର୍ବ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଯାଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି ପୂଜାର ଅନ୍ୟତମ ଆକର୍ଷକ ସାଜିଥିଲା ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ। ମଙ୍ଗଳବାର ଆରମ୍ଭ ହୋଇଥିବା ଏହି ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବନ୍ଦେ ଓଡିଆ ସଂଘର ସଭାପତି ତଥା ବ୍ରାହ୍ମଣ ସଭାର ସଭାପତି ଡ. ବିପିନି ବିହାରୀ ମିଶ୍ର, ମୁଖ୍ୟବକ୍ତା ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥିଭାବେ ଡମପଡା ବ୍ଲକର ପୂର୍ବତନ ଉପାଧକ୍ଷ ସରୋଜ ମତଗଜସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ଡାକ୍ତର ବେହେରା, ଭୁବନେଶ୍ୱର ବାଲିଯାତ୍ରା କମିଟିର ସଦସ୍ୟ ତପନ ବଳିଆରସିଂ, ମହୋତ୍ସ କମିଟି ସଭାପତି ପ୍ରେମାନନ୍ଦ ସାହୁ, ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦାସ, ଉପଦେଷ୍ଟା ସୁନୀଲ ସିଂ, ସମିତିସଭ୍ୟ କିଶାନ ଜେନା, ବାଙ୍କବିହାରୀ ମାଝୀ ପ୍ରମୁଖ ଯୋଗଦେଇଥିଲେ। ୩ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ଚୂଡ଼ଙ୍ଗଗଡ଼ ଓ ପ୍ରାଚୀ ନଦୀ ସହ ବାରଙ୍ଗର ଗୌରବମୟ ଇତିହାସ ଜଡ଼ିତ ଥିବା କହିଥିଲେ ବକ୍ତାଗଣ। ଏହି ଅବସରରେ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତିନିଦିନ ଧରି ପାଇକ ଆଖାଡାରୁ ଆରମ୍ଭ କରି ପାରମ୍ପରିକ ଓ ଆଧୁନିକ ନୃତ୍ୟ ସହ କଳାକାରଙ୍କ ଦ୍ୱାରା ଅଭିନୟ ଦର୍ଶକମାନଙ୍କ ମନକୁ ମୋହିତ କରିଥିଲା। ଶେଷରାତିରେ ଦର୍ଶକମାନେ ଆୟୋଜିତ ହୋଇଥିବା ମେଲୋଡିର ଭରପୂର ମଜା ଉଠାଇଥିଲେ।

# ବାଲିଯାତ୍ରାରେ ଅଙ୍ଗଦାନ ସମ୍ପର୍କିତ ସଚେତନତା ଶିବିର

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ଭୁବନେଶ୍ୱର ବାଲିଯାତ୍ରାରେ ଓଡ଼ିଶା-ମୋ ପରିବାର ତରଫରୁ ଏକ ଷ୍ଟଲ୍ ଖୋଲାଯାଇଛି। ଏଠାରେ ସଙ୍ଗଠନର ସାମାଜିକ ପ୍ରତିବଦ୍ଧତା ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ ତଥା ରକ୍ତଦାନ ଓ ଅଙ୍ଗଦାନ ଦ୍ୱାରା କିପରି ଲୋକଙ୍କ ଜୀବନ ବଞ୍ଚାଇ ହେଉଛି ସେହି ବିଷୟରେ ସଚେତନ କରାଯାଉଛି। କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଆଡ୍‌ଭାନ୍ସଡ୍ ରିହାବିଲିଟେଶନ ସେଣ୍ଟର (ଏଆରସି) ସହଯୋଗିତାରେ ଦିବ୍ୟାଙ୍ଗଙ୍କୁ କିପରି କୃତ୍ରିମ ଅଙ୍ଗ ପ୍ରଦାନ କରାଯାଉଛି ଓ ଏହା ଆଗକୁ କିପରି ପ୍ରତ୍ୟେକ ଦିବ୍ୟାଙ୍ଗଙ୍କୁ ଲାଭପ୍ରଦ କରାଇବ, ସେ ବିଷୟରେ ସଚେତନତାର ବାର୍ତ୍ତା ଦିଆଯାଉଛି। ସେହିଭଳି ଷ୍ଟେଟ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ କାଉନ୍‌ସିଲ (ଏସ୍‌ବିଟିସି) ସହଯୋଗିତାରେ ରକ୍ତଦାନର ମହତ୍ତ୍ୱକୁ ଲୋକଙ୍କ ପାଖରେ ପହଞ୍ଚାଉଛି। କର୍କଟ ରୋଗୀ କିପରି ଚିକିତ୍ସା ପାଇଁ ଠିକ ମାର୍ଗଦର୍ଶନ ପାଇପାରିବେ ସେଥିପାଇଁ କୋଣାର୍କ କ୍ୟାନ୍ସର ଫାଉଣ୍ଡେଶନ ସହଯୋଗିତାରେ ସଚେତନ କରାଯାଉଛି। ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ ଓ ଦିବ୍ୟାଙ୍ଗମାନେ କିପରି ସୁବିଧାରେ ବାଲିଯାତ୍ରାର ଭରପୂର ମଜା ନେବେ ସେଥିପାଇଁ ଓଡ଼ିଶା ମୋ ପରିବାର ପକ୍ଷରୁ ବ୍ୟବସ୍ଥା କରାଯାଇଛି। ବାଲିଯାତ୍ରା ପରିଦର୍ଶନ କରିବାକୁ ଆସୁଥିବା ଲୋକଙ୍କ ମଧ୍ୟରେ ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତି ଏଠାରେ ପଞ୍ଜୀକରଣ କରିପାରିବେ। ଓଡ଼ିଶା-ମୋ ପରିବାର ଆବାହକ ଅରୂପ ପଟ୍ଟନାୟକଙ୍କ ସମେତ ରାଜ୍ୟ ସଂଯୋଜକ ମିହିର ରାୟ ଏବଂ ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ ପ୍ରମୁଖ ଷ୍ଟଲ୍ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ସଂଯୋଜନା କରିଥିଲେ। ଏହି ଷ୍ଟଲ ସ୍ଥାପନରେ ଭୁବନେଶ୍ୱର ବାଲିଯାତ୍ରା କମିଟି ସଭାପତି ତଥା ଓଡ଼ିଶା ମୋ ପରିବାର ସଦସ୍ୟ ବିଧାୟକ ସୁଶାନ୍ତ ରାଉତ, ସମ୍ପାଦକ ତପନ ବଳିୟାରସିଂହ, କାର୍ଯ୍ୟକାରୀ ସଭାପତି ତଥା ସମ୍ପାଦକ ସୁବାସ ପାତ୍ର ଓ ଆବାହକ ଯଶୋବନ୍ତ ଓଝା ପ୍ରମୁଖ ସହାୟତା କରିଥିଲେ।

# ପ୍ରମୋଦ କୁମାର ସାହୁ ସିଫାର ନୂତନ ନିର୍ଦ୍ଦେଶକ


କାର୍ଯ୍ୟରେ ଯୋଗଦାନ ଅବସରରେ ବୈଜ୍ଞାନିକ ଡ. ପ୍ରମୋଦ କୁମାର ସାହୁ।

ବାଲକାଟୀ,୧୦।୧୧(ଡି.ଏନ୍.ଏ.)

ବିଶିଷ୍ଟ ବୈଜ୍ଞାନିକ ଡ. ପ୍ରମୋଦ କୁମାର ସାହୁ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା(ସିଫା)ର ନିର୍ଦ୍ଦେଶକ ଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ନିଯୁକ୍ତ ହୋଇଛନ୍ତି। ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ସିଫା କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ସମସ୍ତେ କଠିନ ପରିଶ୍ରମ କରି ସିଫାକୁ ଏକ ନମ୍ବର ଅନୁଷ୍ଠାନରେ ପରିଣତ କରିବାକୁ ସେ ଆହ୍ୱାନ କରିଥଲେ। ଗତ ତିନି ଦଶନ୍ଧି ଧରି ମତ୍ସ୍ୟ ରୋଗ ପରିଚାଳନା କ୍ଷେତ୍ରରେ ଜଣେ ଅନ୍ତଃରାଷ୍ଟ୍ରୀୟ ଗବେଷକ ଭାବେ ସୁପରିଚିତ ଡ. ସାହୁ ସିଫାରେ ପ୍ରଧାନ ବୈଜ୍ଞାନିକ ଭାବେ କାର୍ଯ୍ୟ କରିବା ଶହ ଚଳିତବର୍ଷ ଆଇସିଏଆର ତରଫରୁ ସମ୍ମାନଜନକ 'ଜାତୀୟ ପ୍ରଫେସର' ଉପାଧି ପାଇଛନ୍ତି। ଡ. ସାହୁ ୨୦୨୦-୨୧ମସିହା ରେ ଷ୍ଟାନ ଫୋର୍ଡ ବିଶବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ସ୍ଥାନିତ ହୋଇଛନ୍ତି। 'ଟ୍ରିଟ ମାଇଁ ଫିଶ୍' ଆପ୍‌ର ସ୍ରଷ୍ଟା ଡ. ସାହୁ ମଧୁର ମାଛ ରୋଗ ଓ ତା'ର ପ୍ରତିକାର ସମ୍ବନ୍ଧୀୟ ଅନେକ ୟୁଟ୍ୟୁବ ଭିଡିଓ ମଧ କରିଛନ୍ତି। ମଧୁର ମାଛର ରୋଗ ପାଇଁ ଜାତୀୟ ରେଫେରାଲ ଗବେଷଣାଗାର ପ୍ରତିଷ୍ଠାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ପ୍ରାୟ ଊଣେଇଶଟି ପ୍ରକଳ୍ପକୁ ସଫଳତାର ସହ ସମ୍ପାଦନ କରିବା ସହ ଅନେକଗୁଡିଏ ଇଣ୍ଟରଇନଷ୍ଟିଚ୍ୟୁଶନାଲ, ଇଣ୍ଟର ଡିଶିପ୍ଲିନାରୀ ପ୍ରୋଜେକ୍ଟରେ ଅଦ୍ୟାବଧି କାମ କରୁଛନ୍ତି। ପ୍ରାୟ ୧୦ଜଣ ପୋଷ୍ଟ ଡକ୍ଟରାଲ ଛାତ୍ରଙ୍କୁ ଗାଇଡ୍ କରିବା ସହ ଡ.ସାହୁଙ୍କର ୨ଶହରୁ ଉର୍ଦ୍ଧ୍ୱ ଗବେଷଣାତ୍ମକ ନିବନ୍ଧ ଅନ୍ତଃରାଷ୍ଟ୍ରୀୟ ପତ୍ର ପତ୍ରିକାରେ ସ୍ଥାନ ପାଇଛି।

# ସତର୍କତା ସଚେତନତା ସପ୍ତାହ ଉଦ୍‌ଯାପିତ




ଭୁବନେଶ୍ୱର,୧୦।୧୧:

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଚଳିତ ବର୍ଷର ସତର୍କତା ସଚେତନତା ସପ୍ତାହ-୨୦୨୨ର ଉଦ୍‌ଯପାନୀ ଉପଲକ୍ଷେ ଏସ୍‌ବିଆଇ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ଚଳିତ ବର୍ଷ ସତର୍କତା ସଚେତନତାର ବିଷୟ ବସ୍ତୁ 'ଉନ୍ନତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭରାତ' ଶୀର୍ଷକ ଏକ ରାଜ୍ୟସ୍ତରୀୟ କର୍ମଶାଳା ମଧ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଓଡିଶା ମାନବାଧିକାର କମିଶନର ସ୍ୱତନ୍ତ୍ର ଡିଜି ପ୍ରାଣବନ୍ଧୁ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ ସାରା ରାଜ୍ୟର ଏସ୍‌ବିଆଇର ସମସ୍ତ କର୍ମଚାରୀ ମଧ ସତ୍ୟନିଷ୍ଠାର ଶପଥ ପାଠ କରିଥିଲେ। ଉଲ୍ଲେଖଯୋଗ୍ୟ, ଷ୍ଟେଟ ବ୍ୟାଙ୍କର ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ବିଆଇର ମହାପ୍ରବନ୍ଧକ (ନେଟ୍‌ୱର୍କ-୨) ଉତ୍ତମ କୁମାର ହାଜରା ଚଉଧୁରୀ ଉକ୍ତ ଶପଥପାଠର ନେତୃତ୍ୱ ନେଇଥିଲେ। ସେହିପରି ଦୁର୍ନୀତି ନିବାରଣର ଆବଶ୍ୟକତାକୁ କେନ୍ଦ୍ରିତ କରି ବ୍ୟାଙ୍କ ପକ୍ଷରୁ ୱାକାଥନ, ରେଡିଓ ଜିଙ୍ଗଲ, ବକ୍ତୃତା, ନିବନ୍ଧ, ଚିତ୍ରାଙ୍କନ, ଅନ୍‌ଲାଇନ କୁଇଜ, ଗ୍ରାମସଭା, ସାନ୍ଧ୍ୟ ଶିବିର ଆଦି କାର୍ଯ୍ୟକ୍ରମ ସମଗ୍ର ରାଜ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଏସ୍‌ବିଆଇର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୨ ଚଳିତ ବର୍ଷ ଅକ୍ଟୋବର ୩୧ ରୁ ନଭେମ୍ବର ୬ ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳିତ ହୋଇଯାଇଛି।

# ଦକ୍ଷିଣ ପୂର୍ବ ଏସିଆର ସାଂସ୍କୃତିକ, ବାଣିଜ୍ୟିକ ଅଭିବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ୍ ଫାଉଣ୍ଡେଶନ ପକ୍ଷରୁ ପୂର୍ବାୟନ କାର୍ଯ୍ୟକ୍ରମ ସ୍ଥାନୀୟ ଏକ ହୋଟେଲରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ପୂର୍ବ ଏସିଆର ସରକାରୀ ଓ ବାଣିଜ୍ୟ ସଂଗଠନର ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀ ଓ ପ୍ରତିନିଧି ମଣ୍ଡଳୀ ଯୋଗଦେଇ ଦକ୍ଷିଣ ପୂର୍ବ ଏସିଆର ପୁରାତନ ସାଂସ୍କୃତିକ, ପର୍ଯ୍ୟଟନ ଓ ବାଣିଜ୍ୟ ପରମ୍ପରାର ଅଭିବୃଦ୍ଧି ପାଇଁ ମନ୍ତବ୍ୟ ରଖିଥିଲେ। ଏଥିରେ କିପରି ସରକାର ଓ ଜନ ପ୍ରତିନିଧିମାନେ ଯୋଡ଼ି ହୋଇ ଏହି ମହାନ ଐତିହାସିକ ପରମ୍ପରାକୁ ଆଗକୁ ନିଆଯାଇପାରିବ ତା'ର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଥାଇଲାଣ୍ଡ, ଇଣ୍ଡୋନେସିଆ, ସିଙ୍ଗାପୁର, ଅଷ୍ଟ୍ରେଲିଆ, ମାଲେସିଆ, ବାଂଲାଦେଶ, ମେଘାଳୟ, ଗୁଜରାଟ, ତାମିଲନାଡୁ, ଛତିଶଗଡ଼, ମଧ୍ୟପ୍ରଦେଶ ପ୍ରମୁଖ ରାଜ୍ୟର ପ୍ରତିନିଧି ମଣ୍ଡଳୀ ଯୋଗଦେଇଥିଲେ। ଏହି ଅବସରରେ ଡ.ନିବେଦିତା ଆଚାର୍ଯ୍ୟଙ୍କୁ ଜ୍ଞାନ ପଟ୍ଟନାୟକ, ମନିଷ ତ୍ରିପାଠୀଙ୍କୁ ଖାରବେଳ ସମ୍ମାନ, ଆରେଜୋ ୟୋର୍ସଙ୍କୁ କାରୁବାକୀ ସମ୍ମାନ, ସାମସଙ୍ଗ ସଚ୍ଛାଫିମୁକଙ୍କୁ ଭାରତ ବନ୍ଧୁ ସମ୍ମାନ, ଅଲକା ଗୁପ୍ତା ଓ ଦୀପକ ସାହାଙ୍କୁ ଭାରତ ଗୌରବ ସମ୍ମାନ, ବିଶ୍ୱରଞ୍ଜନ ମହାନ୍ତିଙ୍କୁ କଳିଙ୍ଗ ଭାରତୀ ସମ୍ମାନ, ଓଡ଼ିଶା ଷ୍ଟେଟ ମେରିଟାଇମ ମ୍ୟୁଜିୟମକୁ କଳିଙ୍ଗ ବାଲି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମିଳନୀରେ ଫାଉଣ୍ଡେଶନର ପ୍ରତିଷ୍ଠାତା ରୋଟାରିଆନ ଡ. ବିଭୂପ୍ରସାଦ ସ୍ୱାଇଁ, ଉପଦେଷ୍ଟା ରୋଟାରିଆନ ଅଶ୍ୱିନୀ କର, ନିର୍ଦ୍ଦେଶକ ପାର୍ଥସାରଥି ମିଶ୍ର, ବିଶ୍ୱଜିତ ମହାପାତ୍ର, ସଙ୍ଗୀତା ଦାସ, କ୍ଷମାସୀ ମହାକୁଡ଼, ଦେବୀପ୍ରସାଦ ମିଶ୍ର, ଅନ୍ତର୍ଯାମୀ ଲେଙ୍କା, କୁମୁଦ ମହାକୁଡ଼, ଶର୍ମିଷ୍ଠା, ଲିଙ୍ଗରାଜ ନାୟକ, ସନ୍ତୋଷ ରାଉତ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ମୁନମୁନ ଓ ଶୁଭଜିତ ପଣ୍ଡା ସଞ୍ଚାଳନ କରିଥିଲେ।


'ପୂର୍ବାୟନ'ର ଉଦ୍‌ଯାପନୀ ଅତିଥିମାନେ ସମ୍ମାନ ପ୍ରଦାନ କରୁଛନ୍ତି।


କଟକ ବାଲିଯାତ୍ରା ପଡ଼ିଆ ଗାନ୍ଧୀ ଶିଳ୍ପ ବଜାରରେ ବିକ୍ରି ହେଉଥିବା ଲୁହା ତାରରେ ପ୍ରସ୍ତୁତ ଆକର୍ଷଣୀୟ ଘର ସଜା ସାମଗ୍ରୀ।

# ଘର କରି ଦେବାକୁ କହି ୧୮ ଲକ୍ଷ ଠକେଇ

## ଏମ୍‌ଡି ଗିରଫ

ଭୁବନେଶ୍ୱର,୧୦।୧୧ବ୍ୟୁରୋ)

ଘର ତିଆରି କରିବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୧୮ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଦେବାଶିଷ ସେଠୀ । ଏ ନେଇ ପୋଲିସ ଏକ ମାମଲା (ନଂ. ୩୯୪/୨୨) ରେ ରୁଜୁ କରି ଦେବାଶିଷଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ସୁନ୍ଦରଗଡର ତପନ କୁମାର ମଲ୍ଲିକ ଲକ୍ଷ୍ମସାଗର ଥାନା ଥାନା ଅଞ୍ଚଳରେ ରୁହନ୍ତି। ସେ କଳିଙ୍ଗନଗରରେ ଥିବା ନିଜ ଜାଗାରେ ଘର କରିବା ପାଇଁ ଓରିଓ ହୋମ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ ସଂସ୍ଥାର ଏମଡି ଦେବାଶିଷଙ୍କ ସହ କୌଣସି ମତେ ଯୋଗାଯୋଗ କରିଥିଲେ। ଏହାପରେ ଦେବାଶିଷ ଘର କରିବା ଲାଗି ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ତପନଙ୍କୁ କହିଥିଲେ। ଏପରିକି ଧାର୍ଯ୍ୟ ସମୟ ଭିତରେ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ସାରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ତପନ ଏଥିରେ ରାଜି ହୋଇ ୧୮ ଲକ୍ଷ ଟଙ୍କା ଦେବାଶିଷଙ୍କୁ ଦେଇଥିଲେ। ହେଲେ ଧାର୍ଯ୍ୟ ସମୟ ଚାଲି ଯାଇଥିଲେ ମଧ ଦେବାଶିଷ ବିଲ୍ଡିଂ ନିର୍ମାଣ କରିନଥିଲେ। ଶେଷରେ ତପନ ଦେବାଶିଷଙ୍କୁ ବାରମ୍ବାର କହିଥିଲେ ମଧ ସେ ଶୁଣ ନ ଥିଲେ। ଏଥିରେ ବିରକ୍ତି ପ୍ରକାଶ କରି ତପନ ଟଙ୍କା ଫେରାଇବାକୁ କହିଥିଲେ। କିନ୍ତୁ ଦେବାଶିଷ ଟଙ୍କା ଦେବା ବଦଳରେ ଓଲଟି ଧମକ ଚମକ ଦେବା ସହ ଟଙ୍କା ଫେରାଇବେ ନାହିଁ ବୋଲି କହିଥିଲେ। ଶେଷରେ ନିରାଶ ହୋଇ ତପନ ଲକ୍ଷ୍ମୀସାଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ପୋଲିସ ଠକେଇ ମାମଲା ରୁଜୁ କରିବା ସହ ତଦନ୍ତ କରି ଅଭିଯୁକ୍ତ ଦେବାଶିଷଙ୍କୁ ଗିରଫ କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଅଲ୍ ଓଡ଼ିଶା ଟ୍ରେଜେରି ଅଫିସର ସମ୍ମିଳନୀ, ମଧୁସୂଦନ ଦାଶ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ, ଜାଭିଅର ଛକ ପାଖ, ପୂର୍ବାହ୍ନ ୧୦ଟା।
- ନେହେରୁ ଯୁବ ପ୍ରତିଷ୍ଠାନ ପକ୍ଷରୁ ପ୍ରତିଭା ଅନ୍ୱେଷଣ, ଜୁରାସିକ୍ ଫିଟ୍ନେସ୍ କେନ୍ଦ୍ର, ଶହୀଦନଗର, ପୂର୍ବାହ୍ନ ୧୦ଟା।
- ୧୩ତମ ନ୍ୟାଶନାଲ ସେଫ୍ଟି କନ୍କ୍ଲେଭ୍ର ଉଦ୍ଘାଟନୀ ସମାରୋହ, ହୋଟେଲ ନ୍ୟୁ ମ୍ୟାରିୟନ୍, ପୂର୍ବାହ୍ନ ୧୦ଟା ୩୦।
- ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦେଶରେ ଜାତି ଜନଗଣନା ଓ ଓଡ଼ିଶାର ପଡୋଶୀ ରାଜ୍ୟ ସହିତ ସୀମା ବିବାଦର ସମାଧାନ ପାଇଁ ସ୍ମାରକପତ୍ର, ରାଜ ଭବନ, ପୂର୍ବାହ୍ନ ୧୦ଟା ୩୦।
- ସଂଘ କାର୍ଯ୍ୟାଳୟ ଯାନ୍ତ୍ରିକ ଭବନର ୧୩ତମ ବାର୍ଷିକ ପ୍ରତିଷ୍ଠାନ ଦିବସ, ସମ୍ବର୍ଦ୍ଧନା ସଭା, ଯାନ୍ତ୍ରିକ ଭବନ, ସତ୍ୟନଗର, ମଧ୍ୟାହ୍ନ ୧୨ଟା।
- ଆଜିର ସୃଜନୀର ୫ମ ବାର୍ଷିକ ଉତ୍ସବ, ଗୀତ ଗୋବିନ୍ଦ ସଦନ, ଅପରାହ୍ନ ୪ଟା।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ଅବସରରେ ସଭାକାର୍ଯ୍ୟ, ଅପରାହ୍ନ ୫ଟା।
- ଏଆଇଆଇଏମ୍ଏସ୍ ଭୁବନେଶ୍ୱର ପକ୍ଷରୁ ୩ୟ ଆଇଏପିଏସ୍ଏମ୍ ୟଙ୍ଗ ଲିଡର୍ସ ନ୍ୟାଶନାଲ କନ୍କ୍ଲେଭର ଉଦ୍ଘାଟନୀ ସମାରୋହ, ଏଆଇଆଇଏମ୍ଏସ୍ ଭୁବନେଶ୍ୱର, ଅଡିଟୋରିୟମ୍, ଅପରାହ୍ନ ୫ଟା ୩୦।
- ପରିବର୍ତ୍ତନର ପଥେପଥେର ସମବେଦନା ସମାରୋହ, ଜୟ ଭାରତ ଭବନ, ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ବସ୍ତିବାସିନ୍ଦା ଚିହ୍ନଟ ପାଇଁ ଡ୍ରୋନ୍ ସର୍ବେକ୍ଷଣକୁ ସ୍ୱାଗତ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)- ଓଡ଼ିଶାର ଭୂମିହୀନ ପରିବାରଙ୍କୁ ଭୂମି ପ୍ରଦାନ ପାଇଁ ଦୀର୍ଘ ୨୫ବର୍ଷ ଧରି ଓଡ଼ିଶା ବସ୍ତି ସଂଘର୍ଷ ସମିତି ପକ୍ଷରୁ ଆନ୍ଦୋଳନ କରାଯାଉଥିଲା। ତେବେ ଗୁରୁବାର ୫ଟି ମହାନଗର ନିଗମର ବସ୍ତିବାସିନ୍ଦା ଚିହ୍ନଟ ପାଇଁ ଡ୍ରୋନ୍ ସର୍ବେକ୍ଷଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ନିଷ୍ପତ୍ତିକୁ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି। ଗତ କିଛିଦିନ ତଳେ ରାଜ୍ୟ ସରକାର, ଏନ୍ଏସି, ମ୍ୟୁନିସିପାଲିଟିକୁ ୪୦୦ ଏବଂ ୬୦୦ ବର୍ଗଫୁଟ୍ ଜମି ଯୋଗାଇଦେବା ପାଇଁ ଘୋଷଣା କରିଥିବାବେଳେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା ଆଦି ୫ଟି ମହାନଗର ନିଗମ ସେଥିରୁ ବାଦ ପଡ଼ିଥିଲା। ତେବେ ଏହି ମହାନଗର ନିଗମକୁ ଯୋଜନାରେ ଅର୍ନ୍ତଭୁକ୍ତ କରିବା ପାଇଁ ସମିତିର ରାଜ୍ୟ ପ୍ରତିଷ୍ଠାତା ତଥା ସଭାପତି ପ୍ରତାପ କୁମାର ସାହୁଙ୍କ ନେତୃତ୍ୱରେ ବସ୍ତିବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇଥିଲେ। ପରବର୍ତ୍ତୀ ସମୟରେ ଏହି ୫ ମହାନଗର ନିଗମର ବସ୍ତିବାସିନ୍ଦାଙ୍କୁ ୩୦ ବର୍ଗଫୁଟ୍ ଲେଖାଏଁ ଜମି ପ୍ରଦାନ ନିମନ୍ତେ ଜମି ଅଧିକାର ଅଧିନିୟମ ୨୦୧୭ର ଧାରା (୩) ଓ ଉପଧାରା (୨) ବିଭାଗ 'କ' ଅନ୍ତର୍ଗତ ଆଇନରେ ସଂଶୋଧନ କରାଯାଇଥିଲା। ତେବେ ଏହି ସର୍ବେକ୍ଷଣରୁ ଯେପରି ଜଣେ ବି ହିତାଧିକାରୀ ବଞ୍ଚିତ ନ ହେବେ, ସେଥିପାଇଁ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଅନୁରୋଧ କରାଯାଇଛି।

### ଘରେ ପଶି ଚୋରି, ୨ ଭଉଣୀ ଗିରଫ

୨ ମୋବାଇଲ, ୩୩ ହଜାର ଟଙ୍କା ଜବତ

ଭୁବନେଶ୍ୱର,୧୦।୧୧ବ୍ୟୁରୋ)- ଘରେ ପଶି ଚୋରି କରି ଫେରାର ହୋଇଯାଇଥିବା ୨ ଉଭଣୀଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ରେଲୱେ ଷ୍ଟେଶନ ନିକଟରେ ରହୁଥିବା ବିହାରର ସୁଧା ଖରୱାର ଓ ସ୍ୱପ୍ନା ଖରୱାର। ସେମାନଙ୍କଠାରୁ ୨ଟି ମୋବାଇଲ, ୩୩ ହଜାର ୧୫୦ଟଙ୍କା ଜବତ ହୋଇଛି। ପୋଲିସ ସୂଚନାନୁସାରେ, ଅଭିଯୁକ୍ତା ୨ ଭଉଣୀ ଜଣେ ବ୍ୟକ୍ତିଙ୍କୁ ବିବାହ କରି ଷ୍ଟେଶନ ନିକଟରେ ରୁହନ୍ତି। ହେଲେ ଗୁରୁବାର ସକାଳେ ୨ ଭଉଣୀ ପୁରୁଣା ଭୁବନେଶ୍ୱରର ଗୋବିନ୍ଦେଶ୍ୱରରେ ରହୁଥିବା କୁମାରୀ ଇତିଶ୍ରୀଙ୍କ ଉପର ମହଲାକୁ ଯାଇ ୨ଟି ମୋବାଇଲ ଓ ଟଙ୍କା ଭର୍ତ୍ତି ଥିବା ବାକ୍ସକୁ ନେଇ ପଳାଇଯାଇଥିଲେ। ଫେରିବାବେଳେ ହାତରେ ବାକ୍ସ ଧରି ସନ୍ଦେହଜନକ ଅବସ୍ଥାରେ ୨ ଭଉଣୀ ଫେରୁଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସେମାନଙ୍କୁ କାବୁ କରି ଅଟକ ରଖି ପିସିଆରକୁ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବାରୁ ଟଙ୍କା ବାକ୍ସ ଥିବା ଦେଖି ପୋଲିସ ୨ମହିଳାଙ୍କୁ ଥାନାକୁ ନେଇଥିଲେ। ଏନେଇ ଇତିଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବାରୁ ପୋଲିସ ପଚରାଉଚରା ବେଳେ ମହିଳାଦ୍ୱୟ ଚୋରି କରିଥିବା ସ୍ୱୀକାର କରିଥିଲେ। ଅନ୍ୟପଟେ ଉଭୟଙ୍କର ୨ ବର୍ଷ ଓ ୨ ମାସର ଗୋଟିଏ ଛୁଆ ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

# ନ୍ୟାୟ ପାଇଁ ଥାନାରେ ଶୋଇଲେ, ରାସ୍ତାରେ ବସିଲେ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

## ନାବାଳକଙ୍କୁ ହତ୍ୟା ଘଟଣା: ଚୁପ୍ ବସିଛି ଚନ୍ଦ୍ରଶେଖରପୁର ପୋଲିସ

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ନାବାଳକଙ୍କୁ ହତ୍ୟା ଘଟଣାକୁ ୫ ମାସରୁ ଅଧିକ ଦିନ ବିତିଲାଣି, ହେଲେ ଏଯାଏ ପୋଲିସ ଚୁପ୍ ବସିଛି। ମୃତକଙ୍କ ପରିବାର ସଦସ୍ୟ ବାରମ୍ବାର ନ୍ୟାୟ ଆଶାରେ ଥାନାକୁ ଦୌଡ଼ି ହତାଶ ହୋଇଛନ୍ତି। ପୋଲିସ ସହଯୋଗ ବଦଳରେ ନାନା ହଇରାଣ କରିବାରୁ ଶେଷରେ ପୂରା ପରିବାର ପିଲାଛୁଆ ଧରି ଗୁରୁବାର ଥାନାରେ ଧାରଣା ଦେଇଥିଲେ। ପୁଅ ମୃତ୍ୟୁରେ ଭାଙ୍ଗି ପଡିଥିବା ବାପା ଥାନାରେ ଶୋଇ ରହି ପ୍ରତିବାଦ କରିଥିବାବେଳେ ମା' ଛୋଟ ପିଲାଙ୍କୁ ଧରି ଥାନା ସମ୍ମୁଖ ରାସ୍ତାରେ ଧାଡ଼ି ହୋଇ ଦୀର୍ଘ ସମୟ ଧରି ବସି ରହିଥିଲେ। ଏହି ଘଟଣା ଚନ୍ଦ୍ରଶେଖରପୁର ଥାନା ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ବହୁ ବୁଝାଶୁଝା ପରେ ସେମାନେ ଧାରଣାରୁ ଉଠିଥିଲେ।

ସୂଚନାନୁଯାୟୀ, ଗତ ୫ମାସ ତଳେ ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତିରେ ଦୈତରାଜ ନାୟକ (୧୭) ନାମକ ଜଣେ ନାବାଳକ ହଠାତ କେଉଁଆଡେ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏହାର ୩ଦିନ ପରେ ଭରତପୁର ଜଙ୍ଗଲ ପାର୍ଶ୍ୱ ଟ୍ରେଞ୍ଚ୍ ମଧ୍ୟରୁ ଉଲଗ୍ନ ଅବସ୍ଥାରେ ଦୈତରାଜଙ୍କ ଗଳିତ ମୃତଦେହ ଜବତ କରିଥିଲା ପୋଲିସ। ପୁଅକୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ସହ ଏଥିରେ ୨ଜଣଙ୍କର ସମ୍ପୃକ୍ତି ଥିବା ନେଇ ପୋଲିସକୁ କହିଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାସହ ଉକ୍ତ ୨ଜଣଙ୍କୁ ଥାନାକୁ ଡାକି ପଚରାଉଚରା କରି କୌଣସି ପ୍ରମାଣ ନ ମିଳିବାରୁ ଛାଡି ଦେଇଥିଲା। ଏହାକୁ ନେଇ ମୃତକଙ୍କ ପରିବାର ଲୋକେ ପୋଲିସର ତଦନ୍ତକୁ ନେଇ ସନ୍ଦେହ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଏହି ଘଟଣା ପରଠାରୁ ମୃତକଙ୍କ ପରିବାର ଓ ଉକ୍ତ ୨ ବ୍ୟକ୍ତିଙ୍କ ପରିବାର ମଧ୍ୟରେ ଅନେକଥର ଗଣ୍ଡଗୋଳ ହେଲାଣି। ଏପରିକି ଗଣ୍ଡଗୋଳ ଘଟଣାରେ ପୋଲିସ ଉଭୟ ପକ୍ଷରୁ ଗିରଫ କରିଥିଲେ ମଧ ହତ୍ୟା ମାମଲାରେ ଚୁପ୍ ବସିଛି। ହତ୍ୟାର କାରଣ ଓ ଅଭିଯୁକ୍ତଙ୍କ ସମ୍ପର୍କରେ କିଛି ବି ସୂଚନା ଦେଇପାରୁନି ପୋଲିସ। ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଛାଡି ଦେଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ ଆଣି ପ୍ରତିବାଦରେ ଏଭଳି ଅଭିନବ ଧାରଣା ଦେଇଥିଲେ।



ଚନ୍ଦ୍ରଶେଖରପୁର ଥାନାରେ ମୃତ ଦୈତରାଜଙ୍କ ବାପା ଶୋଇ ପ୍ରତିବାଦ କରୁଛନ୍ତି । ସମ୍ମୁଖ ରାସ୍ତାରେ ପିଲାଙ୍କ ସହ ମା' ଧାରଣା ଦେଇଛନ୍ତି ।

## ନାମ ସଂକୀର୍ତ୍ତନ ବାଲିଯାତ୍ରା ମହୋତ୍ସବ ଆରମ୍ଭ

ବାରଙ୍ଗ,୧୦।୧୧(ଡି.ଏନ୍.ଏ.)

ପୁରୁଣା ବାରଙ୍ଗଠାରେ ଆଧ୍ୟାତ୍ମିକ ଉତ୍ସବ ୪୮ ମଣ୍ଡଳ ନାମସଙ୍କୀର୍ତ୍ତନ ବାଲିଯାତ୍ରା ମହୋତ୍ସବ ଗୁରୁବାର ଆରମ୍ଭ ହୋଇଛି। ଏହି ଅବସରରେ ଠାକୁର ମଦନମୋହନଙ୍କୁ କଣ୍ଠାପାଟଣାସ୍ଥିତ ମଠ ମନ୍ଦିରରୁ ବାଲିଯାତ୍ରା ଉତ୍ସବସ୍ଥଳକୁ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ଅଣାଯାଇ ମହୋତ୍ସବ ଆରମ୍ଭ ହୋଇଥିଲା। ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା ୪୮ମଣ୍ଡଳ ପକ୍ଷରୁ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ। ଆଖପାଖ ଗ୍ରାମରୁ ବହୁ ସଙ୍କୀର୍ତ୍ତନ ମଣ୍ଡଳୀ ଆସି ଏଥିରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଏହି କାର୍ଯ୍ୟକ୍ରମ ଦ୍ୱାରା ପରମ୍ପରା ବଜାୟ ରହିବା ସହ ଆଗାମୀ ପିଢ଼ି ଏହି ପରମ୍ପରା ଆଗକୁ ନେବାରେ ସହାୟକ ହେବେ ବୋଲି ମତପ୍ରକାଶ କରିଥିଲେ। ଏହି ମହୋତ୍ସବ ଚାରିଦିନ ଧରି ଚାଲିବ। ଉଦ୍ଯାପନ ଦିବସ ଦିନ କାର୍ତ୍ତିକେଶ୍ୱର ଭସାଣି ଶୋଭାଯାତ୍ରାରେ ସାମିଲ ହେବାକୁ ଥିବା ସମସ୍ତ ମେଢ଼ଗୁଡ଼ିକୁ ଭୋଗହାଣ୍ଡି ଓ କର୍ମକର୍ତ୍ତାମାନଙ୍କୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବାଲିଯାତ୍ରାରେ ଅରୁନ୍ଧତୀର ଆକର୍ଷଣୀୟ ମଣ୍ଡପ



କଟକ ବାଲିଯାତ୍ରା ପଡିଆରେ ଅରୁନ୍ଧତୀ ଜୁଏଲର୍ସର ମଣ୍ଡପକୁ କଟକ ମେୟର ସୁବାସ ସିଂ ଉଦ୍ଘାଟନ କରୁଛନ୍ତି ।

ଭୁବନେଶ୍ୱର,୧୦।୧୧:

ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସ ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରାରେ ଅଂଶ ଗ୍ରହଣ କରିଛି। ଏପରିକି ବାଲିଯାତ୍ରା ପଡ଼ିଆରେ ମଧ ଏକ ଆକର୍ଷଣୀୟ ମଣ୍ଡପ (ଷ୍ଟଲ୍) ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ କଟକ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ ଉପସ୍ଥିତ ଥିଲେ। ବିଶେଷକରି ଗ୍ରାହକଙ୍କ ପସନ୍ଦ ଓ ଅରୁନ୍ଧତୀ ପ୍ରତି ଭଲପାଇବାକୁ ଦୃଷ୍ଟିରେ ରଖି ଏଭଳି ଏକ ମଣ୍ଡପର ଶୁଭାରମ୍ଭ କରାଯାଇଥିବା ଅରୁନ୍ଧତୀ ପକ୍ଷରୁ କୁହାଯାଇଛି। ସେହିଭଳି ବାଲିଯାତ୍ରାରେ ଅଗଣିତ ଓଡ଼ିଶାବାସୀଙ୍କ ସହ ଯୋଡ଼ି ହେବା ଓ ସେମାନଙ୍କ ପାଇଁ କିଛି ନୂତନ ସାମଗ୍ରୀ ସହ ଆକର୍ଷଣୀୟ ଉପହାର ମଧ ଯାତ୍ରା ଉପଲକ୍ଷେ ପ୍ରଦାନ କରାଯାଉଛି। ଏପରିକି ପ୍ରତିଦିନ ୧୦ ଜଣ ଭାଗ୍ୟଶାଳୀ ଗ୍ରାହକଙ୍କୁ ଆକର୍ଷଣୀୟ ଉପହାର (ଲକି ଡ୍ର'ର ବିଜେତା ଭାବେ) ପ୍ରତି କ୍ରୟ ଉପରେ ଦିଆଯାଉଛି। ବାଲିଯାତ୍ରା ପରିପ୍ରେକ୍ଷୀରେ ଚଳିତ ରିହାତି ଅଫର ସହ ଅତିରିକ୍ତ ୫%ର ରିହାତି ମଧ ବାଲିଯାତ୍ର ଷ୍ଟଲରୁ ଗଢ଼ା ମଜୁରି ଉପରେ ପାଇପାରିବେ।

ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପ୍ର ସିଏମ୍ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଅତୁଟ ବିଶ୍ୱାସ ଯୋଗୁ ଅରୁନ୍ଧତୀ ଆଜି ରାଜ୍ୟର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ୍ ଭାବେ ପ୍ରତିଷ୍ଠିତ ହୋଇପାରିଛି। ଅରୁନ୍ଧତୀର ହଜାର ହଜାର ଗ୍ରାହକ ଓ ଶୁଭେଚ୍ଛୁଙ୍କୁ ହୃଦୟର ଅନ୍ତରରୁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିବା ସହ ଅରୁନ୍ଧତୀ ଜୁଏଲର୍ସ ଖୁବ୍‌ଶୀଘ୍ର କଟକ ସହରରେ ତା'ର ନୂତନ ଫ୍ଲାଗ୍‌ଶିପ୍ ଶୋ'ରୁମ୍ ଖୋଲିବାକୁ ଯାଉଛି ବୋଲି ମେହେର ମତ ପ୍ରକାଶ କରିଛନ୍ତି।

## ସୋମନାଥ ସୁନ୍ଦରରାୟଙ୍କ ମୋ ଗାଁ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

କବି ସୋମନାଥ ସୁନ୍ଦରରାୟଙ୍କ କବିତା ପୁସ୍ତକ 'ମୋ ଗାଁ' ଗୁରୁବାର ଆଇଗିଣିଆ ଡି.ଏମ୍.କନଭେନସନ୍ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ବ୍ୟୋମକେଶ ତ୍ରିପାଠୀ ଯୋଗଦେଇ ପୁସ୍ତକର ଲୋକାର୍ପଣ କରିବା ସହ ଗାଁକୁ ପ୍ରାଣ ଭରି ଭଲ ପାଉଥିବା କବିଙ୍କ ଉଚ୍ଚକୋଟୀର ରଚନାଶୈଳୀର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସନ୍ନିବେଶିତ କବିତାଗୁଡ଼ିକ ଉପରେ ଆଲୋଚନା କରିଥିଲେ। କବି ଏହି ପୁସ୍ତକରେ ନିଜ ଅନ୍ତର ଭାଷା ପ୍ରକାଶ କରିଥିବା କହିଛନ୍ତି। ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟକାର ତଥା ବିଜେବି ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ରମେଶ ଦାସ ଏହି କାର୍ଯ୍ୟକ୍ରମକୁ ପୌରୋହିତ୍ୟ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ଗୋଡ଼ ଭାଙ୍ଗିଲା

ବାରଙ୍ଗ,୧୦।୧୧(ଡି.ଏନ୍.ଏ.)

ନନ୍ଦନକାନନ ଥାନା ସମ୍ମୁଖରେ ରଙ୍ଗରୁଟ୍‌ରେ ଆସୁଥିବାବେଳେ ବାଲିବୋଝେଇ ହାଇୱା ସହ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ୍ ଚାଳକଙ୍କ ଗୋଡ ଭାଙ୍ଗିଯାଇଛି। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ପ୍ରକାଶ ଯେ, ଗୁରୁବାର ଦ୍ୱିପ୍ରହର ସମୟରେ ଓଡି଼୦୨-ଏଚ-୪୧୭୧ନଂ ବାଲିବୋଝେଇ ହାଇୱାଟି ନନ୍ଦନକାନନ ବସଷ୍ଟାଣ୍ଡ ପାଖରୁ ରଙ୍ଗରୁଟରେ ପଦାସାହି ଆଡକୁ ଯାଉଥିଲା। ଅପରପକ୍ଷେ ବାରଙ୍ଗରୁ ଭୁବନେଶ୍ୱର ପଟକୁ ଓଡି଼୦୫-ଏକେ-୮୩୧୦ନଂ ବାଇକରେ ଆସୁଥିବା ଯୁବକଙ୍କ ହଠାତ୍ ମୁହାଁମୁହିଁ ଆସି ଧକ୍କାଦେଇଥିଲେ। ଫଳରେ ବାଇକ ଚାଳକ ତଳେ ପଡ଼ି ଗୋଡ ଭାଙ୍ଗିଯାଇଥିଲା। ଖବରପାଇ ପୋଲିସ ଆସି ଦୁର୍ଘଟଣାଗ୍ରସ୍ତ ଦୁଇଗାଡ଼ିକୁ ଜବତ କରିବା ହାଇୱା ଡ୍ରାଇଭର ଫେରାର ହୋଇଯାଇଛି।

# ସିଂହଦ୍ୱାର କବାଟ ଲାଗିବା କାର୍ଯ୍ୟ ଆରମ୍ଭ



**ଶ୍ରୀଲିଙ୍ଗରାଜ ମନ୍ଦିର**

ପୁରୁଣା ଭୁବନେଶ୍ୱର, ୧୦।୧୧(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାରରେ ଲାଗିଥିବା ମୁଖ୍ୟ କବାଟ ବଦଳା ଯାଇଛି। ନୂଆ କବାଟ ଲାଗିବା କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ୧୪ ଫୁଟ ୬ଇଞ୍ଚ ଲମ୍ବ, ୮ଫୁଟ ଓସାର ବିଶିଷ୍ଟ ବିଭିନ୍ନ କାରୁକାର୍ଯ୍ୟରେ ତିଆରି ହୋଇଥିବା ଏହି କବାଟ ଶାଗୁଆନ କାଠରେ ନିର୍ମାଣ ହୋଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍ଆଇ) ତତ୍ତ୍ୱାବଧାନରେ କୁଶଳୀ କାରିଗର କବାଟ ଲଗାଯିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏଏସ୍ଆଇ, ଶ୍ରମିକ ଏବଂ ପୁରୀ ଜଗନ୍ନାଥ ମନ୍ଦିର କବାଟ ନିର୍ମାଣକାରୀ ମହାରଣାଙ୍କ ସମେତ ୩ଜଣ ମହାରଣାଙ୍କୁ ମିଶାଇ ମୋଟ୍ ୨୫ଜଣ ଏଥିରେ ନିୟୋଜିତ ରହି କାର୍ଯ୍ୟ କରୁଛନ୍ତି ବୋଲି ଏଏସ୍ଆଇ ସଂରକ୍ଷଣ ଅଧିକାରୀ ମାନସ ରଞ୍ଜନ ସାହୁ କହିଛନ୍ତି। କବାଟ ଲାଗିବା ପରେ ଯଦି କେଉଁ ଦାତା ରୁପା କିମ୍ବା ପିତ୍ତଳ ଦାନ କରନ୍ତି କବାଟରେ ଲାଗାଇ ଦିଆଯିବାର ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟ ପାଇଁ ଶ୍ରଦ୍ଧାଳୁମାନେ ଉତ୍ତର ଦ୍ୱାର ଦେଇ ଠାକୁରଙ୍କ ଦର୍ଶନ କରିଥିଲେ। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ କବାଟ ଲଗାଇବା କାର୍ଯ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଏକାଦଶ ଶତାବ୍ଦୀର ଶ୍ରୀଲିଙ୍ଗରାଜ ମନ୍ଦିରର ମୁଖ୍ୟ କବାଟ ଅବକ୍ଷୟ ଯୋଗୁ ପ୍ରାୟ ୩ଥର ମରାମତି ସହ ବଦଳାଯାଇଥିବା ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି। ଗତ ଫନୀ ବାତ୍ୟାରେ ସିଂହଦ୍ୱାରର ମୁଖ୍ୟ କବାଟ ଏବଂ କବାଟରେ ଥିବା ଗୁପ୍ତ ଝରକା ଭାଙ୍ଗିଯାଇଥିଲା। ସେବେଠାରୁ ଏହି କବାଟ ବଦଳାଇବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଆସୁଥିଲା।

# ମାଣ୍ଡିଆରେ ମହାପ୍ରଭୁ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ରାଜ୍ୟରେ ଛୋଟ ଚାଷୀ, ଆଦିବାସୀମାନେ ପ୍ରାୟତଃ ମାଣ୍ଡିଆ ଚାଷ କରିଥାନ୍ତି। ମାଣ୍ଡିଆର ଗୁଣବତ୍ତା ଓ ପୁଷ୍ଟିକର ହୋଇଥିବାରୁ ଦିନକୁ ଦିନ ରାଜ୍ୟ ତଥା ରାଜ୍ୟ ବାହାରେ ଏହାର ଆଦୃତ ବଢ଼ିବାରେ ଲାଗିଛି। ମାଣ୍ଡିଆର ବିଶେଷତ୍ୱକୁ ଦୃଷ୍ଟି ରଖି ପ୍ରତି ବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ପାଳନ କରିବା ନିମନ୍ତେ ଓଡ଼ିଶା ସରକାର ନିଷ୍ପତ୍ତି ଦେଇଛନ୍ତି। ତେବେ ଏହି ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ପ୍ରୟାସ କରିଛନ୍ତି ଜଣାଶୁଣା ଚିତ୍ରଶିଳ୍ପୀ ପ୍ରିୟଙ୍କା ସାହାଣୀ। ମିନିଏଚର୍ ଆର୍ଟ ମାଧ୍ୟମରେ ସେ ମାଣ୍ଡିଆର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେବାକୁ ଚାହିଁଛନ୍ତି। ସୋରିଷଠାରୁ ଆକାରରେ ସାନ ଦେଖାଯାଉଥିବା ଏହି ମାଣ୍ଡିଆରେ ସେ ପ୍ରସ୍ତୁତ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଚିତ୍ର ପ୍ରସ୍ତୁତ କରିଛନ୍ତି। ୦.୧ ବ୍ୟାସ ବିଶିଷ୍ଟ ଗୋଟିଏ ଗୋଟିଏ ମାଣ୍ଡିଆ ଦାନାରେ ସେ ଏପରି ସୂକ୍ଷ୍ମ ଚିତ୍ରକଳା କରିଛନ୍ତି। ବିଭିନ୍ନ ରଙ୍ଗ ବ୍ୟବହାର କରି ସେ ଅବିକଳ ତିନିଠାକୁରଙ୍କ ଚିତ୍ର ପ୍ରସ୍ତୁତ କରିଛନ୍ତି।



# ମାଣ୍ଡିଆର ସ୍ୱତନ୍ତ୍ର ପରିଚୟ ମିଳିଛି

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

କିସ୍‌ରେ ଗୁରୁବାର ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍ଘାଟନ କରି ରାଜ୍ୟ ସରକାରଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ମାଣ୍ଡିଆ ଏକ ସ୍ୱାସ୍ଥ୍ୟକର ଖାଦ୍ୟ। ଜନଜାତି ବର୍ଗର ଲୋକେ ଏହାକୁ ବହୁ ପୂର୍ବରୁ ସେମାନଙ୍କ ଅନ୍ୟତମ ମୁଖ୍ୟ ଖାଦ୍ୟ ରୂପେ ଖାଇ ଆସୁଛନ୍ତି। ସ୍ୱାସ୍ଥ୍ୟ ଦୃଷ୍ଟିର ମାଣ୍ଡିଆ ହିତକର ହୋଇଥିବାରୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥିବା ଲୋକଙ୍କ ପାଇଁ ଏହା ଏବେ ପ୍ରିୟ ଖାଦ୍ୟରେ ପରିଣତ ହୋଇଛି। ତେବେ ମାଣ୍ଡିଆକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ଏବଂ ଏହାର ପ୍ରସାର ଓ ପ୍ରଚାର କରିବା ତଥା ରାଜ୍ୟ ଓ ରାଜ୍ୟ ବାହାରେ ମାଣ୍ଡିଆକୁ ଆଦୃତି କରାଇବା ଦିଗରେ ରାଜ୍ୟ ସରକାରଙ୍କ ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ସାମନ୍ତ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଏହି ଉତ୍ତମ ପଦକ୍ଷେପ ନିଶ୍ଚିତ ଭାବେ ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇବ। ଏହାଦ୍ୱାରା ଉଭୟ ମାଣ୍ଡିଆ ଚାଷୀ ଓ ଉପଭୋକ୍ତା ଉପକୃତ ହେବେ। ଏବେ ମାଣ୍ଡିଆରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ହୋଇପାରୁଛି। କିସ୍‌ରେ ମଧ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ ମାଣ୍ଡିଆ ଦିଆଯାଉଥିଲା। କିନ୍ତୁ ଚଳିତବର୍ଷଠାରୁ ସପ୍ତାହକୁ ଥରେ ୩୦ହଜାର ପିଲାଙ୍କୁ ବାଧ୍ୟତାମୂଳକ ଭାବେ ମାଣ୍ଡିଆ ଖାଇବାକୁ ଦିଆଯିବା ନେଇ ନିଷ୍ପତ୍ତି ହୋଇଥିବା ସାମନ୍ତ ସୂଚନା ଦେଇଥିଲେ।


କିସ୍‌ରେ ମାଣ୍ଡିଆ ଦିବସ ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ ।

# ପାରମ୍ପରିକ ବାଦ୍ୟ, ନୃତ୍ୟରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ

ଭୁବନେଶ୍ୱର, ୧୦।୧୧ (ବ୍ୟୁରେ)

ରାଷ୍ଟ୍ରପତି ହେବାପରେ ଦ୍ରୌପଦୀ ମୁର୍ମୁ ପ୍ରଥମଥର ଓଡ଼ିଶା ଗସ୍ତରେ ଆସିଛନ୍ତି। ଓଡ଼ିଶା ମାଟିର ଝିଅଙ୍କୁ ସ୍ୱାଗତ ଜଣାଇବା ପାଇଁ ଗୁରୁବାର ଏୟାରପୋର୍ଟ ସମେତ ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ବିମାନବନ୍ଦରରୁ ରାଷ୍ଟ୍ରପତିଙ୍କ କାର୍‌କେଡ୍ ବାହାରିବା ପରେ ପାରମ୍ପରିକ ବାଦ୍ୟ ଢୋଲ, ମହୁରୀ, ତୂରୀ ସାଙ୍ଗକୁ ଶଙ୍ଖ ଓ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ପରିବେଶ। ଏହା ସାଙ୍ଗକୁ ରଣପା, ସାନ୍ତାଳୀ ନୃତ୍ୟର ତାଳେ ତାଳେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯାଇଥିଲା। ଅଧିକାଂଶ ଲୋକଙ୍କ ହାତରେ ଥିଲା ଜାତୀୟ ପତାକା ହଲାଇ ପ୍ଲା-କାର୍ଡ। ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନ ସଦସ୍ୟଙ୍କ ସହ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ସାଧାରଣ ଲୋକ ବାଟସାରା ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ଦେଖିବା ସହ ନିଆରା ଅନୁଭବ ସାଉଣ୍ଟିଥିଲେ। ରାଷ୍ଟ୍ରପତି ପ୍ରଥମେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳ ପରିଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ।


ସାଲିଆ ସାହି ବିର୍ସା ମୁଣ୍ଡା ବସ୍ତି ନିକଟରେ ମହିଳାମାନେ ରାଷ୍ଟ୍ରପତିଙ୍କୁ ସ୍ୱାଗତ ପାଇଁ ଅପେକ୍ଷା କରିଛନ୍ତି ।

### ଛାତ୍ରୀଛାତ୍ରଙ୍କ ଭିତରେ ଉତ୍ସାହ

ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଜ୍ୟ ସରକାରଙ୍କ ଘୋଷଣାକ୍ରମେ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ସ୍କୁଲ ଓ କଲେଜକୁ ଅପରାହ୍ନ ୧ଟା ପରେ ଛୁଟି କରାଯାଇଥିଲା। ଫଳରେ ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ବିଭିନ୍ନ ଛକ ସ୍ଥାନରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ସମସ୍ତଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ।

### ଆଲୋକରେ ଝଲସିଲା ରାଜଭବନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ଜଣାଇବା ପାଇଁ ବୁଧବାର ରାତିରୁ ରାଜଭବନକୁ ରଙ୍ଗିନ ଆଲୋକମାଳାରେ ସଜ୍ଜା ଯାଇଥିଲା। ଜାତୀୟ ପତାକା ତ୍ରିରଙ୍ଗା ଆକୃତିର ଆଲୋକ ସାଙ୍ଗକୁ ଝଲମଲ ଆଲୋକ ସଜ୍ଜା ରାଜଧାନୀବାସୀଙ୍କ ମନରେ ଦେଶପ୍ରୀତିର ଭାବନା ସୃଷ୍ଟି କରିଥିଲା।

## ସଂକ୍ଷେପରେ

### ଆଜିଠୁ ତୃତୀୟ ପର୍ଯ୍ୟାୟ ଏକାଦଶ ନାମଲେଖା ପ୍ରକ୍ରିୟା

ଭୁବନେଶ୍ୱର,୧୦।୧୧(ବ୍ୟୁରୋ): ୨୦୨୨-୨୩ ଶିକ୍ଷାବର୍ଷ ଲାଗି ଯୁକ୍ତ୨ ବଳକା ସିଟ୍‌ରେ ନାମଲେଖା ହେବ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ୨୦୬୫ଟି ଜୁନିୟର କଲେଜ ରହିଛି। ସିଟ୍ ଖାଲି ପଡ଼ିଥିବାରୁ ପୁଣିଥରେ ନାମଲେଖା ପାଇଁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାରଠାରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ୱେବସାଇଟରେ ଫର୍ମ ଉପଲବ୍ଧ ହେବ। ଅନ୍‌ଲାଇନ୍‌ରେ ଆବେଦନର ଶେଷ ତାରିଖ ନଭେମ୍ବର ୧୫ ଧାର୍ଯ୍ୟ ହୋଇଛି। ୧୮ରେ ମେଧା ତାଲିକା ପ୍ରକାଶ ପାଇବ। ୧୮ତାରିଖ ଅପରାହ୍ନ ୨ଟାରୁ ନାମଲେଖା ଆରମ୍ଭ ହୋଇ ୨୧ତାରିଖ ଅପରାହ୍ନ ୩ଟାରେ ଶେଷ ହେବ। ସେହିପରି ୱେଟିଂ ନାମ ପଞ୍ଜୀକରଣ ପ୍ରକ୍ରିୟା ୨୧ତାରିଖ ଅପରାହ୍ନ ୩ଟା ୩୦ରୁ ଆରମ୍ଭ ହେବ। ତୃତୀୟ ପର୍ଯ୍ୟାୟ ନାମଲେଖା ଲାଗି ଯେଉଁ ଛାତ୍ରୀଛାତ୍ର ୱେଟିଂ ତାଲିକାରେ ରହିବେ ସେମାନଙ୍କ ଲାଗି ନାମଲେଖା ପ୍ରକ୍ରିୟା ନଭେମ୍ବର ୨୩ ଏବଂ ୨୪ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ୧୪ରୁ +୩ ତୃତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା

ଭୁବନେଶ୍ୱର,୧୦।୧୧(ବ୍ୟୁରୋ): ୨୦୨୨-୨୩ ଶିକ୍ଷାବର୍ଷ ଲାଗି ତୃତୀୟ ପର୍ଯ୍ୟାୟ +୩ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ୧୦୨୪ଟି ଡିଗ୍ରୀ କଲେଜ ରହିଛି। କଳା, ଫିଜିକାଲ ସାଇନ୍ସ, ବାୟୋଲଜିକାଲ ସାଇନ୍ସ ଏବଂ ବାଣିଜ୍ୟରେ ପୂର୍ବରୁ ୨ଟି ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଶେଷ ହୋଇଥିବା ବେଳେ ସିଟ୍ ବଳକା ରହିଥିବାରୁ ପୁଣି ୩ୟ ପର୍ଯ୍ୟାୟ ନାମଲେଖା ଲାଗି ପ୍ରକ୍ରିୟା ଆରମ୍ଭ ହେବ। ନଭେମ୍ବର ୧୪ରୁ ନାମଲେଖା ଲାଗି ଅନ୍‌ଲାଇନ୍‌ରେ ଫର୍ମ ଉପଲବ୍ଧ ହେବ। ପୂର୍ବାହ୍ନ ୧୧ଟାରୁ ଆବେଦନ କରାଯିବ। ଆବେଦନର ଶେଷ ତାରିଖ ୧୭ ଧାର୍ଯ୍ୟ ହୋଇଛି। ୨୨ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ୨୩ ଏବଂ ୨୪ତାରିଖରେ ନାମଲେଖା ହେବ। ସେହିପରି ୨୯ତାରିଖ ସନ୍ଧ୍ୟା ୭ଟା ସୁଦ୍ଧା ଚୂଡ଼ାନ୍ତ ନାମଲେଖା ତଥ୍ୟ ୱେବସାଇଟରେ ଅପଲୋଡ୍ କରାଯିବା ସହ ନଭେମ୍ବର ୩୦ ସୁଦ୍ଧା ନାମ ଲେଖାଇଥିବା ଛାତ୍ରୀଛାତ୍ର ନାମଲେଖା ଫି' ପୈଠ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି।

### ଯୁବକଙ୍କୁ ଦଳିଦେଲା ହାତୀ

ଔପଦା, ୧୦।୧୧: ବାଲେଶ୍ୱର ଜିଲା ଔପଦା ବନ ରେଞ୍ଜ ଅଧୀନ ଷୋହଳଭଉଣୀ ଡ୍ୟାମ ନିକଟରେ ଜଣେ ଆଦିବାସୀ ଯୁବକଙ୍କୁ ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ରେଞ୍ଜର ବବିତା ସୋରେନ ଖବରପାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକ ହେଲେ ମୟୂରଭଞ୍ଜ ଜିଲା ଚୁଲଗଡ଼ିଆ ଅଞ୍ଚଳର ଟାପୁ ବାଁଆରା (୫୦)। ସେ ସ୍ଥାନୀୟ କସ୍‌ପା ହାଟ ସାରି ରାତିରେ ଏକୁଟିଆ ଫେରୁଥିବା ବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀଟି ତାଙ୍କୁ ଗୋଡ଼ରେ ଦଳି ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ବନବିଭାଗ ପକ୍ଷରୁ ମୃତ ବାଁଆରାଙ୍କ ପରିବାରକୁ ୪୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବିଭାଗ ପକ୍ଷରୁ ଜଣାଯାଇଛି। ବନ ବିଭାଗ ସ୍ଥାନୀୟ ପୋଲିସକୁ ଶବ ହସ୍ତାନ୍ତର ପରେ ପୋଲିସ ପକ୍ଷରୁ ବ୍ୟବଚ୍ଛେଦ କରାଯାଇଛି।

# ଚକଡ଼ା ଦାଉ: ଧାନକ୍ଷେତରେ ନିଆଁ ଲଗାଇଲେ ଚାଷୀ

ନୀଳଗିରି, ୧୦।୧୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଞ୍ଚଳରେ ଧାନ ଚାଷ ନଷ୍ଟ ହେବାକୁ ବସିଛି। ଏବେ ଧାନ ଗଛରୁ କେଣ୍ଡାଗୁଡ଼ିକ ବାହାରିଥିବା ବେଳେ ଚକଡ଼ା ଓ ଜଉଆ ରୋଗ ଦାଉ ସାଧୁଛି। ସ୍ୱଳ୍ପ ବୃଷ୍ଟି, ଲଘୁଚାପଜନିତ ବର୍ଷା ଓ ହାତୀମାନଙ୍କ କବଳରୁ ବହୁ କଷ୍ଟରେ ଫସଲ ବଞ୍ଚାଇ ଚାଷୀ ଅମଳ ପାଇଁ ଆଶା ରଖିଥିବା ବେଳେ ଏହି ରୋଗ ପୋକ ଦମନ କରିବା ସେମାନଙ୍କ ପକ୍ଷରେ କଷ୍ଟସାଧ ହୋଇପଡ଼ିଛି। ଚାଷୀମାନେ ଉଚ୍ଚ ଦରରେ କୀଟନାଶକ କିଣି ବାରମ୍ବାର ସିଞ୍ଚନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଶେଷ କରି ନୀଳଗିରି ବ୍ଲକ ଧରମପୁର ପଞ୍ଚାୟତ ବାଂଶପାଳ ଗ୍ରାମରେ ଚକଡ଼ା ପ୍ରଭାବ ଦେଖାଦେଇଥିବାରୁ ବାଧ୍ୟ ହୋଇ ଚାଷୀମାନେ ଧାନଗଛକୁ ଜାଳିଦେଇଥିବା ଦେଖିବାକୁ ମିଳିଛି। ନୀଳଗିରି ଉପଖଣ୍ଡକୁ ମରୁଡ଼ି ଘୋଷଣା ଦାବିରେ ସିପିଆଇ, ନୀଳଗିରି ଅଞ୍ଚଳ କମିଟି ପକ୍ଷରୁ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ନୀଳଗିରି ଉପଖଣ୍ଡ ଏକ ପାହାଡ଼ିଆ ଅଞ୍ଚଳ। ପଶ୍ଚିମରେ ଦେବଗିରି ପାହାଡ଼, କୁଲଡ଼ିହା ଅଭୟାରଣ୍ୟ, ବିଜ୍ଞାପିତ ଅଞ୍ଚଳକୁ ଲାଗି ସ୍ୱର୍ଣ୍ଣଚୂଡ଼ ପର୍ବତ ରହିଛି। ପାହାଡ଼ ପର୍ବତରୁ ପାଣି ସମୁଦ୍ରରେ ମିଶେ। ମାତ୍ର ଉକ୍ତ ପାଣିକୁ ଅଟକାଇବା ଭଳି କୌଣସି ନଦୀବନ୍ଧ ଯୋଜନା ନାହିଁ। ଏହି ଉପଖଣ୍ଡର ଉତ୍ତରରେ ଟଙ୍ଗଣା, ସୋନ ଭଳି ନଦୀର ପାଣିକୁ ନେଇ ଚାଷରେ ବିନିଯୋଗ କରିବାର କୌଣସି ବ୍ୟବସ୍ଥା ନ ଥିବାରୁ ବର୍ଷାପାଣିକୁ ଭରସା କରି ଚାଷୀ ଗୋଟିଏ ଥର ଖରିଫ ଋତୁରେ ଧାନ ଚାଷ କରେ।



ଚାଷୀମାନେ ଧାନଗଛରେ ନିଆଁ ଲଗାଇଦେଇଛନ୍ତି।

ଦୀର୍ଘ ଏକ ମାସ ଧରି ବର୍ଷା ନ ହେବା ଯୋଗୁ ଚାଷୀର ଷୋଳପଣ ଆଶା ଆଜି ମରୁଡ଼ି ଗର୍ଭରେ। ପୁଣି ଜମି ପାହାଡ଼ କୋଳରେ ଝରଣା ପାଣିରେ ଯେଉଁ ଚାଷ ହୋଇଥିଲା, ତାହା ହାତୀ ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏବେ ଶୁଖିଲା ଧାନ କ୍ଷେତରେ ଚକଡ଼ା ପୋକ ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଚାଷୀକୁଳକୁ ଉଦ୍ଧାର ପାଇଁ ସିପିଆଇ ପକ୍ଷରୁ ଦାବିପତ୍ର ଦିଆଯାଇ ସମାଧାନ କରିବାକୁ ଦାବି ହୋଇଛି। ଦାବିଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରା ନ ଗଲେ ଚାଷୀମାନଙ୍କ ସୁରକ୍ଷା ପାଇଁ ଦଳ ଆଗାମୀ ସପ୍ତାହରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ସିପିଆଇର ଜିଲା ସେକ୍ରେଟାରୀ ନିରଞ୍ଜନ ବାରିକଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଛାତ୍ରାବାସରେ ସପ୍ତମର ୪ ପିଲାଙ୍କୁ ପିଟିଲେ ଦଶମ ଛାତ୍ର

ଦାରିଙ୍ଗବାଡ଼ି,୧୦।୧୧(ଡି.ଏନ.ଏ)

### ଭିଡିଓ ଭାଇରାଲ ପରେ ଚାପା ଉତ୍ତେଜନା

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ିରେ ଥିବା ମଙ୍ଗଳ ବିଭାଗର ଏକ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ୪ ଜଣ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଦଶମ ଶ୍ରେଣୀର ୪ ଛାତ୍ର ମାଡ଼ ମାରୁଥିବା ଭିଡିଓ ଗୁରୁବାର ଭାଇରାଲ ହୋଇଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରାବାସରୁ ଦଶମ ଶ୍ରେଣୀର ୪ ଛାତ୍ରଙ୍କୁ ଏକ ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ସେମାନଙ୍କ ଗ୍ରାମକୁ ପଠାଇ ଦେଇଛନ୍ତି। ଅନ୍ୟପକ୍ଷରେ ମାଡ଼ ଖାଇଥିବା ସପ୍ତମ ଶ୍ରେଣୀ ଛାତ୍ରମାନଙ୍କ ମାନସିକ ଅବସ୍ଥା ଭଲ ନ ଥିବାରୁ ସେମାନଙ୍କ ଅଭିଭାବକ କିଛିଦିନ ପାଇଁ ପିଲାଙ୍କୁ ଘରକୁ ନେଇଯାଇଛନ୍ତି।

ଭାଇରାଲ ହେଉଥିବା ଦୁଇଟି ଭିଡିଓ ଗତ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଛୁଟି ଦିନର ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ଭିଡିଓରେ ସପ୍ତମ ଶ୍ରେଣୀର ୪ ଛାତ୍ରଙ୍କୁ ଦଶମ ଶ୍ରେଣୀର ୨ଜଣ ଛାତ୍ର ଅମାନୁଷିକ ଭାବେ ମାଡ଼ ମାରୁଥିବା ବେଳେ ଆଉ ୨ ଛାତ୍ର ଏହାର ମଜା ଉଠାଇବା ସହ ସହପାଠୀଙ୍କୁ ସହଯୋଗ କରୁଥିବା ଦେଖାଯାଇଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ପ୍ରଧାନ ଶିକ୍ଷକ ଝୁନୁରାଣୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ହଷ୍ଟେଲରେ ପିଲାଙ୍କୁ ଦିଆଯିବା ପାଇଁ ଥିବା ବିସ୍କୁଟରୁ କିଛି ପ୍ୟାକେଟ ଦଶମ ଶ୍ରେଣୀ ପିଲା ନେଇଯାଉଥିବା କୁଆଡ଼େ ସପ୍ତମ ଶ୍ରେଣୀ ପିଲା ଦେଖିଥିଲେ। ଏ ସମ୍ପର୍କରେ କାହାରିକୁ ନ କହିବା ପାଇଁ ଦଶମ ପିଲା ସେମାନଙ୍କୁ ଧମକ ଦେଇଥିଲେ। ପରେ ପ୍ରଥମେ ଦିନରେ ହଷ୍ଟେଲ ଛାତ ଉପରେ ଓ ରାତିରେ ହଷ୍ଟେଲ ରୁମ୍‌ରେ ସପ୍ତମ ଶ୍ରେଣୀର ୪ ଛାତ୍ରଙ୍କୁ ମାଡ଼ମାରି ତାହାର ଭିଡିଓ କରାଯାଇଛି। ତେବେ ହଷ୍ଟେଲରେ ମୋବାଇଲ ଫୋନ କଟକଣା କରାଯାଇଥିବା ବେଳେ କିଭଳି ଭିଡିଓ କରାଗଲା ଏବଂ କେବଳ କିଛି ପ୍ୟାକେଟ ବିସ୍କୁଟ ପାଇଁ ମାଡ଼ ମରାଯାଇଛି ନା ଅନ୍ୟ କିଛି କାରଣ ଅଛି, ସେ ସମ୍ପର୍କରେ ତଦନ୍ତ କରି ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରାଙ୍କୁ ପଚାରିବାରେ ତାଙ୍କ ନିକଟରେ ଏଭଳି କୌଣସି ସୂଚନା ନ ଥିବା କହିବା ସହ ଖବର ମିଳିଲେ ତଦନ୍ତ କରିବେ ବୋଲି କହିଛନ୍ତି।

# ମହାଲେଖାକାର କାର୍ଯ୍ୟାଳୟ ହେବ କାଗଜଶୂନ୍ୟ



ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

### ୨ ଦିନିଆ ଜିଲା କୋଷାଧିକାରୀ ସମ୍ମିଳନୀ ଉଦ୍‌ଘାଟିତ

ରାଜ୍ୟ ସରକାରଙ୍କ ଲେଖା, ଲେଖାନୁଦାନ ସମ୍ପର୍କିତ ସମସ୍ତ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ କରାଯିବା ସହ କୋଷାଗାର ଓ ମହାଲେଖାକାର କାର୍ଯ୍ୟାଳୟକୁ କାଗଜଶୂନ୍ୟ କରାଯିବ ବୋଲି ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା କହିଛନ୍ତି।

ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟରେ ପହଞ୍ଚୁଥିବା ପେନ୍‌ସନ କାଗଜପତ୍ର ୧ ମାସ ମଧ୍ୟରେ ଫଇସଲା କରାଯାଉଛି। ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କ ପେନ୍‌ସନ କାଗଜ ମହାଲେଖାକାର କାର୍ଯ୍ୟାଳୟକୁ ପଠାଗଲେ ଅବସର ପୂର୍ବରୁ ସେମାନଙ୍କ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଓଡ଼ିଶା ମହାଲେଖାକାର କାର୍ଯ୍ୟାଳୟ (ଲେଖା ଓ ହକଦାରି) ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ସହଯୋଗରେ ସ୍ଥାନୀୟ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷଠାରେ ଗୁରୁବାର ଦୁଇଦିନିଆ ଜିଲା କୋଷାଧିକାରୀଙ୍କ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ପ୍ରଧାନ ମହାଲେଖାକାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ମୁଖ୍ୟ ଅତିଥି, ପ୍ରଧାନ ମହାଲେଖାକାର (ଅଡିଟ) ରାଜ କୁମାର, କୋଷାଗାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରୂପ ନାରାୟଣ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଉପମହାଲେଖାକାର ଶ୍ରୀରାଜ ଅଶୋକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି କର୍ମଶାଳା ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କୋଷାଗାର ନିର୍ଦ୍ଦେଶକ ରୂପ ନାରାୟଣ ଦାସ ଓଡ଼ିଶାର କୋଷାଗାର ଅନ୍‌ଲାଇନ ହେବା ଦ୍ୱାରା ବିତ୍ତୀୟ ପରିଚାଳନା ସହଜ ଓ ତ୍ରୁଟିଶୂନ୍ୟ ହେବା ସହ ଠିକ୍ ସମୟରେ ରାଜ୍ୟ ସରକାରଙ୍କ ଆୟବ୍ୟୟର ହିସାବ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇପାରୁଛି ବୋଲି କହିଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଅନ୍‌ଲାଇନ ମାଧ୍ୟମରେ କାର୍ଯ୍ୟ କରିବା ସମୟରେ କୋଷାଗାରମାନଙ୍କରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାର ସମାଧାନ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଏସ୍. ପି. ରଥ, ନିର୍ଦ୍ଦେଶକ ବଜେଟ, ସିଦ୍ଧାର୍ଥ ଦାସ, ନିର୍ଦ୍ଦେଶକ ସ୍ୱଳ୍ପ ସଞ୍ଚୟ ଯୋଜନା, ବରିଷ୍ଠ ଲେଖାଧିକାରୀ ପ୍ରବୀର ସାମଲ, ସହକାରୀ ଲେଖାଧିକାରୀ ଭାରତୀ ମହାପାତ୍ର କୋଷାଗାରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ୩୦ ଜିଲାର ସମସ୍ତ ଜିଲା କୋଷାଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। କର୍ମଶାଳାକୁ କୋଷାଗାର ନିର୍ଦ୍ଦେଶାଳୟର ସରୋଜ ଶତପଥୀ, ପ୍ରଧାନ ମହାଲେଖାକାରଙ୍କ ସଚିବ ସୁଚିତ୍ରା ଭଞ୍ଜ, ସହକାରୀ ଲେଖାଧିକାରୀ ଅଶୋକ ମିଶ୍ର, ଆନନ୍ଦ ଭଞ୍ଜ, କୈଳାସ ପଣ୍ଡା ଓ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# କ୍ୟାପିଟାଲ, ବିଏମ୍‌ସି ହସ୍ପିଟାଲରେ ନିଯୁକ୍ତ ହେବେ ସୁପରସ୍ପେଶାଲିଷ୍ଟ

### କର୍ପସ ପାଣ୍ଠି ବ୍ୟବସ୍ଥା ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ ଏବଂ ବିଏମ୍‌ସି ହସ୍ପିଟାଲରେ ସୁପର ସ୍ପେଶାଲିଷ୍ଟ ନିଯୁକ୍ତି ହେବେ। ଉନ୍ନତମାନର ସ୍ୱାସ୍ଥ୍ୟସେବା ଦିଗରେ ଅନ୍ୟ ଏକ ପଦକ୍ଷେପ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କର୍ପସ୍ ପାଣ୍ଠି ବ୍ୟବସ୍ଥାର ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଅଭିଜ୍ଞ ସୁପର ସ୍ପେଶାଲିଷ୍ଟମାନଙ୍କୁ ଆପୋସ ଦରମା ଚୁକ୍ତିଭିତ୍ତିରେ ଭୁବନେଶ୍ୱର ଆଡ଼କୁ ଆକର୍ଷିତ କରାଯାଇପାରିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, କର୍ପସ୍ ପାଣ୍ଠିକୁ କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ବିନିଯୋଗ କରାଯିବ। ଅଭିଜ୍ଞ ଓ ଖ୍ୟାତନାମା ସ୍ପେଶାଲିଷ୍ଟମାନଙ୍କୁ ଚୟନ କରିବା ନିମନ୍ତେ ବିଏମ୍‌ସି କମିଶନରଙ୍କ ଅଧ୍ୟକ୍ଷତାରେ ଏକ ୪ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ଭୁବନେଶ୍ୱର ସ୍ନାତକୋତ୍ତର ଭେଷଜ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଓଡ଼ିଶା, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଏବଂ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ସଦସ୍ୟ ରହିଛନ୍ତି। ଏହି ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଖ୍ୟାତନାମା ବିଶେଷଜ୍ଞମାନଙ୍କ ଚୟନ ଓ ଦରମା ଚୁକ୍ତି ଆଦି ବିଷୟ ନିର୍ଦ୍ଧାରଣ କରିବେ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଦ୍ୱାରା କ୍ୟାପିଟାଲ୍ ହସ୍ପିଟାଲକୁ ଏକ ଉନ୍ନତମାନର ସ୍ନାତକତ୍ତୋର ଭେଷଜ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନଭାବେ ବିକଶିତ କରାଯାଉଛି।


ଗୃହ ନିର୍ମାଣ କାର୍ଯ୍ୟରେ
ଓଡ଼ିଶା ଶକ୍ତି ସଂରକ୍ଷଣ ଗୃହ ସଂହିତା
(OECBC)
ଅନୁପାଳନର ଉପଯୋଗିତା

EIC (Electricity)-cum-PCEI & SDA Odisha Department of Energy

No. AA-19:-

- ୧୦୦ କିଲୋୱାଟ ବା ଅଧିକର କନେକ୍ଟେଡ୍ ଲୋଡ୍/ ୧୨୦ kVA ବା ଅଧିକର କନ୍‌ଟ୍ରାକ୍ଟ ଡିମାଣ୍ଡ ରହିଥିବା, କିମ୍ବା ପାର୍କିଂ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ଷ୍ଟିଲ୍ଟ ବା ବେସ୍‌ମେଣ୍ଟକୁ ବାଦ୍ ଦେଇ ୧୦୦୦ ବର୍ଗମିଟର ବା ଅଧିକର ବିଲ୍ଟ-ଅପ୍ କ୍ଷେତ୍ର ରହିଥିବା, ନୂତନ ବ୍ୟବସାୟିକ ଗୃହ ବା ଗୃହ କମ୍ପ୍ଲେକ୍ସ ନିର୍ମାଣ, କିମ୍ବା ପୂର୍ବରୁ ଥିବା ବ୍ୟବସାୟିକ ଗୃହର ନୂତନ ସମ୍ପ୍ରସାରଣ ଅଂଶ ନିର୍ମାଣ ନିମିତ୍ତ OECBC ପ୍ରଯୁଜ୍ୟ।
- ସଂଯମିତ ବିଦ୍ୟୁତ୍ ଉପଭୋଗ (ଏ.ସି., ଆଲୋକୀକରଣ ଇତ୍ୟାଦି ଲୋଡ୍) ଦ୍ୱାରା ପାରମ୍ପରିକ ଗୃହ ତୁଳନାରେ ୫୦% ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ହ୍ରାସ କରନ୍ତୁ।
- ସଂହିତା ଅନୁଯାୟୀ ଡିଜାଇନ୍ କରି ଉତ୍କୃଷ୍ଟ କାର୍ଯ୍ୟକ୍ଷମ ଗୃହର ଲାଭ ପାଆନ୍ତୁ।
- ଡିଜାଇନରମାନଙ୍କ ସୁବିଧା ସକାଶେ ନିର୍ମାଣ ସାମଗ୍ରୀ ଓ ଟେକ୍ନୋଲୋଜିରେ ଏକାଧିକ ବିକଳ୍ପ ଚୟନର ପ୍ରାବଧାନ।
- ଶକ୍ତି-ଦକ୍ଷ ବସ୍ତୁ ନିର୍ମାତା ଓ ବିକ୍ରେତା ECBC Cell କୁ ୭୯୭୮୭୮୨୪୯୮/୭୯୮୭୫୪୫୯୪୨ ନଂ.ରେ ଯୋଗାଯୋଗ କରନ୍ତୁ।
- ଗୃହରେ ଶକ୍ତି ସଞ୍ଚୟ ପଦକ୍ଷେପ ଏବଂ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ମାଧ୍ୟମରେ ପାଆନ୍ତୁ ଶକ୍ତି-ଭାରରେ ହ୍ରାସ ଏବଂ ଜଳବାୟୁ-ପରିବର୍ତ୍ତନର କୁପ୍ରଭାବର ଉପଶାନ୍ତି।

OIPR-04068/11/0006/2223



Office of the District Manager
Odisha State Civil Supplies Corporation Ltd., (OSCSC)
Nayagarh, Phone:-06753-253942,
District Website:-www.nayagarh.nic.in

**Tender No.6925, Dt.09.11.2022**

**No.CAD-2694:** District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of Level-1 Transport Contractor for transportation of food grains from FSD, FCI, Jatni to RRCs in the district Nayagarh of the State of Odisha. |
| 2 | Availability of bid document in the portal | **From 10.11.2022** |
| 3 | Last Date/ Time for receipt of bids in the portal | **Dt.30.11.2022 up to 05:00 PM** |
| 4 | Date/ Time of opening of Technical Bid | **Dt.01.12.2022 at 11:00 AM onwards** |
| 5 | Name and address of the Officer inviting Tender | **District Manager, O.S.C.S.C Ltd., Nayagarh** |

Tender documents and other details can be seen from the e-proourement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**



Office of the District Manager
Odisha State Civil Supplies Corporation Ltd., (OSCSC)
Nayagarh, Phone:-06753-253942,
District Website:-www.nayagarh.nic.in

**Tender No.6924, Dt.09.11.2022**

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI, Cuttack to RRCs in the district Nayagarh of the State of Odisha. |
| 2 | Availability of bid document in the portal | **From 10.11.2022** |
| 3 | Last Date/ Time for receipt of bids in the portal | **Dt.30.11.2022 upto 05:00 PM** |
| 4 | Date/ Time of opening of Technical Bid | **Dt.01.12.2022 at 11:00 AM onwards** |
| 5 | Name and address of the Officer inviting Tender | **District Manager, O.S.C.S.C Ltd., Nayagarh** |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**
**OIPR-07057/11/0018/2223**



No. CAD-2701

SPOT ADMISSION NOTICE

MADHUSUDAN INSTITUTE OF COOPERATIVE MANAGEMENT
Unit-VIII, Bhubaneswar-751012
(An Institution of National Council for Co-operative Training, New Delhi, an Autonomous Society promoted by Ministry of Co-operation, Government of India)
*Tel: 0674-2562826/ 2561744,*
*Mob: 8895551492/9178515289/9778094689*

**MBA 2022-2023**

| | |
|---|---|
| *Registration for Spot admission* | **14th to 16th November 2022** |
| *Merit list display* | **17th November 2022** |
| *Date of Reporting / Admission* | 18th November 2022 11.00 AM onwards |

**The following modalities will be followed during Spot Admission:**

1. Candidates having valid Rank Card issued by OJEE 2022 shall participate in the Spot Admission.
2. The Candidates who have got final allotment in OJEE 2022 counseling process and have already taken admission in any of the Technical College of the State are not eligible to participate in Govt. College Spot Admission process.
3. OJEE 2022 rules and regulations will be followed during spot admission.
4. The total admission fees is Rs.66,400/-. However, the selected candidates shall have to deposit the Part Course Fees of Rs.25,850/- on the same day in shape of Demand Draft drawn in favour of ***Director, Madhusudan Institute of Cooperative Management*** payable at ***BHUBANESWAR*** to confirm his/her allotment. Balance fees Rs.46,000/- has to be deposited online vide NEFT.
5. The guidelines and eligibility criteria prescribed by the AICTE / Govt. of Odisha / OJEE will be strictly followed for final admission.
6. The Candidates must deposit fees online through NEFT by 30th November, 2022.
7. The Candidates are required to bring One Set of Photocopies of all relevant documents along with all Original documents, 2 passport size photographs and 2 stamp size photographs.

**N.B.: *Without* Demand Draft, Original CLC/TC, Candidates will not be allowed to participate in Spot Admission.**

OIPR-39011/11/0003/2223 **Sd./- DIRECTOR**



GOVERNMENT OF ODISHA No.A-714:
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE
Email ID :- seec2chandikhole@gmail.com
"e" Procurement Notice No. ACE,EC-II 01 of 2022-23 (On-line)

| | | | |
|---|---|---|---|
| 1 | Name of the Works | 1 | Improvement to 1-C canal Embankment of Jajpur Canal System from Champa to Sasanapada Chhak & Communication facility on left Bank of 1E Disty. From RD. 2.365Km. to RD.10.562 Km.of Jajpur Canal System & Improvement to Communication facility on right Bank on Disty. No.3 Main of HLC Range-III from RD 3.300Km. to RD 7.670Km. & right bank of Disty No.1 of HLC Range-III from RD 00 Km. to Tail. |
| | | 2 | Improvement to Service road on Chitrotpala right Embankment from RD 28.590 Km.to 33.500Km. (Mohammadapur to Sasan) & Improvement to service road on Chitrotpala right embankment from RD 60.200Km. to 65.150Km. (Talasanga to Mangala Chhaka) |
| | | 3 | Improvement to road on Gopalpur Akhadasahi Saline Embankment from RD 0.00 Km. to 4.800Km. and RD 7.260 Km. to 12.200 Km. in Mahakalapada Block of Kendrapara District . |
| 2 | Total No.of Packages | : | 3 No. Individual Packages |
| 3 | Tender Cost | 1 | Rs.490.89 Lakh |
| | | 2 | Rs.621.80 Lakh |
| | | 3 | Rs.647.64 Lakh |
| 4 | Cost of Bid document | : | Rs.10,000.00 (Online payment) for each Package |
| 5 | Bid Security | : | "Bid Security Declaration" as per W.D.O.M. No. 18281/W/07556900052021(Pt.) dated 31.12.2021 |
| 6 | Class of Contractor | 1 | 'A' for Package No.1 |
| | | 2 | "A" & "Special" Package No. 2 & 3 |
| 7 | Period of Completion | 1 | 12 (Tweleve) Calendar Months for all Packages |

8. Other details are as follows:

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, Eastern Circle-II, Chandikhole | ACE, EC-II JPD 01 of 2022-23 | 18.11.2022 at 10.00 hrs. | 02.12.2022 upto 17.00 hrs. | 03.12.2022 at 11.30 hrs. |
| | ACE, EC-II KID 01 of 2022-23 | | | |
| | ACE, EC-II AUL 01 of 2022-23 | | | |

9. e-mail id : seec2chandikhole@gmail.com
Further detailed conditions can be seen from the Govt. website **www.tendersorissa.gov.in**

**Sd./- Additional Chief Engineer**
**Eastern Circle-II, Chandikhole**
**OIPR-32322/11/0002/2223**

**ଓଡ଼ିଶାକୁ ୫୨୮୩ କୋଟି ଦେଲା କେନ୍ଦ୍ର**

ନୂଆଦିଲ୍ଲୀ ,୧୦।୧୧: କେନ୍ଦ୍ର ସରକାର ଗୁରୁବାର ରାଜ୍ୟ ସରକାରମାନଙ୍କୁ ୨ଟି କିସ୍ତିରେ ୧,୧୬,୬୬୫ କୋଟି ଟଙ୍କାର ଟିକସ ହସ୍ତାନ୍ତର କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶାକୁ ଏ ବାବଦରେ ୫୨୮୩ କୋଟି ଟଙ୍କା ମିଳିଛି। ସେହିଭଳି ପୁଞ୍ଜି ଓ ବିକାଶ ବ୍ୟୟକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହ ଆର୍ଥିକ ପ୍ରତିବଦ୍ଧତାର ବିକାଶ ଲାଗି ଭାରତ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ସାଧାରଣ ମାସିକ ଟିକସ ହସ୍ତାନ୍ତର ପରିମାଣ ୫୮,୩୩୩ କୋଟି ଟଙ୍କା ତୁଳନାରେ ଏହି ଅର୍ଥ ଖୁବ୍ ଅଧିକ ବୋଲି କୁହାଯାଇଛି।

# ‘ଆଇସିଏଲ୍ ଫିନ୍‌କର୍ପ’ ଗ୍ରାହକଙ୍କ ବିଶ୍ୱାସ ଜିତିପାରିଛି

ଭୁବନେଶ୍ୱର,୧୦।୧୧




- କମ୍ପାନୀର ୧୩ ନୂତନ ଶାଖା ଉଦ୍‌ଘାଟିତ
- ଓଡ଼ିଶା ବଜାରରେ ମୋଟ ୩୫ ଶାଖା ଉପଲବ୍ଧ

ଦେଶର ପ୍ରମୁଖ ଘରୋଇ ସଂସ୍ଥା ‘ଆଇସିଏଲ୍ ଫିନ୍‌କର୍ପ’ର ନୂତନ ଶାଖାଗୁଡ଼ିକ ଶୁଭାରମ୍ଭ କରାଯାଇଛି। ଏପରିକି ଓଡ଼ିଶା ବଜାରରେ କମ୍ପାନୀର ୧୩ଟି ନୂତନ ଶାଖା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆଇସିଏଲ୍ ଫିନ୍‌କର୍ପର ସିଏମ୍‌ଡି ଆଡ୍‌ଭୋକେଟ କେ.ଜି. ଅନିଲ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଏଜିଏମ୍ ଟି.ଜି.ବାବୁ, ଏଜିଏମ୍‌ଓ ରାମଚନ୍ଦ୍ରନ ଏବଂ ଏସ୍‌ଏସ୍‌ଏମ୍ ବିଜୁ ଦେବଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ କମ୍ପାନୀର ପ୍ରଥମ ବାର୍ଷିକୀ ଉତ୍ସବର ଏକ ଅଂଶ ଭାବେ ଓଡ଼ିଶାର ଗ୍ରାହକମାନଙ୍କ ପାଇଁ ଏକ ବାର୍ଷିକୀ ଧମାଲ ଲକି ଡ୍ର’ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଓଡ଼ିଶାର ସମସ୍ତ ଗ୍ରାହକ (ରାଜ୍ୟରେ ଥିବା କମ୍ପାନୀର ୩୫ଟି ଶାଖାରୁ ସୁନାରଣ ନେଉଥିବା ଗ୍ରାହକମାନେ) ଲକି ଡ୍ର ଜରିଆରେ ୧୦ଟି ସୁନା ମୁଦ୍ରା ଜିତିବାର ସୁଯୋଗ ପାଇପାରିବେ। ଉଲ୍ଲେଖଯୋଗ୍ୟ , ଅନ୍ୟ ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରୁ ସୁନାରଣ ସ୍ଥାନାନ୍ତର କରିଥିବା ଗ୍ରାହକମାନେ ମଧ୍ୟ ଏହି ଅଫର ଉପଭୋଗ କରିପାରିବେ। ଆସନ୍ତା ଜାନୁୟାରୀ ୧ରେ ଲକି ଡ୍ର ର ୧୦ ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ କମ୍ପାନୀର ସିଏମ୍‌ଡି କେ.ଜି. ଅନିଲକୁମାର କହିଛନ୍ତି, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ଥାପତି ମାନଦଣ୍ଡର ଅନୁପାଳନ କରି କମ୍ପାନୀ ଓଡ଼ିଶାର ଗ୍ରାହକମାନଙ୍କୁ ସର୍ବୋତ୍ତମ ସୁଧହାର ଏବଂ ବାଧାମୁକ୍ତ ତଥା ଦ୍ରୁତ ଋଣ ପ୍ରକ୍ରିୟାକରଣ ଯୋଗାଇବା ସହ ବିଶ୍ୱାସ ମଧ୍ୟ ଜିତିପାରିଛି। ସେହିଭଳି ଓଡ଼ିଶାରେ ନୂତନ ଶାଖାର ଶୁଭାରମ୍ଭ ସହ ଆଇସିଏଲ୍ ଓଡ଼ିଶାବାସୀଙ୍କୁ ଉନ୍ନତ ସେବା ପ୍ରଦାନ କରିବା ଏବଂ ସାରା ଭାରତରେ ଏକ ମହାନ୍ ଉପସ୍ଥିତି ସୃଷ୍ଟି କରିବା ପାଇଁ ଆଶାବାଦୀ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୦।୧୧

କ୍ରମାଗତ ୨ ଦିନ ଲାଗି ଶେୟାର ବଜାରର କାରବାର ହ୍ରାସ ଘଟିଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ମଧ୍ୟ ହରାଇଛନ୍ତି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୨୦ (୪୧୯.୮୫) ପଏଣ୍ଟ ଖସି ୬୦,୬୧୪ (୬୦,୬୧୩.୭୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୨୯ (୧୨୮.୮୦) ପଏଣ୍ଟ ହ୍ରାସ ଘଟି ୧୮,୦୨୮(୧୮,୦୨୮.୨୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ସାଙ୍ଗକୁ ମାନ୍ଦାବସ୍ଥା ଯୋଗୁ ଶେୟାର ବଜାର କାରବାର କ୍ରମାଗତ ହ୍ରାସ ପାଉଥିବା ଆଶଙ୍କା କରାଯାଉଛି।

## ଓଟିଡିସି ପକ୍ଷରୁ ମାଣ୍ଡିଆ ଦିବସ



ଭୁବନେଶ୍ୱର,୧୦।୧୧

ଓଡ଼ିଶା ଟୁରିଜମ୍ ଡେଭଲମେଣ୍ଟ କର୍ପୋରେଶନ (ଓଟିଡିସି) ପକ୍ଷରୁ ଗୁରୁବାର ସ୍ଥାନୀୟ ପାନ୍ଥନିବାସ ପରିସରରେ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଟିଡିସିର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଓଟିଡିସିର ଜେନେରାଲ ମ୍ୟାନେଜର ଲଗ୍ନଜିତ ରାଉତ, ଭୁବନେଶ୍ୱର ପାନ୍ଥନିବାସ ମ୍ୟାନେଜର କ୍ଷିତୀଶ କୁମାର ଦାସ, ସେଫ୍ ମନ୍ଦରଧର ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପାନ୍ଥନିବାସ ଦ୍ୱାରା ମାଣ୍ଡିଆରୁ ପ୍ରସ୍ତୁତ ମାଣ୍ଡିଆ ବଟର ମିଲ୍କ, ସିଙ୍ଗଡ଼ା, ସୁପ୍, ମଣ୍ଡା, କାକରା, ଇଡ୍‌ଲି, କୁକିଜ ଆଦି ଗ୍ରାହକମାନଙ୍କ ପାଇଁ ଉପଲବ୍ଧ କରାଯାଇଥିଲା। ଆଗାମୀ ଦିନରେ ଓଟିଡିସିର ସମସ୍ତ ପାନ୍ଥନିବାସରେ ଏହା ଉପଲବ୍ଧ ହେବ ବୋଲି ଓଟିଡିସି ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଗୁରୁବାର (ନଭେମ୍ବର ୧୦) ଓଡ଼ିଶା ସରକାର ମାଣ୍ଡିଆ ଦିବସ ଭାବେ ପାଳନ କରୁଛନ୍ତି। ପ୍ରତି ବର୍ଷ ନଭେମ୍ବର ୧୦ରେ ମାଣ୍ଡିଆ ଦିବସ ପାଳନ ନିମନ୍ତେ ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି।

## ଆର୍‌ସିଇଏମ୍‌ରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ଭୁବନେଶ୍ୱର,୧୦।୧୧

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟର ଆଣ୍ଡ ମ୍ୟାନେଜମେଣ୍ଟ (ଆର୍‌ସିଇଏମ)ର ନବାଗତ ଏମ୍‌ବିଏ ଛାତ୍ରୀଛାତ୍ରୀଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏପରିକି ଆର୍‌ସିଇଏମ୍ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଦୀପ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏବଂ ସେମାନଙ୍କ ଆଗାମୀ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ମତ ପ୍ରକାଶ କରିଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ବନମାଳୀ ମହାନ୍ତି ଛାତ୍ରୀଛାତ୍ରଙ୍କ ଜୀବନଶୈଳୀ ସହ ଭଲ ମଣିଷ ହେବାର ଆବଶ୍ୟକତା ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଡାଇରେକ୍ଟର ଏକାଡେମୀ ପ୍ରଫେସର ନିର୍ମଳ ଚନ୍ଦ୍ର କର, ବିପିୟୁଟିର ଡିନ୍ ମ୍ୟାନେଜମେଣ୍ଟ ପ୍ରଫେସର ଶକ୍ତି ରଞ୍ଜନ ମହାପାତ୍ର, କଲେଜର ଅଧ୍ୟକ୍ଷ ଡ. ତପନ କୁମାର ଲେଙ୍କା ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ ସହ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଏମ୍‌ବିଏ ପାଠ୍ୟକ୍ରମର ବୈଶିଷ୍ଟ୍ୟ ବିଷୟରେ ଅବଗତ କରାଇବା ସହ ଆତ୍ମନିଯୁକ୍ତି ଉପରେ ଗୁରୁତ୍ୱ ଦେଇଥିଲେ। ଅପରପକ୍ଷରେ କଲେଜର ଡିନ୍ ଡ. ମାନସ ରଞ୍ଜନ ମଲ୍ଲିକ, ସେକ୍ରେଟାରି ସୁରେଶ କୁମାର ସାମଲ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୫୦୦ରୁ ଅଧିକ ପରିବାରକୁ ଗୃହନିର୍ମାଣ ସହାୟତା

ଭୁବନେଶ୍ୱର,୧୦।୧୧



ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସିଏସ୍‌ଆର୍ ଶାଖା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ‘ପ୍ରୋଜେକ୍ଟ ଆସିଆନା’ର ଶୁଭାରମ୍ଭ କରାଯାଇଛି। ଉକ୍ତ ପ୍ରକଳ୍ପ ଜରିଆରେ ଦେଶର ଆର୍ଥିକ ଦୁର୍ବଳ ପରିବାରକୁ ଗୃହନିର୍ମାଣର ସହାୟତା ଯୋଗାଇଦିଆଯିବ। ଏପରିକି ପ୍ରଥମ ପର୍ଯ୍ୟାୟରେ ଉକ୍ତ ପ୍ରକଳ୍ପରୁ ସହାୟତା ପାଇଁ ୫୨୯ ଜଣ ଆର୍ଥିକ ଦୁର୍ବଳ ଲୋକଙ୍କୁ ଚିହ୍ନଟ କରାଯାଇଛି। ଉଲ୍ଲେଖଯୋଗ୍ୟ , ଓଡ଼ିଶାର ଅନୁଗୋଳ, ରାୟଗଡ଼, ବଡ଼ବିଲ, ଟେନ୍‌ସା ଏବଂ ଭୁବନେଶ୍ୱର ସମେତ ନୂଆଦିଲ୍ଲୀରୁ ହାଇବ୍ରିଡ୍ ଜରିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉକ୍ତ ପ୍ରକଳ୍ପର ଶୁଭାରମ୍ଭ କରି ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଥିଲେ, ପ୍ରତ୍ୟେକ ପରିବାର ପାଇଁ ବାସଗୃହ ଏକ ସ୍ୱପ୍ନ । କିନ୍ତୁ ଦୁର୍ବଳ ଆର୍ଥିକ ଅବସ୍ଥା କିଛି ଲୋକଙ୍କୁ ନିଜ ଘର ନିର୍ମାଣରୁ ବଞ୍ଚିତ କରିଥାଏ। ହେଲେ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ଜେଏସ୍‌ପି ଫାଉଣ୍ଡେଶନ ନିରନ୍ତର ପ୍ରୟାସ କରିଆସୁଛି ଏବଂ ‘ପ୍ରୋଜେକ୍ଟ ଆସିଆନା’ କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ପରିବାରକୁ ସେମାନଙ୍କର ସ୍ୱପ୍ନର ଘର ନିର୍ମାଣ କରିବାରେ ସହାୟତା ପ୍ରଦାନ କରୁଛି। ଉକ୍ତ ପ୍ରକଳ୍ପ ଅଧୀନରେ ଭାରତର ୧୩ଟି ରାଜ୍ୟରୁ ମୋଟ ୫୨୯ ପରିବାର ଆର୍ଥିକ ସହାୟତା ପାଇଁ ଚୟନ କରାଯାଇଛି। ସେହିପରି ଉକ୍ତ କାର୍ଯ୍ୟକ୍ରମ ଜରିଆରେ ମଧ୍ୟ ସେମାନଙ୍କୁ ଆର୍ଥିକ ଅନୁଦାନ ପାଇଁ ଆୱାର୍ଡ ଲେଟର ପ୍ରଦାନ କରାଯାଇଥିଲା। ପ୍ରୋଜେକ୍ଟ ଆସିଆନା ଅଧୀନରେ ମନୋନୀତ ପରିବାରକୁ ୨,୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଫାଉଣ୍ଡେଶନର ମୂଲ୍ୟାଙ୍କନ ଉପରେ ଆଧାରକରି ସେମାନଙ୍କ ବାସଗୃହ ତଥା ଶୌଚାଳୟ, ପାନୀୟ ଜଳ ଏବଂ ବିଦ୍ୟୁତୀକରଣ ଭଳି ସୁବିଧା ନିର୍ମାଣ କରିବା ପାଇଁ ଏହି ସହାୟତା ପ୍ରଦାନ କରାଯିବ।

## ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ

ମୁମ୍ବାଇ,୧୦।୧୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଜିଓ ଟ୍ରୁ-୫ଜି ସେବାର ସଫଳ ବିଟା ପରୀକ୍ଷଣର ଶୁଭାରମ୍ଭ ପରେ ରିଲାଏନ୍ସ ଜିଓ ପକ୍ଷରୁ ଗୁରୁବାର ବେଙ୍ଗାଲୁରୁ ଓ ହାଇଦ୍ରାବାଦଠାରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ଉକ୍ତ ୨ସହର ଭାରତର ସାଇବର ଓ ଡିଜିଟାଲ ହବ୍ ଭାବେ ପରିଗଣିତ ହେଉଥିବାରୁ ଜିଓ ଟ୍ରୁ-୫ଜିର ପ୍ରକୃତ ପରୀକ୍ଷା ଉକ୍ତ ସହରରେ ହେବ। ସେହିଭଳି ଜିଓର ଟ୍ରୁ-୫ଜି ସେବା ପୂର୍ବରୁ ୬ଟି ସହରରେ ଲକ୍ଷ ଲକ୍ଷ ଗ୍ରାହକଙ୍କ ଦ୍ୱାରା ବ୍ୟବହାର କରାଯାଉଛି ଏବଂ ସେମାନଙ୍କଠାରୁ ମିଳୁଥିବା ପ୍ରତିକ୍ରିୟା ବେଶ୍ ସକାରାତ୍ମକ ରହିଛି। ଏହାର ଗ୍ରାହକମାନଙ୍କ ପ୍ରତିକ୍ରିୟା ଆଧାରରେ କମ୍ପାନୀ ତା’ର ନେଟ୍‌ୱର୍କକୁ ନିୟମିତ ଭାବେ ମଜଭୁତ କରିବା କାର୍ଯ୍ୟ ଜାରି ରଖିଛି। ସେହିପରି ଜିଓ ନିଜର ଟ୍ରୁ-୫ଜି ସେବାକୁ ପର୍ଯ୍ୟାୟକ୍ରମେ ଶୁଭାରମ୍ଭ କରୁଛି, ଯଦ୍ୱାରା ଗ୍ରାହକମାନଙ୍କୁ ସର୍ବୋତ୍କୃଷ୍ଟ ଅନୁଭବ ମିଳିପାରିବ। ଜିଓ ପକ୍ଷରୁ କୁହାଯାଇଛି ଯେ ଗ୍ରାହକମାନେ ନିଜ ସ୍ମାର୍ଟଫୋନ୍‌ରେ ୫୦୦ଏମ୍‌ବିପିଏସ୍‌ରୁ ୧ ଜିବିପିଏସ୍ ଭଳି ସ୍ପିଡ୍‌ରେ ଡାଟା ହାସଲ କରୁଛନ୍ତି ଏବଂ ଗ୍ରାହକମାନେ ବିପୁଳ ପରିମାଣର ଡାଟା ବ୍ୟବହାର କରୁଛନ୍ତି। କମ୍ପାନୀ ମତରେ ଏହା ହେଉଛି ଭାରତର ଏକମାତ୍ର ଟ୍ରୁ-୫ଜି ନେଟ୍‌ୱର୍କ। ତାହାର ଭଲ ଦିଗଗୁଡ଼ିକ ହେଉଛି ଷ୍ଟାଣ୍ଡ୍-ଏଲୋନ୍ ୫ଜି ଆର୍କିଟେକ୍ଟର ନେଟ୍‌ୱର୍କ ଯାହାର ୪ଜି ନେଟ୍‌ୱର୍କ ଉପରେ ନିର୍ଭରଶୀଳତା ଶୂନ । ଅର୍ଥାତ୍ ଏହାକୁ ୪ଜି ନେଟ୍‌ୱର୍କ ଉପରେ ଆଦୌ ନିର୍ଭରଶୀଳ ରହିବାକୁ ପଡ଼ିବନାହିଁ। କମ୍ପାନୀ ପାଖରେ ୭୦୦ ମେଗାହର୍ଜ, ୩୫୦୦ ମେଗାହର୍ଜ ଏବଂ ୨୬ ଗିଗାହର୍ଜ ବ୍ୟାଣ୍ଡରେ ୫ଜି ସ୍ପେକ୍ଟ୍ରମ୍‌ର ସର୍ବବୃହତ୍ ଏବଂ ଉତ୍ତମ ମିଶ୍ରଣ ରହିଛି। କ୍ୟାରିୟର ଏଗ୍ରିଗେସନ କୌଶଳକୁ ବ୍ୟବହାର କରି ଜିଓ ଏହି ୫ଜି ଫ୍ରିକ୍ୱେନ୍ସିଗୁଡ଼ିକର ଏକ ମଜଭୁତ ‘ଡାଟା ହାଇୱେ’ ପ୍ରସ୍ତୁତ କରୁଛି। ନଭେମ୍ବର ୧୦ରୁ ବେଙ୍ଗାଲୁରୁଏବଂ ହାଇଦ୍ରାବାଦରେ ଜିଓ ବ୍ୟବହାରକାରୀମାନଙ୍କୁ ଜିଓ ୱେଲ୍‌କମ୍ ଅଫର ଅଧୀନରେ ଆମନ୍ତ୍ରଣ କରାଯିବା ପ୍ରକ୍ରିୟା ଆରମ୍ଭ କରାଯାଇଛି।

**ଫୁରସତ**



ଦୀପିକା ପାଦୁକୋନ୍ ଏବଂ ରଣବୀର କପୁର

## ବଲିଉଡ୍‌ରେ ୧୫ ବର୍ଷ

**ମୁମ୍ବାଇ:** ବଲିଉଡ୍‌ର ପସନ୍ଦଯୋଗ୍ୟ ନାୟିକା ନାୟକ ଭାବେ ପରିଚିତ ଦୀପିକା ପାଦୁକୋନ୍ ଏବଂ ରଣବୀର କପୁରଙ୍କର ବଲିଉଡ୍ ଯାତ୍ରାକୁ ୧୫ ବର୍ଷ ପୂର୍ଣ୍ଣ ହୋଇଛି। ତେବେ ଉଭୟ କଳାକାର ଅନେକଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇପାରିଛନ୍ତି। ଦୀପିକା ଓ ରଣବୀର ୨୦୦୭ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଦୀପିକା ଶାହରୁଖ୍ ଖାନ୍‌ଙ୍କ ସହ ‘ଓମ୍ ଶାନ୍ତି ଓମ୍’, ରଣବୀର ‘ସାୱରିଆ’ରେ ସୋନମ୍ କପୁରଙ୍କ ସହ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଦୁହିଁଙ୍କ ଡେବ୍ୟୁ ଫିଲ୍ମ ୯ ନଭେମ୍ବର, ୨୦୦୭ରେ ସିନେମା ହଲ୍‌ରେ ରିଲିଜ୍ ହୋଇଥିଲା। ଦୀପିକା ଏହି ଫିଲ୍ମ ଜରିଆରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ପ୍ରଥମ ଥର ପାଇଁ ଦୁହେଁ ‘ବଚନା ଏ ହସିନା’ରେ ନଜରକୁ ଆସିଥିଲେ। ଏହି ସମୟରେ ଦୁହିଁଙ୍କ ମଧ୍ୟରେ ୨ ବର୍ଷର ପ୍ରେମ ସମ୍ପର୍କ ଗଢି ଉଠିଥିଲା। କିନ୍ତୁ ପରେ ସେମାନେ ଅଲଗା ହୋଇଯାଇଥିଲେ। ପରେ ‘ୟେ ଜୱାନି ହେ ଦିୱାନି’, ‘ତମାଶା’ରେ ଏକାଠି ସ୍କ୍ରିନ୍ ପ୍ଲେ କରିଥିଲେ। ଏହି ୧୫ ବର୍ଷ ମଧ୍ୟରେ ରଣବୀର ୩୦ରୁ ଅଧିକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇସାରିଲେଣି। ଦୀପିକା ମଧ୍ୟ ପାଖାପାଖି ୩୮ଟି ସିନେମାରେ ନିଜର ଜଲ୍‌ୱା ଦେଖାଇଛନ୍ତି। ଦୀପିକା ଏହା ମଧ୍ୟରେ ଅନେକ ସଫଳତା ପାଇ ସାରିଛନ୍ତି। ସେ ୭୫ତମ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରୀ ଭାବେ ମନୋନୀତ ହୋଇଥିଲେ। ଏହାସହ ସେ ଲୁଇ ଭ୍ୟୁଟନ୍ ଓ କାର୍ଟିଅର ଭଳି ବିଳାସପୂର୍ଣ୍ଣ ବ୍ରାଣ୍ଡର ଗ୍ଲୋବାଲ ଫେସ୍ ଏବଂ ଲେଭିସ୍, ଆଦିଦାସ ଭଳି ପପ୍ କଲ୍‌ଚର୍ ବ୍ରାଣ୍ଡ ଭାବେରେ ମନୋନୀତ ହୋଇଛନ୍ତି। ଏହା ବ୍ୟତୀତ ୨୦୨୨ ଟାଇମ୍ ୧୦୦ ଇମ୍ପାକ୍ଟ ଆୱାର୍ଡ ଭାବେ ବୈଜ୍ଞାନିକ, ସିଇଓ, ରାଜନେତାଙ୍କ ସହ ଲିଡର୍ସରେ ସାମିଲ ହୋଇଥିଲେ। ଦୀପିକା ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଟାଇମ୍ ମାଗାଜିନ୍ ଦ୍ୱାରା ୨ ଥର ସମ୍ମାନିତ ହୋଇଛନ୍ତି। ତେବେ ସୁପରଷ୍ଟାର ରଣବୀର ୪ ବର୍ଷର ବିରତି ପରେ ଫିଲ୍ମ ‘ଶମଶେରା’ ଓ ‘ବ୍ରହ୍ମାସ୍ତ୍ର’ରେ ନିଜରକୁ ଆସିଥିଲେ।

## ୫୨ ବର୍ଷୀୟ ଦିବ୍ୟାଙ୍ଗଙ୍କୁ ବିବାହ କଲେ ୨୫ ବର୍ଷୀୟା



**ଇସ୍‌ଲାମାବାଦ୍:** ପାକିସ୍ତାନର ବାସିନ୍ଦା ୨୫ ବର୍ଷୀୟା ଜୁବିଆ ଜଣେ ୫୨ ବର୍ଷର ଦିବ୍ୟାଙ୍ଗଙ୍କୁ ବିବାହ କରିଛନ୍ତି। ଏନେଇ ସେ ଜଣେ ୟୁଟ୍ୟୁବରଙ୍କ ସହ କଥାବାର୍ତ୍ତା ସମୟରେ ତାଙ୍କର ବିବାହ ବିଷୟରେ କହିଛନ୍ତି। ଜୁବିଆ କହିଛନ୍ତି, ତାଙ୍କ ମା’ ବାପା ଏ ଦୁନିଆରୁ ଯିବା ପରେ ସେ ଏବଂ ତାଙ୍କ ଭାଇ ଏକାଠି ରହୁଥିଲେ। ସେହି ସମୟରେ ତାଙ୍କ ଭାଇଙ୍କର କାଦିର ନାମକ ଜଣେ ବହୁତ ଭଲ ସାଙ୍ଗ ଥିଲେ। ସେ ଦୁହିଁଙ୍କ ମଧ୍ୟରେ ବହୁତ ଭଲ ସମ୍ପର୍କ ଥିଲା। ତେବେ କିଛି ବର୍ଷ ପରେ ଜୁବିଆଙ୍କ ଭାଇଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଗଲା। ଏହା ପରେ ସେ ଘରେ ଏକା ରହୁଥିଲେ। କାଦିର ମଧ୍ୟ ଏକା ରହୁଥିଲେ। ପରେ ଜୁବିଆ ଏବଂ କାଦିରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କାଦିରଙ୍କୁ ଜୁବିଆ ଅଧିକ ପସନ୍ଦ ଥିଲେ ମଧ୍ୟ ସେ ମୂକ ବଧିର ଥିବାରୁ ଏ କଥା କହିପାରି ନ ଥିଲେ। ପରେ ଜୁବିଆ ତାଙ୍କୁ ଇସାରାରେ ପ୍ରପୋଜ୍ କରିଥିଲେ। ସେଥିରେ କାଦିର ହଁ କହିଥିଲେ ଏବଂ ଦୁହେଁ ନିକଟରେ ବିବାହ କରିଛନ୍ତି। କାଦିର ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ତାଙ୍କ ମଞ୍ଜି ବ୍ୟବସାୟ ରହିଛି। ଯେଉଁଥିରୁ ସେ ଭଲ ରୋଜଗାର ମଧ୍ୟ କରୁଛନ୍ତି। ଜୁବିଆ ମଧ୍ୟ ଏକ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାମ କରୁଛନ୍ତି।

## ପ୍ରାଚୀନ ସୁଡ଼ଙ୍ଗର ସନ୍ଧାନ



**କାଇରୋ:** ଇଜିପ୍ଟରେ ଏକ ପ୍ରାଚୀନ କାଳର ମାଗ୍ରା ମନ୍ଦିର ପାଖରେ ଏକ ସୁଡଙ୍ଗ ମିଳିଥିବା ଜଣାପଡିଛି। ଏହି ସୁଡଙ୍ଗ ଇଜିପ୍ଟର ରାଣୀ କ୍ଲିଓପାଟ୍ରାଙ୍କ ସମାଧି ପାଖରେ ପହଞ୍ଚିଥିବା ଅନୁମାନ କରାଯାଉଛି। ତେବେ ଏହି ସୁଡଙ୍ଗର ଉଚ୍ଚତା ୬ ଫୁଟ୍ ରହିଥିବାବେଳେ ଲମ୍ବା ୪ ହଜାର ୩ଶହ ଫୁଟ୍ ରହିଛି। ଏହି ମନ୍ଦିର ପ୍ରାଚୀନ ଆଲେକଜାଣ୍ଡ୍ରା ସହରର ପଶ୍ଚିମରେ ରହିଛି। ସେହି ସୁଡଙ୍ଗରୁ ଟୋଲେମିକ୍ ଯୁଗର ମୂର୍ତ୍ତି ଏବଂ କିଛି ଚିନା ମାଟିର ବାସନକୁସନ ମିଳିଛି। ସୁଡଙ୍ଗ ଖୋଳିବା ନେତୃତ୍ୱ ସାନ୍ ଡୋମିଙ୍ଗୋ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱବିତ୍ କ୍ୟାଥଲିନ୍ ମାର୍ଟିନେଜ୍ ନେଇଥିଲେ। ମାର୍ଟିନେଜ୍ କହିଛନ୍ତି, ଏହା ଏକ ମହତ୍ତ୍ୱପୂର୍ଣ୍ଣ ସୁଡଙ୍ଗ। ଏହି ସୁଡଙ୍ଗ ଆମକୁ କ୍ରିଓପାଟ୍ରାଙ୍କ ସମାଧି ପର୍ଯ୍ୟନ୍ତ ନେଇଯାଇପାରେ। ଯଦି ଏହି ସୁଡଙ୍ଗରେ ଗୋଟେ ସମାଧି ମନ୍ଦିର ଥିବା ସନ୍ଧାନ ମିଳିଯିବ, ତେବେ ଏହା ଏକବିଂଶ ଶତାବ୍ଦୀର ଗୁରୁତ୍ୱପୂର୍ଣ୍ଣ ଠାବ ହୋଇପାରିବ। ଏହି ଅଞ୍ଚଳରେ ଅନେକ ସମୟରେ ଭୂମିକମ୍ପ ଆସିବା ଫଳରେ ସୁଡଙ୍ଗର ଏକ ଭାଗ ପାଣିରେ ବୁଡି ରହିଥିବା ଅନୁମାନ କରାଯାଉଛି। ଖୋଳିବା ସମୟରେ କ୍ଲିଓପାଟ୍ରା ୭ମଙ୍କ ଚିତ୍ର ଥିବା ମୁଦ୍ରା, ସୁନା ଜିଭ ଥିବା ଏକ ମମି ମଧ୍ୟ ମିଳିଛି। ମାର୍ଟିନେଜ୍‌ଙ୍କ ବିଶ୍ୱାସ, ଏହି ମନ୍ଦିର ରାଣୀ କ୍ଲିଓପାଟ୍ରା ଏବଂ ତାଙ୍କ ପ୍ରେମିକ ମାର୍କ ଆଣ୍ଟୋନିଙ୍କ ସମାଧି ଉପରେ ତିଆରି ହୋଇଛି। ଇଜିପ୍ଟ ସରକାରଙ୍କ ପୂର୍ଣ୍ଣ ସହାୟତାରେ ମାର୍ଟିନେଜ୍ ଏହି ସୁଡଙ୍ଗ ଠାବ କରିପାରିଛନ୍ତି। କିନ୍ତୁ ତାଙ୍କୁ ଏ ପର୍ଯ୍ୟନ୍ତ ରାଣୀଙ୍କ ସମାଧି ମିଳି ନ ଥିବା କହିଛନ୍ତି।

## ୨୬ ଗର୍ଭପାତ ପରେ ମା’ ହେଲେ

**କଲେ ଗିନିଜ୍ ୱାର୍ଲ୍ଡ ରେକର୍ଡ**

**ବେଜିଂ:** ପ୍ରତ୍ୟେକ ମହିଳା ମା’ ହେବାର ସ୍ୱପ୍ନ ଦେଖିଥାନ୍ତି। ତେବେ ଅନେକ ସମୟରେ କୌଣସି କାରଣରୁ ମହିଳାଙ୍କ ଗର୍ଭପାତ ହୋଇଥାଏ। ଏପରି ଏକ ଘଟଣା ଚାଇନାର ଜଣେ ମହିଳାଙ୍କ କ୍ଷେତ୍ରରେ ଘଟିଛି। ଏକ ରିପୋର୍ଟ ମୁତାବକ ମହିଳାଙ୍କ ୨୬ଥର ଗର୍ଭପାତ ପରେ ୩୭ ବର୍ଷ ବୟସରେ ସେ ମା’ ହୋଇଛନ୍ତି। ଫଳରେ ସେ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ୨୦୧୯ରେ ମହିଳାଙ୍କୁ ୩୪ ବର୍ଷ ବୟସ ହୋଇଥିବାବେଳେ ତାଙ୍କର ଶେଷ ଗର୍ଭପାତ ହୋଇଥିଲା। ମହିଳାଙ୍କ ପ୍ରଥମ ଗର୍ଭପାତରେ ସେ ଭାଙ୍ଗିପଡି ନ ଥିଲେ। ହେଲେ ତାଙ୍କର ୨୬ତମ ଗର୍ଭପାତ ସମୟରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ। କିନ୍ତୁ ସେ ହସ୍ପିଟାଲରେ ଆଉ କେତେ ଟେଷ୍ଟ କରିବା ପରେ ମହିଳା ଜଣଙ୍କ ଚଳିତ ଫେବୃୟାରୀରେ ଅନ୍ତଃସତ୍ତ୍ୱା ହୋଇଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ସୂଚନା ମୁତାବକ, ପୂର୍ବରୁ ଏହି ରେକର୍ଡଧାରୀ ମହିଳାଙ୍କ ୧୯ଥର ଗର୍ଭପାତ ପରେ ସେ ମା’ ହୋଇଥିଲେ।

**ବିବାହ ପାଇଁ ମାଆଙ୍କୁ ହତ୍ୟା**

ମଧ୍ୟପ୍ରଦେଶର କୋହ-ଇ-ଫିଜା ଅଞ୍ଚଳର ଜଣେ ୩୨ ବର୍ଷୀୟ ବେରୋଜଗାର ଯୁବକ ତାଙ୍କୁ ୬୬ ବର୍ଷୀୟ ମାଆଙ୍କୁ ହତ୍ୟା କରିଛନ୍ତି। ଅଭିଯୁକ୍ତ ଫାର୍‌ହାନ ବାଣିଜ୍ୟରେ ଗ୍ରାଜୁଏଶନ କରିଛନ୍ତି। ତେବେ ସେ ବେରୋଜଗାର ଥିବାରୁ ପ୍ରଥମେ ଚାକିରି କର, ତା ପରେ ବାହାହେବ ବୋଲି ତାଙ୍କ ମାଆ ଆସ୍‌ମା ଫାରୁକ୍ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଫାର୍‌ହାନ ତାଙ୍କ ମାଆଙ୍କ ମୁଣ୍ଡକୁ ଏକ କ୍ରିକେଟ ବ୍ୟାଟ୍‌ରେ ପିଟି ମାରିଦେଇଥିଲେ।



# ପ୍ରତିନିଧି ସଭାକୁ ୫ ଭାରତୀୟ ବଂଶୋଦ୍ଭବ ନିର୍ବାଚିତ

ୱାଶିଂଟନ,୧୦।୧୧

ଆମେରିକାର ମିଡ୍‌ଟର୍ମ୍ସରେ ଡେମୋକ୍ରାଟିକ୍ ପାର୍ଟିର ରେକର୍ଡ ସଂଖ୍ୟକ ୫ ଭାରତୀୟ ବଂଶୋଦ୍ଭବ ଆଇନ ପ୍ରଣେତା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌କୁ ନିର୍ବାଚିତ ହୋଇଛନ୍ତି। ରାଜା କ୍ରିଷ୍ଣାମୂର୍ତ୍ତି, ରୋ ଖାନ୍ନା, ପ୍ରମିଳା ଜୟପାଲ ଓ ଆମି ବେରା ପ୍ରତିନିଧି ସଭାକୁ ନିର୍ବାଚିତ


ରାଜା କ୍ରିଷ୍ଣାମୂର୍ତ୍ତି


ପ୍ରମିଳା ଜୟପାଲ

## ୟୁଏସ୍ ମିଡ୍‌ଟର୍ମ୍ସ ଫଳ

ହୋଇଥିବାବେଳେ ଆଉ କେତେଜଣ ଭାରତୀୟ-ଆମେରିକୀୟ ରାଜ୍ୟ ବିଧାନସଭାଗୁଡ଼ିକରେ ପ୍ରତିନିଧିତ୍ୱର ସୁଯୋଗ ପାଇଛନ୍ତି। ବ୍ୟବସାୟୀରୁ ରାଜନେତା ପାଲଟିଥିବା ୬୭ ବର୍ଷୀୟ ଡେମୋକ୍ରାଟ୍ ଶ୍ରୀ ଥାନେଦାର ତାଙ୍କ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ ମାର୍ଟେଲ ବିଭିଙ୍ଗ୍‌ସ୍‌ଙ୍କୁ ପରାସ୍ତ କରିଛନ୍ତି। ସେହିପରି ଇଲିନୋଇସ୍‌ର ଅଷ୍ଟମ କଂଗ୍ରେସନାଲ ଡିଷ୍ଟ୍ରିକ୍ଟ ନିର୍ବାଚନରେ ୪୯ ବର୍ଷୀୟ ରାଜା କ୍ରିଷ୍ଣାମୂର୍ତ୍ତି ଲଗାତର ଚତୁର୍ଥ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ କ୍ରିସ୍ ଡର୍ଗିସ୍‌ଙ୍କୁ ପରାସ୍ତ କରିଛନ୍ତି। ସିଲିକନ୍ ଭ୍ୟାଲିରେ ଅନୁଷ୍ଠିତ କାଲିଫର୍ନିଆର ସପ୍ତଦଶ କଂଗ୍ରେସନାଲ ଡିଷ୍ଟ୍ରିକ୍ଟ ନିର୍ବାଚନରେ ୪୬ ବର୍ଷୀୟ ରୋ ଖାନ୍ନା ରିପବ୍ଲିକାନ୍ ପ୍ରାର୍ଥୀ ରିତେଶ ଟଣ୍ଡନଙ୍କୁ ହରାଇଛନ୍ତି। ଚେନ୍ନାଇ ଜନ୍ମିତ କଂଗ୍ରେସଓମ୍ୟାନ୍ ପ୍ରମିଳା ଜୟପାଲ ଗ୍ରାଣ୍ଡ ଓଲ୍ଡ ପାର୍ଟି ପ୍ରତିଦ୍ୱନ୍ଦ୍ୱୀ କ୍ଲିଫ୍ ମୁନ୍‌ଙ୍କୁ ପଛରେ ପକାଇ ବିଜୟ ହାସଲ କରିଛନ୍ତି। ୨୦୧୩ରୁ କାଲିଫର୍ନିଆର ସପ୍ତମ କଂଗ୍ରେସନାଲ ଡିଷ୍ଟ୍ରିକ୍ଟରେ ପ୍ରତିନିଧିତ୍ୱ କରୁଥିବା ୫୭ ବର୍ଷୀୟ ଆମି ବେରା ରିପବ୍ଲିକାନ୍ ତାମିକା ହାମିଲ୍‌ଟନଙ୍କୁ ପରାସ୍ତ କରିଛନ୍ତି। ରାଜ୍ୟ ବିଧାନସଭା ନିର୍ବାଚନରେ ମଧ୍ୟ ଭାରତୀୟ ବଂଶୋଦ୍ଭବଙ୍କ ପ୍ରାଧାନ୍ୟ ବଢ଼ିଛି। ପେନ୍‌ସିଲଭାନିଆରେ ଅରବିନ୍ଦ ଭେଙ୍କଟ, ତାରିକ ଖାନ୍, ଟେକ୍ସାସ୍‌ରେ ସଲମାନ ଭୋଜାନି, ସୁଲେମାନ ଲଲାନି, ମିଶିଗାନ୍‌ରେ ସାମ୍ ସିଂ, ରବୀନ୍ଦ୍ର ପୁରୀ, ଇଲିଓନିସ୍‌ରେ ନବିଲା ସୟଦ, ମେଗାନ୍ ଶ୍ରୀନିବାସ, କଭିନ୍ ଓଲିକାଲ, ଜର୍ଜିଆରେ ନବ୍ଲିସ୍ ଇସ୍‌ଲାମ, ଫାରୁକ୍ ମୋଗଲ, ଓହିଓରେ କୁମାର ଭାର୍ବେ ଏବଂ ଅନିତା ସମାନି ପ୍ରମୁଖ ବିଜୟୀ ହୋଇଛନ୍ତି। ମେରିଲାଣ୍ଡରେ ଅରୁଣା ମିଲର(୫୮) ପ୍ରଥମ ଭାରତୀୟ ବଂଶୋଦ୍ଭବ ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭାବେ ବିଜୟୀ ହୋଇ ଇତିହାସ ରଚିଛନ୍ତି। ଭାରତ ମୂଳର ଏତେ ସଂଖ୍ୟକ ଯୁବ ପ୍ରାର୍ଥୀ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ବିଜୟ ହାସଲ କରିବା ୩୩.୧୯ କୋଟି ଜନସଂଖ୍ୟା ବିଶିଷ୍ଟ ଆମେରିକାରେ ବସବାସ କରୁଥିବା ୧% ଭାରତୀୟଙ୍କ ଲୋକପ୍ରିୟତାକୁ ସୂଚାଉଛି।

## ଗଣତନ୍ତ୍ରର ବିଜୟ: ବାଇଡେନ୍



ଆମେରିକାର ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଫଳାଫଳକୁ ନେଇ ରାଷ୍ଟ୍ରପତି ଜୋ ବାଇଡେନ୍ ସନ୍ତୋଷ ବ୍ୟକ୍ତ କରିଛନ୍ତି। ମିଡ୍‌ଟର୍ମ୍ସରେ ରିପବ୍ଲିକାନ୍ ପାର୍ଟି ଯେତିକି ସଫଳତା ହାସଲ କରିବ ବୋଲି ପୂର୍ବାନୁମାନ କରାଯାଉଥିଲା ବିରୋଧୀ ଦଳର ପ୍ରାର୍ଥୀ ସେହି ଅନୁସାରେ ବିଜୟ ହାସଲ କରିପାରି ନାହାନ୍ତି। ଅନେକ ଆସନରେ ଶାସକ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏନେଇ ହ୍ୱାଇଟ୍ ହାଉସ୍‌ରେ ଏକ ପ୍ରେସ୍ କନ୍‌ଫରେନ୍ସକୁ ସମ୍ବୋଧିତ କରି ବାଇଡେନ୍ କହିଛନ୍ତି, ଏହା ହେଉଛି ଗଣତନ୍ତ୍ରର ବିଜୟ। ଏହି ବିଜୟର ଶ୍ରେୟ ଯୁବ ଭୋଟରଙ୍କର। ରାଷ୍ଟ୍ରପତି ବାଇଡେନ୍ ଆହୁରି କହିଛନ୍ତି, ପ୍ରେସ୍ ଓ ପଣ୍ଡିତମାନେ ରେଡ୍ ୱେଭ୍ (ରିପବ୍ଲିକାନ୍ସଙ୍କ ସପକ୍ଷରେ ହାୱା) ବହୁଥିବା ନେଇ ଭବିଷ୍ୟବାଣୀ କରିଥିଲେ। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଡେମୋକ୍ରାଟ୍ସ ଅଳ୍ପ କେତେକ ଆସନରେ ପରାଜିତ ହୋଇଛନ୍ତି, ଯାହାକି ବିଗତ ୪୦ ବର୍ଷରେ ସର୍ବନିମ୍ନ। ସେହିପରି ୧୯୮୬ ପରଠୁ ଗଭର୍ନର ନିର୍ବାଚନରେ ମଧ୍ୟ ଶାସକ ଦଳ ସବୁଠୁ ଅଧିକ ଆସନ ଦଖଲ କରିଛି। ସେ ନିଜ ନୀତିଗୁଡ଼ିକୁ ଆଗକୁ ବଢ଼ାଇବାରେ କୌଣସି ପରିବର୍ତ୍ତନ କରିପାରିବେ ନାହିଁ ବୋଲି ବାଇଡେନ୍ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଅନେକ ଆସନରେ ଭୋଟ ଗଣତି ବାକି ଥିବାରୁ ମିଡ୍‌ଟର୍ମ୍ସର ବିଜେତା କିଏ ତାହା ସ୍ପଷ୍ଟ ହୋଇନାହିଁ ବୋଲି ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି।

# ଜ୍ୟାକଲିନଙ୍କୁ ଗିରଫ କରିନ କାହିଁକି


ତିହାର ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖରଙ୍କ ସହ ଜ୍ୟାକ୍‌ଲିନ ଫର୍ନାଣ୍ଡିଜ୍।

ନୂଆଦିଲ୍ଲୀ,୧୦।୧୧

**ଗିରଫଦାରିରେ ଇଡିର ପାତରଅନ୍ତର ନୀତିକୁ କୋର୍ଟଙ୍କ ଭର୍ତ୍ସନା**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାରେ ଗିରଫଦାରି କ୍ଷେତ୍ରରେ ପାତରଅନ୍ତର ନୀତି ଅବଲମ୍ବନ କରୁଛି। ଏହାକୁ ନେଇ ଦିଲ୍ଲୀର ଏକ ସ୍ୱତନ୍ତ୍ର କୋର୍ଟ ଗୁରୁବାର କେନ୍ଦ୍ରୀୟ ଏଜେନ୍ସିକୁ ଭର୍ତ୍ସନା କରିଛନ୍ତି। ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ୨୦୦ କୋଟି ଟଙ୍କାର ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଥିବା ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କ ବିରୋଧରେ ଲୁକ୍‌ଆଉଟ ସର୍କୁଲାର ଜାରି କରିବା ସତ୍ତ୍ୱେ ତାଙ୍କୁ ଏଯାଏ କାହିଁକି ଗିରଫ କରାଯାଇ ନାହିଁ ବୋଲି ସ୍ୱତନ୍ତ୍ର ବିଚାରପତି ଶୈଳେନ୍ଦ୍ର ମଲିକ ପ୍ରଶ୍ନ କରିଛନ୍ତି। ସେପ୍ଟେମ୍ବର ୨୬ରେ ଜ୍ୟାକଲିନ୍‌ଙ୍କୁ ଅନ୍ତରୀଣ ଜାମିନ ଦେଇଥିବା ବିଚାରପତି ମଲିକ ତାଙ୍କ ଜାମିନ ଆବେଦନର ରାୟ ଶୁକ୍ରବାର ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି।


ମଲ୍‌ଟିମିଡିଆ ପ୍ରଦର୍ଶନୀକୁ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଉଦ୍‌ଘାଟନ କରୁଛନ୍ତି।

# ଭୋଟର ପଞ୍ଜୀକରଣ ଗଣତନ୍ତ୍ରର ପ୍ରଥମ ପାହାଚ

**ପୁଣେରେ ପ୍ରଦର୍ଶନୀ ମାଧ୍ୟମରେ ଭୋଟର ସଚେତନତା କାର୍ଯ୍ୟକ୍ରମ**

**ପୁଣେ,୧୦।୧୧:** ମହାରାଷ୍ଟ୍ରର ପୁଣେସ୍ଥିତ ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟରେ 'ଭୋଟର ପଞ୍ଜୀକରଣ-ଗଣତନ୍ତ୍ରର ପ୍ରଥମ ପାହାଚ' ବିଷୟବସ୍ତୁ ଉପରେ ଏକ ମଲ୍‌ଟିମିଡିଆ ପ୍ରଦର୍ଶନୀ ଅନୁଷ୍ଠିତ ହେଉଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଗୁରୁବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି) ଏବଂ ପୁଣେର ଜିଲା ନିର୍ବାଚନ ଅଧିକାରୀ (ଡିଇଓ) ମିଳିତ ଭାବେ ଏହି ୩ ଦିନିଆ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଯୁବ ଭୋଟରଙ୍କୁ ପଞ୍ଜୀକୃତ କରିବା ଲାଗି ପୁଣେ ଡିଇଓ ପକ୍ଷରୁ ପ୍ରଦର୍ଶନୀ ସ୍ଥଳରେ ସ୍ୱତନ୍ତ୍ର ପଞ୍ଜୀକରଣ କ୍ୟାମ୍ପ ବ୍ୟବସ୍ଥା କରାଯାଇଛି। ସିବିସିର ଭର୍ଚୁଆଲ ରିଏଲିଟି କିଓସ୍କୋ ମାଧ୍ୟମରେ 'ଭାରତୀୟ ନିର୍ବାଚନ ଓ ଭୋଟର ପଞ୍ଜୀକରଣ' ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଏହି ଅବସରରେ ସିବିସିର ନୃତ୍ୟସଙ୍ଗୀତ କଳାକାରମାନେ 'କୌଣସି ଭୋଟର ବାଦ୍ ପଡ଼ିବେ ନାହିଁ' ଶୀର୍ଷକ ଉପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୋସିଆଲ ମିଡିଆ ଯୁଗରେ ସିବିସିର ସଚେତନତାଧର୍ମୀ ଲୋକସମ୍ପର୍କ କାର୍ଯ୍ୟକ୍ରମ ଯୋଗାଯୋଗର ସବୁଠୁ ବଳିଷ୍ଠ ମାଧ୍ୟମ ବୋଲି ଏହି ଅବସରରେ ସିଇସି ରାଜୀବ କୁମାର କହିଛନ୍ତି। ଭୋଟର ସଚେତନତା ଅଭିଯାନରେ ଏଭଳି ପ୍ରଦର୍ଶନୀ ସବୁବେଳେ ଉପଯୋଗୀ ହୋଇପାରିବ। ଭୋଟର ହେବା ଲାଗି ସେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ପୁଣେ ଭାରତର ଏକ ସାଂସ୍କୃତିକ କେନ୍ଦ୍ର ଓ ପୁଣେ ବିଶ୍ୱବିଦ୍ୟାଳୟର ଇତିହାସ ସହ ଗୋପାଳକୃଷ୍ଣ ଗୋଖଲେଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଜଡ଼ିତ। ତେଣୁ ୨୦୨୩ ଏସ୍‌ଏସ୍‌ଆର କାର୍ଯ୍ୟକ୍ରମ ଏଠାରୁ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ସବୁ ଯୋଗ୍ୟ ଭୋଟର ନିଜକୁ ପଞ୍ଜୀକରଣ କରାଇ ମତାଧିକାର ସାବ୍ୟସ୍ତ କଲେ ଗଣତନ୍ତ୍ର ସୁଦୃଢ଼ ହେବ ବୋଲି ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ କହିଥିଲେ।

# କୁଳାଧିପତି ପଦରୁ କେରଳ ରାଜ୍ୟପାଳ ବାଦ୍

**ଥିରୁଭାନନ୍ତପୁରମ୍,୧୦।୧୧:** କେରଳ କଳାମଣ୍ଡଲମ୍ ଡିମ୍‌ଡ ୟୁନିଭର୍ସିଟି କୁଳାଧିପତି ପଦରୁ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍‌ଙ୍କୁ ରାଜ୍ୟ ସରକାର ଗୁରୁବାର ହଟାଇ ଦେଇଛନ୍ତି। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତିକୁ



ନେଇ କିଛିଦିନ ହେଲା ରାଜ୍ୟପାଳ ଏବଂ ପିନାରାୟୀ ବିଜୟନ ସରକାରଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ନିୟମରେ ପରିବର୍ତ୍ତନ କରି ରାଜ୍ୟପାଳଙ୍କ ସ୍ଥାନରେ କଳା ଓ ସଂସ୍କୃତି କ୍ଷେତ୍ରର ଜଣେ ଖ୍ୟାତନାମା ବ୍ୟକ୍ତିଙ୍କୁ କୁଳାଧିପତି କରିଥିବା ଘୋଷଣା କରିଛନ୍ତି।

## ଖେଳ ଖବର

# ଶ୍ରଦ୍ଧାଞ୍ଜଳି, ରାଜେନ୍ଦ୍ର ଆମ୍ବାସାଡର





ଭୁବନେଶ୍ୱର, ୧୦।୧୧
(କ୍ରୀଡ଼ା ପ୍ରତିନିଧି)

ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଫୁଟବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଏବଂ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓଡ଼ିଶାର ଫୁଟବଲ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଏକ ବିବୃତ୍ତି ଜରିଆରେ ଏହା ସ୍ପଷ୍ଟ କରିଛନ୍ତି। ସୂଚନା ଅନୁସାରେ ଫୁଟବଲକୁ ପ୍ରମୋଟ କରିବା ପାଇଁ ୨ ଜଣ ସେଲିବ୍ରେଟି ଖେଳାଳିଙ୍କୁ ଆମ୍ବାସାଡର କରିବା ପାଇଁ ରାଜ୍ୟ ଆସୋସିଏଶନ ଗୁଡ଼ିକୁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ନିର୍ଦ୍ଦେଶ ରହିଛି।

# ଫାଇନାଲରେ ଶିବ ଥାପା

ନୂଆଦିଲ୍ଲୀ, ୧୦।୧୧ (ପି.ଟି.): ଜୋର୍ଡାନରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ଛଅ ଥର ପଦକ ବିଜେତା ପୁରୁଷ ବକ୍ସର ଶିବ ଥାପା ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଅନ୍ୟ ୪ଜଣ ଭାରତୀୟ ବକ୍ସର ସେମାନଙ୍କ ବ୍ରୋଞ୍ଜ ପଦକ ମୁକାବିଲା ହାରିଯାଇଛନ୍ତି। ଥାପା (୬୩.୫ କେଜି) ସେମିଫାଇନାଲରେ ତାଜିକିସ୍ତାନର ବାକ୍‌ହୋଦୁର ଉସ୍‌ମୋନୋଭଙ୍କୁ ଏକ ବିଭାଜିତ ରାୟରେ ୪-୧ରେ ବିଜୟୀ ହୋଇଥିଲେ। ଥାପା ଫାଇନାଲରେ ଉଜ୍‌ବେକିସ୍ତାନର ଅବ୍‌ଦୁଲ୍ଲାଏଭ୍ ରସ୍‌ଲାନ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ଭାରତର ୫ ମହିଳା ବକ୍ସର ମଧ୍ୟ ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୦୨୦ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ଲଭଲିନା ବର୍ଗୋହେନ୍ (୭୫କେଜି) ଓ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ପରବିନ୍ (୬୩କେଜି) ଶୁକ୍ରବାର ସ୍ୱର୍ଣ୍ଣ ପଦକ ପାଇଁ ଲଢ଼ିବେ। ଫାଇନାଲରେ ଭାଗ ନେବାକୁ ଥିବା ଅନ୍ୟ ମହିଳା ବକ୍ସରମାନେ ହେଲେ ଅଲଫିୟା ପଠାନ (୮୧+କେଜି), ସାୱିଟି (୮୧କେଜି) ଓ ମିନାକ୍ଷୀ (୫୨କେଜି)।

# ଶୁଭାଶିଷଙ୍କ ଗୋଲରେ ଜିତିଲା ଏଟିକେଏମ୍‌ବି

କୋଲକାତା, ୧୦।୧୧

**ଇଣ୍ଡିଆନ୍ ସୁପର ଲିଗ୍**

ଇଣ୍ଡିଆନ୍ ସୁପର ଲିଗରେ ଗୁରୁବାର ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ୨-୧ରେ ପରାସ୍ତ କରିଛି ଏଟିକେ ମୋହନବାଗାନ(ଏଟିକେଏମ୍‌ବି)। ଶୁଭାଶିଷ ବୋଷଙ୍କ ଅନ୍ତିମ ମିନିଟ ଗୋଲ ବଳରେ ବିଜୟ ସହିତ ଏଟିକେଏମ୍‌ବି ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ମ୍ୟାଚର ୫୯ ପ୍ରତିଶତ ସମୟ ଏଟିକେଏମ୍‌ବି ବଲକୁ ନିୟନ୍ତ୍ରଣରେ ରଖିଥିଲା। ୩୫ ତମ ମିନିଟରେ ଲିଷ୍ଟନ କୋଲାକୋଙ୍କ ଗୋଲ ବଳରେ ଏଟିକେଏମ୍‌ବି ଅଗ୍ରଣୀ ଲାଭ କରିଥିଲେ। ୮୧ ତମ ମିନିଟରେ ନର୍ଥ ଇଷ୍ଟ ପକ୍ଷରୁ ଆରୋନ୍ ଇଭାନ୍ସ ଗୋଲଟି ପରିଶୋଧ କରିଥିଲେ। ମ୍ୟାଚଟି ଡ୍ର ଆଡକୁ ଯାଉଥିବା ବେଳେ ୮୯ ତମ ମିନିଟରେ ଶୁଭାଶିଷ ଗୋଲ ସ୍କୋର କରିଥିଲେ। ୫ ମ୍ୟାଚରୁ ୩ ବିଜୟ ସହିତ ୧୦ ପଏଣ୍ଟ ହାସଲ କରିଛି।


କୋଲକାତାରେ ଗୁରୁବାର ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷ ଇଣ୍ଡିଆନ ସୁପର ଲିଗ୍ ଫୁଟ୍‌ବଲ ମ୍ୟାଚରେ ଗୋଲ୍ ସ୍କୋର କରୁଛନ୍ତି ଏଟିକେ ମୋହନବାଗାନର ଲିଷ୍ଟନ କୋଲାକୋ।

# ବନ୍ଧୁକ ଚାଳନା ଶିବିର ଉଦ୍‌ଯାପିତ


ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ବନ୍ଧୁକ ଚାଳନା ଶିବିରର ଉଦ୍‌ଯାପନୀ ପରେ କର୍ମକର୍ତ୍ତାଙ୍କ ସହ ପ୍ରଶିକ୍ଷାର୍ଥୀ।

ଭୁବନେଶ୍ୱର, ୧୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ବନ୍ଧୁକଚାଳନା ସଂଘ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲରେ ଚାଲିଥିବା ୮ ଦିନବ୍ୟାପୀ ବନ୍ଧୁକ ଚାଳନା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ଜାତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା ପୂର୍ବରୁ ପ୍ରତିଯୋଗୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ ଶୁଟର ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରତୀୟ କୋଚ୍ ଦୀପାଳି ଦେଶପାଣ୍ଡେ ଏହି ଶିବିରରେ ପ୍ରଶିକ୍ଷଣ ଦେଇଥିଲେ। ୧୦ ମିଟର ଏୟାର ରାଇଫଲ ବର୍ଗରେ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ କଳିଙ୍ଗ ଷ୍ଟାଡିୟମ ସ୍ଥିତ ଏଚ୍‌ପିସି, ତାଳଚେର ରାଇଫଲ୍ କ୍ଲବ୍ ଓ ଉତ୍କଳ ସ୍କୁଲର ମନୋନୀତ ଛାତ୍ରଛାତ୍ରୀମାନେ ଏହି ଶିବିରରେ ପ୍ରଶିକ୍ଷଣ ନେଇଥିଲେ। ସମୁଦାୟ ୨୧ ଜଣ ଛାତ୍ରୀଛାତ୍ର ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଶାରୀରିକ ଦକ୍ଷତା, ମନ ଉପରେ ନିୟନ୍ତ୍ରଣ, ଶ୍ୱାସ ପ୍ରଶ୍ୱାସ ନିୟନ୍ତ୍ରଣ, ପୋଷାକ ଓ ବନ୍ଧୁକର ଠିକ୍ ବ୍ୟବହାର ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରତିଯୋଗୀମାନେ ଜାତୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ନେଇ କୋଚ କହିଛନ୍ତି।

# ସୁପ୍ରିମକୋର୍ଟଙ୍କ ଚାପରେ ହୋଇଛି ଆଇଓଏ ସମ୍ବିଧାନ

ନୂଆଦିଲ୍ଲୀ,୧୦।୧୧(ପି.ଟି)

ଗୁରୁବାର ଭାରତୀୟ ଅଲିମ୍ପିକ ମହାସଂଘ (ଆଇଓଏ) ପକ୍ଷରୁ ଏହାର ନୂତନ ସମ୍ବିଧାନକୁ ଗ୍ରହଣ କରାଯାଇଛି। ଭାରତୀୟ ସର୍ବୋଚ୍ଚ କୋର୍ଟ ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ପକ୍ଷରୁ ମଧ୍ୟ ଏହି ସମ୍ବିଧାନକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ତେବେ ଆଇଓଏର ଏକାଧିକ କର୍ମକର୍ତ୍ତା ଏହାକୁ ବିରୋଧ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଚାପ କାରଣରୁ ଅନିଚ୍ଛା ସତ୍ତ୍ୱେ ମଧ୍ୟ ଏହି ସଂଶୋଧନ ପାଇଁ ରାଜି ହେବାକୁ ପଡିଲା ବୋଲି କିଛି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଆଇଓଏର ନୂତନ ସମ୍ବିଧାନରେ ହୋଇଥିବା ୧୨ରୁ ଅଧିକ ସଂଶୋଧନ ସପକ୍ଷରେ ଏହି କର୍ମକର୍ତ୍ତାମାନେ ନ ଥିଲେ। ଆଇଓଏର ସାଧାରଣ ପରିଷଦର ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ ହୋଇଥିବା ନେଇ ଅଭିଯୋଗ କରାଯାଇଛି। ଡିସେମ୍ବର ସୁଦ୍ଧା ନିର୍ବାଚନ ନ କଲେ ଆଇଓସି ବାସନ୍ଦ ଧମକ ଦେଇଥିବା ବେଳେ ସମ୍ବିଧାନ ସଂଶୋଧନ ପାଇଁ ସର୍ବୋଚ୍ଚ କୋର୍ଟଙ୍କ ନିର୍ଦ୍ଦେଶାବଳୀ ଆଇଓଏକୁ ହରଡଘଣାରେ ପକାଇଥିଲା। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଏଲ୍. ନାଗେଶ୍ୱର ରାଓ ସମ୍ବିଧାନ ଡ୍ରାଫ୍ଟ ପ୍ରଣୟନ ପାଇଁ ନିଯୁକ୍ତ ହୋଇଥିବା ବେଳେ ସମ୍ବିଧାନକୁ ଆଇଓସି ମଞ୍ଜୁରୀ ପ୍ରଦାନ କରିଥିଲା। ଆଇଓସି ଏବଂ ଆଇଓଏ ମଧ୍ୟରେ ପଏଣ୍ଟ ଅଫ୍ କଣ୍ଟାକ୍ଟ ରହିଥିବା ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ସମ୍ବିଧାନ ଶୁକ୍ରବାର ସର୍ବୋଚ୍ଚ କୋର୍ଟଙ୍କ ନିକଟରେ ଦାଖଲ କରାଯିବ। ଏହା ସହିତ ସରକାରଙ୍କ ନିକଟରେ ମଧ୍ୟ ଏହା ଦାଖଲ ହେବ ବୋଲି ମେହେଟ୍ଟା ସୂଚନା ଦେଇଛନ୍ତି। ପ୍ରାରମ୍ଭିକ ଭାବରେ ସମ୍ବିଧାନ ସଂଶୋଧନକୁ ନେଇ ସାମାନ୍ୟ ଦ୍ୱନ୍ଦ୍ୱ ରହିଥିଲେ ମଧ୍ୟ ସର୍ବୋଚ୍ଚ କୋର୍ଟଙ୍କ ନିର୍ଦ୍ଦେଶ ଅବମାନନାର ପ୍ରଶ୍ନ ଉଠୁନାହିଁ ବୋଲି କହିଛନ୍ତି।

# ଦକ୍ଷିଣ ଆଫ୍ରିକାରେ ତ୍ରିରାଷ୍ଟ୍ରୀୟ ଖେଳିବ ଭାରତ

**ଜୋହାନ୍ସବର୍ଗ, ୧୦।୧୧ (ପି.ଟି.):** ଭାରତୀୟ ମହିଳା କ୍ରିକେଟ ଦଳ ଜାନୁୟାରୀ ୧୯ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ ଏକ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିବ। ଏଥିରେ ଅନ୍ୟ ଦୁଇ ଦଳ ଆୟୋଜକ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ଅଂଶଗ୍ରହଣ କରିବେ। ତ୍ରିରାଷ୍ଟ୍ରୀୟ ସିରିଜର ସମସ୍ତ ମ୍ୟାଚ ଇଷ୍ଟ ଲଣ୍ଡନସ୍ଥିତ ବଫାଲୋ ପାର୍କ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୱେଷ୍ଟଇଣ୍ଡିଜ ୨୦୧୬ ସଂସ୍କରଣ ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇଥିବା ବେଳେ ଭାରତ ୨୦୨୦ରେ ରନର୍ସ-ଅପ୍ ହୋଇଥିଲା। ଫାଇନାଲ ପାଇଁ ପ୍ରତ୍ୟେକ ଦଳ ପରସ୍ପର ସହ ୨ଥର ଲେଖାଏ ଖେଳିବେ। ଏଥର ମହିଳା ଟି୨୦ ବିଶ୍ୱକପ୍ ଫେବୃୟାରୀ ୧୦ରୁ ୨୬ ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍, ପାର୍ଲ ଓ ଜିକ୍ବେବ୍‌ରାଠାରେ ଖେଳାଯିବ। ତ୍ରିରାଷ୍ଟ୍ରୀୟ ସିରିଜରେ ଭାରତ ଏହାର ଓପନିଂ ମ୍ୟାଚ ଜାନୁୟାରୀ ୧୯ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ୱେଷ୍ଟଇଣ୍ଡିଜକୁ ଜାନୁୟାରୀ ୨୩ରେ ଭେଟିବ।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ମହାରାଷ୍ଟ୍ରର ନାନ୍ଦେଡ଼ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଯୋଗଦେଇଛନ୍ତି ବାରାମତୀ ଏମ୍‌ପି ତଥା ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ ଏବଂ ଅନ୍ୟ ଦଳୀୟ ନେତୃବୃନ୍ଦ।

# ହାର୍ଦ୍ଦିକ ପଟେଲ, ରବୀନ୍ଦ୍ର ଜାଡେଜାଙ୍କ ସ୍ତ୍ରୀଙ୍କୁ ଟିକେଟ

## ଗୁଜରାଟ ନିର୍ବାଚନ ଲାଗି ଭାଜପାର ୧୬୦ ଜଣିଆ ପ୍ରାର୍ଥୀ ତାଲିକା

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ଭାଜପା ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୧୬୦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ବର୍ତ୍ତମାନର କେତେଜଣ ବିଧାୟକ ନିର୍ବାଚନ ଲଢ଼ିବା ଲାଗି ଟିକେଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ତାଙ୍କୁ ନିର୍ବାଚନ ମଣ୍ଡଳୀ ଘାଟଲୋଡ଼ିଆରୁ ପ୍ରାର୍ଥୀ କରାଯାଇଥିବାବେଳେ ୨୦୧୭ରେ ପଟିଦାର ଆନ୍ଦୋଳନର ନେତୃତ୍ୱ ନେଇଥିବା ହାର୍ଦ୍ଦିକ ପଟେଲଙ୍କୁ ଭିରାମଗାମ୍ ଏବଂ କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ସ୍ତ୍ରୀ ରିଭାବା ଜାଡେଜାଙ୍କୁ ଜାମନଗର ଉତ୍ତର ଆସନରୁ ପ୍ରାର୍ଥୀ କରାଯାଇଛି। ଗୃହମନ୍ତ୍ରୀ ହର୍ଷ ସାଙ୍ଘଭିଙ୍କୁ ଭାଜପା ମଜୁରା ଆସନରୁ ପ୍ରାର୍ଥୀ କରିଛି। ମୋଟ ୧୬୦ ପ୍ରାର୍ଥୀଙ୍କ ମଧ୍ୟରେ ଡିସେମ୍ବର ୧ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୮୪ ଜଣ ଏବଂ ଡିସେମ୍ବର ୫ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୭୬ ଜଣ ପ୍ରତିଦ୍ୱନ୍ଦ୍ୱିତା କରିବେ। ୩୮ ଜଣ ବିଧାୟକଙ୍କୁ ନିର୍ବାଚନରୁ ବାଦ୍ ଦିଆଯାଇଥିବା କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଆଗାମୀ ନିର୍ବାଚନରେ ଭାଜପା ତା'ର ପୂର୍ବ ରେକର୍ଡ ଭାଙ୍ଗିବ ବୋଲି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ନୀତିନ ପାଟିଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ବୁଧବାର ବୈଠକରେ ପ୍ରାର୍ଥୀ ଚୂଡ଼ାନ୍ତ କରିଥିଲେ।

ମୋର୍ବି ଝୁଲାପୋଲ ଦୁର୍ଘଟଣା ସମୟରେ ଲୋକଙ୍କ ଜୀବନ ବଞ୍ଚାଇଥିବା କାନ୍ତିଲାଲ ଅମୃତିଆଙ୍କୁ ଭାଜପା ଟିକେଟ ଦେଇଛି। ଗତ ମାସ ୩୦ ତାରିଖ ମୋର୍ବି ପୋଲ ଭୁଶୁଡ଼ିବା ସମୟରେ ପୂର୍ବତନ ବିଧାୟକ କାନ୍ତିଲାଲ ଲାଇଫ୍ ଟ୍ୟୁବ୍ ପିନ୍ଧି ନଦୀକୁ ଡେଇଁ ଅନେକଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିଥିଲେ।



ହାର୍ଦ୍ଦିକ ପଟେଲ



ରିଭାବା ଜାଡେଜା

## ଆଜମ୍ ଖାନ୍‌ଙ୍କ ଆବେଦନ ଖାରଜ

# ରାମପୁର ଆସନରେ ହେବ ଉପନିର୍ବାଚନ

**ବରେଲୀ,୧୦।୧୧**

ଘୃଣିତ ମନ୍ତବ୍ୟ ମାମଲାରେ ଦୋଷୀସାବ୍ୟସ୍ତ ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍‌ଙ୍କ ବିଧାୟକ ପଦ ରଦ୍ଦ ହୋଇଥିବାବେଳେ ଏହି ରାୟକୁ ସେ ଚ୍ୟାଲେଞ୍ଜ କରିଥିଲେ। ସେସନ୍ସ କୋର୍ଟ ଗୁରୁବାର ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଫଳରେ ରାମପୁର ସଦର ଆସନରେ ଉପନିର୍ବାଚନ ପାଇଁ ପଥ ପରିଷ୍କାର ହୋଇଯାଇଛି। ଆଜମ୍‌ଙ୍କ ସଭ୍ୟପଦ ରଦ୍ଦ ହେବା ପରେ ଉକ୍ତ ଆସନ ଖାଲି ପଡ଼ିଥିଲା। ତାଙ୍କ ଆବେଦନର ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାମପୁର ସେସନ୍ସ କୋର୍ଟଙ୍କୁ ନିର୍ଦ୍ଦେଶ ଦେବା ସହ ୧୦ ତାରିଖ ପର୍ଯ୍ୟନ୍ତ ରାମପୁର ସଦର ଆସନ ଲାଗି ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ନ କରିବାକୁ ନିର୍ବାଚନ କମିଶନଙ୍କୁ କହିଥିଲେ। ସେସନ୍ସ କୋର୍ଟଙ୍କ ନିଷ୍ପତ୍ତି ପରେ ନଭେମ୍ବର ୧୧ କିମ୍ବା ତା' ପରେ ବିଜ୍ଞପ୍ତି ପ୍ରକାଶ କରାଯାଇ ପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ସୂଚନାଯୋଗ୍ୟ, ଘୃଣିତ ମନ୍ତବ୍ୟ ମାମଲାରେ ରାମପୁରର ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ଗତ ମାସ ୨୭ ତାରିଖରେ ଆଜମ୍‌ଙ୍କୁ ଦୋଷୀସାବ୍ୟସ୍ତ କରିବାସହ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ।



ଆଜମ୍ ଖାନ୍

## ପଦ୍ମପୁର ଉପନିର୍ବାଚନ

# ପ୍ରକାଶ ପାଇଲା ବିଜ୍ଞପ୍ତି

**ପଦ୍ମପୁର,୧୦।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପଦ୍ମପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ତ୍ରିଲୋଚନ ପାତ୍ର ମନୋନୟନପତ୍ର ଦାଖଲ ଓ ନିର୍ବାଚନ ସଂକ୍ରାନ୍ତୀୟ ବିଜ୍ଞପ୍ତି ବିଧିବଦ୍ଧ ଭାବେ ପ୍ରକାଶ କରିଛନ୍ତି। ଗୁରୁବାରଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ଯାଏ ମନୋନୟନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିବ। ୧୮ରେ ମନୋନୟନପତ୍ର ଯାଞ୍ଚ କରାଯିବ ଏବଂ ୨୧ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ରହିଛି । ସେହିପରି ଆସନ୍ତା ଡିସେମ୍ବର ୫ ତାରିଖ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଅନ୍ୟପକ୍ଷେ ପଦ୍ମପୁର ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗୁରୁବାର ପ୍ରଥମ ଦିନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବରଗଡ଼ ଅମ୍ବାପାଲିର ଜୟନ୍ତ ଥପା ନାମାଙ୍କନପତ୍ର କିଣିଥିବା ରିଟର୍ନିଂ ଅଫିସର ପାତ୍ର ସୂଚନା ଦେଇଛନ୍ତି।

## ଫସଲ ବୀମା ଯୋଜନା

# ବିଜେଡି-ଭାଜପା ଦୋଷ ଲଦାଲଦି

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

**ରାଜ୍ୟ ସରକାର, ବୀମା କମ୍ପାନୀଙ୍କ ମଧୁଚନ୍ଦ୍ରିକା ଚାଷୀକୁଳ ହଇରାଣ: ଭାଜପା**

**ବିଫଳତାକୁ ଭାଜପା ରାଜ୍ୟ ମୁଣ୍ଡରେ ଲଦୁଛି: ବିଜେଡି**



ପ୍ରଦୀପ ପୁରୋହିତ



ଦେବେଶ ଆଚାର୍ଯ୍ୟ

ପ୍ରଧାନମନ୍ତ୍ରୀ ଫସଲବୀମାକୁ ନେଇ ଭାଜପା ଓ ବିଜେଡି ପରସ୍ପର ଉପରେ ଦୋଷ ଲଦିଛନ୍ତି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି ନିର୍ବାଚନ ଆସିଲେ ଶାସକ ବିଜେଡିକୁ ରାଜ୍ୟବାସୀଙ୍କ ସ୍ୱାର୍ଥ କଥା ମନେପଡ଼େ। ନିର୍ବାଚନ ବୈତରଣୀ ପାରି ହେବା ପାଇଁ କେତେବେଳେ ମହିଳା ତ ଆଉ କେତେବେଳେ କୃଷକଙ୍କୁ ମୋହରା କରି ଶାସକ ଦଳ ବାରମ୍ବାର ପ୍ରତାରଣା କରିଆସିଛି। ରାଜ୍ୟ ସରକାର ନିଜ ଚାଷୀମାରଣ ନୀତିରୁ ନଜର ହଟାଇବା ପାଇଁ ପୁଣି ଥରେ ଫସଲ ବୀମାର ଡ୍ରାମାବାଜି ଆରମ୍ଭ କରିଦେଇଛନ୍ତି। ବୀମା କମ୍ପାନୀ ଓ ରାଜ୍ୟ ସରକାରଙ୍କ ମଧୁଚନ୍ଦ୍ରିକା କାରଣରୁ ଲକ୍ଷ ଲକ୍ଷ ଚାଷୀ ଯେତେବେଳେ ନିଜ ନ୍ୟାଯ୍ୟ ହକ୍ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା' ପାଇବାରୁ ବଞ୍ଚିତ ହୋଇଛନ୍ତି, ସେତେବେଳେ ନିଜ ଉପରୁ ଦୋଷ ଖସାଇ କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦି ଦେବାର ଅପପ୍ରୟାସ ଆରମ୍ଭ କରାଯାଇଛି। କେନ୍ଦ୍ର ସରକାରଙ୍କ ତାଗିଦ୍ ପରେ ବୀମା କମ୍ପାନୀମାନେ ଯେତେବେଳେ ବୀମା ଟଙ୍କା ଦେବାର ଆରମ୍ଭ କରିଛନ୍ତି, ସେତେବେଳେ ଶାସକ ଦଳ ବାହାବା ନେବା ଆରମ୍ଭ କରିଦେଇଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ୨୦୨୦ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ନିର୍ଦ୍ଦେଶାବଳୀ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ଅନୁସାରେ ସମସ୍ତ ରାଜ୍ୟ ନିଜ ରାଜ୍ୟର କୃଷି ବିଭାଗ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବୈଷୟିକ ପରାମର୍ଶଦାତା କମିଟି (ଏସ୍‌ଟିଏସି) ଗଠନ କରିବେ। ଏହି କମିଟିର କ୍ଷୟକ୍ଷତି ଆକଳନ ଓ ସୁପାରିସ ଅନୁଯାୟୀ ଚାଷୀମାନଙ୍କୁ ବୀମା ଅର୍ଥ ପ୍ରଦାନ କରାଯିବ। ମାତ୍ର ଓଡ଼ିଶା ସରକାର ଏଭଳି କମିଟି ଗଠନ ନ କରି ନିଜ ଇଚ୍ଛାନୁଯାୟୀ କୃଷି ବିଭାଗ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଦୀର୍ଘ ୨ ବର୍ଷ ଧରି ଠିକ୍ କମିଟି ଗଠନ କରି ନ ଥିବା ରାଜ୍ୟ ସରକାର ବାଧ୍ୟ ହୋଇ ଶେଷରେ ଗତ ସେପ୍ଟେମ୍ବରରେ ଏହି କମିଟି ଗଠନ କରିଥିଲେ। ବୈଜ୍ଞାନିକ ଭିତ୍ତିରେ ଫସଲ କାଟ ପରୀକ୍ଷଣ ହୋଇ ନଥିବାରୁ କୃଷକମାନଙ୍କ ବୀମା ଦାବିକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରାଯାଇ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରେ ଚାଷୀମାନଙ୍କ ଫସଲ ନଷ୍ଟର ବିବରଣୀ ଅତ୍ୟନ୍ତ ଖାମଖିଆଲି ଓ ବେପରୁଆ ହୋଇଥିବା ବେଳେ ପ୍ରକୃତ ଫସଲ ନଷ୍ଟ ସହ ଏହାର କୌଣସି ସମ୍ପର୍କ ନାହିଁ ବୋଲି ମହାଲାନୋବିସ୍ ଜାତୀୟ ଫସଲ ପୂର୍ବାନୁମାନ କେନ୍ଦ୍ର (ଏମ୍‌ଏନସିଏଫ୍‌ସି) ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଯାହାକି ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଯୋଜନା ଓ ସମନ୍ୱୟ (ଅର୍ଥନୀତି ଏବଂ ପରିସଂଖ୍ୟାନ) ତଥା ବିଭାଗୀୟ ମନ୍ତ୍ରୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ବାସ୍ତବରେ ଓଡ଼ିଶା ଚାଷୀଙ୍କ ପାଇଁ ଶାସକ ଦଳ ପ୍ରତିବନ୍ଧକ ସାଜିଛି ବୋଲି ପୁରୋହିତ କହିଛନ୍ତି। ଚାଷୀକୁଳ ସ୍ୱାର୍ଥ ବିରୋଧୀ ଏବଂ ବୀମା କମ୍ପାନୀ ସ୍ୱାର୍ଥ ପାଇଁ କାର୍ଯ୍ୟରତ ଶାସକ ବିଜୁ ଜନତା ଦଳର ଅସଲ ଚେହେରା ସାମ୍ନାକୁ ଆସିଯାଇଛି। ଆଗାମୀ ଦିନରେ ସମଗ୍ର ଚାଷୀକୁଳ ଏକାଠି ହୋଇ ଶାସକ ବିଜେଡିକୁ ଉଚିତ ଜବାବ ଦେବେ ବୋଲି ପୁରୋହିତ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ପକ୍ଷରୁ କରାଯାଇଥିବା ଅଭିଯୋଗ ଉପରେ ବିଜେଡି ପ୍ରତିକ୍ରିୟା ପ୍ରକାଶ କରିଛି। ବରଗଡ ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି ଯେ ଫସଲବୀମା ଯୋଜନାର ପ୍ରଥମ ଅକ୍ଷରରୁ ହିଁ ଏହା କେନ୍ଦ୍ରର ବୋଲି ସ୍ପଷ୍ଟ। ଯୋଜନାର ବିଫଳତାକୁ ଲୁଚାଇବାକୁ ଭାଜପା ଚେଷ୍ଟା କରୁଛି। ତୁରନ୍ତ ବୀମା ଅର୍ଥ ନ ପାଇଲେ ପଶ୍ଚିମ ଓଡ଼ିଶାର ଚାଷୀ ଭାଜପାକୁ କ୍ଷମା କରିବେନି।

ଯେତେବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆରମ୍ଭ ହୋଇଥିଲା, ସେତେବେଳେ ଭାଜପା ଦାବି କରିଥିଲା ଯେ ସେମାନେ ଚାଷୀଙ୍କ ପାଇଁ ବହୁତ ଭଲ କାମ କରିଛନ୍ତି। ବର୍ତ୍ତମାନ ଏହା ବିଫଳ ହେବା ପରେ ସେମାନେ କାହିଁକି ଦୋଷ ଲୁଚାଇ ରାଜ୍ୟ ସରକାରଙ୍କ ଉପରକୁ ଏହାକୁ ଠେଲିବାକୁ ଚେଷ୍ଟା କରୁଛନ୍ତି ବୋଲି ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। କେନ୍ଦ୍ରରେ କ୍ଷମତାରେ ଥିବା ଭାଜପା ସରକାରଙ୍କ ଦ୍ୱାରା ବୀମା କମ୍ପାନୀଗୁଡିକୁ ହଜାର ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏବେ ପଶ୍ଚିମ ଓଡ଼ିଶାର ଲକ୍ଷ ଲକ୍ଷ କୃଷକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବୀମା କମ୍ପାନୀଗୁଡ଼ିକୁ ସୁରକ୍ଷା ଦେବାକୁ ଭାଜପା ଚେଷ୍ଟା କରୁଛି। ପଶ୍ଚିମ ଓଡ଼ିଶାର ନିରୀହ ଚାଷୀଙ୍କୁ ମିଛ କହିବା ବନ୍ଦ କରିବା ଦରକାର। କେନ୍ଦ୍ରରେ ଥିବା ଭାଜପା ସରକାର ପଶ୍ଚିମ ଓଡ଼ିଶାର କୃଷକମାନଙ୍କୁ ପଡ଼ିରହିଥିବା ସେମାନଙ୍କ ବୀମା ଅର୍ଥ ରାଶି ଶୀଘ୍ର ପ୍ରଦାନ କରନ୍ତୁ। ନଚେତ୍ ଲକ୍ଷ ଲକ୍ଷ ଚାଷୀ ଏହି ମିଛ ତଥା ଶୋଷଣ ପାଇଁ ଭାଜପାକୁ ଆଦୌ କ୍ଷମା କରିବେ ନାହିଁ ବୋଲି ଆଚାର୍ଯ୍ୟ କହିଛନ୍ତି।

# ମୈନପୁରୀ ଆସନରୁ ଡିମ୍ପଲ ଏସ୍‌ପି ପ୍ରାର୍ଥୀ

**ଲକ୍ଷ୍ନୌ,୧୦।୧୧(ପି.ଟି.)**



ଉତ୍ତରପ୍ରଦେଶର ମୈନପୁରୀ ଲୋକ ସଭା ଆସନ ଲାଗି ହେବାକୁ ଯାଉଥିବା ଉପନିର୍ବାଚନରେ ସମାଜବାଦୀ ପାର୍ଟି (ଏସ୍‌ପି) କନୌଜର ପୂର୍ବତନ ଏମ୍‌ପି ଡିମ୍ପଲ ଯାଦବଙ୍କୁ ପ୍ରାର୍ଥୀ କରିଛି। ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପରଲୋକ ଯୋଗୁ ଉକ୍ତ ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଏହି ଆସନରେ ମୁଲାୟମଙ୍କ ବଡ଼ ବୋହୂ ତଥା ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ସ୍ତ୍ରୀ ଡିମ୍ପଲ୍ ନିର୍ବାଚନ ଲଢ଼ିବେ। ସେ ପୂର୍ବରୁ ଦୁଇଥର କନୌଜରୁ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଥିବା ମୁଲାୟମଙ୍କ ସାନ ବୋହୂ ଅପର୍ଣ୍ଣା ଯାଦବ ଉପନିର୍ବାଚନରେ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।




ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ

ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା, ଆମକୁ ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି । ଆପଣଙ୍କ ତ୍ୟାଗ, ସ୍ନେହ ଓ ଦୟାଭାବ ଆମ୍ଭମାନଙ୍କୁ ସର୍ବଦା ପ୍ରେରଣା ଦେଇଆସିଛି । ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରୁହନ୍ତୁ । ଆଜି ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ

ପୁଅ-ଅନାଥ,ପୂର୍ଣ୍ଣଚନ୍ଦ୍ର,ତ୍ରିନାଥ, ମନୋରଞ୍ଜନ, ଟୁନା, ବୋହୂ-ରିନା,ବବିତା,ଗୀତା,ମିତା,ଝାନ୍ସୀ ଝିଅ-ମିଳି, ଜ୍ୱାଇଁ-ଅକ୍ରୁ ନାତିନାତୁଣୀ-ରକି, ଚିଣ୍ଟୁ, ମାମାଲି,ରିଙ୍କୁ, ସୋମୁ, ଚନ୍ଦନ, ଗୁଡୁଲ, ସାଇ ଓ ଜେନା ପରିବାର ।

୰ ପାର୍ବତୀ ଜେନା (ପାରା)

ବର୍ମକୁଦ, ଫୁଲନଖରା,କଟକ

ଧରାବତରଣ-୧୩.୦୬.୧୯୪୫

ସ୍ୱର୍ଗାରୋହଣ-୨୧.୧୧.୨୦୨୧


# 'କଂଗ୍ରେସ ସମୟର ବିକାଶ ଏବେ ପଥଭ୍ରଷ୍ଟ'

## ବାଲେଶ୍ୱରରେ ଭାରତ ଯୋଡ଼ୋ ଯାତ୍ରା

■ଜିଲାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଲେ ପିସିସି ସଭାପତି

**ବାଲେଶ୍ୱର ଅଫିସ, ୧୦।୧୧**





ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରବକ୍ତା ସୁଦର୍ଶନ ଦାସ ଓ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ।

ବାଲେଶ୍ୱରରେ ଆୟୋଜିତ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ। ଏହି ଅବସରରେ ଜିଲା କଂଗ୍ରେସ ଭବନରେ ଗୁରୁବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୨୩ବର୍ଷ ବିଜେଡି ଶାସନ କାଳରେ ଜିଲାର ଉନ୍ନତି ହୋଇ ନ ଥିବା ବେଳେ ଭବିଷ୍ୟତକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଶିଳ୍ପଠାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ଅବହେଳାର ଶୀକାର ହୋଇଥିବା ଅଭିଯୋଗ କରି ଶରତ କହିଛନ୍ତି କଂଗ୍ରେସ ସମୟରେ ଜିଲାରେ ଯାହା କିଛି ବିକାଶ ହୋଇଥିଲା ତାହା ଏବେ ପଥଭ୍ରଷ୍ଟ। ଜିଲାରେ ଚକଡ଼ା ପୋକ ଲାଗିବା ଆରମ୍ଭ କରିଲାଣି। ଚାଷ ନଷ୍ଟ ହେବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ନିର୍ବାଚନ ଆସିଲେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କେବଳ ନିଯୁକ୍ତି ତଥା ଦରଦାମ୍, ଜଳସେନଚନ, ସ୍ୱାସ୍ଥ୍ୟ ବ୍ୟବସ୍ଥା କଥା ମନେପଡ଼ିଥାଏ। ୫-ଟି ସ୍କୁଲ ରୂପାନ୍ତରୀକରଣ ଆଳରେ କୋଟି କୋଟି ଟଙ୍କା ଦୁର୍ନୀତି ଲୋକଲୋଚନକୁ ଆସୁଛି। ଚାଷୀ ଉତ୍ପାଦନ କରୁଛି କିନ୍ତୁ ଉଚିତ୍ ମୂଲ୍ୟ ପାଉନି। କାଳିଆ, ବଳିଆର କୁହୁକ ଜାଲରେ କୁଜିନେତା ମାଲେମାଲ ହେଉଛନ୍ତି। ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କରିଚାଲିଛନ୍ତି। ମାତ୍ର ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ମହିଳା ସଶକ୍ତିକରଣ ନାମରେ ବିଜେଡି ନିଜ ଦଳର ସଶକ୍ତିକରଣ କରିବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ବାଲେଶ୍ୱରବାସୀଙ୍କୁ ପ୍ରତାରିତ କରିଛନ୍ତି। ଏପରିକି ବାଲେଶ୍ୱରବାସୀ ଆଶୀର୍ବାଦ କଲେ କଂଗ୍ରେସ ପୁଣି ବିକାଶ ଧାରାକୁ ପୁନର୍ଜୀବିତ କରିବ ବୋଲି ପିସିସି ସଭାପତି ପ୍ରକାଶ କରିଥିଲେ।

ଖବରଦାତା ସମ୍ମିଳନୀରେ କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ସଂଯୋଜନା କରି ସମଗ୍ର ଭାରତ ବର୍ଷରେ ଭାରତ ଯୋଡ଼ୋ ଯାତ୍ରା କାର୍ଯ୍ୟକ୍ରମ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଜାରି ରହିଛି। ଦେଶର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପରିବର୍ତ୍ତନ ପାଇଁ ଏହି ଯାତ୍ରା ଉଦ୍ଦିଷ୍ଟ। ତେବେ ଏହି ଯାତ୍ରା ୩ ମାସ ଧରି ଓଡ଼ିଶାରେ ୨୨୫୦କି.ମି. ରାସ୍ତା ଚାଲିବାର ଧାର୍ଯ୍ୟ ହୋଇଛି। ଆଜି ପର୍ଯ୍ୟନ୍ତ ଦୀର୍ଘ ୨୧୦ କି.ମି. ଯାତ୍ରା ସରିଛି। ଏହି ଅବସରରେ ଯାତ୍ରାର ଅନୁଭୂତି ଏବଂ ବାଲେଶ୍ୱର ଜିଲାରେ ଆଗାମୀ ଯାତ୍ରା ଓ କେଉଁ ପ୍ରସଙ୍ଗ ନେଇ କଂଗ୍ରେସ ଲୋକଙ୍କ ନିକଟକୁ ଯିବ ସେନେଇ ପିସିସି ସଭାପତି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବାଲେଶ୍ୱର ସଂସଦୀୟକ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ ମହିଳାମାନଙ୍କୁ ରାଜନୀତିରୁ ଉର୍ଦ୍ଧ୍ୱକୁ ଯାଇ ନିଜର ବିକାଶ ପାଇଁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଖବରଦାତା ସମ୍ମିଳନୀରେ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


CLASSIFIED DISPLAY ALL EDITION-BW (Everyday)

MORE SPACE ' SAME PRICE

ମୁଦ୍ରା ଫାଇନାନ୍ସ

PM ମୁଦ୍ରା ଯୋଜନା

ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।

2% ସୁଧ, 40% ରିହାତି ।

ମହିଳାଙ୍କ ପାଇଁ ବିଶେଷ ରିହାତି ।

ଅନ୍‌ଲାଇନ୍ ସୁବିଧା ।

ମୁଦ୍ରା ଫାଇନାନ୍ସ

Mob. 6371569368

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁଭାଷ ଚନ୍ଦ୍ର ମିଶ୍ର

କଳିଙ୍ଗଛକ, ଚୌଦ୍ୱାର, କଟକ

ଆବିର୍ଭାବ: ୧୨।୦୭।୧୯୪୩

ତିରୋଧାନ: ୦୧।୧୧।୨୦୨୨

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।

ହତଭାଗ୍ୟ ପରିବାର ସଦସ୍ୟଗଣ:

ପୁଅ: ସୁରଜ, ବୋହୂ: ସଞ୍ଜନା, ଝିଅ: ସୁଜାତା, ସୁନିତା, ସୁମିତା, ଜ୍ୱାଇଁ: ସତ୍ୟବ୍ରତ, ଶ୍ରୀକାନ୍ତ, ଅବିନାଶ ଏବଂ ସମସ୍ତ ମିଶ୍ର ପରିବାର ଓ ବନ୍ଧୁବର୍ଗ

ଧ-୧୯୬୮

ଏକାଦଶାହ ଉପଲକ୍ଷେ



୰ପ୍ରମୋଦ ପ୍ରସନ୍ନ ଦାସ

ତିରୋଧାନ: ୦୧।୧୧।୨୦୨୨

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-

ପିନାକୀ ଦାସ, ଇଶାନ ଦାସ, ଆଲୋକ ମହାନ୍ତି, ପୀୟୂଷ ଦାସ, ଜ୍ୟୋତିଷ୍ ମହାନ୍ତି ।

ଧ-୧୯୭୩

# ଫୁଟ୍‌ବଲ ମହାସମର



ନିର୍ମଳ କୁମାର ମିଶ୍ର

ଫେଡେରେଶନ ଇଣ୍ଟରନ୍ୟାଶନାଲ ଡି ଫୁଟ୍‌ବଲ ଆସୋସିଏଶନ (ଫିଫା)ର ୨୨ତମ ସଂସ୍କରଣ ମଧ୍ୟପ୍ରାଚ୍ୟ ଦେଶ କାତାରରେ ଅନୁଷ୍ଠିତ ହେବ। ନଭେମ୍ବର ୨୦ରୁ ଡିସେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଗା ପ୍ରତିଯୋଗିତା ଖେଳାଯିବ। ଏଥିପାଇଁ କାତାର ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏସିଆ ମହାଦେଶରେ ୨ୟ ଥର ପାଇଁ ଏହି ସମ୍ମାନଜନକ ଏବଂ ଲୋକପ୍ରିୟ ଟୁର୍ନାମେଣ୍ଟ ଆୟୋଜିତ ହେବ। ୨୦୦୨ରେ ପ୍ରଥମ କରି ଦକ୍ଷିଣ କୋରିଆ ଏବଂ ଜାପାନ ମିଳିତ ଭାବେ ଏହାର ଆୟୋଜନ କରିଥିଲେ। ୨୮ ଦିନର ଏହି ମେଗା ପ୍ରତିଯୋଗିତାରେ ବିଶ୍ୱର ୫ଟି କନ୍‌ଫେଡେରେଶନରୁ ୩୨ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରିବେ। ନଭେମ୍ବର ୨୦ରୁ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ। ଡିସେମ୍ବର ୨ ମଧ୍ୟରେ ଏହି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ସରିବ। ଡିସେମ୍ବର ୩ରୁ ୧୬ଟି ଦଳକୁ ନେଇ ରାଉଣ୍ଡ-୧୬ ଆରମ୍ଭ ହେବ। ଏହି ପର୍ଯ୍ୟାୟ ଡିସେମ୍ବର ୬ରେ ଶେଷ ହେବା ପରେ ୯ ଓ ୧୦ ତାରିଖରେ କ୍ୱାର୍ଟର ଫାଇନାଲ ଏବଂ ଡିସେମ୍ବର ୧୩, ୧୪ରେ ସେମିଫାଇନାଲ ଏବଂ ୧୮ରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ।

୫ଟି କନ୍‌ଫେଡେରେଶନରୁ ଅଂଶଗ୍ରହଣ କରିଥିବା ୩୨ ଟିମ୍‌କୁ ଲକି ଡ୍ର ମାଧ୍ୟମରେ ୮ଟି ଗ୍ରୁପ୍‌ରେ ସ୍ଥାନ ମିଳିଛି। ଗ୍ରୁପ୍-ଏ'ରେ ଆୟୋଜକ କାତାର, ସେନେଗାଲ, ଇକ୍ୱେଡର ଓ ନେଦରଲାଣ୍ଡ୍ସ, ଗ୍ରୁପ୍-ବି'ରେ ଇଂଲଣ୍ଡ, ଇରାନ୍, ଆମେରିକା ଓ ୱେଲ୍ସ, ଗ୍ରୁପ୍-ସି'ରେ ଆର୍ଜେଣ୍ଟିନା, ସୌଦୀ ଆରବ, ମେକ୍ସିକୋ, ପୋଲାଣ୍ଡ ଏବଂ ଗ୍ରୁପ୍-ଡି'ରେ ଗତ ୨୦୧୮ ଓ ୨୧ତମ ସଂସ୍କରଣର ଚାମ୍ପିୟନ ଶକ୍ତିଶାଳୀ ଫ୍ରାନ୍ସ, ଡେନ୍‌ମାର୍କ, ଅଷ୍ଟ୍ରେଲିଆ ଏବଂ ଟ୍ୟୁନିସିଆ ରହିଛନ୍ତି। ସେହିପରି ଗ୍ରୁପ୍-ଇ'ରେ ସ୍ପେନ୍, କୋଷ୍ଟାରିକା, ଜର୍ମାନୀ ଓ ଜାପାନ, ଗ୍ରୁପ୍-ଏଫ୍'ରେ ବେଲଜିୟମ, କାନାଡ଼ା, ମରକ୍କୋ ଏବଂ ୨୦୧୮ ରନର୍ସଅପ୍ କ୍ରୋଏସିଆ ରହିଥିବା ବେଳେ ଗ୍ରୁପ୍-ଜି'ରେ ବ୍ରାଜିଲ, ସର୍ବିୟା, ସ୍ୱିଜରଲାଣ୍ଡ ଓ କାମେରୁନ ଏବଂ ଗ୍ରୁପ୍-ଏଚ୍'ରେ ପର୍ତ୍ତୁଗାଲ, ଘାନା, ଉରୁଗୁଏ ଏବଂ ଦକ୍ଷିଣ କୋରିଆ ସ୍ଥାନ ପାଇଛନ୍ତି। ୟୁରୋପ କନ୍‌ଫେଡେରେଶନରୁ ସର୍ବାଧିକ ୧୩ଟି ଦେଶ ରହିଥିବା ବେଳେ ଏସିଆ ଏବଂ ଆଫ୍ରିକାର ୫ଟି ଲେଖାଏ ଦେଶ ଏବଂ ଦକ୍ଷିଣ ଆମେରିକା ଏବଂ ଉତ୍ତର ଆମେରିକାରୁ ୪ଟି ଲେଖାଏ ଦେଶ ରହିଛନ୍ତି। ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନରୁ ଆୟୋଜକ କାତାର, ଇରାନ, ଦକ୍ଷିଣ କୋରିଆ, ସୌଦୀ ଆରବ, ଜାପାନ ଓ ଅଷ୍ଟ୍ରେଲିଆ ଯୋଗ୍ୟତା ଅର୍ଜନ କରିଛନ୍ତି। ସେନେଗାଲ, ଇକ୍ୱେଡର, ଟ୍ୟୁନିସିଆ ଏବଂ କୋଷ୍ଟାରିକା ପରି ଛୋଟ ଦେଶ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ବିଶ୍ୱକପ୍‌କୁ ସଫଳତାର ସହ ଆୟୋଜନ କରିବା ଲାଗି କାତାର ତା'ର ୫ ମୁଖ୍ୟ ସହରରେ ୮ଟି ନୂତନ ଷ୍ଟାଡିୟମ ନିର୍ମାଣ କରିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି ଷ୍ଟାଡିୟମଗୁଡିକ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ଲୁସେଲ ନଗରୀର ଲୁସେଲ ଷ୍ଟାଡିୟମ୍ ସର୍ବବୃହତ୍। ଡିସେମ୍ବର ୧୮ରେ ଫାଇନାଲ ଏହି ଷ୍ଟାଡିୟମରେ ଖେଳାଯିବ। ଏଠାରେ ୮୦ ହଜାର ଦର୍ଶକ ମ୍ୟାଚ୍ ଉପଭୋଗ କରିପାରିବେ। ଦର୍ଶକ, ଖେଳାଳି, ଅତିଥିମାନଙ୍କ ପାଇଁ ସଂପୂର୍ଣ୍ଣ ଷ୍ଟାଡିୟମକୁ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମଗୁଡ଼ିକ ମଧ୍ୟରୁ ଆଇ ବେଲ୍‌ଟ ଷ୍ଟାଡିୟମରେ ମଧ୍ୟ ଅତି ଉଚ୍ଚକୋଟୀର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ବିଶ୍ୱକପ୍ ଆରମ୍ଭ ଚଳିତ ମାସ ୨୦ରୁ ହେବାକୁଥିବା ବେଳେ ଏପର୍ଯ୍ୟନ୍ତ ୧.୨ ମିଲିୟନ ଟିକେଟ ବିକ୍ରି କରାଯାଇଛି। କାତାରରେ ଫୁଟ୍‌ବଲ ଫିଭର ଘାରିଥିବାବେଳେ ସମଗ୍ର ବିଶ୍ୱରୁ ପ୍ରାୟ ୪୦ ମିଲିୟନ ଦର୍ଶକ ଟିକେଟ ପାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି, ଯାହାକି ଆୟୋଜକଙ୍କ ଉତ୍ସାହ ବଢ଼ାଇ ଦେଇଥିଲା। ସମସ୍ତ ମ୍ୟାଚ୍ ପାଇଁ ଟିକେଟ ବିକ୍ରି ସରିବା ଫୁଟ୍‌ବଲ ଲୋକପ୍ରିୟତାକୁ ପ୍ରକାଶ କରୁଛି।

ଫୁଟ୍‌ବଲର ମହାନ୍ ପର୍ବ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଆୟାଜକ କାତାର ଏବଂ ଇକ୍ୱେଡର ମଧ୍ୟରେ ଡିସେମ୍ବର ୨୦ରେ ଖେଳାଯିବ। କାତାରରେ ଅତ୍ୟଧିକ ଗରମ ଯୋଗୁ ଜୁନ୍ ଓ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁଥିବା ଏହି ଫୁଟ୍‌ବଲ ମହାକୁମ୍ଭ ପ୍ରଥମଥର ପାଇଁ ନଭେମ୍ବର ଏବଂ ଡିସେମ୍ବରରେ ଅନୁଷ୍ଠିତ ହେଉଛି। ନଚେତ୍ ଏହା ବହୁ ପୂର୍ବରୁ ସମାପ୍ତ ହୋଇସାରିଥାନ୍ତା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ, ଟିକେଟ ବିକ୍ରି ଏବଂ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଠିକ୍ ସମୟରେ ସମାପ୍ତ ହୋଇଥିବାରୁ ଆୟୋଜକମାନେ ବେଶ୍ ଖୁସି ଅଛନ୍ତି। ବିବାଦ କୌଣସି ଫିଫା ବିଶ୍ୱକପ୍‌ର ପିଛା ଛାଡ଼ିନାହିଁ। ଫିଫା ଅଫିସିଆଲମାନେ ଲାଞ୍ଚ ନେବା, ନୂତନ ଷ୍ଟାଡିୟମ ନିର୍ମାଣରେ ଅନିୟମିତତା, ଷ୍ଟାଡିୟମ ନିର୍ମାଣ ସମୟରେ ପ୍ରବାସୀ ଶ୍ରମିକ ମାନଙ୍କ ଦୁର୍ଦ୍ଦଶା ତଥା ମୃତ୍ୟୁବରଣ କରିବା, ସେମାନଙ୍କୁ ଉପଯୁକ୍ତ ସମୟରେ ବିଶ୍ରାମ ନ ଦେବା, ଖାଦ୍ୟ ଓ ପାନୀୟରେ ଅବ୍ୟବସ୍ଥା, ପ୍ରାୟ ୫ ହଜାରରୁ ଅଧିକ ଶ୍ରମିକଙ୍କ ମୃତ୍ୟୁ ସହ ଠିକାଦାରମାନଙ୍କ ଜୁଲମ, ଶ୍ରମିକମାନଙ୍କୁ ନିଜ ଘରକୁ ଫେରିବାକୁ ନ ଦେବା ଆଦି ଅନେକ ଘଟଣା ଏପରି କି ମାନବିକ ଅଧିକାର ଉଲ୍ଲଂଘନ ଘଟଣା ଉପରେ 'ଆମ୍‌ନେଷ୍ଟି ଫୋରମ୍' ନିକଟରେ ଅଭିଯୋଗ କାତାର ପ୍ରଶାସନକୁ ବିପଦରେ ପକାଇଥିଲା। କାରଣ ଅଧିକାଂଶ ଭାରତୀୟ, ପାକିସ୍ତାନୀ, ବାଂଲାଦେଶୀ, ଶ୍ରୀଲଙ୍କା ଏବଂ ନେପାଳୀ ପ୍ରବାସୀ ଶ୍ରମିକ ଏଠାରେ ବର୍ଷ ବର୍ଷ ଧରି ଅତ୍ୟଧିକ ଗରମ ପରିବେଶରେ କାର୍ଯ୍ୟ କରୁଥିଲେ। ସେମାନଙ୍କୁ ମାସିକ ମାତ୍ର ୧୬ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ଯାହାହେଉ ବିଶ୍ୱକପ୍ ଫୁଟ୍‌ବଲ ବିଗୁଲ ବାଜିବାକୁ ଆଉ ଅଳ୍ପଦିନର ଅପେକ୍ଷା। ଏହାକୁ ନେଇ ଫୁଟ୍‌ବଲପ୍ରେମୀ ବେଶ୍ ଉତ୍ସାହିତ। ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କ କଳାକୌଶଳ ଦେଖିବାକୁ ଯୁବ ଫୁଟ୍‌ବଲ ବର୍ଗଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା। ଆଇସିସି ଟି୨୦ ବିଶ୍ୱକପ୍ ପରେ ଫିଫା ବିଶ୍ୱକପ୍ ଉପରେ ଏବେ ସମସ୍ତଙ୍କ ନଜର। ଏହି ଫୁଟ୍‌ବଲ ମହାସମରରେ ବିଶ୍ୱର ୬ ଜଣ ଶ୍ରେଷ୍ଠ ଖେଳାଳିଙ୍କ ଉପରେ ଯୁବପିଢ଼ିଙ୍କ ନଜର ରହିବ। ସେମାନେ ହେଲେ ଆର୍ଜେଣ୍ଟିନାର ଲିଓନେଲ ମେସି, ପର୍ତ୍ତୁଗାଲର ଖ୍ରୀଷ୍ଟିଆନ ରୋନାଲ୍‌ଡୋ, ଫ୍ରାନ୍ସର କିଲିୟାନ ଏମ୍‌ବାପେ, ବ୍ରାଜିଲର ନେମାର, ସେନେଗାଲର ସାଡିଓମାନେ ଏବଂ ଦକ୍ଷିଣ କୋରିଆର ସେଙ୍ଗ୍ ହେଇଙ୍ଗମିନ୍।

ଗତ ୨୧ତମ ସଂସ୍କରଣ ରୁଷିଆରେ ଅନୁଷ୍ଠିତ ହୋଇଥିବା ବେଳେ ଫାଇନାଲ ମ୍ୟାଚ୍ ଫ୍ରାନ୍ସ ଏବଂ କ୍ରୋଏସିଆ ମଧ୍ୟରେ ଖେଳାଯାଇଥିଲା। ୪-୨ ଗୋଲରେ ବିଜୟୀ ହୋଇ ଫ୍ରାନ୍ସ ଚାମ୍ପିୟନ ହୋଇଥିଲା। ଏହା ଥିଲା ଫ୍ରାନ୍ସର ୨ୟ ବିଶ୍ୱକପ୍ ଟାଇଟଲ। ମୋଟ ୬୪ଟି ମ୍ୟାଚ୍‌ରେ ୧୬୯ ଗୋଲ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ସ୍କୋର ହୋଇଥିଲା। ବେଲଜିୟମ ତୃତୀୟ ଏବଂ ଇଂଲଣ୍ଡ ଚତୁର୍ଥ ସ୍ଥାନ ହାସଲ କରିଥିଲା। ସୂଚନା ଯେ, ଫିଫାର ପ୍ରତିଷ୍ଠା ୧୯୦୪ରେ ହୋଇଥିବା ବେଳେ ବ୍ରାଜିଲ ସର୍ବାଧିକ ୫ ଥର ବିଶ୍ୱକପ୍ ଚାମ୍ପିୟନ ହୋଇଛି।

**ନଭେମ୍ବର ୨୦ରୁ ଆରମ୍ଭ ହେବାକୁ ଯାଉଛି ଫୁଟ୍‌ବଲ ମହାକୁମ୍ଭ ଫିଫା ବିଶ୍ୱକପ୍। ପ୍ରଥମଥର ପାଇଁ ଏହି ବିଶ୍ୱକପ୍ ଆରବୀୟ ଦେଶ କାତାରରେ ଅନୁଷ୍ଠିତ ହେବା ଟୁର୍ନାମେଣ୍ଟ ଆୟୋଜନ ପାଇଁ କାତାର ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଥିବାବେଳେ ଅଂଶଗ୍ରହଣକାରୀ ୩୨ଟି ଦଳର ଖେଳାଳି ତାଲିକା କ୍ରମେ ପ୍ରକାଶ ପାଇବାରେ ଲାଗିଛି। ଆୟୋଜକ କାତାର ଓ ଇକ୍ୱେଡର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ...**





## ୨୦୨୨ ଫିଫା ବିଶ୍ୱକପ୍ କାର୍ଯ୍ୟସୂଚୀ

ଗ୍ରୁପ୍ 'ଏ': କାତାର, ଇକ୍ୱେଡର, ସେନେଗାଲ ନେଦରଲାଣ୍ଡ୍ସ
ଗ୍ରୁପ୍ 'ବି': ଇଂଲଣ୍ଡ, ଇରାନ୍, ଆମେରିକା, ୱେଲ୍ସ
ଗ୍ରୁପ୍ 'ସି': ଆର୍ଜେଣ୍ଟିନା, ସୌଦୀ ଆରବ, ମେକ୍ସିକୋ, ପୋଲାଣ୍ଡ
ଗ୍ରୁପ୍ 'ଡି': ଫ୍ରାନ୍ସ, ଅଷ୍ଟ୍ରେଲିଆ, ଡେନ୍‌ମାର୍କ, ଟ୍ୟୁନିସିଆ
ଗ୍ରୁପ୍ 'ଇ': ସ୍ପେନ୍, କୋଷ୍ଟାରିକା, ଜର୍ମାନୀ, ଜାପାନ
ଗ୍ରୁପ୍ 'ଏଫ୍': ବେଲଜିୟମ, କାନାଡ଼ା, ମର୍‌କ୍କୋ, କ୍ରୋଏସିଆ
ଗ୍ରୁପ୍ 'ଜି': ବ୍ରାଜିଲ, ସର୍ବିୟା, ସ୍ୱିଜରଲାଣ୍ଡ, କାମେରୁନ
ଗ୍ରୁପ୍ 'ଏଚ୍': ପର୍ତ୍ତୁଗାଲ, ଘାନା, ଉରୁଗୁଏ, ଦକ୍ଷିଣ କୋରିଆ

FIFA WORLD CUP Qatar2022

| ତାରିଖ | ଦଳ | ସମୟ | ସ୍ଥାନ |
|---|---|---|---|
| ନଭେମ୍ବର ୨୦ | କାତାର ବନାମ ଇକ୍ୱେଡର | ରାତି ୯.୩୦ | ଅଲ ବାଏଟ ଷ୍ଟାଡିୟମ |
| ନଭେମ୍ବର ୨୧ | ଇଂଲଣ୍ଡ ବନାମ ଇରାନ | ସନ୍ଧ୍ୟା ୬.୩୦ | ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ |
| ନଭେମ୍ବର ୨୧ | ସେନେଗାଲ ବନାମ ନେଦରଲାଣ୍ଡ୍ସ | ରାତି ୯.୩୦ | ଅଲ ଥୁମାମା ଷ୍ଟାଡିୟମ |
| ନଭେମ୍ବର ୨୧ | ଯୁକ୍ତରାଷ୍ଟ୍ର ଆମେରିକା ବନାମ ୱେଲ୍ସ | ରାତି ୧୨.୩୦ | ଅଲ ରାୟାନ୍ ଷ୍ଟାଡିୟମ |
| ନଭେମ୍ବର ୨୨ | ଆର୍ଜେଣ୍ଟିନା ବନାମ ସୌଦୀ ଆରବ | ଦିନ ୩.୩୦ | ଲୁସେଲ ଷ୍ଟାଡିୟମ |
| ନଭେମ୍ବର ୨୨ | ଡେନ୍‌ମାର୍କ ବନାମ ଟ୍ୟୁନିସିଆ | ସନ୍ଧ୍ୟା ୬.୩୦ | ଏଜୁକେଶନ୍ ସିଟି ଷ୍ଟାଡିୟମ |
| ନଭେମ୍ବର ୨୨ | ମେକ୍ସିକୋ ବନାମ ପୋଲାଣ୍ଡ | ରାତି ୯.୩୦ | ରସ୍ ଅବୁ ଅବୌଦ ଷ୍ଟାଡିୟମ |
| ନଭେମ୍ବର ୨୨ | ଫ୍ରାନ୍ସ ବନାମ ଅଷ୍ଟ୍ରେଲିଆ | ରାତି ୧୨.୩୦ | ଅଲ ରାୟାନ ଷ୍ଟାଡିୟ |
| ନଭେମ୍ବର ୨୩ | ମର୍‌କ୍କୋ ବନାମ କ୍ରୋଏସିଆ | ଦିନ ୩.୩୦ | ଅଲ ବାଏଟ ଷ୍ଟାଡିୟମ |
| ନଭେମ୍ବର ୨୩ | ଜର୍ମାନୀ ବନାମ ଜାପାନ | ସନ୍ଧ୍ୟା ୬.୩୦ | ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ |
| ନଭେମ୍ବର୨୩ | ସ୍ପେନ୍ ବନାମ କୋଷ୍ଟାରିକା | ରାତି ୯.୩୦ | ଅଲ ଥୁମାମା ଷ୍ଟାଡିୟମ |
| ନଭେମ୍ବର ୨୩ | ବେଲଜିୟମ ବନାମ କାନାଡ଼ା | ରାତି ୧୨.୩୦ | ଅଲ ରାୟାନ ଷ୍ଟାଡିୟମ |
| ନଭେମ୍ବର ୨୪ | ସ୍ୱିଜରଲାଣ୍ଡ ବନାମ କାମେରୁନ୍ | ଦିନ ୩.୩୦ | ଅଲ ଜନୌବ ଷ୍ଟାଡିୟମ |
| ନଭେମ୍ବର ୨୪ | ଉରୁଗୁଏ ବନାମ ଦକ୍ଷିଣ କୋରିଆ | ସନ୍ଧ୍ୟା ୬.୩୦ | ଏଜୁକେଶନ୍ ସିଟ ଷ୍ଟାଡିୟମ |
| ନଭେମ୍ବର୨୪ | ପର୍ତ୍ତୁଗାଲ ବନାମ ଘାନା | ରାତି ୯.୩୦ | ରସ୍ ଅବୁ ଅବୌଦ ଷ୍ଟାଡିୟମ୍ |
| ନଭେମ୍ବର ୨୪ | ବ୍ରାଜିଲ ବନାମ ସର୍ବିଆ | ରାତି ୧୨.୩୦ | ଲୁସେଲ ଷ୍ଟାଡିୟମ |
| ନଭେମ୍ବର ୨୫ | ୱେଲ୍ସ ବନାମ ଇରାନ୍ | ଦିନ ୩.୩୦ | ଅଲ ରାୟାନ ଷ୍ଟାଡିୟମ |
| ନଭେମ୍ବର ୨୫ | କାତାର ବନାମ ସେନେଗାଲ | ସନ୍ଧ୍ୟା ୬.୩୦ | ଅଲ ଥୁମାମା ଷ୍ଟାଡିୟମ |
| ନଭେମ୍ବର ୨୫ | ନେଦରଲାଣ୍ଡ୍ସ ବନାମ ଇକ୍ୱେଡର | ରାତି ୯.୩୦ | ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ |
| ନଭେମ୍ବର ୨୫ | ଇଂଲଣ୍ଡ ବନାମ ଯୁକ୍ତରାଷ୍ଟ୍ର ଆମେରିକା | ରାତି୧୨.୩୦ | ଅଲ ବାଏଟ୍ ଷ୍ଟାଡିୟମ |
| ନଭେମ୍ବର ୨୬ | ଟ୍ୟୁନିସିଆ ବନାମ ଅଷ୍ଟ୍ରେଲିଆ | ଦିନ ୩.୩୦ | ଅଲ ଜନୌବ ଷ୍ଟାଡିୟମ |
| ନଭେମ୍ବର ୨୬ | ପୋଲାଣ୍ଡ ବନାମ ସୌଦୀ ଆରବ | ସନ୍ଧ୍ୟା ୬.୩୦ | ଏଜୁକେଶନ ସିଟି ଷ୍ଟାଡିୟମ |
| ନଭେମ୍ବର ୨୬ | ଫ୍ରାନ୍ସ ବନାମ ଡେନ୍‌ମାର୍କ | ରାତି ୯.୩୦ | ରସ ଆବୁ ଅବୌଦ ଷ୍ଟାଡିୟମ |
| ନଭେମ୍ବର ୨୬ | ଆର୍ଜେଣ୍ଟିନା ବନାମ ମେକ୍ସିକୋ | ରାତି ୧୨.୩୦ | ଲୁସେଲ ଷ୍ଟାଡିୟମ |
| ନଭେମ୍ବର ୨୭ | ଜାପାନ ବନାମ କୋଷ୍ଟାରିକା | ଦିନ ୩.୩୦ | ଅଲ ରାୟାନ ଷ୍ଟାଡିୟମ |
| ନଭେମ୍ବର ୨୭ | ବେଲଜିୟମ ବନାମ ମରକ୍କୋ | ସନ୍ଧ୍ୟା ୬.୩୦ | ଅଲ ଥୁମାମା ଷ୍ଟାଡିୟମ |
| ନଭେମ୍ବର ୨୭ | କ୍ରୋଏସିଆ ବନାମ କାନାଡ଼ା | ରାତି ୯.୩୦ | ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ |
| ନଭେମ୍ବର ୨୭ | ସ୍ପେନ୍ ବନାମ ଜର୍ମାନୀ | ରାତି ୧୨.୩୦ | ଅଲ ବାଏଟ ଷ୍ଟାଡିୟମ |
| ନଭେମ୍ବର ୨୮ | କାମେରୁନ୍ ବନାମ ସର୍ବିଆ | ଦିନ ୩.୩୦ | ଅଲ ଜନୌବ ଷ୍ଟାଡିୟମ |
| ନଭେମ୍ବର ୨୮ | ଦକ୍ଷିଣ କୋରିଆ ବନାମ ଘାନା | ସନ୍ଧ୍ୟା ୬.୩୦ | ଏଜୁକେଶନ୍ ସିଟି ଷ୍ଟାଡିୟମ୍ |
| ନଭେମ୍ବର୨୮ | ବ୍ରାଜିଲ ବନାମ ସ୍ୱିଜରଲାଣ୍ଡ | ରାତି ୯.୩୦ | ରସ ଆବୁ ଅବୌଦ ଷ୍ଟାଡିୟମ |
| ନଭେମ୍ବର ୨୮ | ପର୍ତ୍ତୁଗାଲ ବନାମ ଉରୁଗୁଏ | ରାତି ୧୨.୩୦ | ଲୁସେଲ୍ ଷ୍ଟାଡିୟମ |
| ନଭେମ୍ବର ୨୯ | ଇକ୍ୱେଡର ବନାମ ସେନେଗାଲ | ରାତି ୮.୩୦ | ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ |
| ନଭେମ୍ବର ୨୯ | ନେଦରଲାଣ୍ଡ୍ସ ବନାମ କାତାର | ରାତି ୮.୩୦ | ଅଲ ବାଏଟ ଷ୍ଟାଡିୟମ |
| ନଭେମ୍ବର ୨୯ | ଇରାନ ବନାମ ଯୁକ୍ତରାଷ୍ଟ୍ର ଆମେରିକା | ରାତି ୧୨.୩୦ | ଅଲ ରାୟାନ୍ ଷ୍ଟାଡିୟମ |
| ନଭେମ୍ବର ୨୯ | ୱେଲ୍ସ ବନାମ ଇଂଲଣ୍ଡ | ରାତି୧୨.୩୦ | ଅଲ ଥୁମାମା ଷ୍ଟାଡିୟମ |
| ନଭେମ୍ବର ୩୦ | ଅଷ୍ଟ୍ରେଲିଆ ବନାମ ଡେନ୍‌ମାର୍କ | ରାତି ୮.୩୦ | ଅଲ ଜନୌବ ଷ୍ଟାଡିୟମ |
| ନଭେମ୍ବର ୩୦ | ଟ୍ୟୁନିସିଆ ବନାମ ଫ୍ରାନ୍ସ | ରାତି ୮.୩୦ | ଏଜୁକେଶନ୍ ସିଟି ଷ୍ଟାଡିୟମ |
| ନଭେମ୍ବର ୩୦ | ସୌଦୀ ଆରବ ବନାମ ମେକ୍ସିକୋ | ରାତି ୧୨.୩୦ | ଲୁସେଲ ଷ୍ଟାଡିୟମ |
| ନଭେମ୍ବର ୩୦ | ପୋଲାଣ୍ଡ ବନାମ ଆର୍ଜେଣ୍ଟିନା | ରାତି ୧୨.୩୦ | ରସ ଆବୁ ଅବୌଦ ଷ୍ଟାଡିୟମ |
| ଡିସେମ୍ବର ୧ | କାନାଡା ବନାମ ମର୍‌କ୍କୋ | ରାତି ୮.୩୦ | ଅଲ ଥୁମାମା ଷ୍ଟାଡିୟମ |
| ଡିସେମ୍ବର ୧ | କ୍ରୋଏସିଆ ବନାମ ବେଲଜିୟମ | ରାତି ୮.୩୦ | ଅଲ ରାୟାନ ଷ୍ଟାଡିୟମ |
| ଡିସେମ୍ବର ୧ | କୋଷ୍ଟାରିକା ବନାମ ଜର୍ମାନୀ | ରାତି ୧୨.୩୦ | ଅଲ ବାଏଟ୍ ଷ୍ଟାଡିୟମ |
| ଡିସେମ୍ବର ୧ | ଜାପାନ ବନାମ ସ୍ପେନ୍ | ରାତି୧୨.୩୦ | ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ |
| ଡିସେମ୍ବର ୨ | ଘାନା ବନାମ ଉରୁଗୁଏ | ରାତି ୮.୩୦ | ଅଲ ଜନୌବ ଷ୍ଟାଡିୟମ |
| ଡିସେମ୍ବର ୨ | ଦକ୍ଷିଣ କୋରିଆ ବନାମ ପର୍ତ୍ତୁଗାଲ | ରାତି ୮.୩୦ | ଏଜୁକେଶନ ସିଟି ଷ୍ଟାଡିୟମ |
| ଡିସେମ୍ବର୨ | ସର୍ବିଆ ବନାମ ସ୍ୱିଜରଲାଣ୍ଡ | ରାତି ୧୨.୩୦ | ରସ ଆବୁ ଅବୌଦ ଷ୍ଟାଡିୟମ |
| ଡିସେମ୍ବର ୩ | କାମେରୁନ୍ ବନାମ ବ୍ରାଜିଲ | ରାତି ୧୨.୩୦ | ଲୁସେଲ୍ ଷ୍ଟାଡିୟମ |
| | **ରାଉଣ୍ଡ ଅଫ୍-୧୬** | | |
| ଡିସେମ୍ବର ୩ | ଏ-୧ ବନାମ ବି-୨ | ରାତି ୮.୩୦ | ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ |
| ଡିସେମ୍ବର ୩ | ସି-୧ବନାମ ଡି-୨ | ରାତି ୧୨.୩୦ | ଅଲ ରାୟାନ ଷ୍ଟାଡିୟମ |
| ଡିସେମ୍ବର ୪ | ଡି-୧ ବନାମ ସି-୨ | ରାତି ୮.୩୦ | ଅଲ ଥୁମାମା ଷ୍ଟାଡିୟମ |
| ଡିସେମ୍ବର ୪ | ବି-୧ ବନାମ ଏ-୨ | ରାତି ୧୨.୩୦ | ଅଲ ବାଏଟ ଷ୍ଟାଡିୟମ |
| ଡିସେମ୍ବର ୫ | ଇ-୧ ବନାମ ଏଫ୍-୨ | ରାତି ୮.୩୦ | ଅଲ ଜନୌବ ଷ୍ଟାଡିୟମ |
| ଡିସେମ୍ବର ୫ | ଜି-୧ ବନାମ ଏଚ୍-୨ | ରାତି ୧୨.୩୦ | ରସ ଆବୁ ଅବୌଦ ଷ୍ଟାଡିୟମ |
| ଡିସେମ୍ବର ୬ | ଏଫ୍-୧ ବନାମ ଇ-୨ | ରାତି ୮.୩୦ | ଏଜୁକେଶନ ସିଟି ଷ୍ଟାଡିୟମ |
| ଡିସେମ୍ବର ୬ | ଏଚ୍-୧ ବନାମ ଜି-୨ | ରାତି ୧୨.୩୦ | ଲୁସେଲ ଷ୍ଟାଡିୟମ |
| | **କ୍ୱାର୍ଟର ଫାଇନାଲ** | | |
| ଡିସେମ୍ବର ୯ | ୫୩ ବନାମ ୫୪ ବିଜେତା | ରାତି ୮.୩୦ | ଏଜୁକେଶନ୍ ସିଟି ଷ୍ଟାଡିୟମ |
| ଡିସେମ୍ବର ୯ | ୪୯ ବନାମ ୫୦ ବିଜେତା | ରାତି ୧୨.୩୦ | ଲୁସେଲ ଷ୍ଟାଡିୟମ |
| ଡିସେମ୍ବର ୧୦ | ୫୫ ବନାମ ୫୬ ବିଜେତା | ରାତି ୮.୩୦ | ଅଲ ଥୁମାମା ଷ୍ଟାଡିୟମ |
| ଡିସେମ୍ବର ୧୦ | ୫୧ ବନାମ ୫୨ ବିଜେତା | ରାତି ୧୨.୩୦ | ଅଲ ବାଏଟ ଷ୍ଟାଡିୟମ |
| | **ସେମିଫାଇନାଲ** | | |
| ଡିସେମ୍ବର ୧୩ | ୫୭ ବନାମ ୫୮ ବିଜେତା | ରାତି ୧୨.୩୦ | ଲୁସେଲ ଷ୍ଟାଡିୟମ |
| ଡିସେମ୍ବର ୧୪ | ୫୯ ବନାମ ୬୦ ବିଜେତା | ରାତି ୧୨.୩୦ | ଅଲ ବାଏଟ ଷ୍ଟାଡିୟମ |
| | **ତୃତୀୟ ସ୍ଥାନ ମ୍ୟାଚ୍** | | |
| ଡିସେମ୍ବର ୧୭ | ୬୧ ବନାମ ୬୨ ପରାଜିତ | ରାତି ୮.୩୦ | ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ |
| | **ଫାଇନାଲ** | | |
| ଡିସେମ୍ବର ୧୮ | ୬୧ ବନାମ ୬୨ ବିଜେତା | ରାତି ୮.୩୦ | ଲୁସେଲ ଷ୍ଟାଡିୟମ |

## ସଫଳ ଦଳ

**ବ୍ରାଜିଲ**
ଚାମ୍ପିୟନ: ୧୯୫୮, ୧୯୬୨, ୧୯୭୦, ୧୯୯୪, ୨୦୦୨। ରନରଅପ୍: ୧୯୫୦, ୧୯୯୮। ତୃତୀୟ ସ୍ଥାନ: ୧୯୩୮, ୧୯୭୮। ଚତୁର୍ଥ ସ୍ଥାନ: ୧୯୭୪, ୨୦୧୪।

**ଜର୍ମାନୀ**
ଚାମ୍ପିୟନ: ୧୯୫୪, ୧୯୭୪, ୧୯୯୦, ୨୦୧୪। ରନରଅପ୍: ୧୯୬୬, ୧୯୮୨, ୧୯୮୬, ୨୦୦୨। ତୃତୀୟ ସ୍ଥାନ: ୧୯୩୪, ୧୯୭୦, ୨୦୦୬, ୨୦୧୦। ଚତୁର୍ଥ ସ୍ଥାନ: ୧୯୫୮।

**ଇଟାଲୀ**
ଚାମ୍ପିୟନ: ୧୯୩୪, ୧୯୩୮, ୧୯୮୨, ୨୦୦୬। ରନରଅପ୍: ୧୯୭୦, ୧୯୯୪। ତୃତୀୟ ସ୍ଥାନ: ୧୯୯୦। ଚତୁର୍ଥ ସ୍ଥାନ: ୧୯୭୮।

**ଆର୍ଜେଣ୍ଟିନା**
ଚାମ୍ପିୟନ: ୧୯୭୮, ୧୯୮୬। ରନରଅପ୍: ୧୯୩୦, ୧୯୯୦, ୨୦୧୪।

**ଫ୍ରାନ୍ସ**
ଚାମ୍ପିୟନ: ୧୯୯୮, ୨୦୧୮। ରନରଅପ୍: ୨୦୦୬। ତୃତୀୟ ସ୍ଥାନ: ୧୯୫୮, ୧୯୮୬। ଚତୁର୍ଥ ସ୍ଥାନ: ୧୯୮୨।

**ଉରୁଗୁଏ**
ଚାମ୍ପିୟନ: ୧୯୩୦, ୧୯୫୦। ଚତୁର୍ଥ ସ୍ଥାନ: ୧୯୫୪, ୧୯୭୦, ୨୦୧୦।

**ଇଂଲଣ୍ଡ**
ଚାମ୍ପିୟନ: ୧୯୬୬। ଚତୁର୍ଥ ସ୍ଥାନ: ୧୯୯୦, ୨୦୧୮।

**ସ୍ପେନ୍**
ଚାମ୍ପିୟନ: ୨୦୧୦। ଚତୁର୍ଥ ସ୍ଥାନ: ୧୯୫୦।

**ନେଦରଲାଣ୍ଡ୍ସ**
ରନରଅପ୍: ୧୯୭୪, ୧୯୭୮, ୨୦୧୦। ତୃତୀୟ ସ୍ଥାନ: ୨୦୧୪। ଚତୁର୍ଥ ସ୍ଥାନ: ୧୯୯୮।

**ହଙ୍ଗେରୀ**
ରନରଅପ୍: ୧୯୩୮, ୧୯୫୪।
ଚେକ୍ ରିପବ୍ଲିକ
ରନରଅପ୍: ୧୯୩୪, ୧୯୬୨।

**ସ୍ୱିଡେନ**
ରନରଅପ୍: ୧୯୫୮। ତୃତୀୟ ସ୍ଥାନ: ୧୯୫୦, ୧୯୯୪। ଚତୁର୍ଥ ସ୍ଥାନ: ୧୯୩୮।

**କ୍ରୋଏସିଆ**
ରନରଅପ୍: ୨୦୧୮। ତୃତୀୟ ସ୍ଥାନ: ୧୯୯୮।

**ପୋଲାଣ୍ଡ**
ତୃତୀୟ ସ୍ଥାନ: ୧୯୭୪, ୧୯୮୨।

**ଅଷ୍ଟ୍ରିଆ**
ତୃତୀୟ ସ୍ଥାନ: ୧୯୫୪। ଚତୁର୍ଥ ୧୯୩୪।

**ପର୍ତ୍ତୁଗାଲ**
ତୃତୀୟ ସ୍ଥାନ: ୧୯୬୬। ଚତୁର୍ଥ: ୨୦୦୬।

**ବେଲଜିୟମ**
ତୃତୀୟ ସ୍ଥାନ: ୨୦୧୮। ଚତୁର୍ଥ: ୧୯୮୬।

**ଆମେରିକା**
ତୃତୀୟ ସ୍ଥାନ: ୧୯୩୦।

**ଚିଲି**
ତୃତୀୟ ସ୍ଥାନ: ୧୯୬୨

**ତୁର୍କୀ**
ତୃତୀୟ ସ୍ଥାନ: ୨୦୦୨।

## ମିକ୍ସ

ମାସ ଯାକ ଟିମ୍ ତପସ୍ୟା କରିକି
ଶୁଖୁଆ ପୋଡ଼ାରେ ଗଲା
ଟିଡ୍ୱେଣ୍ଟି ୱାର୍ଲ୍ଡ କପ୍ ସ୍ୱପ୍ନ ଅଧୁରା
ଇଂଗଲଣ୍ଡ ଲଣ୍ଡା କଲା
ଆଡିଲେଡ ହିଷ୍ଟ୍ରି ହେଲା
ଆଲେକ୍ସ-ବଟଲର ବିଧ୍ୱଂସୀ ବ୍ୟାଟିଂ
ସବୁ ଶ୍ରମ ସାରିଦେଲା।

ଫିଫା ୱାର୍ଲ୍ଡ କପ୍ କାତାର ଟ୍ୱେଣ୍ଟିଟୁ
ଲଢ଼ିବେ ବତିଶ ମୁଣ୍ଡ
କଙ୍ଗାରୁ ଦଳରେ ଅଠର ବର୍ଷୀୟ
ଖେଳିବ କୁଏଲ ଧଣ୍ଡ
ଅନଭିଜ୍ଞ ଥାଇ ଶୁଣ୍ଢ
ହଲାଇ ଖେଳିବ କହଇ ଆରନ୍ଲ୍ଡୋ
ଛେକି ହୋଇପାରେ ଧଣ୍ଡ।

ଅନ୍ ଲାଇନ୍ ଡେଟିଂ ଆପ୍‌ରେ
ପରିଚୟ
ତା'ପରେ ଡେଟ୍‌ରେ ମଜା
ରୋଜ ବେରେ ଫାଶରେ ଗିରଫ
ଶ୍ରୀଲଙ୍କା
କ୍ରିକେଟର ଭୋଗେ ସଜା
ଗୁଣତିଲକାର ଭେଜା
କାମ କରୁନାହିଁ କହେ ବି ଓୟାର
ମୋବାଇଲ କାଳ ଅଜା।

-ସୁବାସ ଚନ୍ଦ୍ର ପ୍ରଧାନ

# ସେମିରୁ ଭାରତର ଅଭିଯାନ ଶେଷ


ବିଜୟ ପରେ ଖୁସି ମୁହୂର୍ତ୍ତରେ ଜୋସ୍ ବଟଲର ଓ ଆଲେକ୍ସ ହେଲ୍ସ।

**ଆଡିଲେଡ, ୧୦।୧୧**

ଆକ୍ରମଣାତ୍ମକ ମନୋଭାବର ଅଭାବ, ଧୀମା ଆରମ୍ଭ ଏବଂ ପ୍ରଭାବ ହୀନ ବୋଲିଂ ଯୋଗୁ ଭାରତ ଗୁରୁବାର ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପର ସେମିଫାଇନାଲରେ ଇଂଲଣ୍ଡ ନିକଟରୁ ଲଜ୍ଜାଜନକଭାବେ ୧୦ ଉଇକେଟରେ ହାରି ଯାଇଛି। ଫଳରେ ଭାରତର ବିଶ୍ୱକପ ଅଭିଯାନ ଏଥର ସେମିଫାଇନାଲରୁ ଶେଷ ହୋଇଛି। ଆଡିଲେଡ ଓଭାଲର ବ୍ୟାଟିଂ ଫ୍ରେଣ୍ଡଲୀ ଗ୍ରାଉଣ୍ଡରେ ଭାରତ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୧୬୯ ରନର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଅତି ସହଜରେ କୌଣସି ଉଇକେଟ ନ ହରାଇ ମାତ୍ର ୧୬ ଓଭରରେ ଅତିକ୍ରମ କରି ଯାଇଥିଲା। ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଫାଇନାଲ ଆସନ୍ତା ରବିବାର ମେଲବୋର୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।

## ଧୀମା ଆରମ୍ଭ

ବିଶ୍ୱକପ ସେମିଫାଇନାଲ ପରି ଏକ ବଡ଼ ମ୍ୟାଚରେ ଭାରତର ଆରମ୍ଭ ଭଲ ହୋଇ ନ ଥିଲା। କ୍ରିସ୍ ୱୋକ୍ସଙ୍କ ଏକ ଅତିରିକ୍ତ ବାଉନ୍ସ ବଲ୍‌କୁ ପଢ଼ିବାରେ ଭୁଲ କରିବସି ଲୋକେଶ ରାହୁଲ (୫ ରନ) ଦ୍ୱିତୀୟ ଓଭରରେ ଆଉଟ ହୋଇଥିଲେ। ରୋହିତ ଶର୍ମା ଯଦିଓ କ୍ରିଜ୍‌ରେ କିଛି ସମୟ ରହିଥିଲେ ତେବେ ୨୭ ରନ କରିବା ପାଇଁ ୨୮ଟି ବଲ୍‌ର ସହାୟତା ନେଇଥିଲେ। ଫଳରେ ଭାରତ ପାୱାର ପ୍ଲେ ୬ ଓଭରରେ ମାତ୍ର ୩୮ ରନ କରିଥିଲା। ଏହା ପରେ ମଧ୍ୟ ଭାରତୀୟ ବ୍ୟାଟରଙ୍କ ଚେତା ପଶି ନ ଥିଲା। ଫଳରେ ଇନିଂସର ଅଧା ଅର୍ଥାତ୍ ୧୦ ଓଭର ବେଳକୁ ସ୍କୋର ମାତ୍ର ୬୨ ଥିଲା। ଇନିଂସ ଗଢ଼ିବାରେ ମୁଖ୍ୟ ଭୂମିକା ନେଇଥିବା ବିରାଟ କୋହଲି ଆଉ ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳି ୪ ଚୌକା ଓ ୧ ଛକା ସହାୟତାରେ ୪୦ ବଲ୍‌ରୁ ୫୦ ରନ କରିଥିଲେ। ପାୱାର ହିଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ରୁତ ୬୩ (୩୩ ବଲ, ୪ ଚୌକା, ୫ ଛକା) ରନ ଯୋଗୁ ଭାରତ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଶେଷ ୪ ଓଭରରେ ଭାରତ ୫୮ ରନ ସଂଗ୍ରହ କରିଥିଲା। ୪ ଓଭରରେ ୪୩ ରନ ବ୍ୟୟ କରିଥିଲେ ହେଁ ଇଂଲଣ୍ଡ ଦ୍ରୁତ ବୋଲର କ୍ରିସ୍ ଜୋର୍ଡାନ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ସ୍ପିନର ଆଡିଲ ରଶିଦ ଯଦିଓ ଗୋଟିଏ ଉଇକେଟ ପାଇଥିଲେ ତେବେ ୪ ଓଭର ସ୍ପେଲ୍‌ରେ ମାତ୍ର ୨୦ ରନ ଦେଇ ଭାରତୀୟ ରନ ହାରରେ ଅଙ୍କୁଶ ଲଗାଇଥିଲେ। କ୍ରିସ୍ ୱୋକ୍ସଙ୍କୁ ଅନ୍ୟ ଉଇକେଟଟି ମିଳିଥିଲା।

## ପାୱାରପ୍ଲେରୁ ବିଜୟ-ପରାଜୟର ଚିତ୍ର

ବ୍ୟାଟରଙ୍କୁ ସୁହାଉଥିବା ପିଚ୍‌ରେ କିଭଳି ଖେଳିବାକୁ ହୁଏ ତା'ର ଉଦାହରଣ ଦେଖାଇଲେ ଇଂଲଣ୍ଡର ଦୁଇ ଓପନର ଜୋସ ବଟଲର ଓ ଆଲେକ୍ସ ହେଲ୍ସ। ଦୁହେଁ ପାୱାରପ୍ଲେ ୬ ଓଭରରେ ୬୩ ରନ ସଂଗ୍ରହ କରିଥିଲେ। ଏହିଠାରୁ ହିଁ ବିଜୟ-ପରାଜୟ ଚିତ୍ର ସ୍ପଷ୍ଟ ହୋଇ ଯାଇଥିଲା। ଭୁବନେଶ୍ୱର କୁମାରଙ୍କ ପ୍ରଥମ ଓଭରରେ ୩ଟି ଚୌକା ମାରି ଇଂଲଣ୍ଡ ଏହାର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲା। କେବଳ ସେତିକି ନୁହେଁ ଭାରତର ସମସ୍ତ ବୋଲରଙ୍କୁ ଧୁଲେଇ କରି ବଟଲର ୪୯ ବଲ୍‌ରୁ ୮୦ (୯ ଚୌକା ଓ ୩ ଛକା) ଏବଂ ହେଲ୍ସ ୪୭ ବଲ୍‌ରୁ ୮୬ (୪ ଚୌକା, ୭ ଛକା) ରନରେ ଅପରାଜିତ ରହି ୪ ଓଭର ବାକିଥାଇ ଇଂଲଣ୍ଡ ବିଜୟରେ ମୁଣ୍ଡି ମାରି ଦେଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ ଭାରତ ୨୦୦ ରନ କରିଥିଲେ ମଧ୍ୟ ଇଂଲଣ୍ଡ ଏହାକୁ ଚେଜ୍ କରି ପାରିଥାନ୍ତା। ଏହି ଦୁଇ ବ୍ୟାଟରଙ୍କ ଆଗରେ ଭାରତୀୟ ବୋଲରମାନେ ଅତ୍ୟନ୍ତ ଅସହାୟ ମନେ ହୋଇଥିଲେ। ଅସମାପ୍ତ ଓପନିଂ ଯୋଡ଼ିରେ ବଟଲର ଓ ହେଲ୍ସ ୯୬ ବଲ୍‌ରୁ ୧୭୦ ରନର ଭାଗୀଦାରି ଗଢ଼ିଲେ। ଯାହାକି ଟି୨୦ କ୍ରିକେଟ ବିଶ୍ୱକପରେ କୌଣସି ଉଇକେଟ ପାଇଁ ସର୍ବାଧିକ ପାର୍ଟନରଶିପ୍।

## ଷ୍ଟ୍ରୋକ୍‌ପ୍ଲେରେ ତାରତମ୍ୟ

ଆଡିଲେଡ ଓଭାଲ ପିଚ୍‌ରେ ଉଭୟ ଦଳ ମଧ୍ୟରେ ଷ୍ଟ୍ରୋକ୍ ପ୍ଲେରେ ଅଭୁତପୂର୍ବ ତାରତମ୍ୟ ଦେଖିବାକୁ ମିଳିଥିଲା। ରୋହିତ ଶର୍ମା ହୁଅନ୍ତୁ କି ବରାଟ କୋହଲି ଷ୍ଟ୍ରୋକ୍ ଖେଳିବା ପାଇଁ ସଂଘର୍ଷର ସମ୍ମୁଖୀନ ହୋଇଥିଲେ। ସେହି ତୁଳନାରେ ଦେଖିଲେ ବଟଲର ଓ ହେଲ୍ସ ଅତି ସହଜରେ ବଲ୍‌କୁ ହିଟ୍ କରି ପାରିଥିଲେ। ଫଳରେ ମ୍ୟାଚଟି ସମ୍ପୂର୍ଣ୍ଣ ଏକପାଖିଆ ହୋଇ ଯାଇଥିଲା। ଚଳିତ ଟୁର୍ନାମେଣ୍ଟରେ ଇଂଲଣ୍ଡର ବ୍ୟାଟିଂ ଏପରି କେବେ କ୍ଲିକ୍ କରି ନ ଥିଲା। ସତେ ଯେପରି ଇଂଲଣ୍ଡ ବଡ଼ ମ୍ୟାଚ ପାଇଁ ତା'ର ସବୁଯାକ ବଳ ସାଇତି ରଖିଥିଲା।

## ଚହଲଙ୍କ ଅନୁପସ୍ଥିତି ଅନୁଭୂତ

ଭାରତୀୟ ଦଳରେ ସାମିଲ ଥିଲେ ହେଁ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ପୂରା ଟୁର୍ନାମେଣ୍ଟରେ ବାହାରେ ବସିଥିଲେ। ତାଙ୍କ ଅନୁପସ୍ଥିତି ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଗୁରୁତର ଅନୁଭୂତ ହୋଇଥିଲା। ଅନେକ ସମୟରେ ମହଙ୍ଗା ସାବ୍ୟସ୍ତ ହେଉଥିଲେ ହେଁ ଘଡ଼ିସନ୍ଧି ମୁହୂର୍ତ୍ତରେ ଉଇକେଟ ବାହାର କରିବା ଦକ୍ଷତା ତାଙ୍କର ଅଛି। ମାତ୍ର ଟିମ୍ ମ୍ୟାନେଜମେଣ୍ଟ ଅକ୍ଷର ପଟେଲ ଓ ରବିଚନ୍ଦ୍ରନ ଅଶ୍ୱିନ ସପକ୍ଷରେ ଯିବା ମହଙ୍ଗା ପଡ଼ିଲା। ଇଂଲଣ୍ଡର ଆଡିଲ ରଶିଦଙ୍କ ସଫଳତା ଏଠାରେ ଚହଲଙ୍କୁ ମନେ ପକାଇ ଦେଇଥିଲା।

## ୪୨ ଡଟ୍ ବଲ୍

ଭାରତୀୟ ଇନିଂସ ସମୟରେ ବ୍ୟାଟରମାନେ ୪୨ଟି ଡଟ୍‌ବଲ୍ ଖେଳିଥିଲେ। ଏହା ୭ ଓଭର ମେଡେନ ଦେବା ସହ ସମାନ। ୨୦ ଓଭର ଖେଳରେ ଯଦି ୭ ଓଭର ରନ ନ ହୁଏ ତେବେ ବଡ଼ ସ୍କୋର ହେବା ନିଶ୍ଚିତ କାଠିକର ପାଠ। ଏହା ହିଁ ଭାରତୀୟ ଇନିଂସରେ ପ୍ରତିଫଳିତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୮/୬ (ହାର୍ଦ୍ଦିକ ପାଣ୍ଡ୍ୟା-୬୩, ବିରାଟ କୋହଲି-୫୦, ରୋହିତ ଶର୍ମା-୨୭, କ୍ରିସ୍ ଜୋର୍ଡାନ-୩/୪୩, ଆଡିଲ ରଶିଦ-୧/୨୦, କ୍ରିସ୍ ୱୋକ୍ସ-୧/୨୪)। ଇଂଲଣ୍ଡ ୧୬ ଓଭରରେ ୧୭୦/୦( ଆଲେକ୍ସ ହେଲ୍ସ-୮୬*, ଜୋସ ବଟଲର-୮୦*)।

**ପ୍ଲେୟର ଅଫ୍ ଦି ମ୍ୟାଚ: ଆଲେକ୍ସ ହେଲ୍ସ**

### ଟି୨୦ ବିଶ୍ୱକପରେ ସର୍ବାଧିକ ଭାଗୀଦାରି

**୧୭୦*:** ଜୋସ ବଟଲର-ଆଲେକ୍ସ ହେଲ୍ସ, ବନାମ ଭାରତ, ଆଡିଲେଡ, ୨୦୨୨
**୧୬୮:** କ୍ୱିଣ୍ଟନଡିକକ୍-ରିଲିରୋସୋ, ବନାମ ବାଂଲାଦେଶ, ୨୦୨୨
**୧୬୬:** ମାହେଲା ଜୟବର୍ଦ୍ଧନେ-କୁମାର ସଙ୍ଗକାରା, ବନାମ ୱେଷ୍ଟଇଣ୍ଡିଜ, ୨୦୧୦
**୧୫୨*:** ବାବର ଆଜମ-ମହମ୍ମଦ ରିଜୱାନ, ବନାମ ଭାରତ, ୨୦୨୧

### ଟି୨୦ ବିଶ୍ୱକପ
# ଇଂଲଣ୍ଡ-ପାକିସ୍ତାନ ଫାଇନାଲ ରବିବାର


ପରାଜୟ ଦୁଃଖରେ ମ୍ରିୟମାଣ ରୋହିତ ଶର୍ମା।

# ଟି୨୦ରେ କୋହଲିଙ୍କ ୪ହଜାର ରନ୍



ଟି୨୦ କ୍ରିକେଟରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି ବିରାଟ କୋହଲି। ପ୍ରଥମ ଅନ୍ତର୍ଜାତୀୟ ତଥା ଭାରତୀୟ କ୍ରିକେଟର ଭାବେ ଅନ୍ତର୍ଜାତୀୟ ଟି୨୦ରେ ସେ ୪ ହଜାର ରନ୍ ପୂରଣ କରିଛନ୍ତି। ଆଡିଲେଡ୍ ଓଭାଲରେ ଖେଳା ଯାଇଥିବା ଦ୍ୱିତୀୟ ସେମି ଫାଇନାଲରେ କୋହଲି ଏହି ମାଇଲଖୁଣ୍ଟରୁ ମାତ୍ର ୪୨ ରନ୍ ଦୂରରେ ରହିଥିଲେ। ମ୍ୟାଚର ୧୫ ତମ ଓଭରରେ ଲିଆମ୍ ଲିଭିଙ୍ଗଷ୍ଟୋନଙ୍କୁ ଏକ୍ସଟ୍ରା କଭର ଉପରେ ଚୌକା ମାରି କୋହଲି ୪ ହଜାର ରନ୍ ସମ୍ପୂର୍ଣ୍ଣ କରିଥିଲେ। ଏହା ସହିତ ଗୁରୁବାର ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିବା କୋହଲି ଟି୨୦ ବିଶ୍ୱକପରେ ୨୫ ତମ ଇନିଂସ ଖେଳି ୧୪ତମ ଅର୍ଦ୍ଧଶତକ ହାସଲ କରିଥିଲେ। ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଆଉ ଏକ ଚମତ୍କାର ପ୍ରଦର୍ଶନ ଦେଇଛନ୍ତି କୋହଲି। ଏହି ଗ୍ରାଉଣ୍ଡରେ ନିଜର ୧୧ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳୁଥିବା କୋହଲି ସଂଗ୍ରହ କରିଛନ୍ତି ୯୫୭ ରନ୍। ଏହି ଗ୍ରାଉଣ୍ଡରେ ସେ ୪ଟି ଲେଖାଏ ଟେଷ୍ଟ ଓ ଦିନିକିଆ ଖେଳିଛନ୍ତି। ୪ ଟେଷ୍ଟରୁ ୩ ଶତକ ଓ ୧ ଅର୍ଦ୍ଧଶତକ ସହିତ ୬୩.୬୨ ହାରରେ ୫୦୯ ରନ୍ କରିଛନ୍ତି। ସେହିପରି ଦିନିକିଆରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ସହିତ ୬୧ ହାରରେ ୨୪୪ ରନ୍ କରିଛନ୍ତି କୋହଲି। ପୂର୍ବ ୨ଟି ଟି୨୦ରେ ୧୫୪ ରନ୍ କରିଥିବା ବେଳେ ଗୁରୁବାର ମ୍ୟାଚରେ ସେ ୫୦ ରନ୍ କରିଥିଲେ।

# ଚାପ ମୁକାବିଲାରେ ବିଫଳ ଭାରତ: ରୋହିତ

**ଆଡିଲେଡ୍, ୧୦।୧୧ (ପି.ଟି):** ଭାରତୀୟ ଦଳର ସେମି ଫାଇନାଲ ପରାଜୟ ପାଇଁ ଦୁର୍ବଳ ବୋଲିଂକୁ ଦୋଷ ଦେଇଛନ୍ତି ଭାରତୀୟ ଅଧିନାୟକ ରୋହିତ ଶର୍ମା। ଭାରତୀୟ ଦଳ ସେମି ଫାଇନାଲ ମ୍ୟାଚର ଚାପ ଆଗରେ ମୁଣ୍ଡ ନୁଆଁଇବା ସହିତ ପରାଜିତ ହୋଇଥିଲା। ୧୬୯ ରନ୍ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ପକ୍ଷରୁ ଦୁଇ ଓପନର ଆଲେକ୍ସ ହେଲ୍ସ ଓ ଜୋଶ ବଟଲର ପ୍ରଥମ ଉଇକେଟରେ ୧୭୦ ରନ୍ ଯୋଡି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ୪ ଓଭର ପୂର୍ବରୁ ଇଂଲଣ୍ଡ ବିଜୟୀ ହୋଇଥିବା ବେଳେ ଭାରତୀୟ ବୋଲିଂ ପ୍ରଦର୍ଶନ ଅତ୍ୟନ୍ତ ସାଧାରଣ ରହିଥିଲା। ଗୁରୁବାର ଭାରତୀୟ ଦଳର ପ୍ରଦର୍ଶନକୁ ନେଇ ନିରାଶା ବ୍ୟକ୍ତ କରିଛନ୍ତି ରୋହିତ। ଶେଷ ଆଡକୁ ଆମେ ଚମତ୍କାର ବ୍ୟାଟିଂ କରିଥିଲେ ହେଁ ଅତ୍ୟନ୍ତ ସାଧାରଣ ବୋଲିଂ କାରଣରୁ ଆମେ ପରାଜିତ ହେଲୁ ବୋଲି ସେ କହିଛନ୍ତି। ନକ୍ ଆଉଟ୍ ମ୍ୟାଚକ ଗୁଡିକରେ ଯେଉଁ ଦଳ ଚାପକୁ ସହଜରେ ଗ୍ରହଣ କରିଥାଏ ସେହି ଦଳ ସହଜରେ ବିଜୟୀ ମଧ୍ୟକ ହୋଇଥାଏ। ବ୍ୟକ୍ତିଗତ ଭାବରେ ମଧ୍ୟ ସମାନ ନିୟମ ପ୍ରଯୁଜ୍ୟ। କିଭଳି ଚାପର ମୁକାବିଲା କରିବାକୁ ହୁଏ ତାହା କେହି ମଧ୍ୟ ଶିଖାଇପାରିବ ନାହିଁ। ଖେଳାଳି ଆଇପିଏଲରେ ଚାପ ମଧ୍ୟରେ ଭଲ ପ୍ରଦର୍ଶନ କରୁଛନ୍ତି ତେଣୁ ଚାପରେ ପ୍ରଦର୍ଶନ କରିବା ଏମାନଙ୍କ ପାଇଁ ନୂଆ ନୁହେଁ। ଗୁରୁବାର ପ୍ରଥମ ଓଭରରୁ ହିଁ ଭାରତୀୟ ବୋଲର ନର୍ଭସ ଲାଗୁଥିଲେ। ହେଲ୍ସ ଓ ବଟଲର କୌଣସି ଭୁଲ କରିନଥିଲେ। ଉଭୟ ଖେଳାଳି ବେଶ୍ ପ୍ରଶଂସାଯୋଗ୍ୟ ଇନିଂସ ଖେଳିବା ସହିତ ଭାରତ ହାତରୁ ମ୍ୟାଚ ଛଡାଇ ନେଇଥିଲେ।

# ନ୍ୟୁଜିଲାଣ୍ଡ ସିରିଜ ପାଇଁ ଡ୍ରାଭିଡ଼ଙ୍କୁ ବିଶ୍ରାମ



**ନୂଆଦିଲ୍ଲୀ, ୧୦।୧୧ (ପି.ଟି):** ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଡ୍ରାଭିଡଙ୍କୁ ବିଶ୍ରାମ। ଆସନ୍ତା ନ୍ୟୁଜିଲାଣ୍ଡ ସିରିଜ୍ ପାଇଁ ଡ୍ରାଭିଡଙ୍କ ସ୍ଥାନରେ ଭିଭିଏସ୍ ଲକ୍ଷ୍ମଣ ଭାରତୀୟ ଦଳର ଦାୟିତ୍ୱ ଗ୍ରହଣ କରିବେ। ଏହି ସିରିଜ୍ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ଘୋଷଣା କରାଯାଇଥିବା ବେଳେ ରିଷଭ ପନ୍ତଙ୍କୁ ଉପ ଅଧିନାୟକ ଘୋଷଣା କରାଯାଇଛି। ଏହି ସିରିଜରୁ ଏକାଧିକ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲଙ୍କୁ ବିଶ୍ରାମ ଦିଆଯାଇଛି। ଭାରତୀୟ କୋଚିଂ ଷ୍ଟାଫ୍‌ଙ୍କ ମଧ୍ୟରୁ ରାହୁଲ ଡ୍ରାଭିଡ ଓ ବୋଲିଂ କୋଚ୍ ପାରସ ମାହାମ୍ବ୍ରେ ବିଶ୍ୱକପ ପରେ ଭାରତ ଆସିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଲକ୍ଷ୍ମଣ ନ୍ୟୁଜିଲାଣ୍ଡରେ ଭାରତୀୟ ଦଳ ସହିତ ଯୋଗ ଦେବେ। ଉଲ୍ଲେଖଯୋଗ୍ୟ ଯେ, ଗତ ଏସିଆ କପ୍ ଓ ୱେଷ୍ଟଇଣ୍ଡିଜ ଗସ୍ତରେ ଭାରତୀୟ ଦଳର କୋଚ ରହିଥିଲେ।

# ଓଡ଼ିଶା ଜୁନିୟର ଭଲିବଲ୍ ଦଳ ମନୋନୀତ

**ଭୁବନେଶ୍ୱର, ୧୦।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଜମ୍ମୁସ୍ଥିତ ଏମ୍. ଏ. ଷ୍ଟାଡିୟମରେ ୪୮ତମ ଜାତୀୟ ଜୁନିୟର ଭଲିବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଉଭୟ ବାଳକ ଓ ବାଳିକା ଦଳ ମନୋନୀତ କରାଯାଇଛି। ମହମ୍ମଦ ରାଜାଙ୍କ ନେତୃତ୍ୱରେ ବାଳକ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ମେହନ ବିଶ୍ୱାଳ, ବିକାଶ ପାତ୍ର, ଓଲି ଉଲ୍‌ହା, ରୁଦ୍ର ନାରାୟଣ ସେଠୀ, ତୁଷାର ଦେହୁରୀ, ଶକ୍ତି ପ୍ରସାଦ ଓଝା, ଆଦର୍ଶ ଗାର୍ଡିଆ, ଶାଶ୍ୱତ ଦାସ, ପ୍ରବୀର ଦାସ, ମାନସ ଦଳାଇ, ସମ୍ବିତ କୁମାର ବେହେରା (ଲିବେରୋ)। ପ୍ରେମ୍ କୁମାର ଏକ୍କା ଦଳର ମ୍ୟାନେଜର, ଏସ୍‌ଡି ସୋଲେମନ ମୁଖ୍ୟ କୋଚ୍ ଓ ଗୋବିନ୍ଦ ଚନ୍ଦ୍ର ସାହୁ ସହକାରୀ କୋଚ୍ ରହିଛନ୍ତି। ବାଳିକା ଦଳର ଅଧିନାୟିକା ଭାବେ ଆଶା ମୁନ୍ଦାରୀଙ୍କୁ ମନୋନୀତ କରାଯାଇଛି। ଦଳରେ ସ୍ଥାନ ପାଇଥିବା ଅନ୍ୟମାନେ ହେଲେ ବି. ଅନିଶା, ସୁଚିସ୍ମିତା ଦିଣ୍ଡା, ସ୍ନେହମୟୀ କିଶାନ, ପାୟଲ କାଣ୍ଡି, ଲାସ୍ୟମୟୀ ମୋହାନ୍ତ, ସରୋଜିନୀ ସାମଲ, ବାର୍ବି ସିଂ, ବର୍ଷା ଜେନା, ସ୍ଥିତପ୍ରଜ୍ଞ ଜେନା, ରେବେକା ବାର୍ଲା ଓ ବାସନ୍ତୀ ମାଝି (ଲିବେରୋ)। ଦେବଦତ୍ତ ଜେନା ଦଳର ମ୍ୟାନେଜର ରହିଥିବା ବେଳେ ରଶ୍ମିରଞ୍ଜନ ନନ୍ଦ ଦଳର ମୁଖ୍ୟକୋଚ୍ ଏବଂ ସଙ୍ଗୀତା ଟପ୍ପୋ ସହକାରୀ କୋଚ୍ ରହିଛନ୍ତି। ଦଳ ଶୁକ୍ରବାର ଜମ୍ମୁ ଅଭିମୁଖେ ଗସ୍ତ କରିବ। ଦଳ ମନୋନୟନ ପୂର୍ବରୁ ସିଲେକ୍ସନ ଟ୍ରାଏଲ ଅକ୍ଟୋବର ୧୬ରେ କିଟ୍‌ରେ ହୋଇଥିଲା। ଏଥିରେ ଓଡ଼ିଶାର ସମସ୍ତ ଜିଲା ଓ ୟୁନିଟ୍‌ର ୨୦୦ (ବାଳକ ଓ ବାଳିକା) ଖେଳାଳି ଭାଗ ନେଇଥିଲେ। ତନ୍ମଧ୍ୟରୁ କିଟ୍ ୟୁନିଭର୍ସିଟିରେ ଅନୁଷ୍ଠିତ କୋଚିଂ କ୍ୟାମ୍ପ ଲାଗି ୪୫ଜଣ ମନୋନୀତ ହୋଇଥିଲେ। ଓଡ଼ିଶା ଭଲିବଲ୍ ଆସୋସିଏଶନ ସାଧାରଣ ସମ୍ପାଦକ, ଭାରତୀୟ ଭଲିବଲ ମହାସଂଘର ସହଯୋଗୀ ଯୁଗ୍ମ ସମ୍ପାଦକ ତଥା କିଟ୍ କ୍ରୀଡ଼ା ବିଭାଗର ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଲେକ୍ସନ ଟ୍ରାଏଲ ଓ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା।


କର୍ମକର୍ତ୍ତାଙ୍କ ସହ ଖେଳାଳି।

### ଫିଫା ବିଶ୍ୱକପ୍

# ଭିଡିଓ କଲ୍‌ରେ କାତାର ଟିକେଟ୍

କାତାରରେ ଅନୁଷ୍ଠିତ ହେବାକୁ ଥିବା ଫିଫା ପୁରୁଷ ଫୁଟବଲ ବିଶ୍ୱକପ ପାଇଁ ଘୋଷଣା ହୋଇଛି ଆମେରିକା ଦଳ। କୋଚ୍ ଗ୍ରେଗ୍ ବେରହଲ୍ଟର ୨୬ ଜଣିଆ ଦଳ ଘୋଷଣା କରିଥିବା ବେଳେ ଏହି ଦଳରୁ ବାଦ ପଡିଛନ୍ତି ରିକାର୍ଡୋ ପେପି ଓ ଜ୍ୟାକ ଷ୍ଟିଫେନ୍। ଏହି ଦଳ ଚୟନ ପୂର୍ବରୁ ସମ୍ଭାବ୍ୟ ତାଲିକାରେ ଥିବା ସମସ୍ତ ଖେଳାଳିଙ୍କ ସହିତ କଥା ହୋଇଥିଲେ କୋଚ୍। ଖେଳାଳିଙ୍କୁ ସାମିଲ କରିବା ପାଇଁ ଏକ ଅନନ୍ୟ ପଦକ୍ଷେପ ଗ୍ରହଣ କରିଥିଲେ। ଭିଡିଓ କଲ୍ ଯାଇଥିବା ଖେଳାଳି ମାନଙ୍କୁ ୨୬ ଜଣିଆ ଦଳରେ ସ୍ଥାନ ମିଳିଥିବା ବେଳେ ଅଡିଓ କଲରେ ଯେଉଁ ଖେଳାଳି ମାନଙ୍କ ସହ କଥା ହୋଇଥିଲେ ସେମାନେ କାତାର ଟିକେଟ ମିସ୍ କରିଛନ୍ତି। ବିଗତ ୩ ଦିନ ଧରି ଚାଲିଥିବା ଏହି ପ୍ରକ୍ରିୟା ବେଶ ସକରାତ୍ମକ ରହିଛି। ଦଳରୁ ବାଦ ପଡିବା ନେଇ କହିବା ପରେ ମଧ୍ୟ କିଛି ଖେଳାଳି ଏହାକୁ ଅତ୍ୟନ୍ତ ସକରାତ୍ମକ ଢଙ୍ଗରେ ମତ ଦେଇଛନ୍ତି ଯାହା ମୋତେ ଖୁସି ଦେଇଛି ବୋଲି କହିଛନ୍ତି କୋଚ୍। ତେବେ ଆମେରିକାର ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ହିରୋ ରହିଥିବା ରିକାର୍ଡୋ ପେପିଙ୍କୁ ଦଳରୁ ବାଦ ଦିଆଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଟିମ୍ ରିମ୍, ହାଜି ରାଇଟ୍, ଜୋ ସ୍କେଲି ଓ ସନ୍ ଜନ୍‌ସନ୍‌ଙ୍କ ପରି ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଥିବା ବେଳେ ରିକାର୍ଡୋ ପେପି, ଜ୍ୟାକ୍ ଷ୍ଟିଫେନ୍, ପଲ ଆରିଓଲା ଓ ଜୋର୍ଡାନ ପେଫକ୍ ଟିମ୍‌ରୁ ବାଦ ପଡିଛନ୍ତି। ନରୱିଚ୍‌ର ଜୋଶ ସାର୍ଜେଣ୍ଟ ଓ ଆଣ୍ଟାଲିସ୍ପୋର୍ସର ହାଜି ରାଇଟ୍ ଫରୱାର୍ଡ ଖେଳାଳି ଦୌଡରେ ୧୯ ବର୍ଷୀୟ ପେପିଙ୍କୁ ପଛରେ ପକାଇଛନ୍ତି। ଆମେରିକାର ଯୋଗ୍ୟତା ପର୍ଯ୍ୟାୟରେ ୩ ଗୋଲ ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ପେପି। ଏପରିକି ପେପି ମଧ୍ୟ ଏହି ତାଲିକାରେ ବେଶ ଆଗୁଆ ରହିଥିଲେ।

FIFA WORLD CUP
Qatar2022
ଆଉ ୯ ଦିନ

ତେବେ ଦୀର୍ଘ ୩ ଦିନର ବିଶ୍ଳେଷଣ ପରେ କୋଚ୍ ବେରହଲ୍ଟର ତାଙ୍କୁ ଦଳରୁ ବାଦ ଦେଇଛନ୍ତି।

୨୦୧୪ ବିଶ୍ୱକପ ଦଳର ଜଣେ ମାତ୍ର ସଦସ୍ୟ ଏହି ଦଳରେ ସ୍ଥାନ ପାଇଛନ୍ତି। ୨୯ ବର୍ଷୀୟ ରାଇଟ୍ ବ୍ୟାକ୍ ଡିଆଣ୍ଡ୍ରେ ୟେଡ୍‌ଲିନ୍ ଏକମାତ୍ର ଖେଳାଳି ଭାବରେ ରହିଛନ୍ତି। ଅପରପକ୍ଷରେ ୨୦୧୮ ବିଶ୍ୱକପ ଖେଳିଥିବା ଖେଳିଥିବା ଖେଳାଳିଙ୍କ ମଧ୍ୟରେ ୟେଡଲିନ୍, କ୍ରିଷ୍ଟିଆନ୍ ପୁଲିସିକ୍ ,କେଲିନ୍ ଆକୋଷ୍ଟା ଓ ଟିମ୍ ରିମ୍ ଏହି ଦଳରେ ସାମିଲ ଅଛନ୍ତି। ୨୦୧୮ ତ୍ରିନିଦାଦ ପରାଜୟର ଜବାବ ଦେବା ପାଇଁ ଏହର ପ୍ରକୃଷ୍ଟ ସମୟ ବୋଲି କହିଛନ୍ତି ୟେଡଲିନ୍। ମିଡଫିଲ୍ଡର ମାଇଲ୍ସ ରବିନ୍‌ସନ୍ ଓ କ୍ରିସ୍ ରିଚାର୍ଡ୍ସଙ୍କୁ ଆହତ କାରଣରୁ ଦଳରୁ ବାଦ ଦିଆଯାଇଥିବା ବେଳେ ୨୦୨୧ ପରେ ଜାତୀୟ ଦଳକୁ ଫେରିଛନ୍ତି ଟିମ୍ ରିମ୍। ରିମ୍‌ଙ୍କ ବ୍ୟତିତ ମାର୍କ ମ୍ୟାକେଞ୍ଜି ଓ ଏରିକ୍ ପାଲମରଙ୍କୁ ଦଳରେ ସାମିଲ କରାଯାଇଛି। ରିମ୍ ବିଶ୍ୱର ଶ୍ରେଷ୍ଠ ଲିଗରେ ଖେଳୁଥିବାରୁ ତାଙ୍କୁ ପ୍ରାଥମିକତା ଦିଆଯାଇଥିବା କହିଛନ୍ତି କୋଚ୍। ଏନ୍‌ବିଏ ଖେଳାଳି ହାୱାର୍ଡ କାର୍ଟରଙ୍କ ପୁଅ କ୍ୟାମେରୁନ୍ କାର୍ଟର ସେଣ୍ଟ୍ରାଲ ଡିଫେଣ୍ଡର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଆମେରିକାର ୧୪ ଯୋଗ୍ୟତା ପର୍ଯ୍ୟାୟରେ ସ୍ଥାନ ପାଇ ନଥିବା ବେଳେ ଏହା ଆଶ୍ଚର୍ଯ୍ୟ କରିଛି। ଏହି ଦଳରେ ୯ ଜଣ ମେଜର ଲିଗ ଖେଳାଳି ରହିଥିବା ବେଳେ ୮ ଜଣ ଇଂଲିଶ ପ୍ରିମିୟର ଲିଗ୍ ଖେଳାଳି ରହିଛନ୍ତି। ଦଳର ଷ୍ଟାର ଖେଳାଳି ପୁଲିସିକ୍ ଚଳିତ ସିଜନରେ ଚେଲ୍‌ସୀ ପାଇଁ ମାତ୍ର ୫ ମ୍ୟାଚ୍ ଖେଳିଥିବା ବେଳେ ତାଙ୍କ ଫିଟନେସକୁ ନେଇ ସୃଷ୍ଟି ହୋଇଛି ବଡ ପ୍ରଶ୍ନବାଚୀ।

**ଆମେରିକା ଦଳ: ଗୋଲକିପର୍ସ:** ଇଥାନ ହୋରବାଥ୍, ସନ୍ ଜନସନ୍, ମ୍ୟାଟ୍ ଟର୍ନର

**ଡିଫେଣ୍ଡର୍ସ:** କାମେରୁନ୍ କାର୍ଟର ଭାଇକର୍, ସର୍ଗିନୋ ଡେଷ୍ଟ, ଆରୋନ୍ ଲଙ୍ଗ, ଶାକ୍ ମୁର, ଟିମ୍ ରିମ୍, ଆଣ୍ଟୋନୀ ରବିନସନ୍, ଜୋ ସ୍କାଲି, ଡିଆଣ୍ଡ୍ରେ ୟେଡ୍‌ଲିନ୍, ୱାକର ଜିମରମ୍ୟାନ୍।

**ମିଡଫିଲଡର୍ସ:** ବ୍ରେଣ୍ଡନ ଆଣ୍ଡରସନ୍, କେଲିନ୍ ଆକୋଷ୍ଟା, ଟାଇଲର ଆଡାମ୍ସ, ଲୁକା ଡେ ଲା ଟୋରେ, ୱେଷ୍ଟନ୍ ମ୍ୟାକେନି, ୟୁନୁସ ମୁସା, କ୍ରିଷ୍ଟିଆନ୍ ରୋଲଡାନ୍।

**ଫରୱାର୍ଡସ:** ଜେସସ୍ ଫେରେରିଅ, ଜୋର୍ଡାନ୍ ମୋରିସ୍, କ୍ରିଷ୍ଟିଆନ୍ ପୁଲିସିକ୍, ଜିଓ ରେନା, ଜୋଶ୍ ସାର୍ଜେଣ୍ଟ, ଟିମ୍ ୱି, ହାଜି ରାଇଟ୍।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ଗୋଡ଼ ଭାଙ୍ଗିଲା

ବାରଙ୍ଗ,୧୦।୧୧(ଡି.ଏନ୍.ଏ.)- ନନ୍ଦନକାନନ ଥାନା ସମ୍ମୁଖରେ ରଙ୍ଗରୁଟ୍‌ରେ ଆସୁଥିବାବେଳେ ବାଲିବୋଝେଇ ହାଇୱା ସହ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ୍ ଚାଳକଙ୍କ ଗୋଡ ଭାଙ୍ଗିଯାଇଛି। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ପ୍ରକାଶ ଯେ, ଗୁରୁବାର ଦ୍ୱିପ୍ରହର ସମୟରେ ଓଡି୦୨-ଏଚ-୪୧୭୧ନଂ ବାଲିବୋଝେଇ ହାଇୱାଟି ନନ୍ଦନକାନନ ବସଷ୍ଟାଣ୍ଡ ପାଖରୁ ରଙ୍ଗରୁଟରେ ପଦାସାହି ଆଡକୁ ଯାଉଥିଲା। ଅପରପକ୍ଷେ ବାରଙ୍ଗରୁ ଭୁବନେଶ୍ୱର ପଟକୁ ଓଡି୦୫-ଏକେ-୮୩୧୦ନଂ ବାଇକରେ ଆସୁଥିବା ଯୁବକଙ୍କ ହଠାତ୍ ମୁହାଁମୁହିଁ ଆସି ଧକ୍କାଦେଇଥିଲେ। ଫଳରେ ବାଇକ ଚାଳକ ତଳେ ପଡ଼ି ଗୋଡ ଭାଙ୍ଗିଯାଇଥିଲା। ଖବରପାଇ ପୋଲିସ ଆସି ଦୁର୍ଘଟଣାଗ୍ରସ୍ତ ଦୁଇଗାଡ଼ିକୁ ଜବତ କରିବା ହାଇୱା ଡ୍ରାଇଭର ଫେରାର ହୋଇଯାଇଛି।

### ବସ୍ତିବାସିନ୍ଦା ଚିହ୍ନଟ ପାଇଁ ଡ୍ରୋନ୍ ସର୍ବେକ୍ଷଣକୁ ସ୍ୱାଗତ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)- ଓଡ଼ିଶାର ଭୂମିହୀନ ପରିବାରଙ୍କୁ ଭୂମି ପ୍ରଦାନ ପାଇଁ ଦୀର୍ଘ ୨୫ବର୍ଷ ଧରି ଓଡ଼ିଶା ବସ୍ତି ସଂଘର୍ଷ ସମିତି ପକ୍ଷରୁ ଆନ୍ଦୋଳନ କରାଯାଉଥିଲା। ତେବେ ଗୁରୁବାର ୫ଟି ମହାନଗର ନିଗମର ବସ୍ତିବାସିନ୍ଦା ଚିହ୍ନଟ ପାଇଁ ଡ୍ରୋନ୍ ସର୍ବେକ୍ଷଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ନିଷ୍ପତ୍ତିକୁ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି। ଗତ କିଛିଦିନ ତଳେ ରାଜ୍ୟ ସରକାର, ଏନ୍‌ଏସି, ମ୍ୟୁନିସିପାଲିଟିକୁ ୪୦୦ ଏବଂ ୬୦୦ ବର୍ଗଫୁଟ୍ ଜମି ଯୋଗାଇଦେବା ପାଇଁ ଘୋଷଣା କରିଥିବାବେଳେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା ଆଦି ୫ଟି ମହାନଗର ନିଗମ ସେଥିରୁ ବାଦ ପଡ଼ିଥିଲା। ତେବେ ଏହି ମହାନଗର ନିଗମକୁ ଯୋଜନାରେ ଅର୍ନ୍ତଭୁକ୍ତ କରିବା ପାଇଁ ସମିତିର ରାଜ୍ୟ ପ୍ରତିଷ୍ଠାତା ତଥା ସଭାପତି ପ୍ରତାପ କୁମାର ସାହୁଙ୍କ ନେତୃତ୍ୱରେ ବସ୍ତିବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇଥିଲେ। ପରବର୍ତ୍ତୀ ସମୟରେ ଏହି ୫ ମହାନଗର ନିଗମର ବସ୍ତିବାସିନ୍ଦାଙ୍କୁ ୩୦ ବର୍ଗଫୁଟ୍ ଲେଖାଏଁ ଜମି ପ୍ରଦାନ ନିମନ୍ତେ ଜମି ଅଧିକାର ଅଧିନିୟମ ୨୦୧୭ର ଧାରା (୩) ଓ ଉପଧାରା (୨) ବିଭାଗ 'କ' ଅନ୍ତର୍ଗତ ଆଇନରେ ସଂଶୋଧନ କରାଯାଇଥିଲା। ତେବେ ଏହି ସର୍ବେକ୍ଷଣରୁ ଯେପରି ଜଣେ ବି ହିତାଧିକାରୀ ବଞ୍ଚିତ ନ ହେବେ, ସେଥିପାଇଁ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଅନୁରୋଧ କରାଯାଇଛି।

### ଘରେ ପଶି ଚୋରି, ୨ ଭଉଣୀ ଗିରଫ

୨ ମୋବାଇଲ, ୩୩ ହଜାର ଟଙ୍କା ଜବତ

ଭୁବନେଶ୍ୱର,୧୦।୧୧ବ୍ୟୁରୋ)- ଘରେ ପଶି ଚୋରି କରି ଫେରାର ହୋଇଯାଇଥିବା ୨ ଉଭଣୀଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ରେଲୱେ ଷ୍ଟେଶନ ନିକଟରେ ରହୁଥିବା ବିହାରର ସୁଧା ଖରୱାର ଓ ସ୍ୱପ୍ନା ଖରୱାର। ସେମାନଙ୍କଠାରୁ ୨ଟି ମୋବାଇଲ, ୩୩ ହଜାର ୧୫୦ଟଙ୍କା ଜବତ ହୋଇଛି। ପୋଲିସ ସୂଚନାନୁସାରେ, ଅଭିଯୁକ୍ତା ୨ ଭଉଣୀ ଜଣେ ବ୍ୟକ୍ତିଙ୍କୁ ବିବାହ କରି ଷ୍ଟେଶନ ନିକଟରେ ରହନ୍ତି। ହେଲେ ଗୁରୁବାର ସକାଳେ ୨ ଭଉଣୀ ପୁରୁଣା ଭୁବନେଶ୍ୱରର ଗୋବିନ୍ଦେଶ୍ୱରରେ ରହୁଥିବା କୁମାରୀ ଇତିଶ୍ରୀଙ୍କ ଉପର ମହଲାକୁ ଯାଇ ୨ଟି ମୋବାଇଲ ଓ ଟଙ୍କା ଭର୍ତ୍ତି ଥିବା ବାକ୍ସକୁ ନେଇ ପଳାଇଯାଇଥିଲେ। ଫେରିବାବେଳେ ହାତରେ ବାକ୍ସ ଧରି ସନ୍ଦେହଜନକ ଅବସ୍ଥାରେ ୨ ଭଉଣୀ ଫେରୁଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସେମାନଙ୍କୁ କାବୁ କରି ଅଟକ ରଖି ପିସିଆରକୁ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବାରୁ ଟଙ୍କା ବାକ୍ସ ଥିବା ଦେଖି ପୋଲିସ ୨ମହିଳାଙ୍କୁ ଥାନାକୁ ନେଇଥିଲେ। ଏନେଇ ଇତିଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବାରୁ ପୋଲିସ ପଚରାଉଚରା ବେଳେ ମହିଳାଦ୍ୱୟ ଚୋରି କରିଥିବା ସ୍ୱୀକାର କରିଥିଲେ। ଅନ୍ୟପଟେ ଉଭୟଙ୍କର ୨ ବର୍ଷ ଓ ୨ ମାସର ଗୋଟିଏ ଛୁଆ ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

# ନ୍ୟାୟ ପାଇଁ ଥାନାରେ ଶୋଇଲେ, ରାସ୍ତାରେ ବସିଲେ

ଭୁବନେଶ୍ୱର,୧୦।୧୧ବ୍ୟୁରୋ)







ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ନାବାଳକଙ୍କ ହତ୍ୟା ଘଟଣାକୁ ୫ ମାସରୁ ଅଧିକ ଦିନ ବିତିଲାଣି, ହେଲେ ଏଯାଏ ପୋଲିସ ଚୁପ୍ ବସିଛି। ମୃତକଙ୍କ ପରିବାର ସଦସ୍ୟ ବାରମ୍ବାର ନ୍ୟାୟ ଆଶାରେ ଥାନାକୁ ଦୌଡ଼ି ହତାଶ ହୋଇଛନ୍ତି। ପୋଲିସ ସହଯୋଗ ବଦଳରେ ନାନା ହଇରାଣ କରିବାରୁ ଶେଷରେ ପୂରା ପରିବାର ପିଲାଛୁଆ ଧରି ଗୁରୁବାର ଥାନାରେ ଧାରଣା ଦେଇଥିଲେ। ପୁଅ ମୃତ୍ୟୁରେ ଭାଙ୍ଗି ପଡିଥିବା ବାପା ଥାନାରେ ଶୋଇ ରହି ପ୍ରତିବାଦ କରିଥିବାବେଳେ ମା' ଛୋଟ ପିଲାଙ୍କୁ ଧରି ଥାନା ସମ୍ମୁଖ ରାସ୍ତାରେ ଧାଡ଼ି ହୋଇ ଦୀର୍ଘ ସମୟ ଧରି ବସି ରହିଥିଲେ। ଏହି ଘଟଣା ଚନ୍ଦ୍ରଶେଖରପୁର ଥାନା ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ବହୁ ବୁଝାଶୁଝା ପରେ ସେମାନେ ଧାରଣାରୁ ଉଠିଥିଲେ।

ସୂଚନାନୁଯାୟୀ, ଗତ ୫ମାସ ତଳେ ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତିରେ ଦୈତରାଜ ନାୟକ (୧୭) ନାମକ ଜଣେ ନାବାଳକ ହଠାତ କେଉଁଆଡେ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏହାର ୩ଦିନ ପରେ ଭରତପୁର ଜଙ୍ଗଲ ପାର୍ଶ୍ୱ ଟ୍ରେଞ୍ଚ ମଧ୍ୟରୁ ଉଲଗ୍ନ ଅବସ୍ଥାରେ ଦୈତରାଜଙ୍କ ଗଳିତ ମୃତଦେହ ଜବତ କରିଥିଲା ପୋଲିସ। ପୁଅକୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ସହ ଏଥିରେ ୨ଜଣଙ୍କର ସମ୍ପୃକ୍ତି ଥିବା ନେଇ ପୋଲିସକୁ କହିଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାସହ ଉକ୍ତ ୨ଜଣଙ୍କୁ ଥାନାକୁ ଡାକି ପଚରାଉଚରା କରି କୌଣସି ପ୍ରମାଣ ନ ମିଳିବାରୁ ଛାଡି ଦେଇଥିଲା। ଏହାକୁ ନେଇ ମୃତକଙ୍କ ପରିବାର ଲୋକେ ପୋଲିସର ତଦନ୍ତକୁ ନେଇ ସନ୍ଦେହ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଏହି ଘଟଣା ପରଠାରୁ ମୃତକଙ୍କ ପରିବାର ଓ ଉକ୍ତ ୨ ବ୍ୟକ୍ତିଙ୍କ ପରିବାର ମଧ୍ୟରେ ଅନେକଥର ଗଣ୍ଡଗୋଳ ହେଲାଣି। ଏପରିକି ଗଣ୍ଡଗୋଳ ଘଟଣାରେ ପୋଲିସ ଉଭୟ ପକ୍ଷରୁ ଗିରଫ କରିଥିଲେ ମଧ୍ୟ ହତ୍ୟା ମାମଲାରେ ଚୁପ୍ ବସିଛି। ହତ୍ୟାର କାରଣ ଓ ଅଭିଯୁକ୍ତଙ୍କ ସମ୍ପର୍କରେ କିଛି ବି ସୂଚନା ଦେଇପାରୁନି ପୋଲିସ। ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଛାଡି ଦେଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ ଆଣି ପ୍ରତିବାଦରେ ଏଭଳି ଅଭିନବ ଧାରଣା ଦେଇଥିଲେ।

**ନାବାଳକଙ୍କ ହତ୍ୟା ଘଟଣା: ଚୁପ୍ ବସିଛି ଚନ୍ଦ୍ରଶେଖରପୁର ପୋଲିସ**

## ନାମ ସଂକୀର୍ତ୍ତନ ବାଲିଯାତ୍ରା ମହୋତ୍ସବ ଆରମ୍ଭ

ବାରଙ୍ଗ,୧୦।୧୧(ଡି.ଏନ୍.ଏ.)

ପୁରୁଣା ବାରଙ୍ଗଠାରେ ଆଧାମ୍ୱିକ ଉତ୍ସ ୪୮ମଣ୍ଡଳ ନାମସଙ୍କୀର୍ତ୍ତନ ବାଲିଯାତ୍ରା ମହୋତ୍ସବ ଗୁରୁବାର ଆରମ୍ଭ ହୋଇଯାଇଛି। ଏହି ଅବସରରେ ଠାକୁର ମଦନମୋହନଙ୍କୁ କଣ୍ଟାପାଟଣାସ୍ଥିତ ମଠ ମନ୍ଦିରରୁ ବାଲିଯାତ୍ରା ଉତ୍ସବସ୍ଥଳକୁ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ଅଣାଯାଇ ମହୋତ୍ସବ ଆରମ୍ଭ ହୋଇଥିଲା। ଏହାପରେ ସନ୍ଧ୍ୟା ସମୟରୁ ଆରମ୍ଭ ହୋଇଥିଲା ୪୮ମଣ୍ଡଳ ପକ୍ଷରୁ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ। ଆଖପାଖ ଗ୍ରାମରୁ ବହୁ ସଙ୍କୀର୍ତ୍ତନ ମଣ୍ଡଳୀ ଆସି ଏଥିରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଏହି କାର୍ଯ୍ୟକ୍ରମ ଦ୍ୱାରା ପରମ୍ପରା ବଜାୟ ରହିବା ସହ ଆଗାମୀ ପିଢ଼ି ଏହି ପରମ୍ପରା ଆଗକୁ ନେବାରେ ସହାୟକ ହେବେ ବୋଲି ମତପ୍ରକାଶ କରିଥିଲେ। ଏହି ମହୋତ୍ସବ ଚାରିଦିନ ଧରି ଚାଲିବ। ଉଦ୍‌ଯାପନ ଦିବସ ଦିନ କାର୍ତ୍ତିକେଶ୍ୱର ଭସାଣି ଶୋଭାଯାତ୍ରାରେ ସାମିଲ ହେବାକୁ ଥିବା ସମସ୍ତ ମେଢ଼ଗୁଡିକୁ ଭୋଗହାଣ୍ଡି ଓ କର୍ମକର୍ତ୍ତାମାନଙ୍କୁ ସମ୍ମାନିତ କରାଯିବ।

# ବାଲିଯାତ୍ରାରେ ଅରୁନ୍ଧତୀର ଆକର୍ଷଣୀୟ ମଣ୍ଡପ




କଟକ ବାଲିଯାତ୍ରା ପଡିଆରେ ଅରୁନ୍ଧତୀ ଜୁଏଲର୍ସର ମଣ୍ଡପକୁ କଟକ ମେୟର ସୁବାସ ସିଂ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୧୦।୧୧:

ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସ ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରାରେ ଅଂଶ ଗ୍ରହଣ କରିଛି। ଏପରିକି ବାଲିଯାତ୍ରା ପଡ଼ିଆରେ ମଧ୍ୟ ଏକ ଆକର୍ଷଣୀୟ ମଣ୍ଡପ (ଷ୍ଟଲ୍) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଟକ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ଗ୍ରାହକଙ୍କ ପସନ୍ଦ ଓ ଅରୁନ୍ଧତୀ ପ୍ରତି ଭଲପାଇବାକୁ ଦୃଷ୍ଟିରେ ରଖି ଏଭଳି ଏକ ମଣ୍ଡପର ଶୁଭାରମ୍ଭ କରାଯାଇଥିବା ଅରୁନ୍ଧତୀ ପକ୍ଷରୁ କୁହାଯାଇଛି। ସେହିଭଳି ବାଲିଯାତ୍ରାରେ ଅଗଣିତ ଓଡ଼ିଶାବାସୀଙ୍କ ସହ ଯୋଡ଼ି ହେବା ଓ ସେମାନଙ୍କ ପାଇଁ କିଛି ନୂତନ ସାମଗ୍ରୀ ସହ ଆକର୍ଷଣୀୟ ଉପହାର ମଧ୍ୟ ଯାତ୍ରା ଉପଲକ୍ଷେ ପ୍ରଦାନ କରାଯାଉଛି। ଏପରିକି ପ୍ରତିଦିନ ୧୦ ଜଣ ଭାଗ୍ୟଶାଳୀ ଗ୍ରାହକଙ୍କୁ ଆକର୍ଷଣୀୟ ଉପହାର (ଲକି ଡ୍ର'ର ବିଜେତା ଭାବେ) ପ୍ରତି କ୍ରୟ ଉପରେ ଦିଆଯାଉଛି। ବାଲିଯାତ୍ରା ପରିପ୍ରେକ୍ଷୀରେ ଚଳିତ ରିହାତି ଅଫର ସହ ଅତିରିକ୍ତ ୫%ର ରିହାତି ମଧ୍ୟ ବାଲିଯାତ୍ର ଷ୍ଟଲରୁ ଗଢ଼ା ମଜୁରି ଉପରେ ପାଇପାରିବେ।

ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପ୍‌ର ସିଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଅତୁଟ ବିଶ୍ୱାସ ଯୋଗୁ ଅରୁନ୍ଧତୀ ଆଜି ରାଜ୍ୟର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ୍ ଭାବେ ପ୍ରତିଷ୍ଠିତ ହୋଇପାରିଛି। ଅରୁନ୍ଧତୀର ହଜାର ହଜାର ଗ୍ରାହକ ଓ ଶୁଭେଚ୍ଛୁଙ୍କୁ ହୃଦୟର ଅନ୍ତରରୁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିବା ସହ ଅରୁନ୍ଧତୀ ଜୁଏଲର୍ସ ଖୁବ୍‌ଶୀଘ୍ର କଟକ ସହରରେ ତା'ର ନୂତନ ଫ୍ଲାଗ୍‌ଶିପ୍ ଶୋ'ରୁମ୍ ଖୋଲିବାକୁ ଯାଉଛି ବୋଲି ମେହେର ମତ ପ୍ରକାଶ କରିଛନ୍ତି।

## ୪ ମାନସିକ ବିକୃତ ରୋଗୀଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଆଶ୍ରୟ

କଣାସ,୧୦।୧୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ମାନସିକ ବିକୃତ ୟୁନିଟ୍‌ରେ ଗୁରୁବାର ୪ଜଣ ମାନସିକ ବିକୃତ ରୋଗୀଙ୍କୁ ଥଇଥାନ କରାଯାଇଥିବା ଜଣାପଡିଛି। ସୂଚନା ମୁତାବକ, ପୁରୀ ଜିଲା ଗୋଲା ସାହିରେ ପ୍ରତିଷ୍ଠିତ ଶ୍ରୀନୃସିଂହଦେବ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ମାନସିକ ବିକୃତ ରୋଗୀଙ୍କୁ ଉଦ୍ଧାର କରାଯାଇଛି। ପୁରୀ ରେଳ ଷ୍ଟେଶନରୁ ଶୋଭା ସାହୁ (୨୯) ଏବଂ ରମେଶ ଚନ୍ଦ୍ର ପଡିଆରୀ (୪୫), ଜଗନ୍ନାଥ ମନ୍ଦିର ନିକଟରୁ ମନୋଜ ଦଳାଇ (୩୫) ଏବଂ ଗୋପ ବଜାରରୁ ମୁକେଶ ଘଡେଇ (୨୧)ଙ୍କୁ ଉଦ୍ଧାର କରାଯାଇଛି। ଜିଲା ସୋସିଆଲ୍ ସିକ୍ୟୁରିଟି ଅଫିସରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୪ଜଣଙ୍କୁ ପରିଷଦର ସମ୍ପାଦକ ମମତା ମିଶ୍ର ଉକ୍ତ ରୋଗୀଙ୍କୁ ନୀଳାଚଳ ସେବା ପ୍ରତିଷ୍ଠାନରେ ଥଇଥାନ ପାଇଁ ଛାଡି ଦେଇଥିବା ଜଣାପଡିଛି।

# ସିଂହଦ୍ୱାର କବାଟ ଲାଗିବା କାର୍ଯ୍ୟ ଆରମ୍ଭ



**ଶ୍ରୀଲିଙ୍ଗରାଜ ମନ୍ଦିର**

ପୁରୁଣା ଭୁବନେଶ୍ୱର,୧୦।୧୧(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାରରେ ଲାଗିଥିବା ମୁଖ୍ୟ କବାଟ ବଦଳା ଯାଇଛି। ନୂଆ କବାଟ ଲାଗିବା କାର୍ଯ୍ୟ ଗୁରୁବାର ଠାରୁ ଆରମ୍ଭ ହୋଇଛି। ୧୪ ଫୁଟ ୬ଇଞ୍ଚ ଲମ୍ବ, ୮ଫୁଟ ଓସାର ବିଶିଷ୍ଟ ବିଭିନ୍ନ କାରୁକାର୍ଯ୍ୟରେ ତିଆରି ହୋଇଥିବା ଏହି କବାଟ ଶାଗୁଆନ କାଠରେ ନିର୍ମାଣ ହୋଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ତତ୍ତ୍ୱାବଧାନରେ କୁଶଳୀ କାରିଗର କବାଟ ଲଗାଯିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏଏସ୍ଆଇ, ଶ୍ରମିକ ଏବଂ ପୁରୀ ଜଗନ୍ନାଥ ମନ୍ଦିର କବାଟ ନିର୍ମାଣକାରୀ ମହାରଣାଙ୍କ ସମେତ ୩ଜଣ ମହାରଣାଙ୍କୁ ମିଶାଇ ମୋଟ୍ ୨୫ଜଣ ଏଥିରେ ନିୟୋଜିତ ରହି କାର୍ଯ୍ୟ କରୁଛନ୍ତି ବୋଲି ଏଏସ୍ଆଇ ସଂରକ୍ଷଣ ଅଧିକାରୀ ମାନସ ରଞ୍ଜନ ସାହୁ କହିଛନ୍ତି। କବାଟ ଲାଗିବା ପରେ ଯଦି କେଉଁ ଦାତା ରୁପା କିମ୍ବା ପିତ୍ତଳ ଦାନ କରନ୍ତି କବାଟରେ ଲାଗାଇ ଦିଆଯିବାର ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟ ପାଇଁ ଶ୍ରଦ୍ଧାଳୁମାନେ ଉତ୍ତର ଦ୍ୱାର ଦେଇ ଠାକୁରଙ୍କ ଦର୍ଶନ କରିଥିଲେ। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ କବାଟ ଲଗାଇବା କାର୍ଯ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଏକାଦଶ ଶତାବ୍ଦୀର ଶ୍ରୀଲିଙ୍ଗରାଜ ମନ୍ଦିରର ମୁଖ୍ୟ କବାଟ ଅବକ୍ଷୟ ଯୋଗୁ ପ୍ରାୟ ୩ଥର ମରାମତି ସହ ବଦଳା ଯାଇଥିବା ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି। ଗତ ଫନୀ ବାତ୍ୟାରେ ସିଂହଦ୍ୱାରର ମୁଖ୍ୟ କବାଟ ଏବଂ କବାଟରେ ଥିବା ଗୁପ୍ତ ଝରକା ଭାଙ୍ଗିଯାଇଥିଲା। ସେବେଠାରୁ ଏହି କବାଟ ବଦଳାଇବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଆସୁଥିଲା।

# ମାଣ୍ଡିଆରେ ମହାପ୍ରଭୁ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)



ରାଜ୍ୟରେ ଛୋଟ ଚାଷୀ, ଆଦିବାସୀମାନେ ପ୍ରାୟତଃ ମାଣ୍ଡିଆ ଚାଷ କରିଥାନ୍ତି। ମାଣ୍ଡିଆର ଗୁଣବତ୍ତା ଓ ପୃଷ୍ଟିକର ହୋଇଥିବାରୁ ଦିନକୁ ଦିନ ରାଜ୍ୟ ତଥା ରାଜ୍ୟ ବାହାରେ ଏହାର ଆଦୃତ ବଢ଼ିବାରେ ଲାଗିଛି। ମାଣ୍ଡିଆର ବିଶେଷତ୍ୱକୁ ଦୃଷ୍ଟି ରଖି ପ୍ରତି ବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ପାଳନ କରିବା ନିମନ୍ତେ ଓଡ଼ିଶା ସରକାର ନିଷ୍ପତ୍ତି ଦେଇଛନ୍ତି। ତେବେ ଏହି ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ପ୍ରୟାସ କରିଛନ୍ତି ଜଣାଶୁଣା ଚିତ୍ରଶିଳ୍ପୀ ପ୍ରିୟଙ୍କା ସାହାଣୀ। ମିନିଏଚର୍ ଆର୍ଟ ମାଧ୍ୟମରେ ସେ ମାଣ୍ଡିଆର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେବାକୁ ଚାହିଁଛନ୍ତି। ସୋରିଷଠାରୁ ଆକାରରେ ସାନ ଦେଖାଯାଉଥିବା ଏହି ମାଣ୍ଡିଆରେ ସେ ପ୍ରସ୍ତୁତ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଚିତ୍ର ପ୍ରସ୍ତୁତ କରିଛନ୍ତି। ୦.୧ ବ୍ୟାସ ବିଶିଷ୍ଟ ଗୋଟିଏ ଗୋଟିଏ ମାଣ୍ଡିଆ ଦାନାରେ ସେ ଏପରି ସୂକ୍ଷ୍ମ ଚିତ୍ରକଳା କରିଛନ୍ତି। ବିଭିନ୍ନ ରଙ୍ଗ ବ୍ୟବହାର କରି ସେ ଅବିକଳ ତିନିଠାକୁରଙ୍କ ଚିତ୍ର ପ୍ରସ୍ତୁତ କରିଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟିବେ ସିଲ୍‌ଭର ଗାନ୍ଧୀ

ସାକ୍ଷୀଗୋପାଳ,୧୦।୧୧
(ଡି.ଏନ୍.ଏ/ସ୍ୱ.ପ୍ର.)

ଶାନ୍ତି, ମୈତ୍ରୀ, ଏକତା ଓ ସ୍ୱଚ୍ଛତା ବାର୍ତ୍ତା ନେଇ ସଚେତନତା ଅଭିଯାନ ଚଳାଇଥିବା ପୁରୀ ଜିଲା ଡେଲାଙ୍ଗ ଗାନ୍ଧୀପୀଠ ରେବୋଇ ଗ୍ରାମର ମୋହନ ମହାପାତ୍ର ଓରଫ ସାଇରାମ ବାବା ସିଲଭର ଗାନ୍ଧୀ ଭାବେ ପରିଚିତ। ସେ ସିଲଭର ଗାନ୍ଧୀ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲି ବିଭିନ୍ନ ସଚେତନତା ଅଭିଯାନ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଶୁକ୍ରବାର ପୂର୍ବାହ୍ନରେ ମହାମହିମ ରାଷ୍ଟ୍ରପତିଙ୍କୁ ରାଜଭନରେ ଭେଟିବାର କାର୍ଯ୍ୟକ୍ରମ ରଖିଛନ୍ତି। ଏଥିପାଇଁ ଗୁରୁବାର ସନ୍ଧ୍ୟାରେ ଏହି ସାମାଜିକ କର୍ମୀ ସାକ୍ଷୀଗୋପାଳ ମନ୍ଦିରଠାରୁ ଯାତ୍ରା ଆରମ୍ଭ କରିଛନ୍ତି। ଓଡ଼ିଆ ଝିଅ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ସେ ସାକ୍ଷୀଗୋପାଳ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଐତିହ୍ୟ ସମ୍ପର୍ଣ୍ଣ ସତ୍ୟବାଦୀ ବକୁଳବନ, ପର୍ଯ୍ୟଟନ କ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିରର ବିକାଶ ନିମନ୍ତେ ସେ ରାଷ୍ଟ୍ରପତିଙ୍କୁ ନିବେଦନ କରିବେ ବୋଲି କହିଛନ୍ତି। ଏହି ଯାତ୍ରା ପାଇଁ ସାକ୍ଷୀଗୋପାଳ ମନ୍ଦିର ସେବାୟତ ଓ ସ୍ଥାନୀୟ ବ୍ୟକ୍ତିମାନେ ସିଲଭର ଗାନ୍ଧୀଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କ ଯାତ୍ରା ସଫଳ କାମନାକରି ଠାକୁରଙ୍କ ବାନାଟିଏ ପ୍ରଦାନ କରିଥିଲେ।

# ବିଲରେ ବିଦେଶାଗତ ପକ୍ଷୀ

ନିରାକାରପୁର,୧୦।୧୧(ଡି.ଏନ୍.ଏ.)

**ପାଟ୍ରୋଲିଂ ବ୍ୟବସ୍ଥା କରାଯାଉ**

ଶୀତର ପ୍ରକୋପ ବଢ଼ିଥିବା ବେଳେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ମଧ୍ୟ ଆଗମନ ବଢ଼ିଛି। ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଖୋର୍ଦ୍ଧା ଜିଲା ଡିଆ ଏବଂ ଏହାର ଆଖପାଖ ପଞ୍ଚାୟତ ଅଞ୍ଚଳର ବିଲ ଗହିରରେ ବୁଲୁଥିବା ଦେଖିବାକୁ ମିଳିଛି। ପକ୍ଷୀଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟ ଭିଡ ଜମୁଛି। ତେବେ ପକ୍ଷୀଙ୍କ ସୁରକ୍ଷା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅଞ୍ଚଳ ଗୁଡ଼ିକରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା ନ ଥିବା ବେଳେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ରହିଥିବା ଜଣାପଡ଼ିଛି। ଏନେଇ ଟାଙ୍ଗୀ ବନ୍ୟାପ୍ରାଣୀ ଅଧିକାରୀ ଚୁଡାମଣି ମୁର୍ମୁ କୁହନ୍ତି, ପକ୍ଷୀମାନେ ଏତେ ଦୂରକୁ ଯାଉଥିବା ଖବର ନ ଥିଲା। ଖୁବଶୀଘ୍ର ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



# ପାରମ୍ପରିକ ବାଦ୍ୟ, ନୃତ୍ୟରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ

ଭୁବନେଶ୍ୱର, ୧୦।୧୧ (ବ୍ୟୁରେ)

ରାଷ୍ଟ୍ରପତି ହେବାପରେ ଦ୍ରୌପଦୀ ମୁର୍ମୁ ପ୍ରଥମଥର ଓଡ଼ିଶା ଗସ୍ତରେ ଆସିଛନ୍ତି। ଓଡ଼ିଶା ମାଟିର ଝିଅଙ୍କୁ ସ୍ୱାଗତ ଜଣାଇବା ପାଇଁ ଗୁରୁବାର ଏୟାରପୋର୍ଟ ସମେତ ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ବିମାନବନ୍ଦରରୁ ରାଷ୍ଟ୍ରପତିଙ୍କ କାର୍‌କେଡ୍ ବାହାରିବା ପରେ ପାରମ୍ପରିକ ବାଦ୍ୟ ଢୋଲ, ମହୁରୀ, ତୁରୀ ସାଙ୍ଗକୁ ଶଙ୍ଖ ଓ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ପରିବେଶ। ଏହା ସାଙ୍ଗକୁ ରଣପା, ସାନ୍ତାଳୀ ନୃତ୍ୟର ତାଳେ ତାଳେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯାଇଥିଲା। ଅଧିକାଂଶ ଲୋକଙ୍କ ହାତରେ ଥିଲା ଜାତୀୟ ପତାକା ହଲାଇ ପ୍ଲା-କାର୍ଡ। ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନ ସଦସ୍ୟଙ୍କ ସହ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ସାଧାରଣ ଲୋକ ବାଟସାରା ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ଦେଖିବା ସହ ନିଆରା ଅନୁଭବ ସାଉଣ୍ଟିଥିଲେ। ରାଷ୍ଟ୍ରପତି ପ୍ରଥମେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳ ପରିଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ।



### ଛାତ୍ରୀଛାତ୍ରଙ୍କ ଭିତରେ ଉତ୍ସାହ

ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଜ୍ୟ ସରକାରଙ୍କ ଘୋଷଣାକ୍ରମେ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ସ୍କୁଲ ଓ କଲେଜକୁ ଅପରାହ୍ନ ୧ଟା ପରେ ଛୁଟି କରାଯାଇଥିଲା। ଫଳରେ ରାଷ୍ଟ୍ରପତିଙ୍କ ଦେଖିବା ପାଇଁ ବିଭିନ୍ନ ଛକ ସ୍ଥାନରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ସମସ୍ତଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ।

### ଆଲୋକରେ ଝଲସିଲା ରାଜଭବନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ଜଣାଇବା ପାଇଁ ବୁଧବାର ରାତିରୁ ରାଜଭବନକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜା ଯାଇଥିଲା। ଜାତୀୟ ପତାକା ତ୍ରିରଙ୍ଗା ଆକୃତିର ଆଲୋକ ସାଙ୍ଗକୁ ଝଲମଲ ଆଲୋକ ସଜ୍ଜା ରାଜଧାନୀବାସୀଙ୍କ ମନରେ ଦେଶପ୍ରୀତିର ଭାବନା ସୃଷ୍ଟି କରିଥିଲା।



ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୦।୧୧।୨୦୨୨

| ୨,୧୭,୧୯୨ ଟଙ୍କା | |
|---|---|
| ସୁନା | ମିଳି ନାହିଁ |
| ରୁପା | ୪୧.୪୦୦ ଗ୍ରାମ |

# ଖରିଫ ଧାନ ଫସଲ ଖାଇଗଲେ ଚକଡ଼ା ପୋକ

## ଚାଷୀମୁଣ୍ଡରେ ଚଡ଼କ

ଡେଲାଙ୍ଗ,୧୦।୧୧(ଡି.ଏନ୍.ଏ.)

ଫସଲରେ ଚକଡା ପୋକ ଯୋଗୁ ଏବେ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ପରିବାର ପ୍ରତିପୋଷଣ କରିବା ପାଇଁ ଧାର କରଜ କରି ଧାନ ଫସଲ କରିଥିବା ଚାଷୀ ଏବେ ଚକଡା ପୋକ ଯୋଗୁ ହିନସ୍ତା ଭୋଗୁଛନ୍ତି। ଧାନ ଫସଲକୁ ରୋଗ ପୋକ ଦାଉରୁ ରକ୍ଷା କରିବାକୁ ଚାଷୀ କୀଟନାଶକ ବ୍ୟବହାର କରୁଥିଲେ ମଧ୍ୟ ପୋକ ଥମିବାର ନା ନେଉନି। କ୍ଷେତରେ ଧାନଗଛ ମୂଳ ଶଢିଯିବା ସହିତ ଅରାଏ ଅରାଏ ଚକଡା ଆକୃତିର ଧାନଗଛ ଜଳି ମରିଯାଉଛି।

ସୂଚନା ଅନୁଯାୟୀ, ଗୁଆଳିପଡା ପଞ୍ଚାୟତ ହୁମର ଗ୍ରାମରେ ଚକଡା ପୋକ ଖାଇ ଧାନ ଫସଲ ନଷ୍ଟ କରିଥିବା ଖବର ମିଳିଥିଲା। ସ୍ଥାନୀୟ ଚାଷୀମାନେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗଣମାଧ୍ୟମର ଆଶ୍ରୟ ନେଇଛନ୍ତି। ଖବରପାଇ ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ଧାନକ୍ଷେତ ପରିଦର୍ଶନ କରିଥିଲେ। ହୁମର ମୌଜା ଓ ସନ୍ନିକଟ ପୋଷଲ ମୌଜାରେ ଅନେକ ଚାଷୀଙ୍କ ଧାନ କ୍ଷେତକୁ ଚକଡା ପୋକ ଅକ୍ତିଆର କରିଥିବା ଦେଖିବାକୁ ମିଳିଥିଲା। ହୁମର ମୌଜାର ଦୀପେଇ ଜେନା, କାଳନ୍ଦୀ ଚରଣ ଜେନା, ବାସନ୍ତୀ ଜେନା, ରଘୁଆ ବେହେରା, ଅଜୟ ପରିଡା, ମହିଆ ଜେନା, ଗୋବିନ୍ଦ ବେହେରା, ଭାଗବତ ନାୟକ ପ୍ରମୁଖଙ୍କ ଧାନଜମି ଚକଡା ପୋକ ଖାଇ ନଷ୍ଟ ହୋଇଯାଇଛି। ଖରିଫ ଧାନ ଫସଲ ପାଇଁ ଚାଷୀ କୃଷି ବିଭାଗଠାରୁ ପୂଜା, ନାଲି ମସୁରୀ ୨୫ କେଜିକୁ ୫୫୦ ଟଙ୍କା ଦେଇ କିଣିଥିଲେ। କିନ୍ତୁ ଏବେ ଚକଡା ଫସଲ ଉଜାଡ଼ି ଦେଇଥିବା ଚାଷୀ ସୁମନ୍ତ ପରିଡ଼ା କହିଛନ୍ତି। ପୋକ ଦାଉରୁ ଫସଲକୁ ରକ୍ଷା କରିବାକୁ ଔଷଧ ଦୋକାନୀଙ୍କଠାରୁ ପରାମର୍ଶ ନେଇ ନୁଭାନ, ୟୁନିମେଟ୍ରୋ ସହିତ ଆହୁରି ଅନ୍ୟ ମେଡିସିନ ପକାଇଥିଲେ। ହେଲେ ପୋକ ଦାଉରୁ ନିସ୍ତାର ମିଳି ନ ଥିଲା। ସାଧାରଣତଃ ରୋଗ, ପୋକ ଓ ସାର ବ୍ୟବହାର ପାଇଁ କୃଷି ପରାମର୍ଶଦାତା ଚାଷୀଙ୍କୁ ସଚେତନ କରିବା କଥା, ହେଲେ କୃଷି ପରାମର୍ଶଦାତା ଚାଷୀଙ୍କ ନିକଟରେ ପହଞ୍ଚି ପାରି ନ ଥିବାବେଳେ ଚାଷୀମାନେ ପରାମର୍ଶଦାତାଙ୍କୁ ଚିହ୍ନି ନ ଥିବା ଅଭିଯୋଗ କରିଛନ୍ତି। ଯଥାଶୀଘ୍ର କୃଷି ବିଭାଗ ଚାଷୀଙ୍କ ନିକଟରେ ପହଞ୍ଚି ସମସ୍ୟା ସମାଧାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀ ଦାବି କରିଛନ୍ତି।



ଚାଷୀମାନେ ଜମିରେ ଫସଲ ଦେଖୁଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟିବେ ସିଲଭର ଗାନ୍ଧୀ

ସାକ୍ଷୀଗୋପାଳ,୧୦।୧୧ (ଡି.ଏନ୍.ଏ/ସ୍ୱ.ପ୍ର.)

ଶାନ୍ତି, ମୈତ୍ରୀ, ଏକତା ଓ ସ୍ୱଚ୍ଛତା ବାର୍ତ୍ତା ନେଇ ସଚେତନତା ଅଭିଯାନ ଚଳାଇଥିବା ପୁରୀ ଜିଲା ଡେଲାଙ୍ଗ ଗାନ୍ଧୀପୀଠ ରେବୋଇ ଗ୍ରାମର ମୋହନ ମହାପାତ୍ର ଓରଫ ସାଇରାମ ବାବା ସିଲଭର ଗାନ୍ଧୀ ଭାବେ ପରିଚିତ। ସେ ସିଲଭର ଗାନ୍ଧୀ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲି ବିଭିନ୍ନ ସଚେତନତା ଅଭିଯାନ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଶୁକ୍ରବାର ପୂର୍ବାହ୍ନରେ ମହାମହିମ ରାଷ୍ଟ୍ରପତିଙ୍କୁ ରାଜଭବନରେ ଭେଟିବାର କାର୍ଯ୍ୟକ୍ରମ ରଖିଛନ୍ତି। ଏଥିପାଇଁ ଗୁରୁବାର ସନ୍ଧ୍ୟାରେ ଏହି ସାମାଜିକ କର୍ମୀ ସାକ୍ଷୀଗୋପାଳ ମନ୍ଦିରଠାରୁ ଯାତ୍ରା ଆରମ୍ଭ କରିଛନ୍ତି। ଓଡ଼ିଆ ଝିଅ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ସେ ସାକ୍ଷୀଗୋପାଳ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଐତିହ୍ୟ ସମ୍ପର୍ଣ୍ଣ ସତ୍ୟବାଦୀ ବକୁଳବନ, ପର୍ଯ୍ୟଟନ କ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିରର ବିକାଶ ନିମନ୍ତେ ସେ ରାଷ୍ଟ୍ରପତିଙ୍କୁ ନିବେଦନ କରିବେ ବୋଲି କହିଛନ୍ତି। ଏହି ଯାତ୍ରା ପାଇଁ ସାକ୍ଷୀଗୋପାଳ ମନ୍ଦିର ସେବାୟତ ଓ ସ୍ଥାନୀୟ ବ୍ୟକ୍ତିମାନେ ସିଲଭର ଗାନ୍ଧୀଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କ ଯାତ୍ରା ସଫଳ କାମନାକରି ଠାକୁରଙ୍କ ବାନାଟିଏ ପ୍ରଦାନ କରିଥିଲେ।




ସାକ୍ଷୀଗୋପାଳ ମନ୍ଦିର ସେବାୟତ ଓ ସ୍ଥାନୀୟ ବ୍ୟକ୍ତିମାନେ ସିଲଭର ଗାନ୍ଧୀଙ୍କୁ ସ୍ୱାଗତ ଜଣାଉଛନ୍ତି।

## ସଂକ୍ଷେପରେ

### ଚକ୍ଷୁ ଶିବିରରେ ଚିକିତ୍ସିତ ହେଲେ ୬୮

**କୋଣାର୍କ,୧୦।୧୧(ଡି.ଏନ୍.ଏ.):** କୋଣାର୍କସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ କୋଣାର୍କ ସେବା ସଂଗଠନ ଓ ଡ. ଅଗ୍ରୱାଲ ଆଇ ହସ୍ପିଟାଲ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳିକା ସଂଯୁକ୍ତା ତ୍ରିପାଠୀ, ଉପନଗରପାଳ ସୁରେଶଚନ୍ଦ୍ର ରାଉତରାୟ, ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ଶୋଭନୀୟ ଶିକ୍ଷାଶ୍ରମ ଅଧକ୍ଷା ବିଦ୍ୟୁଲତା ଶତପଥୀ, କାଳୀ ମନ୍ଦିର ମୁଖ୍ୟ ଦୁଃଶାସନ ନାୟକ, କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଏବଂ ହୃଦାନନ୍ଦ ସେଠୀ, ୫ନଂ. ୱାର୍ଡ କାଉନ୍ସିଲର ନୀହାର ରଞ୍ଜନ ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଚକ୍ଷୁ ଚିକିତ୍ସା ଶିବିରଟି ପୂର୍ବାହ୍ନ ୧୦ ରୁ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଶିବିରରେ ୬୮ ଜଣଙ୍କୁ ଚିକିତ୍ସା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ସାହୁ, ମନୋରମା ମିଶ୍ର, ପ୍ରଦୀପ୍ତ ପ୍ରଧାନ, ପ୍ରିୟରଞ୍ଜନ ରଥ, ନିରଞ୍ଜନ ତ୍ରିପାଠୀ, ବ୍ରଜବନ୍ଧୁ ବିଶ୍ୱାଳ ଓ ସମ୍ପାଦକ କୁନାଲ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାତ୍ୟା ଆଶ୍ରୟସ୍ଥଳରେ ଡାକମେଳା

**ଡେଲାଙ୍ଗ,୧୦।୧୧(ଡି.ଏନ୍.ଏ.):** ପୁରୀ ଜିଲା ବରିଷ୍ଠ ଡାକ ଅଧୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ କଲ୍ୟାଣପୁର ବାତ୍ୟା ଆଶ୍ରୟସ୍ଥଳି ପରିସରରେ ଆଞ୍ଚଳିକ ଡାକସେବା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ବରିଷ୍ଠ ଡାକ ଅଧୀକ୍ଷକ ରତନ ଜାନାଙ୍କ ଅଧକ୍ଷତାରେ ଆୟୋଜିତ ଡାକମେଳାରେ ଡେଲାଙ୍ଗ ଉପଡାକ ଘର ଅଧୀନସ୍ଥ ୮ଟି ଓ କଣାସ ଉପଡାକ ଘର ୧୫ଟି ଶାଖା ଡାକ କର୍ମଚାରୀ ଯୋଗ ଦେଇଥିଲେ। ଡାକ ନିରୀକ୍ଷକ ବିଜୟ ନାୟକ, ଡାକ ବିଭାଗ କର୍ମଚାରୀ ଚିତ୍ତରଞ୍ଜନ ମହାରଣା, କଲ୍ୟାଣପୁର ଡାକପାଳ ଅକ୍ଷୟ କୁମାର ନରେନ୍ଦ୍ର, ବିରଞ୍ଚି ପ୍ରଧାନ, ସୁଧୀର ବେହେରା, କବିତା ସାହୁ ପ୍ରମୁଖ ମେଳା ପରିଚାଳନା କରିଥିଲେ। ଡାକ ବିଭାଗ ଦ୍ୱାରା କାର୍ଯ୍ୟକ୍ଷମ ହେଉଥିବା ବିଭିନ୍ନ ଉତ୍ପାଦନ ସମ୍ପର୍କରେ ଆଲୋଚନା ହୋଇଥିଲା। ସଞ୍ଚୟ ବ୍ୟାଙ୍କର ବିଭିନ୍ନ ଜମା ଖାତା ସହ ଆଧାର ସଂଯୋଗ, ଜମା ଉପରେ ଅଧିକ ସୁଧ ପ୍ରଦାନ ଓ ସୁକନ୍ୟା ଯୋଜନା ସମ୍ପର୍କରେ ବରିଷ୍ଠ ଡାକ ଅଧୀକ୍ଷକ ଜାନା ସୂଚନା ଦେଇଥିଲେ।

# ଦୟାନଦୀ ଖନନରେ ଅନିୟମିତତା



ନୀଳାଚଳ କୃଷକ ମହାସଂଘର ବୈଠକରେ ଯୋଗ ଦେଇଥିବା ଚାଷୀ ଓ ଅନ୍ୟମାନେ।

## ନୀଳାଚଳ କୃଷକ ମହାସଂଘର କ୍ଷୋଭ

କଣାସ,୧୦।୧୧(ଡି.ଏନ୍.ଏ.)

ଦୟାନଦୀ ଖନନରେ ଅନିୟମିତତା ନେଇ ତୁଳସୀପୁରଠାରେ ନୀଳାଚଳ କୃଷକ ମହାସଙ୍ଘର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ସଙ୍ଘ ସଭାପତି କେଦାରେଶ୍ୱର ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ମହାସଙ୍ଘ ସମ୍ପାଦକ ଉଗ୍ରସେନ ବିଶ୍ୱାଳ, ଉପସଭାପତି ପ୍ରକାଶ ନାୟକ, ସଭ୍ୟ ବିଜୟ ପାଇକରାୟ, ସହଦେବ ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ଶତାଧିକ ଚାଷୀ ବୈଠକରେ ଉପସ୍ଥିତ ଥିଲେ। ଦୟାନଦୀଟି ଗଡିଶାଗୋଦାଠାରୁ ବୋତଲମା ପର୍ଯ୍ୟନ୍ତ ଖନନ ପାଇଁ ରିଚ କମ୍ପାନୀ ଟେଣ୍ଡର ନେଇ ଖନନ କରୁଛି। ଦୟାନଦୀର ମାଟିକୁ ବୋତଲମାଠାରେ ଦୟାନଦୀ ପଠାରେ ପକାଇବା ଓ ନଦୀଶଯ୍ୟା ସମାନ୍ତରାଳ ଭାବେ ଖନନ ନ କରିବା ନେଇ ନୀଳାଚଳ କୃଷକ ମହାସଙ୍ଘ ଆଲୋଚନା ପାଇଁ ବାରମ୍ବାର ଡାକିଥିଲେ। ହେଲେ କମ୍ପାନୀ ସୁପରଭାଇଜର ଭକ୍ତ ପରିଜା ବିଭିନ୍ନ ଆଳ ଦେଖାଇ ବୈଠକକୁ ଆସି ନ ଥିଲେ। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସୂଚନା ଥାଉକି, ଦୟା, ହାତିଆ, ଜୁଆଯୋର ଖନନ ପାଇଁ ନୀଳାଚଳ କୃଷକ ମହାସଙ୍ଘ ଦୀର୍ଘଦିନ ଧରି ଆନ୍ଦୋଳନ, ବିକ୍ଷୋଭ, ରାସ୍ତାରୋକୋ ଓ ଅନଶନ କରୁଛି। ପରେ ରାଜ୍ୟ ସରକାର ଦୟାନଦୀର ବୋତଲମାଠାରୁ ଗଡିଶାଗୋଦା ପର୍ଯ୍ୟନ୍ତ ୬.୭ କି.ମି. ବଡଗୋଠଠାରେ ଥିବା ହାତିଆ ନଦୀ ୨.୭ କି.ମି. ପାଇକମରାଠାରେ ଥିବା ଜୁଆଯୋର ୪.୯୫୦ କି.ମି. ଖନନ କରିବା ପାଇଁ ଟେଣ୍ଡର ହୋଇ କଲିକତାର ମେସର୍ସ ରିଜ ଡ୍ରେଜିଙ୍ଗ କମ୍ପାନୀ ଟେଣ୍ଡର ନେଇଛି। ଏହି ଖନନ କାର୍ଯ୍ୟକୁ ସଠିକ ଭାବେ ସମ୍ପାଦନ କରିବା ପାଇଁ ମହାସଙ୍ଘକୁ ରାଜ୍ୟ ସରକାର ପତ୍ରସଂଖ୍ୟା ନଂ. ୧୪୦୫ ତା–୧୮।୦୭।୨୦୨୨ ରିଖରେ ତଦାରଖ କରିବାକୁ ଦାୟିତ୍ୱ ଦେଇଛନ୍ତି। ଏହାକୁ କମ୍ପାନୀ କର୍ମଚାରୀ ମାନୁ ନ ଥିବା ନେଇ ନୀଳାଚଳ ମହାସଙ୍ଘ କ୍ଷୋଭ ପ୍ରକାଶ କରିଛି।

## ମହିଳାଙ୍କୁ ଅସଦାଚରଣ: ୨ ଗିରଫ

ପୁରୀ ଅଫିସ, ୧୦।୧୧

ମଦ୍ୟପାନ କରି ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଗଜପତି ଅଞ୍ଚଳର ବଳରାମ ବିଶ୍ୱାଳ ଏବଂ ଲାଇଟ ହାଉସ ଅଞ୍ଚଳର ହାଉସିଂ ବୋର୍ଡ କଲୋନୀର ଅଭିଷେକ ରାଉତ। ପୋଲିସ ଏ ନେଇ ଏକ କେସ୍ (ନଂ. ୧୫୧/୨୨) ରୁଜୁ କରିଛି। ମଙ୍ଗଳବାର ରାତି ୮ଟାରେ ଚନ୍ଦନପୁର ଥାନା ଅନ୍ତର୍ଗତ ଜଟିପୁର ଗ୍ରାମର ଜଣେ ଯୁବତୀଙ୍କ ଅଭିଯୋଗ କ୍ରମେ ପୋଲିସ ଉକ୍ତ ୨ଜଣଙ୍କୁ ଗିରଫ କରିଥିଲା।

## ୪ ମାନସିକ ବିକୃତଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଥଇଥାନ

କଣାସ,୧୦।୧୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ମାନସିକ ବିକୃତ ୟୁନିଟ୍‌ରେ ଗୁରୁବାର ୪ଜଣ ମାନସିକ ବିକୃତ ରୋଗୀଙ୍କୁ ଥଇଥାନ କରାଯାଇଥିବା ଜଣାପଡିଛି। ସୂଚନା ମୁତାବକ, ପୁରୀ ଜିଲା ଗୋଲା ସାହିରେ ପ୍ରତିଷ୍ଠିତ ଶ୍ରୀନୃସିଂହଦେବ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ମାନସିକ ବିକୃତ ରୋଗୀଙ୍କୁ ଉଦ୍ଧାର କରାଯାଇଛି। ପୁରୀ ରେଳ ଷ୍ଟେଶନରୁ ଶୋଭା ସାହୁ (୨୯) ଏବଂ ରମେଶ ଚନ୍ଦ୍ର ପଢିଆରୀ (୪୫), ଜଗନ୍ନାଥ ମନ୍ଦିର ନିକଟରୁ ମନୋଜ ଦଳାଇ (୩୫) ଏବଂ ଗୋପ ବଜାରରୁ ମୁକେଶ ଘଡେଇ (୨୧)ଙ୍କୁ ଉଦ୍ଧାର କରାଯାଇଛି। ଜିଲା ସୋସିଆଲ୍ ସିକ୍ୟୁରିଟି ଅଫିସରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୪ଜଣଙ୍କୁ ପରିଷଦର ସମ୍ପାଦକ ମମତା ମିଶ୍ର ଉକ୍ତ ରୋଗୀଙ୍କୁ ନୀଳାଚଳ ସେବା ପ୍ରତିଷ୍ଠାନରେ ଥଇଥାନ ପାଇଁ ଛାଡି ଦେଇଥିବା ଜଣାପଡିଛି।

## ନିମ୍ବାର୍କ ଦ୍ୱୈତାଦ୍ୱୈତବାଦର ପ୍ରବର୍ତ୍ତକ ଥିଲେ

ପୁରୀ ଅଫିସ,୧୦।୧୧

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ନଭେମ୍ବର ମାସର ଆଲୋଚନାଚକ୍ର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚ୍ୟର ବିଷୟ ଥିଲା– ଆଚାର୍ଯ୍ୟ ନିମ୍ବାର୍କ ଓ ଶ୍ରୀକ୍ଷେତ୍ର। ଉକ୍ତ ବିଷୟରେ ପ୍ରବନ୍ଧ ଉପସ୍ଥାନ କରିଥିଲେ ଅଧ୍ୟାପିକା ବାସନ୍ତୀ ଦେବୀ, ଶ୍ରୀନିବାସ ଆଚାର୍ଯ୍ୟ, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ। ଆଚାର୍ଯ୍ୟ ନିମ୍ବାର୍କଙ୍କ ଆବିର୍ଭାବ ୧୧୧୨ ଶତାବ୍ଦୀ କାର୍ତ୍ତିକ ପୂର୍ଣ୍ଣିମାରେ ହୋଇଥିଲା। ତାଙ୍କ ବାଲ୍ୟକାଳର ନାମ ଥିଲା ନିୟମାନନ୍ଦ। ସେ ଗୋଦାବରୀ ତଟସ୍ଥ ବୈଦୁର୍ଯ୍ୟପତନ ସମୀପସ୍ଥ ଅରୁଣା ଶ୍ରମରେ ଜନ୍ମ କରିଥିଲେ। ତାଙ୍କ ପିତା ଅରୁଣ ମୁନି ଏବଂ ମାତା ଜୟନ୍ତୀ ଦେବୀ ଥିଲେ। ଏକଦା ଅପରାହ୍ନରେ ଜଣେ ସନ୍ନ୍ୟାସୀ ଅରୁଣାଶ୍ରମରେ ପହଞ୍ଚି ଖାଇବାକୁ ମାଗିଥିଲେ। ଆଶ୍ରମରେ ଖାଦ୍ୟ ନ ଥିବାରୁ ନିୟମାନନ୍ଦ ସନ୍ନ୍ୟାସୀଙ୍କୁ ବସାଇ ଫଳମୂଳ ଆଣିବାକୁ ଯାଇଥିଲେ। ମାତ୍ର ସନ୍ନ୍ୟାସୀ ସନ୍ଧ୍ୟା ପରେ ଖାଇବେ ନାହିଁ ବୋଲି କହିଥିଲେ। ସନ୍ନ୍ୟାସୀ ଭୋଜନ ନ କଲା ପର୍ଯ୍ୟନ୍ତ ନିୟମାନନ୍ଦ ସୂର୍ଯ୍ୟଦେବ ଅସ୍ତ ହେବେ ନାହିଁ ବୋଲି କହିଥିଲେ। ଭୋଜନ ପ୍ରସ୍ତୁତି ବେଳେ ନିୟମାନନ୍ଦ ଆଦିତ୍ୟଙ୍କୁ ସ୍ତୁତି କଲେ। ସୂର୍ଯ୍ୟଦେବ ଏକ ନିମ୍ବବୃକ୍ଷ ଉପରେ ଉଦିତ ହେଲେ। ସୂର୍ଯ୍ୟଙ୍କୁ ଦେଖି ସନ୍ନ୍ୟାସୀ ଭୋଜନ କଲେ ଏବଂ ଭୋଜନ ସମାପ୍ତି ପରେ ସୂର୍ଯ୍ୟାସ୍ତ ହେଲା। ସନ୍ନ୍ୟାସୀ ଏହାର ରହସ୍ୟ ଶୁଣି ତାଙ୍କ କର୍ମ ଅନୁଯାୟୀ ତାଙ୍କୁ ନିମ୍ବାଦିତ୍ୟ ବା ନିମ୍ବାର୍କ ରୂପେ ଅଭିହିତ କରିଥିଲେ। ନିମ୍ବାର୍କଙ୍କ ସମ୍ପ୍ରଦାୟକୁ ସନକ ସମ୍ପ୍ରଦାୟ ବା ହଂସ ସମ୍ପ୍ରଦାୟ କୁହାଯାଏ। ଶ୍ରୀବିଷ୍ଣୁ ହଂସ ରୂପେ ସନକାଦିଙ୍କୁ ଜ୍ଞାନ ଉପଦେଶ ଦେଇଥିଲେ। ସେହି ଉପଦେଶକୁ ସନକାଦି ମୁନିଗଣ ନାରଦଙ୍କ ସମ୍ମୁଖରେ ଉପସ୍ଥାନ କରିଥିଲେ। ନାରଦ ସୁଦର୍ଶନ ଚକ୍ରର ଅବତାରଭୂତ ନିମ୍ବାର୍କଙ୍କୁ ସେହି ଜ୍ଞାନ ପ୍ରଦାନ କରିଥିଲେ, ଯାହା ସନକସିଦ୍ଧାନ୍ତ ରୂପେ ଗୃହୀତ ହେଲା। ନିମ୍ବାର୍କ ଦ୍ୱୈତାଦ୍ୱୈତବାଦର ପ୍ରବର୍ତ୍ତକ ଥିଲେ। ସେ ବ୍ରହ୍ମସୂତ୍ରର ଭାଷ୍ୟ ରଚନା କରିଥିଲେ। ନିମ୍ବାର୍କ ସମ୍ପ୍ରଦାୟରେ ଶ୍ରୀରାଧାକୃଷ୍ଣଙ୍କ ଉପାସନା କରାଯାଏ। ଏହି ସମ୍ପ୍ରଦାୟର ପ୍ରଧାନ ଗ୍ରନ୍ଥ ଶ୍ରୀମଦ୍‌ଭାଗବତ। ଶ୍ରୀକୃଷ୍ଣଙ୍କ ବାମ ଅଂଶରୁ ଶ୍ରୀରାଧାଙ୍କର ସୃଷ୍ଟି। ଶ୍ରୀକ୍ଷେତ୍ରରେ ଏହି ସମ୍ପ୍ରଦାୟର ରାଧାବଲ୍ଲଭ, ରାମଜୀ, ଟିକିଟି, ଦୁଃଖିଶ୍ୟାମଛତା ମଠ ଆଦି ରହିଛି। ଆଲୋଚନାଚକ୍ରରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ନରେଶ ଚନ୍ଦ୍ର ଦାଶ, ରମେଶ ଚନ୍ଦ୍ର ଚିହ୍ନରା, ସତ୍ୟ ନାରାୟଣ ମିଶ୍ର, ସୁନୀଲ ରଥ, ଅନାମ ଚନ୍ଦ୍ର ସାହୁ, ବିଶ୍ୱରଞ୍ଜନ ପତି, ଶ୍ୟାମପ୍ରକାଶ ସେନାପତି, ଅଶୋକ ଆଢ୍ୟ, ନାରାୟଣ ଚନ୍ଦ୍ର ସିଂହ, ମୀରା ମହାନ୍ତି, ନବକିଶୋର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶରୀର ପାଇଁ ହିତକର ପୁଷ୍ଟିକର ଖାଦ୍ୟ ମାଣ୍ଡିଆ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୁରୁଜଙ୍ଗ ପଞ୍ଚାୟତର ମହିଳାମାନେ।

କୋଣାର୍କ,୧୦।୧୧(ଡି.ଏନ୍.ଏ.)

ୟଙ୍ଗ ଇଣ୍ଡିଆ ଓ ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ କୁରୁଜଙ୍ଗ ଗ୍ରାମର ମା' ଜାଗେଶ୍ୱରୀଙ୍କ ଗୁରୁବାର ପୀଠରେ ପ୍ରଥମ କରି ମାଣ୍ଡିଆ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କୁରୁଜଙ୍ଗ ପଞ୍ଚାୟତର ଶତାଧିକ ମହିଳା ଯୋଗ ଦେଇଥିଲେ। ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁସ୍ ଡାକ୍ତର ବିଦ୍ୟୁଭୂଷଣ ନାୟକ, ରେଡିଓ ନମସ୍କାରର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମାଣ୍ଡିଆର ମହତ୍ତ୍ୱ ଏବଂ ସାରା ରାଜ୍ୟରେ ମାଣ୍ଡିଆ ଦିବସ ପାଳନ କରାଯିବା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ମାଣ୍ଡିଆରେ କ୍ୟାଲସିୟମ, ପୁଷ୍ଟିସାର, ଜୀବସାର, ପୋଷକତତ୍ତ୍ୱ ଭରି ରହିଥାଏ।

ଗୋଟିଏ ଗ୍ଲାସ ମାଣ୍ଡିଆ ୩ ଗ୍ଲାସ କ୍ଷୀର ସହିତ ସମାନ ବୋଲି ଡ. ବିଦ୍ୟୁଭୂଷଣ ନାୟକ ମହିଳାଙ୍କୁ ବୁଝାଇଥିଲେ। ମାଣ୍ଡିଆ ଦେହ ପାଇଁ ଓ ମଧୁମେହ ରୋଗୀଙ୍କ ପାଇଁ ନିତାନ୍ତ ଜରୁରୀ ବୋଲି ଅଧକ୍ଷା ତ୍ରିପାଠୀ ସମସ୍ତ ମା'ଙ୍କୁ କହିଥିଲେ ଏବଂ ସମସ୍ତେ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ମହିଳାମାନେ ଆଣିଥିବା ମାଣ୍ଡିଆରେ ପ୍ରସ୍ତୁତ ଚକୁଳି ପିଠା, ମଣ୍ଡା ପିଠା, ପୋଡ଼ ପିଠା, ଖିରି, ଯାଉ ଭଳି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରଦର୍ଶନ କରି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରେଡିଓ ନମସ୍କାରର ସଂଯୋଜିକା ଏସ୍ କାଜଲ, ଅନୁପ ସାହୁ, ସୁହାସିନୀ ମହାପାତ୍ର, କବିତା ମଞ୍ଜରୀ ବାରିକ, ଗୌରୀ ସ୍ୱାଇଁ, ଝରଣା ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ମନ୍ଦିର ତାଲା ଭାଙ୍ଗି ସୁନା ଅଳଙ୍କାର, ହୁଣ୍ଡି ଟଙ୍କା ଚୋରି

## ମିଳିଥିବା ମୋବାଇଲକୁ ନେଇ ପୋଲିସ ତଦନ୍ତ

ଗୋପ,୧୦।୧୧(ଡି.ଏନ୍.ଏ.)

ଗୋପ ଥାନା ଅନ୍ତର୍ଗତ ଗିରିମା ଗାଁ ମୁଣ୍ଡରେ ଥିବା ଗ୍ରାମେଶ୍ୱର ଶିବ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ମନ୍ଦିରର ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ସହିତ ହୁଣ୍ଡି ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଅଭିଯୋଗକ୍ରମେ ପୋଲିସ ପହଞ୍ଚି ତଦନ୍ତ ବେଳେ ମନ୍ଦିର ନିକଟରୁ ମିଳିଥିବା ଗୋଟିଏ ମୋବାଇଲକୁ ଯାଞ୍ଚ ଚଳାଇଛି। ଏ ନେଇ ପୋଲିସ ଏକ ମାମଲା ନଂ. ୪୩୬/୨୨ ରୁଜୁ କରିଛି। ପ୍ରକାଶ ଯେ, କିଛି ଦିନ ଧରି ପୁରୀ ଜିଲାରେ ବିଭିନ୍ନ ମନ୍ଦିରରୁ ଅଳଙ୍କାର, ଟଙ୍କା ଚୋରି ହେଉଥିବା ଅଭିଯୋଗ ବଢୁଥିବାରୁ ପୋଲିସ ଏକ ସ୍କ୍ୱାଡ ଟିମ୍ ଗଠନ କରି ବିଭିନ୍ନ ଥାନା ଅଞ୍ଚଳରେ ମନ୍ଦିରରେ ପୋଲିସ ପକ୍ଷରୁ ଡ୍ୟୁଟି ଲଗାଯାଇଥିଲା। ପରେ ପୋଲିସ ଏଥିପ୍ରତି ଧ୍ୟାନ ନ ଦେବାରୁ ବୁଧବାର ଗୋପର ଗିରିମା ଗ୍ରାମରେ ଥିବା ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଶିବ ମନ୍ଦିରର ମୁଖ୍ୟ ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ସହିତ ଠାକୁରଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ନେଇଯାଇଛନ୍ତି। ଏପରି କି ଦୀର୍ଘଦିନ ଧରି ହୁଣ୍ଡିବାକ୍ସ ଭଙ୍ଗା ନ ହୋଇ ଥିବାବେଳେ ସେଥିରୁ ଟଙ୍କା ମଧ୍ୟ ନେଇ ଯାଇଛନ୍ତି। ଏହି ସବୁ ଲୁଟ ଜିନିଷ ଲକ୍ଷାଧିକ ଟଙ୍କା ହେବ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ତେବେ ରାତିରେ ଏହି ଦୁର୍ବୃତ୍ତମାନେ ମନ୍ଦିର ନିକଟରେ ଠିଆ ହୋଇଥିବା ଗ୍ରାମର ଜଣେ ଯୁବକ ଦେଖି ସନ୍ଦେହରେ ପଚାରିବାରେ ସେମାନେ ଦୌଡ଼ି ପଳାଇଥିଲେ। ହେଲେ ତାଙ୍କର ଗୋଟିଏ ମୋବାଇଲ ପଡିଯିବାରୁ ଯୁବକ ପାଇ ପୋଲିସକୁ ଦେଇଛି। ପୋଲିସ ଏହି ମୋବାଇଲକୁ ତଦନ୍ତ କରିଛି। ପୂର୍ବରୁ ଗୋପ ଥାନା ଅଞ୍ଚଳରେ ଅନେକ ପୁରାତନ ମନ୍ଦିରରୁ ଚୋରି ଅଭିଯୋଗ ଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରିପାରି ନାହିଁ। ଏହି ମନ୍ଦିର ଚୋରି ପଛରେ ଏକ ବଡ଼ ର୍‍ୟାକେଟ ଥିବା ଗ୍ରାମବାସୀ ଆଶଙ୍କା କରୁଛନ୍ତି।



ଗିରିମା ଗ୍ରାମର ଶିବ ମନ୍ଦିରରୁ ଚୋରି ହୋଇଯିବା ପରେ ଗ୍ରାମବାସୀ ଏକାଠି ହୋଇଛନ୍ତି।

## ଉଦ୍ଧାର ମୋବାଇଲ ଫେରାଇଲେ ଆରପିଏଫ୍ କର୍ମଚାରୀ

**କଟକ ଅଫିସ:** କଟକ ଆରପିଏଫ୍ କର୍ମଚାରୀ ଏ. ଆର୍. ଖାନ ଉଦ୍ଧାର କରିଥିବା ଏକ ମୋବାଇଲ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରାଇଛନ୍ତି। ସେ କଟକ ରେଳ ଷ୍ଟେଶନରେ ଗୁରୁବାର କାର୍ଯ୍ୟରତ ଥିବାବେଳେ ଧଉଳି ଏକ୍ସପ୍ରେସର କୋଚ୍ ଡି-୨ରୁ ଏକ ସ୍ମାର୍ଟ ମୋବାଇଲ ପାଇଥିଲେ। କିଛି ସମୟ ପରେ ଉକ୍ତ ମୋବାଇଲକୁ ଏକ କଲ ଆସିଥିଲା ଓ ଅପରପାର୍ଶ୍ୱରୁ ସିଦ୍ଧାନ୍ତ ବେହେରା ପୁରୀର ବାସିନ୍ଦା କହୁଥିବା ଶୁଣାଯାଇଥିଲା। ଆରପିଏଫ୍ କର୍ମଚାରୀଙ୍କ ପରାମର୍ଶ କ୍ରମେ ସିଦ୍ଧାନ୍ତ କଟକ ଆରପିଏଫ୍ ପୋଷ୍ଟରେ ପହଞ୍ଚି ନିଜର ପ୍ରମାଣପତ୍ର ଦେଖାଇ ମୋବାଇଲଟିକୁ ନେଇଥିଲେ।

## ଆଜି କ'ଣ କେଉଁଠି

କଟକ

- ଅଲ୍ ଇଣ୍ଡିଆ ଫେଡେରେଶନ ଅଫ ଟ୍ୟାକ୍ସ ପ୍ରାକ୍ଟିସିନର୍ସର ୪୬ତମ ପ୍ରତିଷ୍ଠା ଦିବସ, ସିଟିବିଏ କେନ୍ଦ୍ର, ସେକ୍ଟର-୨, ସିଡିଏ, ପୂର୍ବାହ୍ନ ୧୦ଟା ୩୦।
- ସାହିତ୍ୟ ଏକାଡେମୀ ଓ ରେଭେନଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣି ସମ୍ମାନ, ସିଏଲ୍‌ଟି-୧, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ବାଲିଯାତ୍ରା କଟକ ଉତ୍ସବ ଚତୁର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଗଣକବି ବୈଷ୍ଣବ ପାଣି ମଞ୍ଚ, ବାଲିଯାତ୍ରା ତଳ ପଡ଼ିଆ, ଅପରାହ୍ନ ୪ଟା ୩୦।
- ସାହିତ୍ୟ ଏକାଡେମୀ ଏବଂ ଉତ୍କଳ ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ କବିସନ୍ଧି କାର୍ଯ୍ୟକ୍ରମ, ଶତାବ୍ଦୀ ଭବନ, ଅପରାହ୍ନ ୫ଟା ୩୦।

ବଡ଼ମ୍ବା

- ୫ ଦିନିଆ ରାମ ଚରିତ ମାନସ କାର୍ଯ୍ୟକ୍ରମ, ବାବା ସିଂହନାଥ ମନ୍ଦିର ପ୍ରାଙ୍ଗଣ, ଗୋପମଥୁରା ଗ୍ରାମ, ସନ୍ଧ୍ୟା ୭ ଟା।

## କେନାଲରୁ ଅଚିହ୍ନା ମୃତଦେହ ଜବତ

**କଟକ ସଦର,୧୦।୧୧(ଡି.ଏନ୍.ଏ.):** ମାଛଗାଁ କେନାଲରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ କନ୍ଦରପୁର ପୋଲିସ ଗୁରୁବାର ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ମୃତକଙ୍କ ବୟସ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେ ଏକ ଚେକ୍ ଶାର୍ଟ ଓ ହାଫ୍ ପ୍ୟାଣ୍ଟ ପିନ୍ଧିଥିଲେ। ନାକରୁ ସାମାନ୍ୟ ରକ୍ତ ବାହାରିଥିବା ଜଣାପଡିଛି। ସକାଳେ କେନାଲରେ ମୃତଦେହ ଭାସି ଯାଉଥିବା ପୋଲିସ ଖବର ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ମୃତଦେହ କେନାଲ ବନ୍ଧ ଉପରେ ପଡିଥିବାବେଳେ ସେଠାରେ କେହି ନ ଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୮/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ଛେଳି ଚୋରି ରୋକିବା ପାଇଁ ଥାନା ଅଧିକାରୀଙ୍କୁ ଦାବିପତ୍ର

**କଟକ ସଦର,୧୦।୧୧(ଡି.ଏନ୍.ଏ.):** କିଶନ ନଗର ଥାନା ଅଞ୍ଚଳରେ ଛେଳି ଚୋରି ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକ ରାଜକିଶୋର ମଲ୍ଲିକ ଗୁରୁବାର ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଶେଷକରି ଏହି ଅଞ୍ଚଳରେ ଗରିବ ଲୋକମାନେ ଛେଳି ଓ ମେଣ୍ଢା ପାଳନ କରି ଜୀବିକା ନିର୍ବାହ କରିଥାନ୍ତି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୪ ଚକିଆ ଗାଡ଼ିରେ ଛେଳି ଚୋରି କରି ନେଇଯାଉଛନ୍ତି। ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ଉକ୍ତ ଦାବିପତ୍ର ଗ୍ରହଣ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଆହତ ଛାତ୍ରଙ୍କୁ ବିଧାୟକଙ୍କ ସହାୟତା

**କଟକ ସଦର,୧୦।୧୧(ଡି.ଏନ୍.ଏ.):** ୪୨ ମୌଜା ମୁଖ୍ୟ ରାସ୍ତାର ବେଣ୍ଟକାର ନିକଟରେ ଗୁରୁବାର ବସ୍ ଧକ୍କାରେ ଜଣେ ଛାତ୍ର ଆହତ ହୋଇଛନ୍ତି। ସେ ହେଲେ ଗୋବିନ୍ଦପୁର ଗ୍ରାମର ସୌମ୍ୟରଞ୍ଜନ ସ୍ୱାଇଁ। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସୌମ୍ୟରଞ୍ଜନ ବେଣ୍ଟକାର ସରସ୍ୱତୀ ଶିଶୁମନ୍ଦିରରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରନ୍ତି। ସକାଳେ ସେ ସ୍କୁଲରୁ ଘରକୁ ଫେରୁଥିବାବେଳେ ମୋ ବସ୍ ଧକ୍କା ଦେଇଥିଲା। ସେହିବାଟ ଦେଇ ଯାଉଥିବା କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତ ଛାତ୍ରଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଏହାଛଡା ଛାତ୍ରଙ୍କ ସାଇକେଲ ଭାଙ୍ଗିଯାଇଥିବାରୁ ନୂଆ କିଣିବା ପାଇଁ ଆର୍ଥିକ ସାହାଯ୍ୟ କରିଥିଲେ।

# କଂଗ୍ରେସ ପକ୍ଷରୁ ୧୨ ଘଣ୍ଟା ରାସ୍ତାରୋକୋ

### କେମିକାଲ କମ୍ପାନୀର ପ୍ଲାଣ୍ଟ ନିର୍ମାଣକୁ ବିରୋଧ

- ଯାନବାହନ ଚଳାଚଳ ବ୍ୟାହତ
- ବାଲିଯାତ୍ରା ପରେ ଆଲୋଚନା ହେବ

**ବାଙ୍କୀ,୧୦।୧୧(ସ୍ୱ.ପ୍ର.)**



କଂଗ୍ରେସ କର୍ମୀମାନେ ରାସ୍ତାରୋକୋ କରିଛନ୍ତି।

ଡମପଡ଼ା ବ୍ଲକ ବାଆଁରାଠାରେ ଏକ କେମିକାଲ କମ୍ପାନୀ ପକ୍ଷରୁ ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଏହାକୁ ବିରୋଧ କରି ବାଙ୍କୀ କଂଗ୍ରେସ ପକ୍ଷରୁ ବାଙ୍କୀ–କଟକ ରାସ୍ତାରେ ୧୨ ଘଣ୍ଟିଆ ରାସ୍ତାରୋକୋ କରାଯାଇଛି। ଫଳରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। କଟକ ଆଗ୍ରୋ କେମିକାଲସ ଲିମିଟେଡ୍ ପକ୍ଷରୁ ଇଥାନଲ ଗ୍ୟାସ୍ ଉତ୍ପାଦନ ପ୍ଲାଣ୍ଟ କରାଯାଉଛି। ଏହା ନିର୍ମାଣ ହେଲେ ବାୟୁ ପ୍ରଦୂଷଣ ହେବା ସହ ଜୈବ ବିବିଧତା ନଷ୍ଟ ହେବ ବୋଲି ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ପ୍ରଶାସନ ଓ ପୋଲିସ ସହାୟତାରେ ଏହି ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି କଂଗ୍ରେସ କର୍ମୀମାନେ ଅଭିଯୋଗ କରିଛନ୍ତି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀମାନଙ୍କୁ ଉତ୍ସାହିତ କରିବା ସହ ଆନ୍ଦୋଳନକୁ ସମର୍ଥନ କରିଥିଲେ । ଖବରପାଇ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, ଡମପଡ଼ା ତହସିଲଦାର କ୍ଷିତୀସ ବେହେରା, ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ଜ୍ଞାନ ମିଶ୍ର, ବାଙ୍କୀ ଥାନା ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ପହଞ୍ଚି ଆନ୍ଦୋଳନକାରୀ ଓ ପୂର୍ବତନ ବିଧାୟକ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲାପାଳ ଜେନା ଏସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। କଟକ ବାଲିଯାତ୍ରା ଶେଷ ହେବାପରେ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜିଲାପାଳ ବାଙ୍କୀ ଉପଜିଲାପାଳଙ୍କୁ କହିଥିଲେ। ଜିଲାପାଳଙ୍କ ବାର୍ତ୍ତା ଉପଜିଲାପାଳ ବିକ୍ଷୋଭକାରୀଙ୍କୁ ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି କମ୍ପାନୀ ନିର୍ମାଣକୁ ନେଇ ବାରମ୍ବାର ପ୍ରଶାସନ ଓ ବିରୋଧକାରୀ ସହ ଆଲୋଚନା ହୋଇଛି। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ।

## ମାଣ୍ଡିଆ ଚାଷ ପାଇଁ ଶପଥ ନେଲେ ମହିଳା

**ମଙ୍ଗୁଳି, ୧୦।୧୧(ଡି.ଏନ୍.ଏ.)**

ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଧୀନ ଗରୁଡ଼ ଗାଁ ପଞ୍ଚାୟତ ମିଶନ ଶକ୍ତି ସଭାଗୃହ ପରିସରରେ ମିଶନ ଶକ୍ତି, ଗରୁଡ ଗାଁ ଓ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଇକୋ କ୍ଲବର ମିଳିତ ସହଯୋଗରେ ଗୁରୁବାର ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଗରୁଡ ଗାଁ ପଞ୍ଚାୟତ ସମିତି ସଭ୍ୟା ରୀତାଞ୍ଜଳି ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ବ୍ଲକ କୃଷି ଅଧିକାରୀ କୂଳମଣି ବାରିକ ଓ ମୁଖ୍ୟବକ୍ତା ଭାବେ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପ୍ରଧାନ ଯୋଗଦେଇ ମାଣ୍ଡିଆ ଚାଷର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ମହିଳାମାନଙ୍କୁ ମାଣ୍ଡିଆ ଚାଷ ଓ ବ୍ୟବହାର ପାଇଁ ଶପଥ ପାଠ କରାଯାଇଥିଲା। ଇକୋ କ୍ଲବ୍ ପକ୍ଷରୁ ମାଣ୍ଡିଆ ଜାଉ, ପିଠା, ମାଣ୍ଡିଆ ଛତୁଆ ବଣ୍ଟନ କରାଯାଇଥିଲା। ଉକ୍ତ ସଭାରେ ମିଶନ ଶକ୍ତିର ସଦସ୍ୟା, ଇକୋ କ୍ଲବ ସଦସ୍ୟ ଓ କୃଷି କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱପ୍ରଗତି କ୍ଲବ ନୂତନ ଗୃହ ଉଦ୍‌ଘାଟିତ


କ୍ଲବର ନୂତନ ଗୃହ ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।

**ମାହାଙ୍ଗା,୧୦।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ପଣସପୁର ପଞ୍ଚାୟତ ନଡିଆସାହାସପୁରରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ବିଶ୍ୱପ୍ରଗତି କ୍ଲବର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ଦେବପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି,ସରପଞ୍ଚ ଚିନ୍ମୟ ସାମନ୍ତରାୟ,ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତ୍ରିନାଥ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନାରାୟଣ ଚନ୍ଦ୍ର ମହାନ୍ତି,ଅକ୍ଷୟ ସେନାପତି, ଉଦ୍ଧବ ବାରିକ, ବିକାଶ ମହାନ୍ତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ପାରମ୍ପରିକ ପିଠାରେ ରହିଛି ବ୍ୟବସାୟ ସୁଯୋଗ



ଓରମାସ ପକ୍ଷରୁ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**କଟକ ଅଫିସ, ୧୦।୧୧**

### ଓରମାସ ପକ୍ଷରୁ କର୍ମଶାଳା

ଓର୍‌ମାସ ଓ ଇନ୍‌ଟାକ୍‌ର ମିଳିତ ଆନୁକୂଲ୍ୟରେ 'ଗ୍ରାମୀଣ ମହିଳାଙ୍କୁ ମୁଖ୍ୟ ସ୍ରୋତ ଖାଦ୍ୟ ବଜାରରେ ଅନ୍ତର୍ଭୁକ୍ତ' ଶୀର୍ଷକ କର୍ମଶାଳା ଗୁରୁବାର ବାଲିଯାତ୍ରାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓର୍‌ମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ ବିହାରୀ ରାଉତ ଯୋଗଦେଇ କହିଥିଲେ, ପାରମ୍ପରିକ ଆରିସା, ମଣ୍ଡା, ଚନ୍ଦ୍ରକାନ୍ତି ଓ ପୋଡ ପିଠାରେ ବ୍ୟବସାୟର ସୁଯୋଗ ରହିଛି। ଉକ୍ତ ଖାଦ୍ୟରେ ଲୁଚି ରହିଥିବା ପୁଷ୍ଟିକରତା ଯୋଗୁ ଏହା ଗୁରୁତ୍ୱ ବଢୁଛି ବୋଲି କହିଥିଲେ। ସାମାଜିକ କର୍ମୀ କବିତା ପଟ୍ଟନାୟକ ଯୋଗଦେଇ ବାଜରା ଓ ଅନ୍ୟାନ୍ୟ ଉତ୍ପାଦରୁ ବିଭିନ୍ନ ପିଠା ତିଆରି କରିବାକୁ ମହିଳା ଉଦ୍ୟୋଗୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ ଯୋଗଦେଇ ମହିଳା ଉଦ୍ୟୋଗୀଙ୍କୁ ଆର୍ଥିକ ଆତ୍ମନିର୍ଭରଶୀଳତାର ପାହାଚରେ ପାଦ ଦେବା ସହ ଆଗକୁ ବଢ଼ିବାକୁ ଉତ୍ସାହିତ କରିଥିଲେ। ଉକ୍ତ କର୍ମଶାଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## କାର୍ତ୍ତିକେଶ୍ୱର ଭସାଣି ଉତ୍ସବ

**ମଙ୍ଗୁଳି, ୧୦।୧୧(ଡି.ଏନ୍.ଏ.)**

ଜଗତପୁରରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନାନକା, ନଜରପୁର, ଉଲେଇ, ଲକ୍ଷ୍ମଣପୁର, ତରୋଳ, ଶବରସାହି ବୈକୁଣ୍ଠ ବିହାର, ଶିକାରୀପୁର ଓ ଲକ୍ଷ୍ମୀବିହାରର ମେଢଗୁଡିକ ସାହି ପରିକ୍ରମା କରି ଜଗତ୍‌ପୁର ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଜଗତ୍‌ପୁର ଶାନ୍ତି କମିଟି ପକ୍ଷରୁ ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଭସାଣି ଶୋଭାଯାତ୍ରାରେ ଆକର୍ଷଣ ସାଜିଥିଲା ଅଘୋରୀ ନୃତ୍ୟ। ପରେ ମେଢଗୁଡ଼ିକୁ ମହାନଦୀରେ ବିସର୍ଜନ କରାଯାଇଥିଲା।

## ବିଜୁ ଆଦର୍ଶ କଲୋନି ରୂପାନ୍ତରଣରେ ସାମିଲ ହେଲା ୪ ବସ୍ତି

**ଚୌଦ୍ୱାର,୧୦।୧୧(ଡି.ଏନ୍.ଏ.)**

ସରକାରଙ୍କ ଜାଗା ମିଶନ୍ ଜରିଆରେ ସହାରାଞ୍ଚଳର ବସ୍ତିଗୁଡ଼ିକୁ ବିଜୁ ଆଦର୍ଶ କଲୋନୀରେ ରୂପାନ୍ତରୀକରଣ ଅଭିଯାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନର କାର୍ଯ୍ୟକାରିତା, ଲକ୍ଷ୍ୟ ଓ ନିୟମ ସମ୍ପର୍କରେ ବସ୍ତିବାସିନ୍ଦାଙ୍କୁ ସଚେତନ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ଉଦ୍‌ବୋଧନକୁ ଚୌଦ୍ୱାରରେ ପ୍ରଦର୍ଶିତ କରାଯାଇଥିଲା। ଏହି ଉପଲକ୍ଷେ ପୌର ଟାଉନହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବସ୍ତିବାସିନ୍ଦା ଯୋଗଦେଇଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ନଗର ବିଜେଡି ସଭାପତି ବିଷ୍ଣୁ ଚରଣ ପରିଡ଼ା, ଗୋଷ୍ଠୀ ସଂଯୋଜିକା ବାସନ୍ତୀ ସାହୁଙ୍କ ସମେତ ସମସ୍ତ କାଉନ୍‌ସିଲର ଓ ପୌର କର୍ମଚାରୀ ଏଥିରେ ଯୋଗ ଦେଇଥିଲେ। ଚୌଦ୍ୱାରରେ ମୋଟ୍ ୧୧ଟି ବସ୍ତି ରହିଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪ଟି ବସ୍ତିକୁ ଏହି ରୂପାନ୍ତରିକରଣ ଯୋଜନାରେ ସାମିଲ କରାଯାଇଛି।

## ଖାଉଟି ସଚେତନତା ଶିବିର

**କଟକ ଅଫିସ, ୧୦।୧୧**

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ (ବୈଧ ମାପ ବିଜ୍ଞାନ) ଏବଂ କଟକ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାଲିଯାତ୍ରାରେ ଖାଉଟି ସଚେତନତା ଶିବିର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ବି. ପି. ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲିଯାତ୍ରାର ଏହି କେନ୍ଦ୍ରରେ ଯେକୌଣସି ଉପଭୋକ୍ତା ତତ୍‌କ୍ଷଣାତ ଅଭିଯୋଗ ଦାଖଲ କରିପାରିବେ ବୋଲି ଜଷ୍ଟିସ୍ ଚୌଧୁରୀ କହିଥିଲେ। ଜିଲାରେ ନଜର ଆସୁଥିବା ଖାଦ୍ୟ ଅପମିଶ୍ରଣକୁ ରୋକିବା ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମତବ୍ୟକ୍ତ କରିଥିଲେ। ଏଥିରେ ଜିଲା ଖାଉଟି ବିବାଦ ସମାଧାନ ଆୟୋଗର ଅଧ୍ୟକ୍ଷ ଦେବାଶିଷ ନାୟକ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବୈଧ ମାପ ବିଜ୍ଞାନ ଯୁଗ୍ମ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକଙ୍କ ସମେତ ଜିଲା ଯୋଗାଣ ବିଭାଗ, ଖାଦ୍ୟ ସୁରକ୍ଷା ବିଭାଗ ତଥା ବୈଧ ମାପ ବିଜ୍ଞାନର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଲିଯାତ୍ରାରେ ଅରୁନ୍ଧତୀର ଆକର୍ଷଣୀୟ ମଣ୍ଡପ

**କଟକ,୧୦।୧୧**

ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସ ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରାରେ ଅଂଶ ଗ୍ରହଣ କରିଛି। ଏପରିକି ବାଲିଯାତ୍ରା ପଡ଼ିଆରେ ମଧ୍ୟ ଏକ ଆକର୍ଷଣୀୟ ମଣ୍ଡପ (ଷ୍ଟଲ୍) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଟକ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ଗ୍ରାହକଙ୍କ ପସନ୍ଦ ଓ ଅରୁନ୍ଧତୀ ପ୍ରତି ଭଲପାଇବାକୁ ଦୃଷ୍ଟିରେ ରଖି ଏଭଳି ଏକ ମଣ୍ଡପର ଶୁଭାରମ୍ଭ କରାଯାଇଥିବା ଅରୁନ୍ଧତୀ ପକ୍ଷରୁ କୁହାଯାଇଛି। ସେହିଭଳି ବାଲିଯାତ୍ରାରେ ଅଗଣିତ ଓଡ଼ିଶାବାସୀଙ୍କ ସହ ଯୋଡ଼ି ହେବା ଓ ସେମାନଙ୍କ ପାଇଁ କିଛି ନୂତନ ସାମଗ୍ରୀ ସହ ଆକର୍ଷଣୀୟ ଉପହାର ମଧ୍ୟ ଯାତ୍ରା ଉପଲକ୍ଷେ ପ୍ରଦାନ କରାଯାଉଛି। ଏପରିକି ପ୍ରତିଦିନ ୧୦ ଜଣ ଭାଗ୍ୟଶାଳୀ ଗ୍ରାହକଙ୍କୁ ଆକର୍ଷଣୀୟ ଉପହାର (ଲକି ଡ୍ର'ର ବିଜେତା ଭାବେ) ପ୍ରତି କ୍ରୟ ଉପରେ ଦିଆଯାଉଛି। ସେହିପରି ଆଗାମୀ ବିବାହ ଋତୁ ପାଇଁ କୁଶୀଳ କାରିଗରମାନଙ୍କ ଦ୍ୱାରା କାରୁକାର୍ଯ୍ୟଭରା ଦଶ ହଜାରରୁ ଊର୍ଦ୍ଧ୍ୱ ଡିଜାଇନର ସୁନାଗହଣା ମଧ୍ୟ ଅରୁନ୍ଧତୀର ସମସ୍ତ ଷ୍ଟୋରରୁ କ୍ରୟ ପାଇଁ ଅଗ୍ରିମ ବୁକିଂର ସୁଯୋଗ ମଧ୍ୟ ଗ୍ରାହକଙ୍କୁ ଦିଆଯାଉଛି। ଅପରପକ୍ଷରେ ଓଡ଼ିଶାର ଗର୍ବ କୋଣାର୍କ ଦ୍ୱାରା ପ୍ରେରିତ ସ୍ପେଶାଲ ଅର୍କ ଗହଣାର ସମ୍ଭାର ସହ ତା'ର ବାଲିଯାତ୍ରା ପ୍ରିଭିଲିୟଜ୍ ଡିସ୍‌କାଉଣ୍ଟ ଜରିଆରେ ଗ୍ରାହକମାନେ ଅରୁନ୍ଧତୀର ସୁନ୍ଦର କଲେକ୍ସନଗୁଡିକୁ ଉଭୟ କ୍ରୟ ଏବଂ ବୁକିଂ କରିପାରିବେ। ବାଲିଯାତ୍ରା ପରିପ୍ରେକ୍ଷୀରେ ଚଳିତ ରିହାତି ଅଫର ସହ ଅତିରିକ୍ତ ୫%ର ରିହାତି ମଧ୍ୟ ବାଲିଯାତ୍ର ଷ୍ଟଲରୁ ଗଢ଼ା ମଜୁରି ଉପରେ ପାଇପାରିବେ।

ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପ୍‌ର ସିଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଅତୁଟ ବିଶ୍ୱାସ ଯୋଗୁ ଅରୁନ୍ଧତୀ ଆଜି ରାଜ୍ୟର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ୍ ଭାବେ ପ୍ରତିଷ୍ଠିତ ହୋଇପାରିଛି। ଅରୁନ୍ଧତୀର ହଜାର ହଜାର ଗ୍ରାହକ ଓ ଶୁଭେଚ୍ଛୁଙ୍କୁ ହୃଦୟର ଅନ୍ତରରୁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିବା ସହ ଅରୁନ୍ଧତୀ ଜୁଏଲର୍ସ ଖୁବ୍‌ଶୀଘ୍ର କଟକ ସହରରେ ତା'ର ନୂତନ ଫ୍ଲାଗ୍‌ଶିପ୍ ଶୋ'ରୁମ୍ ଖୋଲିବାକୁ ଯାଉଛି ବୋଲି ମେହେର ମତ ପ୍ରକାଶ କରିଛନ୍ତି।

## ଜନସମ୍ପର୍କ ମଣ୍ଡପ ଉଦ୍‌ଘାଟିତ


ସିଏମ୍‌ସି ମେୟର ସୁବାସ ସିଂ ଜନସମ୍ପର୍କ ମଣ୍ଡପ ଉଦ୍‌ଘାଟନ କରୁଛନ୍ତି।

**କଟକ ଅଫିସ, ୧୦।୧୧**

ବାଲିଯାତ୍ରାରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଓ ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଜନସମ୍ପର୍କ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପଦ୍ମିନୀ କେୟାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ସଚିବ ପ୍ରାଣବନ୍ଧୁ ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ, ପ୍ରାଧ୍ୟାପକ ରାଜୀବ ଅଗ୍ରୱାଲ, ସୁଶାନ୍ତ ସେଠୀ, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭିଡିଓ ଚିତ୍ର ମାଧ୍ୟମରେ ଅନୁଷ୍ଠାନ ସମ୍ପର୍କୀୟ ସୂଚନା ପ୍ରଦର୍ଶନ ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତଙ୍କ ଅବଦାନ ଚିରସ୍ମରଣୀୟ

**ମାହାଙ୍ଗା, ୧୦।୧୧(ସ୍ୱ.ପ୍ର.)**


ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କିଶୋର ଦାସଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସ୍ୱାସ୍ଥ୍ୟ ଓ ଶିକ୍ଷାମନ୍ତ୍ରୀ ପ୍ରଦୀପ୍ତ କିଶୋର ଦାସଙ୍କ ୧୦୧ତମ ଜୟନ୍ତୀ ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡି ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ ସଫିକ ଉଦ୍ଦିନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ,ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ସତ୍ୟଜିତ କିଶୋର ଦାସ, ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ପତି, ଗିରିଜା ପ୍ରସାଦ ଦାସ, କୈଳାସ ଚନ୍ଦ୍ର ମିଶ୍ର,ଅନନ୍ତ କିଶୋର ସାହୁ ,ଅଶୋକ କୁମାର ମହାରଣା ଓ ଏସ୍‌ଏମଏଫ ଆଲିମ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଦାସ ମାହାଙ୍ଗା ତଥା ଓଡିଶା ପାଇଁ ଯାହା କରିଛନ୍ତି ସବୁଦିନ ପାଇଁ ଚିରସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଶାନ୍ତ କୁମାର ନାୟକ ଓ ପରିକ୍ଷିତ ରାଉତ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ହୋଇପାରୁନାହିଁ ଆଇଆଇସି ନିଯୁକ୍ତି

**କଟକ ଅଫିସ,୧୦।୧୧**

### ସିଆର୍‌ଆର୍‌ଆଇ ଥାନା ଉଦ୍‌ଘାଟନକୁ ୨ ମାସ ବିତିଲା

କମିଶନରେଟ୍ ପୋଲିସ ଅଧୀନ କଟକ ପୂର୍ବାଞ୍ଚଳର ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ସିଆର୍‌ଆର୍‌ଆଇ) ଥାନା ଉଦ୍‌ଘାଟନ ହେବାର ୨ ମାସ ବିତିଲାଣି। ହେଲେ ଏଠାରେ ଅଦ୍ୟାବଧି ଆଇଆଇସି ନିଯୁକ୍ତି ହୋଇନାହାନ୍ତି। ପୂର୍ବରୁ ଫାଣ୍ଡି ଥିବାବେଳେ ଯେପରି ଚାଉଳିଆଗଞ୍ଜ ଥାନା ଅଧୀନରେ ଏହା ପରିଚାଳିତ ହେଉଥିଲା ସେହିପରି ଏବେ ବି ଚାଉଳିଆଗଞ୍ଜ ଆଇଆଇସି ଏହି ଥାନାର ଦାୟିତ୍ୱରେ ରହିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସହର ଉପକଣ୍ଠ ବିଦ୍ୟାଧରପୁରଠାରେ ଚାଉଳିଆଗଞ୍ଜ ଥାନା ଅଧୀନରେ ସିଆର୍‌ଆର୍‌ଆଇ ଫାଣ୍ଡି ରହିଥିଲା। ବିଦ୍ୟାଧରପୁର ଅଞ୍ଚଳରୁ ଲୋକମାନେ ଚାଉଳିଆଗଞ୍ଜ ଥାନାକୁ ଯିବାଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଚାଉଳିଆଗଞ୍ଜ ଥାନା ଅଞ୍ଚଳ ବ୍ୟାପକ ହୋଇଥିବାରୁ ଏହି ଥାନା ଉପରେ ମାମଲା ତଦନ୍ତ ଓ ଆଇନଶୃଙ୍ଖଳା ପରିସ୍ଥିତି ସମ୍ଭାଳିବା ପାଇଁ ବହୁ ଚାପ ରହୁଥିଲା। ଏପରି କି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କାରଣରୁ ଜାତୀୟ ରାଜପଥରେ ଘଟୁଥିବା ମାମଲା ଏହା ପାଇଁ ଅତିରିକ୍ତ ଚାପ ଥିଲା। ସ୍ଥାନୀୟ ଲୋକମାନେ ବିଦ୍ୟାଧରପୁରରେ ଏକ ଥାନା ପ୍ରତିଷ୍ଠା ନିମନ୍ତେ ଦାବି କରିଆସୁଥିଲେ। ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ସିଆର୍‌ଆର୍‌ଆଇ ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ବିଭାଗୀୟ ନିଷ୍ପତ୍ତି ହୋଇଥିଲା। ଏଥିସହ ଥାନାର ନିଜସ୍ୱ କୋଠା ନିର୍ମାଣ କରାଯାଇଥିଲା। କୋଠା ନିର୍ମାଣ ଶେଷ ହୋଇ ୮ ମାସ ବିତିବା ପରେ ବି ଥାନା ଉଦ୍‌ଘାଟନ ହୋଇପାରୁ ନ ଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଶେଷରେ ଗତ ସେପ୍ଟେମ୍ବର ୭ରେ ଡିଜିପି ସୁନୀଲ ବଂଶଲ ସିଆର୍‌ଆର୍‌ଆଇ ଥାନାକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ସୌଭିକ୍ ବିଶ୍ୱାଳ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ସିଆର୍‌ଆର୍‌ଆଇ ଥାନାରେ ଇନ୍ସପେକ୍ଟର ପଦବୀ ଅଦ୍ୟାବଧି ଫାଙ୍କା ରହିଛି। ଏହାର ଦାୟିତ୍ୱରେ ଚାଉଳିଆଗଞ୍ଜ ଥାନା ଆଇଆଇସିଙ୍କୁ ରଖାଯାଇଛି। ଅପରପକ୍ଷରେ ୨ ଜଣ ଏସ୍‌ଆଇ, ୨ ଜଣ ଏଏସ୍‌ଆଇ, ଜଣେ ହାବିଲଦାର, ୭ କନଷ୍ଟେବଲ, ୫ ଜଣ ହୋମଗାର୍ଡ କାର୍ଯ୍ୟରତ ଅଛନ୍ତି। ଥାନାର ମୁଖ୍ୟ ଭାବେ ଆଇଆଇସିଙ୍କ ଅଭାବକୁ ସ୍ଥାନୀୟ ଅଧିବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏ ସମ୍ପର୍କରେ କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ଖୁବ୍‌ଶୀଘ୍ର ଆଇଆଇସି ନିଯୁକ୍ତି କରାଯିବ।

## ସଂକ୍ଷେପରେ

### ଘରୁ ଟାଣିଆଣି ମହିଳାଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

ଗମ୍ଭାରୀମୁଣ୍ଡା,୧୦।୧୧(ଡି.ଏନ୍.ଏ.) ଘରୁ ଟାଣି ଆଣି ରାସ୍ତାରେ ମହିଳାଙ୍କୁ ହତ୍ୟା ଘଟଣାରେ ବାଣପୁର ଥାନା ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀଧର ରାଉତରାୟ। ପ୍ରକାଶ ଯେ, ଗତ ଅକ୍ଟୋବର ୧୦ରେ ଏହି ଥାନା ଗମ୍ଭାରୀମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ଦୁଇ ଦେଢ଼ଶୁର ଓ ଜଣେ ଦିଅର ଘରୁ ଟାଣି ଆଣି ରାସ୍ତାରେ ବୀଭତ୍ସ ଭାବେ ହତ୍ୟା କରିଥିଲେ। ଗିରଫ ଭୟରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୧୮/୨୨) ରୁଜୁ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଓ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ପୋଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଲକ୍ଷ୍ମୀଧରଙ୍କୁ ନିକଟ ଜଙ୍ଗଲରୁ ଧରାଯାଇଥିବା ବେଳେ ଖୁବଶୀଘ୍ର ଆଉ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି।

### ସନ୍ନ୍ୟାସିନୀଙ୍କ ରାମକୃଷ୍ଣ ସେବାଶ୍ରମ ପରିଦର୍ଶନ

ବୋଲଗଡ଼,୧୦।୧୧(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତ ଅନ୍ତର୍ଗତ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମ ଓ ମା'ସାରଦା ମହାବିଦ୍ୟାଳୟକୁ କୋଲକାତା ଦକ୍ଷିଣେଶ୍ୱରସ୍ଥିତ ସାରଦା ମଠର ସନ୍ନ୍ୟାସିନୀ ପ୍ରବାଜିକା ବୀତଭୟପ୍ରାଣାଜୀ ଓ ପ୍ରବାଜିକା ଆତ୍ମଦୀପପ୍ରାଣାଜୀ ପରିଦର୍ଶନ କରିଥିଲେ। କଲେଜର ଛାତ୍ରୀ, ଅଧକ୍ଷା, ଅଧାପିକା ଓ ସହକର୍ମୀମାନେ ସ୍ୱାଗତ କରି କଲେଜ ପରିଦର୍ଶନ କରାଇଥିଲେ। ରାମକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଆଳତି କରିଥିଲେ। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଭାଗବତାନନ୍ଦ ପୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସନ୍ନ୍ୟାସିନୀମାନେ ଛାତ୍ରୀଛାତ୍ର ଓ ମହିଳା ଭକ୍ତଙ୍କ ସହ ରାମକୃଷ୍ଣ, ମା'ସାରଦା ଓ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ବିବେକାନନ୍ଦ ସଂସ୍କୃତ ବିଦ୍ୟାପୀଠର ଛାତ୍ରୀଛାତ୍ର ଭକ୍ତିସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ଅଧକ୍ଷା ନଳିନୀ ସାହୁ, ଆଶ୍ରମର ସମ୍ପାଦକ ଗୋଲକ ସାହୁ, ସଦସ୍ୟ ବିମ୍ବାଧର ସାହୁ, ସଦସ୍ୟ ବାବାଜୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ମନୋଜ କୁମାର ଗୁମାନସିଂହ ଧନ୍ୟବାଦ ଦେଇଥିଲେ।

### କଳାକାରଙ୍କୁ ସହାୟତା ଚୟନ ପ୍ରକ୍ରିୟା

ବେଗୁନିଆ,୧୦।୧୧(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ପକ୍ଷରୁ କଳାକାରଙ୍କୁ ସହାୟତା ଚୟନ ପ୍ରକ୍ରିୟା ଗୁରୁବାର ବେଗୁନିଆ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୧ ପଞ୍ଚାୟତର ୧୬୮ କଳାକାର ଅଂଶଗ୍ରହଣ କରିଥିଲେ। ପାଲା, ଏକକ ଅଭିନୟ ଏବଂ ସଂକୀର୍ତ୍ତନ ଆଦି ବିଭିନ୍ନ କଳାରେ ନିପୁଣ ଥିବା କଳାକାରଙ୍କ ଦକ୍ଷତା ପରଖିଥିଲେ। ୩ଟି ବିଭାଗ କରାଯାଇ ଭିଡିଓଗ୍ରାଫି ଜରିଆରେ କଳାକାରଙ୍କ ପ୍ରଦର୍ଶିତ ପ୍ରତିଭାକୁ ରେକର୍ଡ କରାଯାଇଛି। ତେବେ ଜିଲା ସଂସ୍କୃତି ସଂଘକୁ ଭିଡିଓ କ୍ଲିପ୍ ପଠାଯାଇଛି। ସେଠାରେ ଚୟନ କରାଯାଇ କୃତିତ୍ୱ ଅର୍ଜନ କରିଥିବା କଳାକାରଙ୍କୁ ସହାୟତା ତାଲିକାଭୁକ୍ତ କରାଯିବ। ବିଚାରକ ମଣ୍ଡଳୀଭାବେ ବିଡିଓ ଲକ୍ଷ୍ମୀଧର ସାହୁ, ଆକାଉଣ୍ଟସ ଅଫିସର ସୂର୍ଯ୍ୟ ନାରାୟଣ ଗୌଡ, ପ୍ରୋଗ୍ରାମର ଶ୍ରୀନିବାସ ଦାସ ଉପସ୍ଥିତ ଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବ୍ଲକ ସଂଘ ସଭାପତିଙ୍କ ବିରୋଧରେ ଅଭିଯୋଗ ଆଣିଲେ ଶିକ୍ଷକ

- ରାଜ୍ୟ ସଂଘ ସଭାପତିଙ୍କୁ ଦାବିପତ୍ର
- ସଂଘ ଭଙ୍ଗ ସହ ତଦନ୍ତ ଦାବି କଲେ ସଦସ୍ୟ
- ଡିଇଓଙ୍କ ତଦନ୍ତ ପରେ ବି ସୁଧୁରୁନି ସମସ୍ୟା

ଖୋର୍ଦ୍ଧା ଅଫିସ,୧୦।୧୧

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକ ସଭାପତିଙ୍କ ବିଭିନ୍ନ ଅନିୟମିତତା ବିରୋଧରେ ସଂଘର କାର୍ଯ୍ୟକାରୀ କମିଟିର ୧୪ ସଭ୍ୟାସଭ୍ୟ ଦସ୍ତଖତ ସମ୍ବଳିତ ଦାବିପତ୍ର ରାଜ୍ୟ ସଂଘ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ଉପାଧ୍ୟକ୍ଷ ସଙ୍ଗୀତା ଦାଶ, ମହାସଚିବ ଅମିୟ କୁମାର ଦାଶଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ଏହି ସଙ୍ଗଠନ ସରକାରୀ ସ୍ୱୀକୃତିପ୍ରାପ୍ତ। ମଣ୍ଡଳ ଶିକ୍ଷାଧିକାରୀ ଓ କିରାଣିଙ୍କ ମଧ୍ୟରେ ମତାନ୍ତର ରହିଛି। ଏନେଇ ଉଭୟ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ମତ ରଖିଥିଲେ। ଏହି ବିବାଦ ସହ ସଂଘର କୌଣସି ସମ୍ପର୍କ ନ ଥିଲେ ମଧ୍ୟ ଶାଖା ସଭାପତି, ସମ୍ପାଦକ ଘଟଣାରେ ହସ୍ତକ୍ଷେପ କରିଥିଲେ। ସଂଘର କାର୍ଯ୍ୟକାରୀ ସଦସ୍ୟଙ୍କ ଅଗୋଚରରେ ନିଜ କ୍ଷମତାର ଅପପ୍ରୟୋଗ କରି ସଂଘ ଲେଟର ପ୍ୟାଡ୍‌ରେ କିରାଣିଙ୍କ ବଦଳି ପାଇଁ ସୁପାରିସ କରିଥିଲେ। ପ୍ରଶାସନିକ କାର୍ଯ୍ୟରେ ସଂଘର ହସ୍ତକ୍ଷେପ କେତେଦୂର ଯଥାର୍ଥ। ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ସାଧାରଣ ଶିକ୍ଷକଙ୍କ କୌଣସି କାମ ହେଉନାହିଁ। ଫଳରେ ଶିକ୍ଷୟିତ୍ରୀ, ଶିକ୍ଷକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। କିରାଣିଙ୍କ ବିରୋଧରେ ସଙ୍ଗଠନ ପକ୍ଷରୁ ଲେଖାଯିବା କେତେଦୂର ଯଥାର୍ଥ। ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଅନିୟମିତତା ନେଇ ଅଭିଯୋଗ ପରେ ଜିଲା ଶିକ୍ଷାଧିକାରୀ ଉକ୍ତ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ପ୍ରସଙ୍ଗରେ ବ୍ଲକ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହି ସମୟରେ ସେଠାରେ ରହିଥିବା ସାମଗ୍ରୀ ସମ୍ପର୍କରେ ପ୍ରଶ୍ନ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ସାମଗ୍ରୀ ଡୋନେଟେଡ ବାଏ ଏୟୁପିଟିଏଫ ଲେଖାଯିବା ନେଇ ପ୍ରଶ୍ନ କରିଛନ୍ତି। ତେବେ ବ୍ଲକ କାର୍ଯ୍ୟାଳୟରେ ରହିଥିବା ସମ୍ପୃକ୍ତ ସାମଗ୍ରୀକୁ ସଂଘ ପକ୍ଷରୁ ପ୍ରଦାନ କରାଯାଇ ନାହିଁ। ସଂଘ ସଭାପତି କ୍ଷମତାର ଅପପ୍ରୟୋଗ କରି କାର୍ଯ୍ୟକାରୀ କମିଟିର ଅଗୋଚରରେ ଲକ୍ଷାଧିକ ଟଙ୍କା ସାମଗ୍ରୀ ବ୍ଲକ କାର୍ଯ୍ୟାଳୟକୁ ପ୍ରଦାନ କରିଛନ୍ତି। ଜଣେ ଶିକ୍ଷକ ନେତା ଭାବେ ସଂଘ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେବା ପରିବର୍ତ୍ତେ ବ୍ଲକ ଶିକ୍ଷାଧିକାରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ସୁରକ୍ଷା ଦିଆଯାଉଛି। ଶିକ୍ଷକଙ୍କ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇ ହଇରାଣ କରାଯାଉଛି। ସମ୍ପୃକ୍ତ ଶିକ୍ଷକଙ୍କ ଏଭଳି କାମ ଯୋଗୁ ସଂଘ ନିନ୍ଦିତ ହେଉଛି। ଶିକ୍ଷକଙ୍କ ବଦଳି, ଡେପୁଟେସନ, ଘରୋଇ ବିଦ୍ୟାଳୟ ସି.ଓ.ଆର ଆଦି ବାବଦରେ ହସ୍ତକ୍ଷେପ କରୁଛନ୍ତି। ଏଥିରେ ଅର୍ଥ କାରବାର କରାଯାଉଛି। ଶାଖା ସଭାପତିଙ୍କ ମନମୁଖି, ଟଙ୍କା ଆଦାୟ ଘଟଣାକୁ ନେଇ କମିଟି ସଦସ୍ୟା,ସଦସ୍ୟମାନେ ଶିକ୍ଷକ ମହଲରେ ଅପମାନିତ ହେଉଛନ୍ତି। ଉପରୋକ୍ତ ଘଟଣାର ତଦନ୍ତ ସହ ବ୍ଲକ ଶିକ୍ଷକ ସଂଘ କମିଟିକୁ ଭାଙ୍ଗାଯାଇ ନୂତନ କମିଟି ଗଠନ କରିବାକୁ କାର୍ଯ୍ୟକାରୀ କମିଟି ସଦସ୍ୟାସଦସ୍ୟ ଦାବି କରିଛନ୍ତି। ବ୍ଲକ ଶିକ୍ଷା ବିଭାଗରେ ବିରୋଧରେ ଶିକ୍ଷକମାନେ ଆଣିଥିବା ଅଭିଯୋଗ ସମ୍ପର୍କରେ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ କୌଣସି ଉତ୍ତର ରଖିନଥିଲେ। ନିଖିଳ ଉତ୍କଳ ଶିକ୍ଷକ ସଂଘ ବ୍ଲକ ସଭାପତି ଯୁଧିଷ୍ଠିର ସାହୁ କୁହନ୍ତି, ଉପରୋକ୍ତ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। କେତେଜଣ ଶିକ୍ଷକ ଅସହିଷ୍ଣୁ ଭାବେ ଏଭଳି କାର୍ଯ୍ୟ କରୁଛନ୍ତି। ବ୍ଲକ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ଶିକ୍ଷକଙ୍କ ସୁବିଧା ପାଇଁ ସାମଗ୍ରୀ ପ୍ରଦାନ କରାଯାଇଛି। ଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗରେ ରହିବା କଣ ଭୁଲ ବୋଲି ସେ ପାଲଟା ଅଭିଯୋଗ ଆଣିଛନ୍ତି।

### ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଗିରଫ

ବାଣପୁର/ଗମ୍ଭାରୀମୁଣ୍ଡା, ୧୦।୧୧(ଡି.ଏନ୍.ଏ.)

ବାଣପୁର ଥାନା ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ଦେବରାଜ ନାୟକ(୩୦)। ସୂଚନା ମୁତାବକ, ବୁଧବାର ତନିଜଣ ଛାତ୍ରୀ ଟ୍ୟୁଶନ ପାଇଁ ବାଣପୁର ଯାଉଥିବା ବେଳେ ଅଭିଯୁକ୍ତ ଦେବରାଜ ସେମାନଙ୍କୁ ଅଟକାଇ ଅଶ୍ଳୀଳ କମେଣ୍ଟ କରିବା ସହ ଅସଦାଚରଣ କରିଥିଲେ। ତେବେ ଛାତ୍ରୀମାନେ ଭୟଭୀତ ହୋଇ ଘରକୁ ଫେରିଯାଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୪୭୧/୨୨)ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଧରିଥିଲା।



ଖୋର୍ଦ୍ଧା: ମାଣ୍ଡିଆ ଦିବସ ପାଳନ ଅବସରରେ ସିଗ୍‌ମା ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ।

## ସ୍କୁଲରେ ମାଣ୍ଡିଆ ଦିବସ
# ଶିକ୍ଷକ, ଛାତ୍ରୀଛାତ୍ର ଏକାଠି ଖାଇଲେ

ଖୋର୍ଦ୍ଧା ଅଫିସ,୧୦।୧୧

ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଗୁରୁବାର ସ୍ଥାନୀୟ ସିଗ୍‌ମା ପବ୍ଲିକ ସ୍କୁଲରେ ସ୍ୱାସ୍ଥ୍ୟ ପାଇଁ ମାଣ୍ଡିଆ ଉପଯୋଗୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଶିକ୍ଷକ ବସନ୍ତ ଖଣ୍ଟିଆ, ତୁଷାର ରଞ୍ଜନ ମହାନ୍ତି, ମାନସ ମହାପାତ୍ର, ସୁମିତା ତ୍ରିପାଠୀ ପ୍ରମୁଖ ମାଣ୍ଡିଆ ଓ ପୁଷ୍ଟିକର ଶସ୍ୟର ଉପଦେୟତା ସମ୍ପର୍କରେ ବୁଝାଇଥିଲେ। ସହାୟିକା ମେନକା କର ମାଣ୍ଡିଆ ପ୍ରସ୍ତୁତ କରି ଛାତ୍ରୀଛାତ୍ରଙ୍କୁ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ଏକାଠି ବସି ମାଣ୍ଡିଆ ସ୍ୱାଦର ମଜା ନେଇଥିଲେ। ସ୍କୁଲ ପରିଚାଳନା କମିଟି ନିର୍ଦ୍ଦେଶକ ଶୁଭ୍ରାଂଶୁ ସାମନ୍ତରାୟ କହିଥିଲେ, ଓଡ଼ିଶା ଜଳବାୟୁ ବିବିଧତାରେ ପରିପୂର୍ଣ୍ଣ ହୋଇଛି। ପାହାଡ ପର୍ବତ ଘେରା ଅଞ୍ଚଳ ସମେତ ରାଜ୍ୟବାସୀଙ୍କ ଖାଦ୍ୟ ପ୍ରଣାଳୀରେ ପୁଷ୍ଟିଶସ୍ୟର ପୁନଃ ପ୍ରଚଳନ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେଉଛି ଓଡ଼ିଶା ମିଲେଟ୍ ମିଶନ। ଏହା ହେଉଛି ରାଜ୍ୟ ସରକାରଙ୍କ କୃଷି ବିଭାଗର ଏକ ଅନନ୍ୟ କାର୍ଯ୍ୟକ୍ରମ। ପୂର୍ବରୁ ସାଧାରଣ ଲୋକଙ୍କ ଖାଦ୍ୟ ଭାବେ ବିବେଚିତ ହେଉଥିବା ଏକ ଶସ୍ୟ ଆଜି ନାମୀଦାମୀ ହୋଟେଲ, ରେଷ୍ଟୁରାଣ୍ଟରେ ମେନୁର ସ୍ଥାନ ପାଇଛି। ସୁପର ଫୁଡର ମଧ୍ୟ ମର୍ଯ୍ୟଦା ଲାଭ କରିଛି। ମାଣ୍ଡିଆ ସମେତ ପୁଷ୍ଟିକର ଶସ୍ୟ ବହୁଳ ବ୍ୟବହାର ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିପାରିବେ ବୋଲି କହିଥିଲେ। ଆଗାମୀ ଦିନରେ ପିଲାଙ୍କ ସହ ଅଭିଭାବକଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରରେ ସାମିଲ କରାଯିବ ବୋଲି ସ୍କୁଲ ଅଧକ୍ଷା ପଟ୍ଟନାୟକ କହିଛନ୍ତି।

### ପ୍ରମୋଦ କୁମାର ସାହୁ ସିଫାର ନୂତନ ନିର୍ଦ୍ଦେଶକ

ବାଲକାଟୀ,୧୦।୧୧(ଡି.ଏନ୍.ଏ.)

ବିଶିଷ୍ଟ ବୈଜ୍ଞାନିକ ଡ. ପ୍ରମୋଦ କୁମାର ସାହୁ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା(ସିଫା)ର ନିର୍ଦ୍ଦେଶକ ଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ନିଯୁକ୍ତ ହୋଇଛନ୍ତି। ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ସିଫା କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ସମସ୍ତେ କଠିନ ପରିଶ୍ରମ କରି ସିଫାକୁ ଏକ ନମ୍ବର ଅନୁଷ୍ଠାନରେ ପରିଣତ କରିବାକୁ ସେ ଆହ୍ୱାନ କରିଥଲେ। ଗତ ତିନି ଦଶନ୍ଧି ଧରି ମତ୍ସ୍ୟ ରୋଗ ପରିଚାଳନା କ୍ଷେତ୍ରରେ ଜଣେ ଅନ୍ତଃରାଷ୍ଟ୍ରୀୟ ଗବେଷକ ଭାବେ ସୁପରିଚିତ ଡ. ସାହୁ ସିଫାରେ ପ୍ରଧାନ ବୈଜ୍ଞାନିକ ଭାବେ କାର୍ଯ୍ୟ କରିବା ଶହ ଚଳିତବର୍ଷ ଆଇସିଏଆର ତରଫରୁ ସମ୍ମାନଜନକ 'ଜାତୀୟ ପ୍ରଫେସର' ଉପାଧି ପାଇଛନ୍ତି। ଡ. ସାହୁ ୨୦୨୦-୨୧ମସିହା ରେ ଷ୍ଟାନ ଫୋର୍ଡ ବିଶବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ସ୍ଥାନିତ ହୋଇଛନ୍ତି। 'ଟ୍ରିଟ ମାଇଁ ଫିଶ୍' ଆପ୍‌ର ସ୍ରଷ୍ଟା ଡ. ସାହୁ ମଧୁର ମାଛ ରୋଗ ଓ ତା'ର ପ୍ରତିକାର ସମ୍ବନ୍ଧୀୟ ଅନେକ ୟୁଟ୍ୟୁବ ଭିଡିଓ ମଧ୍ୟ କରିଛନ୍ତି। ମଧୁର ମାଛର ରୋଗ ପାଇଁ ଜାତୀୟ ରେଫେରାଲ ଗବେଷଣାଗାର ପ୍ରତିଷ୍ଠାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ବିଭିନ୍ନ ପ୍ରକଳ୍ପକୁ ସଫଳତାର ସହ ସମ୍ପାଦନ କରିଛନ୍ତି। ପ୍ରାୟ ୧୦ଜଣ ପୋଷ୍ଟ ଡକ୍ଟରାଲ ଛାତ୍ରଙ୍କୁ ଗାଇଡ୍ କରିବା ସହ ଡ.ସାହୁଙ୍କର ୨ଶହରୁ ଉର୍ଦ୍ଧ୍ୱ ଗବେଷଣାତ୍ମକ ନିବନ୍ଧ ଅନ୍ତଃରାଷ୍ଟ୍ରୀୟ ପତ୍ର ପତ୍ରିକାରେ ସ୍ଥାନ ପାଇଛି।

# ଜରିପାଲ ତଳେ ବିତୁଛି ଜୀବନ


ମଙ୍ଗୁଳି ଘଡ଼େଇଙ୍କ ସହ ପରିବାର।

- ଜୀବିକା ପାଇଁ ସଂଘର୍ଷ କରୁଛି ପରିବାର
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଜଟଣୀ,୧୦।୧୧(ଡି.ଏନ୍.ଏ.)

ସରକାର ଗରିବ ଲୋକଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କେତେଜଣ ବିଭାଗୀୟ କର୍ମଚାରୀ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଯୋଜନା ସଫଳ ରୁପାୟନ ହୋଇପାରୁନାହିଁ। ଯୋଜନାରୁ ବଞ୍ଚିତ ହୋଇ ଏକ ପରିବାର ଗଛ ତଳେ ଜରିପାଲ ଟାଣି ଜୀବନ ବିତାଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ୨୧ନଂ. ୱାର୍ଡ ଅନ୍ତର୍ଗତ ଲୋକକଲୋନୀ ଅଞ୍ଚଳରେ ଦେଖିବାକୁ ମିଳିଛି। ଲୋକ୍‌କଲୋନୀ ଅଞ୍ଚଳର ମଙ୍ଗୁଳି ଘଡ଼େଇ। ବୟସ ୭୦। ପରିବାର କହିଲେ ସ୍ତ୍ରୀ, ଦୁଇ ପୁଅ ଓ ଝିଅ। ସ୍ଥାୟୀ ଘର ନ ଥିବା ବେଳେ ଏମାନେ ଏକ ଚାକୁଣ୍ଡା ଗଛ ତଳେ ଜରିପାଲ ଟାଣି ଜୀବନ ବିତାଉଛନ୍ତି। ମଙ୍ଗୁଳିଙ୍କ ସ୍ତ୍ରୀ ସାବିତ୍ରୀ ଦେବୀ ମୂଲଲାଗି ପରିବାର ଚଳାଉଥିବା ବେଳେ ବଡ଼ ପୁଅ ସୋମନାଥ ଏବଂ ମଝିଆ ଝିଅ ସୁମିତ୍ରା ମାନସିକ ବିକାରଗ୍ରସ୍ତ। ଅର୍ଥ ଅଭାବରୁ ସେମାନଙ୍କର ଚିକିତ୍ସା ହୋଇପାରୁ ନାହିଁ। ସରକାରୀ କିମ୍ବା କୌଣସି ବ୍ୟକ୍ତି ସହାୟତା କଲେ ପିଲାମାନଙ୍କ ଚିକିତ୍ସା ହୋଇପାରନ୍ତା ବୋଲି ମଙ୍ଗୁଳି କହିଛନ୍ତି। ସାବିତ୍ରୀଙ୍କ କହିବା ମୁତାବକ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୫କେଜି ଚାଉଳ ମିଳୁଥିବା ସମୟରେ ଝିଅର ଆଧାର ନମ୍ବର ନ ଥିବା ଯୋଗୁ ଝିଅର ଚାଉଳ ମିଳୁନାହିଁ। ଭତ୍ତାରୁ ବଞ୍ଚିତ ପରିବାର। ରାଜ୍ୟ ସରକାର ଭୂମିହୀନଙ୍କୁ ଜାଗା ମିଶନ ଜରିଆରେ ଭୂମି ପ୍ରଦାନ କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଥଇଥାନ କରୁଥିବା ବେଳେ ଜଟଣୀ ପୌରାଞ୍ଚଳରେ ବ୍ୟତିକ୍ରମ ଦେଖାଦେଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ଅଶୋକ ନାୟକ ଅନୁରୋଧ କରିଛନ୍ତି।

## ବିଜୁ ଆଦର୍ଶ କଲୋନି ଲୋକାର୍ପିତ
# ସିଧା ପ୍ରସାରଣ ଦେଖିଲେ ବସ୍ତିବାସିନ୍ଦା

ଜଟଣୀ/ ଗମ୍ଭାରୀମୁଣ୍ଡା,୧୦।୧୧ (ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ୫ଟି ମହାନଗର ନିଗମର ବସ୍ତି ବାସିନ୍ଦାଙ୍କ ପାଇଁ ଭୂମି ଅଧିକାର ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ୩୩ଟି ସହରାଞ୍ଚଳର ୭୦୭ ବିଜୁ ଆଦର୍ଶ କଲୋନୀକୁ ଭିଡିଓ କନ୍‌ଫରେନ୍ସରେ ଲୋକାର୍ପିତ କରିଥିଲେ। ଏହାର ସିଧା ପ୍ରସାରଣ ଦେଖିବା ପାଇଁ ଜଟଣୀ ପୌରାଞ୍ଚଳର ଟାଉନ ହଲ୍‌ଠାରେ ବ୍ୟବସ୍ଥା କରାଯାଇଥିଲା। ପୌରାଧକ୍ଷ ଅନନ୍ତ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଜଟଣୀର ୨୧ଟି ବସ୍ତି ଓ ବିଜୁ ଆଦର୍ଶ କଲୋନୀର ବହୁ ସଂଖ୍ୟାରେ ଲୋକେ ଯୋଗଦେଇଥିଲେ। ଜଟଣୀ ପୌରାଞ୍ଚଳର ୧୩ଟି ବିଜୁ ଆଦର୍ଶ କଲୋନୀକୁ ସାଧାରଣ ଲୋକଙ୍କ ନିମନ୍ତେ ସମର୍ପଣ କରାଯିବା ସହ ସଭାରେ ସମସ୍ତ ବସ୍ତି ବାସିନ୍ଦା ସଂଘର ସଭାପତି ଓ ସମ୍ପାଦକଙ୍କୁ ଜଟଣୀ ପୌର ପରିଷଦ ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା। ସେହିପରି ବାଣପୁର ପଲଟନ ପଡିଆସ୍ଥିତ ଶହୀଦ କୃତିବାସ ଭବନର ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମିଟୁ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଅଧକ୍ଷା ପ୍ରାଚୀପ୍ରଭା ସ୍ୱାଇଁଙ୍କ ସମେତ ସମସ୍ତ କାଉନସିଲର, ବସ୍ତିବାସିନ୍ଦା ଉପସ୍ଥିତ ଥିଲେ। ଅଧକ୍ଷ ନାୟକ ବାଣପୁର ବସ୍ତି ବାସିନ୍ଦାଙ୍କ ପାଇଁ ଘର ଜାଗା ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିବି ବୋଲି କହିଥଲେ।

# ପୁରୁଣା ସ୍ମୃତି ମନେପକାଇଲେ ରାଷ୍ଟ୍ରପତିଙ୍କ ସହପାଠୀ

ଖୋର୍ଦ୍ଧା ଅଫିସ,୧୦।୧୧


କଳ୍ପନା ମହାନ୍ତି

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ତାଙ୍କ ପାଇଁ ଓଡ଼ିଶା ବିଶ୍ୱ ଦରବାରରେ ଗୌରାବାନ୍ୱିତ ହୋଇଛି। ତେବେ ରାଷ୍ଟ୍ରପତିଙ୍କ ସହ ସମୟ ବିତାଇଥିବା ଅନେକ ସ୍ମୃତିକୁ ମନେପକାଇ ତାଙ୍କ ସହପାଠିନୀମାନେ ନିଜକୁ ଗର୍ବ ଅନୁଭବ କରୁଛନ୍ତି। ଗୁରୁବାର ରାଷ୍ଟ୍ରପତି, ନିଜ ସ୍କୁଲ, ହଷ୍ଟେଲ ଟିଭିରେ ଦେଖିବା ପରେ ଭାବବିହ୍ୱଳ ହୋଇପଡିଥିଲେ ପିଲାଦିନର ସାଙ୍ଗ ଖୋର୍ଦ୍ଧା ଜିଲା ମୁକୁନ୍ଦପ୍ରସାଦର କଳ୍ପନା ମହାନ୍ତି। ପୁରୁଣା ସ୍ମୃତିକୁ ମନେପକାଇଥିଲେ। ୧୯୭୪ରୁ ୧୯୭୬ ପର୍ଯ୍ୟନ୍ତ ଭୁବନେଶ୍ୱର ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟର ଉଭୟ ଛାତ୍ରୀ ଥିଲେ। ଏହି ସମୟରେ ଗୋଟିଏ କ୍ଲାସରେ ଆଗପଛ ହୋଇ ବସୁଥିଲେ। ସ୍କୁଲ ସମୟରେ ଅନେକ ଥଟ୍ଟାମଜା କରିଛନ୍ତି। ୧୯୭୬ ରେ ଏକାଦଶ ପାସ୍ କରିବା ପରେ ଉଭୟ ଅଲଗା ହୋଇଯାଇଥିଲେ। ଏନେଇ କଳ୍ପନା କୁହନ୍ତି, ଯିଏ ଦିନେ ଆମ ସହ ପଢୁଥିଲେ, ଯାହାଙ୍କ ସହ ଅନେକ ସ୍ମୃତି ରହିଛି, ସେ ଭାରତର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଛନ୍ତି। ସେଥିପାଇଁ ମୁଁ ଅତ୍ୟନ୍ତ ଗର୍ବିତ। ଏଭଳି ଏକ ସମୟ ଆସିବ, ସ୍ୱପ୍ନରେ ମଧ୍ୟ ଭାବିନଥିଲି। ତାଙ୍କର ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ମହାପ୍ରଭୁ ତାଙ୍କୁ ଦୀର୍ଘାୟୁ ପ୍ରଦାନ କରନ୍ତୁ। ସେ ଆହୁରି କହିଥିଲେ ଯେ, ଦ୍ରୌପଦୀ ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ। ପାଠପଢାରେ ସବୁବେଳେ ମନ ଦେଉଥିଲେ। କମ୍ କଥାବାର୍ତ୍ତା କରୁଥିଲେ। ସେ ଡେଙ୍ଗା ଥିବାରୁ ପଛ ବେଞ୍ଚରେ ବସୁଥିଲେ ମଧ୍ୟ ସହପାଠୀ ହିସାବରେ ନିବିଡତା ରହିଥିଲା। ସହପାଠୀ ଭାବେ ତାଙ୍କ ସହ ମିଶିବାକୁ ଇଚ୍ଛା ରହିଛି। ସେ ଚିହ୍ନି ପାରିବେ କି ନାହିଁ ସନ୍ଦେହ ରହିଛି। ତଥାପି ନିଜକୁ ଗର୍ବ ଅନୁଭବ କରୁଛି।

## ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ
# ଫାଇନାଲରେ ଶରଧାପୁର

ଖୋର୍ଦ୍ଧା ଅଫିସ,୧୦।୧୧

ଖୋର୍ଦ୍ଧା କ୍ରୀଡା ସଂସଦ ଓ ଜୟଦୁର୍ଗା କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ପାଇକତିଗିରିଆର ଆଦିବାସୀ ଜାଗରଣ କ୍ଲବ ଓ ଶରଧାପୁର ସ୍ପୋର୍ଟସ ଆସୋସିଏଶନ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଶରଧାପୁରର ଶେଖ୍ ଫରିଦ୍ ପ୍ରଥମ ଗୋଲ ଦେଇଥିଲେ। ପାଇକତିଗିରିଆ ଖେଳାଳି ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଗୋଲ ଦେଇପାରିନଥିଲେ। ଫଳରେ ଶରଧାପୁର ୧-୦ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମନୋରଞ୍ଜନ ଖଣ୍ଟିଆ, ଅରୁଣ କୁମାର ଦାଶ, ଯୋଗେନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ କେରଙ୍ଗ ଅହମଦିଆ କ୍ଲବ ଓ ତରତୁଆ ରାଇଜିଂଷ୍ଟାର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସଂସଦର ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ କହିଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

# ଥାନାରେ ଯୁବକଙ୍କୁ ଅଟକ ନେଇ ଉତ୍ତେଜନା

ଖୋର୍ଦ୍ଧା ଅଫିସ,୧୦।୧୧



ଏକ ଗଣ୍ଡଗୋଳ ଘଟଣାରେ ପୋଲିସ ଏକପାଖିଆ ଭାବେ ଗୋଟିଏ ଗୋଷ୍ଠୀର ଯୁବକଙ୍କୁ ସଦର ଥାନାରେ ଦୀର୍ଘ ସମୟ ଧରି ଅଟକ ରଖିବା ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ଅଟକ ଥିବା ଯୁବକଙ୍କ ପରିବାର, ସମ୍ପର୍କୀୟ ଥାନା ଘେରାଉ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ବେଳେ ପୋଲିସ ଆଲୋଚନା ଜାରି ରଖିଛି।

ସୂଚନା ମୁତାବକ, କାଇପଦର କଲେଜରେ ଅଣଛାତ୍ରଙ୍କ ପ୍ରବେଶ ଜାରି ରହିଛି। ଜଣେ ଯୁବକ ବିନା ଡ୍ରେସ କୋଡରେ କୌଣସି କାମରେ କଲେଜକୁ ଆସିଥିଲେ। ଅଣଛାତ୍ର ସନ୍ଦେହରେ ଅଧାପିକା ବାରଣ କରିଥିଲେ। ଫଳରେ ସମ୍ପୃକ୍ତ ଛାତ୍ର ଅଧାପିକାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ କଲେଜ ଛାତ୍ର, ସ୍ଥାନୀୟ ଯୁବକ ଏବଂ ସମ୍ପୃକ୍ତ ଯୁବକ ଓ ସମର୍ଥକ ମୁହାଁମୁହିଁ ହୋଇଥିଲେ। ପରବର୍ତ୍ତୀ ସମୟରେ କାଇପଦର ଖେଳପଡିଆରେ ପୁଣି ଥରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପଲରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଗୋଟିଏ ଗୋଷ୍ଠୀର କେତେଜଣ ଯୁବକଙ୍କୁ ଉଠାଇ ଆଣିଥିଲା। ପଚରାଉଚୁରା ଆଳରେ ଯୁବକଙ୍କୁ ଥାନାରେ ସକାଳଠାରୁ ରାତି ପର୍ଯ୍ୟନ୍ତ ଅଟକ ରଖିବା ନେଇ ଥାନା ଆଗରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସର ଏକପାଖିଆ ତଦନ୍ତକୁ ବିରୋଧ କରି କେତେଜଣ ଗ୍ରାମବାସୀ ସନ୍ଧ୍ୟାରେ ଥାନାକୁ ଆସିଥିଲେ। କାହିଁକି ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଦୀର୍ଘ ସମୟ ଧରି ଅଟକ ରଖାଯାଇଛି ବୋଲି ପ୍ରଶ୍ନ କରିଥିଲେ। ପୋଲିସ ପକ୍ଷରୁ କୌଣସି ସନ୍ତୋଷଜନକଙ୍କ ଉତ୍ତର ନ ପାଇବା ଏବଂ ତଦନ୍ତରେ ପକ୍ଷପାତିତା ଅଭିଯୋଗ ଆଣି ଥାନା ଘେରାଉ କରିଥିଲେ। ଖବରପାଇ ସଦର ଏସ୍‌ଡିପିଓ ଦିଲୀପ ଦାସ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଏସ୍‌ଡିପିଓ ଦାସ କୁହନ୍ତି, ଗଣ୍ଡଗୋଳ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ତଦନ୍ତ ଜାରି ରହିଛି। ପଚରାଉଚୁରା ପାଇଁ ଅଣାଯାଇଥିଲା। ଅଟକ କିମ୍ବା ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ ବୋଲି ସେ କହିଛନ୍ତି।


ବାଲିଯାତ୍ରା ପଡିଆର ଓର୍ମାସ ପରିସରରେ ମହିଳାମାନେ ସେରାମିକ୍ କପ୍‌ପ୍ଲେଟ୍ କିଣୁଛନ୍ତି।


ବାଲିଯାତ୍ରାକୁ ବିକ୍ରି ପାଇଁ ଆସିଥିବା କୋଲକାତାର ମାଛ ଜାଲ।


ବାଲିଯାତ୍ରା ପଡିଆ ଗାନ୍ଧୀ ଶିଳ୍ପ ବଜାରରେ ବିକ୍ରି ହେଉଥିବା ଲୁହା ତାରରେ ପ୍ରସ୍ତୁତ ଗୃହ ଉପକରଣ।

# ଗୁଡ଼ିରେ ସ୍ୱଚ୍ଛତା ବାର୍ତ୍ତା



ବାଲିଯାତ୍ରା ତଳ ପଡିଆରେ ଗୁରୁବାର ବିଶାଳ ଗୁଡ଼ି ଉଡିଥିଲା। ଏହାକୁ ଉଡାଇଥିଲେ ଅନ୍ତର୍ଜାତୀୟ ଗୁଡି ଉଡାଳି ରାଜେସ ନାୟର। ପ୍ରଥମଥର ପାଇଁ ବାଲିଯାତ୍ରାରେ ଏଭଳି ବ୍ୟବସ୍ଥା କରାଯାଇଛି। ଏହାକୁ ଦେଖିବାକୁ ପାଇଁ ଲୋକଙ୍କ ଭିଡ ଲାଗିଥିଲା। ଏ ନେଇ ରାଜେଶ କହିଛନ୍ତି, ଗୁଡି ମାଧ୍ୟମରେ ସ୍ୱଚ୍ଛତାର ବାର୍ତ୍ତା ଦିଆଯାଇଥିଲା। ଏଥିରେ ସାମିଲ ହୋଇଥିବାରୁ ବହୁତ ଖୁସି ଲାଗୁଛି।

# ୮୪ ହଜାର ପ୍ରକାର ଯୋଗାସନ ରହିଛି

**ପଥୋତ୍ସବ ଦ୍ୱିତୀୟ ଦିବସ**

ବାଲିଯାତ୍ରା ପଡ଼ିଆର ଅକ୍ଷୟ ମହାନ୍ତି ମଞ୍ଚରେ ଗୁରୁବାର ପଥୋତ୍ସବର ଦ୍ୱିତୀୟ ଦିନ ଥିଲା। ଭୋର ସମୟରେ ମହାନଦୀ କୂଳରେ ସଂକୀର୍ତ୍ତନ କରାଯାଇଥିଲା। ଏହାପରେ ଯୋଗଗୁରୁ ଜ୍ୟୋତିରଞ୍ଜନ ବିଭିନ୍ନ ପ୍ରକାର ଯୋଗ ଓ ପ୍ରାଣାୟମ ଶିଖାଇଥିଲେ। ଏହି ଅବସରରେ ଜୀବନ ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ଭଜନ ଏବଂ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଶିଶୁ ମ୍ୟାଜିସିଆନ ବିଭୋର ମହାପାତ୍ରଙ୍କ ମ୍ୟାଜିକ୍ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ସେହିପରି କଟକ ସହର ବିଭିନ୍ନ ବିଦ୍ୟାଳୟର ସ୍କାଉଟ୍, ଗାଇଡ୍ସ ଓ ରେଡ୍‌କ୍ରସର ଛାତ୍ରୀଛାତ୍ରମାନେ କଳା ମାଧ୍ୟମରେ ନିଜର ପ୍ରତିଭା ଦେଖାଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ସମସ୍ତ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏ ନେଇ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଯୋଗଗୁରୁ ଜ୍ୟୋତିରଞ୍ଜନ କହିଥିଲେ, ଆମ ଦେଶରେ ଯୋଗପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଛି। ବିଭିନ୍ନ ପୁସ୍ତକକୁ ଅନୁଧ୍ୟାନ କଲେ ୮୪ ହଜାରରୁ ଊର୍ଦ୍ଧ୍ୱ ପ୍ରକାର ଯୋଗାସନ ରହିଛି। ଏହା ଉପରେ ଅଧିକ ଗବେଷଣା କରାଯିବା ଆବଶ୍ୟକ ବୋଲି ସେ କହିଥିଲେ।

## ବାଲିଯାତ୍ରା ଏସିଆ ମହାଦେଶର ସବୁଠୁ ବଡ଼ ବାଣିଜ୍ୟ ମେଳା

● **ପ୍ରଥମଥର ବାଲିଯାତ୍ରାରେ ଗୀତ ଗାଇ କିଭଳି ଅନୁଭବ କରୁଛନ୍ତି?**
ଆଗରୁ ବାଲିଯାତ୍ରା ଅନେକ ଥର ଆସିଛି। ହେଲେ କେବେ ଏଠାକାର ମଞ୍ଚରେ ଗୀତ ଗାଇବାର ସୁଯୋଗ ପାଇ ନ ଥିଲି। ଏବେ ଏହି ସୁଯୋଗ ମିଳିଥିବାରୁ ବହୁତ ଖୁସି ଲାଗୁଛି।

● **ମଞ୍ଚରେ କେଉଁ ଗୀତ ଗାନ କରିଥିଲେ?**
ମୁଁ ଗାଇଥିବା ଗୀତଗୁଡିକ ମଧ୍ୟରୁ ପୁରୁଣା ଓଡ଼ିଆ ଗୀତ ରିକ୍ରିଏଶନ ଲୋକଙ୍କୁ ପସନ୍ଦ ଆସିଥିଲା। ପୁରୁଣା ଓଡ଼ିଆ ଗୀତ ସହ ବଲିଉଡ୍‌ର କିଛି ଗୀତ ମଧ୍ୟ ମୁଁ ଗାନ କରିଥିଲି।

● **ବାଲିଯାତ୍ରା ପାଇଁ କିଭଳି ପ୍ରସ୍ତୁତି କରିଥିଲେ?**
ଏହା ଏସିଆ ମହାଦେଶର ସବୁଠାରୁ ବଡ଼ ବାଣିଜ୍ୟ ମେଳା। ଏହା କଟକରେ ହେଉଥିବାରୁ ଆମ ପାଇଁ ଗୌରବର କଥା। ବାଲିଯାତ୍ରାରେ ସଙ୍ଗୀତ ପରିବେଷଣ ପାଇଁ ପ୍ରସ୍ତୁତି ଥିଲି। ଲୋକଙ୍କ ମନୋରଞ୍ଜନ ପାଇଁ ମୁଁ ପୂରା ଚେଷ୍ଟା କରିଛି। ପ୍ରଥମ ସଙ୍ଗୀତ ମୁଁ କୋଭିଡ୍ ଯୋଦ୍ଧାମାନଙ୍କ ପାଇଁ ଗାନ କରିଥିଲି।


କଣ୍ଠଶିଳ୍ପୀ ଶଶାଙ୍କ ଶେଖର

## ବାଲିଯାତ୍ରାରେ ଗୋଲ୍ଡେନ ମ୍ୟାନ୍



କଟକ ବାଲିଯାତ୍ରାରେ ଗାନ୍ଧୀ ବେଶଧାରୀ ଜଣେ ବ୍ୟକ୍ତିଙ୍କୁ ଦେଖିବାକୁ ମିଳିଥିଲା। ଦେହରେ ରୁପେଲି ରଙ୍ଗ ବୋଳି ହୋଇଥିବାବେଳେ ବେକରେ ଫୁଲମାଳ ଓ ହାତରେ ବାଡି ଧରିଥିଲେ। ତାଙ୍କ ନାମ ରାଜେଶ ଓ ସେ ତେଲଙ୍ଗାନାରୁ ଆସିଛନ୍ତି। ବାଲିଯାତ୍ରା ପଡିଆରେ ସେ ଛିଡା ହୋଇଗଲେ ବାଟରେ ଯାଉଥିବା ଲୋକମାନେ ତାଙ୍କ ସହ ସେଲ୍ଫି ଉଠାଇବାକୁ ପଛାଉ ନ ଥିଲେ। ସେ ପାଖରେ ଏକ ଡବା ରଖିଥିଲେ। ଲୋକମାନେ ଖୁସିରେ ଉକ୍ତ ଡବାରେ ଟଙ୍କା ପକାଉଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ରାଜେଶ ଅନୁପ୍ରାଣିତ ହୋଇ ୪/୫ ବର୍ଷ ହେବ ଏଭଳି ବେଶ ଧରି ଦେଶର ବିଭିନ୍ନ ସ୍ଥାନରେ ହେଉଥିବା ମେଳାକୁ ଯାଉଛନ୍ତି। ଦୁର୍ଘଟଣାରେ ତାଙ୍କ ଅଣ୍ଟା ଓ ଗୋଡ ଭାଙ୍ଗି ଯାଇଥିଲା। ଏହାପରଠାରୁ ସେ ଏଭଳି ବେଶ ହୋଇ ଲୋକଙ୍କ ମନୋରଞ୍ଜନ କରୁଛନ୍ତି।

ବାଲିଯାତ୍ରାର କଟକ ଇନ୍ କଟକ ପରିସରରେ ଜଣେ ଯୁବକ ସୁନେଲୀ ରଙ୍ଗର ଷ୍ଟାଚ୍ୟୁ ଭାବେ ଛିଡା ହୋଇଥିଲେ। ସେ ହେଲେ ଯାଜପୁର ଜିଲାର ଦୁର୍ଯ୍ୟୋଧନ। ସେ ଗୋଲ୍ଡନ୍ ମ୍ୟାନ୍ ଭାବେ ବେଶ୍ ପରିଚିତ। ଲୋକମାନେ ବାଲିଯାତ୍ରା ବୁଲୁଥିବାବେଳେ ତାଙ୍କୁ ଦେଖି କିଛି ସମୟ ପାଇଁ ଅଟକି ଯାଉଥିଲେ। ଏପରିକି ତାଙ୍କ ସହ ସେଲ୍ଫି ଉଠାଇବାକୁ ପଛାଉ ନ ଥିଲେ। ତେବେ ପ୍ରଥମଥର ପାଇଁ ବାଲିଯାତ୍ରାରେ ତାଙ୍କୁ ଦେଖିବାକୁ ମିଳିଛି ।

# ରାସ୍ତାରେ ଭିଡ଼, ଜମୁଛି ବେପାର

**ବାଲିଯାତ୍ରାର ତୃତୀୟ ଦିନ**

କଟକ ଅଫିସ, ୧୦।୧୧

ମହାନଦୀ ରିଂ ବନ୍ଧରେ ଟ୍ରାଫିକ ଜାମ୍। ଧୀରେଧୀରେ ବଢ଼ୁଛି ଜନ ସମାଗମ। ସଭିଏଁ ଚାହୁଁଛନ୍ତି ଆଗେ ବାଲିଯାତ୍ରା ପଡିଆରେ ପହଞ୍ଚିବେ। ହେଲେ ଗାଡ଼ି ଆଗକୁ ସିନା ଗଡ଼ିଲେ ଯିବେ। ବାଧ୍ୟ ହେଉଛନ୍ତି ଅଟକି ରହିବାକୁ ନିଜ ଇଚ୍ଛା ବିରୋଧରେ। ଆଉ ଆଗ ଗାଡ଼ିର ଚକା ଟିକେ ଗଡ଼ିବା ଆରମ୍ଭ କଲେ ପଛ ଗାଡ଼ିର ଗିଅର ପଡ଼ି ଷ୍ଟିୟରିଂ ମୋଡ଼ିବାର ଜାମ୍ ପରିସ୍ଥିତି ନିଜେ ନ ଦେଖିଲେ ଅନୁଭବ କରିହେବ ନାହିଁ। ଆଉ ବାଲିଯାତ୍ରା ପଡ଼ିଆ କଥା ତ ଅଲଗା। ଏ ହେଉଛି କଟକ ବାଲିଯାତ୍ରାର ଗୁରୁବାର ତୃତୀୟ ଦିବସର ଦୃଶ୍ୟ।

ବାଲିଯାତ୍ରାକୁ ଯିବାବେଳେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହୁଛି ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଥିବା ବାଲିଯାତ୍ରା ଫାଟକ ଉପରେ। ଦୁଇ ପାଖରେ ଉଠା ଦୋକାନୀଙ୍କ ପସରା ଉପରେ ଆଖି ପକାଉ ପକାଉ ଜନସମୁଦ୍ରର ଢେଉ ଠେଲିନେଇ କେତେବେଳେ ପର ପଡ଼ିଆରେ ପହଞ୍ଚାଇ ଦେଲାଣି ତାହା ଜଣା ନାହିଁ। ଭିଡ଼ର ସୁଯୋଗ ନେଇ ଦୁର୍ବୃତ୍ତମାନେ କେତେବେଳେ ଛିନତାଇ ବା ଲୁଟ୍ କରିବେ ସେ ଭୟ ରହିଛି। କିନ୍ତୁ ପୋଲିସ କର୍ମଚାରୀ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ପରିବାର ସହ ବୁଲିବାକୁ ଆସିଥିବା ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ବିଭିନ୍ନ ଘରକରଣା ସାମଗ୍ରୀ କିଣିଥିଲେ। ଲୋକଙ୍କ ଭିଡ ବଢିଥିବାବେଳେ ବେପାର ମଧ୍ୟ ଜମୁଛି। ଠୁଙ୍କାପୁରି ମିସ୍ତ୍ରୀ ମଇଦା ଗୋଳାକୁ ହାତରେ ବୁଲାଇ ବୁଲାଇ ବଡ଼ ଆକାର ଦେବା ପରେ ତତଲା ତେଲ କଡ଼ାରେ ପକାଇବାର ଦୃଶ୍ୟ ଅତ୍ୟନ୍ତ ମନୋରମ। ସଞ୍ଜ ହେଲା ମାତ୍ରେ ବଦଳି ଯାଉଛି ବାଲିଯାତ୍ରା ପଡ଼ିଆର ଦୃଶ୍ୟ। ବିଭିନ୍ନ ଦୋଳି ରଙ୍ଗିନ ଆଲୋକରେ ଉଦ୍‌ଭାସିତ ହେଉଛି। ଦୋଳିରେ ବସି ଝୁଲିବାର ମଜା ନେଉଥିବା ପିଲାଙ୍କ ଆନନ୍ଦ କହିଲେ ନସରେ। ଡ୍ରାଗନ୍ ଟ୍ରେନ୍, ଦୋଳି, ଟୋରାଟୋରା, ରାମଦୋଳିରେ ବସିବାର ମଜା ଟିକେ ନିଆରା। ଏସବୁ ଭିତରେ ସାରା ବାଲିଯାତ୍ରା ବୁଲିବାକୁ ସମୟ ନିଅଣ୍ଟ ହୋଇଯାଉଛି। ଘରକୁ ଫେରିବା ବେଳ ହୋଇଯାଇଥିଲେ ବି ମନ ଛାଡୁନାହିଁ ପଡ଼ିଆରୁ।


ମାତାମଠ ରିଂରୋଡ ରାସ୍ତାରେ ଲୋକଙ୍କ ଗହଳି।


ବାଲିଯାତ୍ରା ତଳପଡ଼ିଆରେ କୃଷି ଉଦ୍ୟାନ ଷ୍ଟଲକୁ ଲୋକମାନେ ଦେଖୁଛନ୍ତି।

## ସଡ଼କ ସୁରକ୍ଷା ସଚେତନତା ଶିବିର

ବାଲିଯାତ୍ରାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସଚେତନତା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଡିଜିପି ସୁନୀଲ ବଂଶଲ ଉଦ୍‌ଘାଟନ କରି କହିଥିଲେ, ଦୁର୍ଘଟଣାର ପ୍ରଥମ ୧ ଘଣ୍ଟା ମଧ୍ୟରେ ଗୁରୁତର ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାଇଲେ ସେ ବଞ୍ଚିବାର ଆଶା ରହିଥାଏ। ସମ୍ପୃକ୍ତ ବଦାନ୍ୟ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ପରିଚୟ ଓ ଠିକଣା ପ୍ରକାଶ କରିବାକୁ ବାଧ୍ୟବାଧକତା ନ ଥାଏ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ସୋଲାସିୟମ ଫଣ୍ଡ୍ ଯୋଜନା ଅନୁଯାୟୀ ଗାଡି ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଗୁରୁତରଙ୍କୁ ୫୦ ହଜାର ଟଙ୍କା ସହାୟତା ଦିଆଯାଇଥାଏ। ଦୁର୍ଘଟଣାର ୧ ବର୍ଷ ମଧ୍ୟରେ ଏହି ଯୋଜନା ମାଧ୍ୟମରେ ହିତାଧିକାରୀ କ୍ଷତିପୂରଣ ପାଇବା ନିମନ୍ତେ ଆବେଦନ କରିପାରିବେ ବୋଲି ସେ କହିଥିଲେ। ଏଥିରେ ରାଜ୍ୟ ପରିବହନ ଆୟୁକ୍ତ ଅରୁଣ ବ୍ରୋଥା, ଡିସିପି ପିନାକ ମିଶ୍ର, ଅତିରିକ୍ତ ଆୟୁକ୍ତ ପ୍ରବର୍ତ୍ତନ ଲାଲମୋହନ ସେଠୀ, ରାଜ୍ୟ ପରିବହନ କର୍ତ୍ତୃପକ୍ଷ ସଚିବ ବ୍ରଜବନ୍ଧୁ ଭୋଳ, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଗୋଟିପୁଅ ନୃତ୍ୟ, ଓଡ଼ିଆ ଗୀତରେ ଝୁମିଲେ ଦର୍ଶକ

ବାଲିଯାତ୍ରା ପଡିଆର ଅକ୍ଷୟ ମହାନ୍ତି ମଞ୍ଚ ଓ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବୈଷ୍ଣବ ପାଣି ମଞ୍ଚରେ ଦିଲ୍ଲିର ନିଜାମୁଦ୍ଦିନ, ଦରଘାର ନିଆଜି ନିଜାମି ବ୍ରଦର୍ଶ ଗ୍ରୁପ କୱାଲି ନୃତ୍ୟ କରି ଦର୍ଶକଙ୍କୁ ମନ ମୋହିଥିଲେ। ସେହିପରି ନୃତ୍ୟାଙ୍ଗନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ନୃତ୍ୟଗୁରୁ ଶୁଚିସ୍ମିତା ଦାସ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଅକ୍ଷୟ ମହାନ୍ତି ମଞ୍ଚରେ ଓଡ଼ିଆ କଣ୍ଠଶିଳ୍ପୀଙ୍କ ଗୀତ ଶ୍ରୋତାଙ୍କୁ ଆନମନା କରିଥିଲା। କଣ୍ଠଶିଳ୍ପୀ ସୋହିନୀ ମିଶ୍ର ଦୀଲ୍ ଦିୱାନ ଗୀତରୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାପରେ ଶଶାଙ୍କ ଶେଖର କରୋନା ଯୋଦ୍ଧାମାନଙ୍କ ଉଦ୍ଦେଶ୍ୟରେ ତେରି ମିଟି..., ମା' ତୁଝେ ସଲାମ... ଗୀତ ବୋଲିଥିଲେ। ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ସାତ ଦରିଆ ପାରେ..., ତୋ ଆଖି ମୋ ଆଇନା..., ଫଗୁଣରେ ଫଗୁଣ... ଭଳି ମନଛୁଆଁ ଗୀତ ଶିତୁଆ ସନ୍ଧ୍ୟାକୁ ଆହୁରି ରଙ୍ଗୀନ କରିଥିଲା। କଟକ ନୃତ୍ୟାଙ୍ଗନା ଅନୁଷ୍ଠାନର କଳାକାରମାନେ ବିହୁ ନୃତ୍ୟ ପରିବେଷଣ କରିଥିଲେ। ପୁରୀର ନିଳାଦ୍ରୀ ଅନୁଷ୍ଠାନର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଏହା ଦର୍ଶକଙ୍କ ମନ ମୋହିଥିଲା। ସେହିପରି ଗାୟତ୍ରୀ କଳା ସଙ୍ଗଠନର କଣ୍ଠଶିଳ୍ପୀମାନେ ଭଜନ ଗାନ କରିଥିଲେ। ଏଥିସହ ରାୟଗଡା ଜିଲା ସଂସ୍କୃତି କମିଟି ପକ୍ଷରୁ ଢେମ୍‌ସା, ସମ୍ବଲପୁର ଜିଲା ସଂସ୍କୃତି କମିଟି ପକ୍ଷରୁ ସାନ୍ତାଳୀ ନୃତ୍ୟ, ଭୁବନେଶ୍ୱର ଘରଣା ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ତ୍ରିଶକ୍ତି ଅନୁଷ୍ଠାନର କଳାକାରଙ୍କ ପକ୍ଷରୁ ରାଜସ୍ଥାନୀ ଲୋକନୃତ୍ୟ ପରିବେଷିତ ହୋଇଥିଲା।



# ବାଲିଯାତ୍ରାରେ ଚଢ଼ାଉ, ବାସି ଖାଦ୍ୟ ନଷ୍ଟ



କଟକ ବାଲିଯାତ୍ରାର ବିଭିନ୍ନ ଷ୍ଟଲରେ ବାସି ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଜଣାପଡିଥିଲା। ଫଳରେ କଟକ ମହାନଗର ନିଗମ(ସିଏମ୍‌ସି)ର ଫୁଡ୍ ସ୍କାଡ୍ ପକ୍ଷରୁ ଗୁରୁବାର ଷ୍ଟଲଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ଚାଉମିନ୍, ମୋମୋ, ବିରିୟାନୀ, ଦହିବରା, ଚାଟ୍ ଭଳି ବାସିଖାଦ୍ୟ ବିକ୍ରି ହେଉଥିବା ଜଣାପଡିଥିଲା। ପରେ ସେଗୁଡିକୁ ନଷ୍ଟ କରାଯାଇଥିଲା। ସେହିପରି ଖାଦ୍ୟରେ କେତେ ପରିମାଣର ତେଲ ଓ ମସଲା ବ୍ୟବହାର କରାଯାଉଛି, ତାହାକୁ ମଧ୍ୟ ଯାଞ୍ଚ କରାଯାଇଥିଲା। ମତ୍ସ୍ୟ ବିଭାଗ ଷ୍ଟଲରୁ ଲକ୍ଷାଧିକ ଟଙ୍କାର ବାସି ଖାଦ୍ୟ ଜବତ କରାଯାଇଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।


ଶ୍ରୀମନ୍ଦିର ଅଭିମୁଖେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବଡ଼ଦାଣ୍ଡରେ ଚାଲି ଚାଲି ଆସୁଛନ୍ତି।

# ମନ ଜିଣିଲେ ରାଷ୍ଟ୍ରପତି

ପୁରୀ ଅଫିସ, ୧୦।୧୧

**ରାଷ୍ଟ୍ରପତିଙ୍କ ଶ୍ରୀକ୍ଷେତ୍ର ଗସ୍ତ ଶେଷ ହୋଇଛି। ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଦ୍ରୌପଦୀ ମୁର୍ମୁ ପ୍ରଥମଥର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ସାନ୍ନିଧ ଲାଭ କରିଛନ୍ତି। ରାଷ୍ଟ୍ରପତିଙ୍କ ଏହି ଗସ୍ତ ଅନେକ ସ୍ମୃତି ବହନ କରିଛି।**

## ଏକଲକ୍ଷ ତୁଳସୀ ଲାଗିକରାଇଲେ

ରାଷ୍ଟ୍ରପତି ଶ୍ରୀମନ୍ଦିରରେ ଦର୍ଶନ ଅବସରରେ ଏକଲକ୍ଷ ତୁଳସୀ ଲାଗି କରାଇଥିଲେ। ସେବାୟତ ଓ ତାଙ୍କ କୌଳିକ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ନିକଟରେ ରାଷ୍ଟ୍ରପତିଙ୍କ ଦୀର୍ଘାୟୁ କାମନା କରି ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା।

## ଛାତ୍ରୀଛାତ୍ର, ନୃତ୍ୟଶିଳ୍ପୀଙ୍କ ସହ ଫଟୋ ଉଠାଇଲେ

ବଡ଼ଦାଣ୍ଡରେ ଚାଲି ଚାଲି ଆସୁଥିବାବେଳେ ଶ୍ରୀନଅର ନିକଟସ୍ଥ ଉତ୍କଳ ହିନ୍ଦି ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କୁ ଦେଖି କିଛି ସମୟ ଅଟକି ଯାଇଥିଲେ। ସେମାନଙ୍କ ପାଖକୁ ଯାଇ ହାତ ମିଳାଇବା ସହ ଫଟୋ ଉଠାଇଥିଲେ। ଏଥିରେ ପିଲାମାନେ ଖୁବ୍ ଖୁସିହୋଇଥିଲେ। ସେହିପରି ବଡ଼ଦାଣ୍ଡରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ନୃତ୍ୟ ଶିଳ୍ପୀମାନଙ୍କ ସହ ଫଟୋ ଉଠାଇବା ସହ ଭାବ ବିନିମୟ କରିଥିଲେ।

## ଯାତ୍ରୀ ଖାତାରେ ଓଡ଼ିଆରେ ଦସ୍ତଖତ କଲେ

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଭକ୍ତମାନେ ନିଜ କୌଳିକ ପଣ୍ଡାଙ୍କ ଯାତ୍ରୀଖାତାରେ ଦର୍ଶନର ଅନୁଭୂତି ଓ ନାମ, ଠିକଣା ଲେଖିଥାନ୍ତି। ତେଣୁ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ତାଙ୍କ କୌଳିକ ପଣ୍ଡାଙ୍କ ଯାତ୍ରୀ ଖାତାରେ ଓଡ଼ିଆରେ ଦସ୍ତଖତ କରିଥିଲେ। ଏ ନେଇ କୌଳିକ ପଣ୍ଡା ବୈଦ୍ୟନାଥ ମହାପାତ୍ର, ତାଙ୍କ ପୁଅ ରାଜରତନ ମହାପାତ୍ର ଓ ପୁତୁରା ଦେବୀ ପ୍ରସାଦ ମହାପାତ୍ର ସୂଚନା ଦେଇ କହିଛନ୍ତି, ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ନାଗରିକ ହୋଇ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଚାଲି ଚାଲି ଆସିଲେ।



ଛତିଶା ନିଯୋଗ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ସମ୍ବଳିତ ଫଟୋଚିତ୍ର ପ୍ରଦାନ କରାଯାଉଛି।

## ପାରମ୍ପରିକ ନୃତ୍ୟ ପରିବେଷଣ

ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅସ୍ଥାୟୀ ମଞ୍ଚ ସମେତ ବଡ଼ଦାଣ୍ଡର କିଛି ସ୍ଥାନରେ ପୁରୀ ଏବଂ ଓଡ଼ିଶାର ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶୀ ସମେତ ପୁରୀର ସାହିଯାତ ଓ ମେଢ଼ ନୃତ୍ୟ ପ୍ରଭୃତି ପରିବେଷଣ କରାଯାଇଥିଲା। ତାଳବଣିଆଠାରେ କଳାକାରମାନେ ଘୋଡ଼ନାଚ ସହ ଅନ୍ୟ ନୃତ୍ୟ ପ୍ରଦର୍ଶନ କରିଥିଲେ।


ଶ୍ରୀମନ୍ଦିରକୁ ଫୁଲରେ ସଜାଯାଇଛି।

## ତଳେ ବସି ମହାପ୍ରସାଦ ସେବନ କଲେ

ରାଜଭବନର ୧୦୩ ନମ୍ବର କୋଠରୀରେ ତଳେ ବସି ରାଷ୍ଟ୍ରପତି ମହାପ୍ରସାଦ ସେବନ କରିଥିଲେ। ଶ୍ରୀମନ୍ଦିର ସକାଳ ଧୂପରେ ମହାପ୍ରଭୁଙ୍କୁ ଲାଗିହୋଇଥିବା ମହାପ୍ରସାଦ ତାଙ୍କୁ ଦିଆଯାଇଥିଲା। ମହାପ୍ରସାଦରେ ସାଦା ଅନ୍ନ, ଘିଅ ଅନ୍ନ, ଖେଚୁଡ଼ି, ମିଷ୍ଟାନ୍ନ, ଡାଲି, ଡାଲମା, ମହୁର, ଶାଗମୁଗ, ସନ୍ତୁଳା, ଛେନାବଡ଼ି ବେସର, ସପୁରି ଖଟା, ରାଇତା, ପୋଟଳ ରସା, ବିରିମୁଗ, ଫଳ, ରାବିଡ଼ି, ଝିଲ୍ଲୀ, ଚନ୍ଦ୍ରକାନ୍ତି, ହଂସକେଳି, ଏଣ୍ଡୁରି, କାକରା ସହ ଅନ୍ୟ ପ୍ରସାଦ ନୂତନ ପିତଳ ଥାଳିରେ ସଜାଡ଼ି କଦଳୀ ପତ୍ରରେ ପରଷା ଯାଇଥିଲା। ମାଟିପାତ୍ରରେ ରସାବଳି ଦିଆଯାଇଥିଲା। ରାଜଭବନରେ ପାରମ୍ପରିକ ବେଶପୋଷାକ, ବାସନକୁସନ, ସମ୍ବଲପୁରୀ ଗାମୁଛା ବ୍ୟବହାର କରାଯାଇଥିଲା। ରାଷ୍ଟ୍ରପତିଙ୍କ ସହ ଗଜପତି ମହାରାଜା, ପାଟ ମହାରାଣୀ, ରାଷ୍ଟ୍ରପତିଙ୍କ ଝିଅ ଇତିଶ୍ରୀ ଓ ଜ୍ୱାଇଁ ପ୍ରମୁଖ ତଳେ ବସି ମହାପ୍ରସାଦ ସେବନ କରିଥିଲେ।


ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ରାଷ୍ଟ୍ରପତି ମାଲ୍ୟାର୍ପଣ କରୁଛନ୍ତି।

## କ୍ୟାମେରା ଧରି ଶ୍ରୀମନ୍ଦିରରେ ପଶିଗଲେ

ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ଗସ୍ତ ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ତାଙ୍କ ସହ ଆସିଥିବା ଦୁଇଜଣ ବ୍ୟକ୍ତିଗତ କ୍ୟାମେରାମ୍ୟାନ ଫଟୋ ଉତ୍ତୋଳନ କରିବାକୁ ଶ୍ରୀମନ୍ଦିରକୁ ପଶିଯାଇଥିଲେ। ପତିତପାବନଙ୍କ ପ୍ରତିମୂର୍ତ୍ତି ପାଖରେ କ୍ୟାମେରା ଧରି ଠିଆହୋଇ ରହିଥିବା ଦେଖିବାକୁ ମିଳିଥିଲା। ତେବେ କେତେଜଣ ସେବାୟତ ଓ ଜେଟିପି ତାଙ୍କୁ ଦେଖି ବାହାରକୁ ଯିବା ପାଇଁ କହିଥିଲେ।

## ହୋର୍ଡିଂରେ ସ୍ୱାଗତ

ରାଷ୍ଟ୍ରପତିଙ୍କୁ ସ୍ୱାଗତ ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ହୋର୍ଡିଂ ଓ ବ୍ୟାନର ଲଗାଯାଇ ଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ କାନ୍ଥରେ ଦଇତାପତି ନିଯୋଗ ପକ୍ଷରୁ ହୋର୍ଡିଂ ଲଗାଯାଇ ସ୍ୱାଗତ ବାର୍ତ୍ତା ଲେଖାଯାଇଥିଲା। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହୋର୍ଡିଂ ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର, ଗୁମୁଟ ଓ ଶେଡ୍‌କୁ ବିଭିନ୍ନ ଫୁଲରେ ସଜାଯାଇଥିଲା।

## ବନ୍ଦ ରହିଲା ଦୋକାନବଜାର

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସିଟିରୋଡ, ମେଡିକାଲ ଛକ, ଶ୍ରୀମନ୍ଦିର ଚାରିପାଖ ଓ ବଡ଼ଦାଣ୍ଡରେ ଥିବା ଦୋକାନ ବଜାର ବନ୍ଦ ରଖାଯାଇଥିଲା। ରାଷ୍ଟ୍ରପତି ଦର୍ଶନ ସାରି ଫେରିଯିବା ପରେ ଅପରାହ୍ନରେ ଦୋକାନୀମାନେ ଦୋକାନ ଖୋଲିଥିବା ଦେଖିବାକୁ ମିଳିଥିଲା।

## ଓଡ଼ିଆରେ ଦସ୍ତଖତ କଲେ

ରାଷ୍ଟ୍ରପତି ତାଙ୍କ କୌଳିକ ପଣ୍ଡାଙ୍କ ଯାତ୍ରୀ ପୁସ୍ତିକାରେ ଦର୍ଶନ ଅନୁଭୂତିକୁ ଲେଖିଛନ୍ତି। ସେ ଓଡ଼ିଆରେ ଦସ୍ତଖତ କରିବା ସହ ଲେଖିଛନ୍ତି ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂରତି ଏବଂ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ମୁଁ ନିଜକୁ ସୌଭାଗ୍ୟବତୀ ମନେ କରୁଛି। ଓଡ଼ିଆ ଜାତିର ପରମ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣିପାତ କଲି। ମୁଁ ଏକ ବିରଳ ଓ ଦିବ୍ୟ ଅନୁଭୂତି ଲାଭ କରିଛି। ମହାପ୍ରଭୁ ଆଦିବାସୀଙ୍କ ଦାରୁଦେବତା ଓ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡଙ୍କ ଠାକୁର । ମାନବଜାତିର କଲ୍ୟାଣ ପାଇଁ ମୁଁ ତାଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛି । ଶ୍ରୀଜଗନ୍ନାଥଙ୍କ ଆଶିଷ ଲାଭ କରି ଆମ ଦେଶ ଅଭିବୃଦ୍ଧି ଓ ବିକାଶର ଶୀର୍ଷରେ ପହଞ୍ଚୁ ଏହା ମୋର କାମନା।

## ବିଭିନ୍ନ ଉପହାର ଭେଟିଦେଲେ ଶିଳ୍ପୀ

ରାଷ୍ଟ୍ରପତି ରାଜଭବନରେ ଦୁଇଘଣ୍ଟା ରହଣି କାଳରେ ଅନେକ ବ୍ୟକ୍ତିବିଶେଷ, ସଙ୍ଗଠନ ସହ ଘଣ୍ଟାଏକାଳ ଆଲୋଚନା କରିଥିଲେ। ବ୍ରହ୍ମାକୁମାରୀଙ୍କ ବ୍ରତୀ ହୋଇଥିବାରୁ ପୁରୀ ଅନୁଷ୍ଠାନକୁ ଆସିବା ପାଇଁ କର୍ମକର୍ତ୍ତାମାନେ ନିବେଦନ କରିଥିଲେ। ଯୁବ ଶିଳ୍ପୀ କୁମ୍ଭାରପଡାର ଶାଶ୍ୱତ ରଞ୍ଜନ ସାହୁ ସାକ୍ଷାତ କରି ଦିଆସିଲି କାଠିରେ ନିର୍ମିତ ରଥ ଉପହାର ଦେଇଥିଲେ। ସେହିପରି ଚୂଡଙ୍ଗ ସାହିର ଉମାକାନ୍ତ ବେହେରା ମହାମହିମଙ୍କୁ ସାକ୍ଷାତ କରି ଏକ ଆସାମୀ ଗାମୁଛା ଓ ଭଗବତ ଗୀତା ପ୍ରଦାନ କରିଥିଲେ। ସେହିପରି ତଳଜଂଗ ଗ୍ରାମର ନୀଳମଣି ଜେନା ସାକ୍ଷାତ କରି ଏକ ପଟଚିତ୍ର ମହାମହିମଙ୍କୁ ପ୍ରଦାନ କରିଛନ୍ତି। ଅପରପକ୍ଷେ ଉତ୍କଳ ବିଦ୍ୱତ୍‌ପରିଷଦ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।


ଶାଶ୍ୱତ ରଞ୍ଜନ ସାହୁ

## ଦାବିପତ୍ର ଦେଲା ଉତ୍କଳ ବିଦ୍ୱତ୍ ପରିଷଦ

ଉତ୍କଳ ବିଦ୍ୱତ୍ ପରିଷଦର ୫ଜଣିଆ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ଭେଟି ନିବେଦନପତ୍ର ଦେଇଛନ୍ତି। ପରିଷଦ ଅଧ୍ୟକ୍ଷ ମନୋଜ ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜଭବନ ଯାଇ ରାଷ୍ଟ୍ରପତିଙ୍କୁ ଭେଟି ଶ୍ରୀଜଗନ୍ନାଥ ଧ୍ୟାନ ମନ୍ତ୍ରର ଚିତ୍ର ପ୍ରଦାନ ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯେଉଁଥିରେ ଉଲ୍ଲେଖ ରହିଛି, ମେଧାବୀ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେବା ନିମନ୍ତେ ପୁରୀରେ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପ୍ରତିଷ୍ଠା କରାଯାଉ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ନିମନ୍ତେ ମ୍ୟୁଜିୟମ ଓ ଗ୍ୟାଲେରି ଯୁକ୍ତ ବ୍ୟାଖାନ କେନ୍ଦ୍ର ପ୍ରତିଷ୍ଠା କରାଯାଉ। ରାଷ୍ଟ୍ରପତି ଉକ୍ତ ଦୁଇଟି ଦାବି ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି କହିଥିବା ପରିଷଦ ପକ୍ଷରୁ କୁହାଯାଇଛି। ଏଇ ଅବସରରେ ପ୍ରଫେସର ନୀଳକଣ୍ଠ ପତି, ଦିବାକର ପାତ୍ର, ବିଜୟକୃଷ୍ଣ ବ୍ରହ୍ମା, କମଳାକାନ୍ତ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ପଟଚିତ୍ର ଉପହାର ଦେଲେ ନୀଳମଣି

ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ତଳଜଙ୍ଗ ଗ୍ରାମର ଶିଳ୍ପୀ ନୀଳମଣି ଜେନା ଗୁରୁବାର ରାଷ୍ଟ୍ରପତିଙ୍କୁ ଭେଟି ନିଜସ୍ୱ ପ୍ରସ୍ତୁତ ଏକ ପଟଚିତ୍ର ପ୍ରଦାନ କରିଛନ୍ତି। ନୀଳମଣି କହିଛନ୍ତି, ନିକଟକୁ ରାଷ୍ଟ୍ରପତି ଭବନ ତରଫରୁ ଖବର ଆସିବା ପରେ ସେ ପୁରୀ ରାଜଭବନରେ ରାଷ୍ଟ୍ରପତିଙ୍କୁ ଭେଟିଥିଲେ। ଏହି ଅବସରରେ ନିଜ ଦ୍ୱାରା ପ୍ରସ୍ତୁତ ପଟଚିତ୍ର ସେ ଉପହାର ଦେଇଥିଲେ। ଏହି ଚିତ୍ରରେ ଏକ ବଡ ବୃକ୍ଷ ମଝିରେ ସର୍ବପ୍ରଥମେ ବଡ ଠାକୁର ବଳଭଦ୍ର, ମଝିରେ ମା' ସୁଭଦ୍ରା ଏବଂ ତଳେ ମହାପ୍ରଭୁଙ୍କ ଚିତ୍ର ପଦ୍ମଫୁଲ ମଧ୍ୟରେ ଶୋଭାପାଉଛି। ସେହିପରି କଳାକୃତି ଚାରିପାଖରେ ଆଦିବାସୀ ତଥା ଲୋକକଳାର ଝଲକ ରହିଛି। ଦୁଇପାର୍ଶ୍ୱରେ ଦୁଇଟି ଛୋଟ ଗଛ ରହିଥିବାବେଳେ ତଳଧଡିରେ ହାତୀଙ୍କ ଚିତ୍ର ରହିଛି। ଏହି ଚିତ୍ରଟିରେ ଆଦିବାସୀ ପ୍ରଥା, ପରିବେଶ ସୁରକ୍ଷା ଓ ମହାବାହୁ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମଙ୍କୁ ସ୍ଥାନିତ କରାଯାଇଛି। କଳାକୃତିକୁ ଦେଖି ରାଷ୍ଟ୍ରପତି ଖୁସି ହୋଇଥିଲେ। ଲାଲବାହାଦୁର ଶାସ୍ତ୍ରୀ ଏକାଡେମୀରେ ଆଇଏଏସ୍ ଅଫିସରଙ୍କୁ ଟ୍ରେନିଂ ଦେଇ ଫେରିଥିବା ଖବର ଶୁଣି ପ୍ରଶଂସା କରିଥିଲେ। ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ତାଙ୍କର ବ୍ୟକ୍ତିଗତ ମେଲ୍ ଆଇଡି ଦେବା ସହ ଚିତ୍ରକଳା ବିଷୟରେ ବୁଝିଥିବା ନୀଳମଣି ସୂଚନା ଦେଇଛନ୍ତି।



ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରସ୍ତୁତ ବାଲୁକାକଳା ପରିଦର୍ଶନ ଅବସରରେ ଚିତ୍ରକଳାକୁ ରାଷ୍ଟ୍ରପତି ଦେଖୁଛନ୍ତି।

## ବେଳାଭୂମିରେ ବାଲୁକା କଳା ଦେଖିଲେ

ରାଷ୍ଟ୍ରପତି ମହାପ୍ରସାଦ ସେବନ କରିବା ପରେ ଅପରାହ୍ନ ପ୍ରାୟ ୩ଟାରେ ରାଜଭବନ ପଛପାର୍ଶ୍ୱସ୍ଥ ବେଳାଭୂମିକୁ ଯାଇ ବାଲୁକାକଳା ଦେଖିବା ସହ ଫଟୋ ଉଠାଇଥିଲେ। ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକାରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କୁ ସୁଦର୍ଶନ ନବକଳେବର ଉପରେ ଆଧାରିତ ଏକ ଚିତ୍ରକଳା ଉପହାର ଦେଇଥିଲେ। ରାଷ୍ଟ୍ରପତି ଉକ୍ତ ଉପହାରକୁ ଆଦରର ସହ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ସେଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ନେତା ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚା' ବାଣ୍ଟିଲେ ଅକ୍ଷୟ

ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ନେଇ ଖୁସିରେ ପ୍ରକୃତିପ୍ରେମୀ ଅକ୍ଷୟ ଜୟସିଂହ ଟାଉନହଲ ଛକ ନିକଟସ୍ଥ ପୋଷ୍ଟ ଅଫିସ କାର୍ଯ୍ୟାଳୟସ୍ଥିତ ତାଙ୍କ ଚା' ଦୋକାନରେ ଗ୍ରାହକଙ୍କୁ ମାଗଣାରେ ଚା ବାଣ୍ଟିଥିଲେ। ରାଷ୍ଟ୍ରପତି ପୁରୀ ଆସିବାଠାରୁ ଯିବା ପର୍ଯ୍ୟନ୍ତ ସମସ୍ତ ଗ୍ରାହକ, ପର୍ଯ୍ୟଟକ, ସ୍ଥାନୀୟ ଲୋକଙ୍କୁ ଅକ୍ଷୟ ମାଗଣାରେ ଚା' ପରଷିଥିଲେ। ଏଥିରେ ତାଙ୍କ ଝିଅ ଆଦ୍ୟା ଜୟସିଂହ ଓ ଉମାକାନ୍ତ ବେହେରା ସହଯୋଗ କରିଥିଲେ।





ସିଂହଦ୍ୱାର ଆଗରେ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଉଛି।


ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ରାସ୍ତାପାର୍ଶ୍ୱରେ ଲୋକଙ୍କ ଭିଡ଼।